DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୧ Vol. 22 No-21 21 APRIL 2025 MONDAY BHUBANESWAR ସୋମବାର, ୨୧ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

Odisha's No.1 Digital
ଓଡ଼ିଶା ଭାସ୍କର LIVE
PRESENTS

THE VOICE

CONCLAVE OF IDEAS

ON 27TH APRIL 2025

Bringing together

- Visionaries
- Policymakers
- Academicians
- Industry Leaders

and thought Leaders
for transformative dialogue across

Corporate Investment | Media | Health
Education | Real Estate | Spiritual

www.odishabhaskar.com
www.odishabhaskar.in



ଚୌକି ପାଇଁ ପାର୍ଟି ବଦଳାଇଥାନ୍ତି ନୀତିଶ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଓଟିଟି ଦୁନିଆରେ ଭୂମିଙ୍କ ଏଣ୍ଟ୍ରି | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୧ Vol. 22 No-21 21 APRIL 2025 MONDAY BHUBANESWAR ସୋମବାର, ୨୧ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜାମ୍ମୁ-କାଶ୍ମୀରରେ ପ୍ରକୃତିର ତାଣ୍ଡବ

# ଛାରଖାର ରାମବନ





- ପ୍ରବଳ ବର୍ଷା ପରେ ଭୂସ୍ଖଳନ
- ଜାତୀୟ ରାଜପଥ ଅବରୋଧ
- ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା
- ୩ ମୃତ, ଅନେକ ନିଖୋଜ

ଶ୍ରୀନଗର, ୨୦।୪: ଜାମ୍ମୁକାଶ୍ମୀରରେ ପ୍ରକୃତିର ତାଣ୍ଡବଲୀଳା। ପ୍ରବଳ ବର୍ଷା ପରେ ଭୂସ୍ଖଳନ। ଛାରଖାର ହୋଇଯାଇଛି ରାମବନ। ରାମବନର ସେରିନାବାଗ ଅଞ୍ଚଳ ବର୍ଷା ପରେ ବନ୍ୟାଜଳରେ ବୁଡ଼ିଯାଇଛି। ଅନେକ ଯାଗାରେ ଭୂସ୍ଖଳନ ଘଟି ସ୍ଥିତି ଦୟନୀୟ ହୋଇପଡ଼ିଛି। ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥକୁ ବନ୍ଦକରି ଦିଆଯାଇଥିବାରୁ ଶହଶହ ଗାଡ଼ିମୋଟର ଅଟକି ରହିଛି। ଏହି ଭୂସ୍ଖଳନରେ ୧୦୦ରୁ ଊର୍ଦ୍ଧ୍ୱ ଘର ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ୨୫ରୁ ୩୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। କିଛି ସ୍ଥାନରେ ବନ୍ୟା ଆସି ଗାଁଗୁଡ଼ିକୁ ବୁଡ଼ାଇ ଦେଇଥିବାବେଳେ ଆଉ କେତେକ ସ୍ଥାନରେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ତେବେ ପୋଲିସ ଓ ପ୍ରଶାସନର ସତର୍କତାମୂଳକ ପଦକ୍ଷେପ ଯୋଗୁ ବହୁ ଅମୂଲ୍ୟ ଜୀବନ ରକ୍ଷା ପାଇଯାଇଛି। ତଥାପି ୩ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ଶନିବାର ରାତିସାରା ରାମବନରେ ପ୍ରବଳ ପବନ ଓ କୁଆପଥର ବୃଷ୍ଟି ଯୋଗୁ ଭୟାନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ଭୟରେ ଘରୁ ପଦାକୁ ବାହାରିବା ପାଇଁ ସାହସ କରିନଥିଲେ। ଏଥିରେ ବହୁ ପରିବାରର ଧନସମ୍ପତ୍ତି ମଧ୍ୟ କ୍ଷତି ହୋଇଛି। ଧରମକୁଣ୍ଡ ପୋଲିସ ବିଭିନ୍ନ ସ୍ଥାନରେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରୁଥିବା ଦେଖିବାକୁ ମିଳିଛି। ରାମବନ ଅଞ୍ଚଳରେ ବାଦଲଫଟା ବର୍ଷା ଲାଗି ରହିଥିବାରୁ କିସ୍ତିଓ୍ୱାଡା-ପଦାରମାର୍ଗରେ ମଧ୍ୟ ଯାନବାହନ ଚଳାଚଳକୁ ବନ୍ଦ ରଖାଯାଇଛି। ପାଗର ପରିବର୍ତ୍ତନ ହେବାପରେ ଜାତୀୟ ରାଜମାର୍ଗରେ ଯାନବାହନ ଚଳାଚଳ କରିବା ପାଇଁ ପରାମର୍ଶ ଦିଆଯାଇଛି। ଭୂସ୍ଖଳରେ ୩ରୁ ୪ଟି ଟ୍ୟାଙ୍କର ଓ ବହୁ ଗାଡ଼ି ପୋତି ହୋଇଯାଇଥିବା ସୂଚନା ଦିଆଯାଇଛି। କେନାଲ ନଦୀକୁ ଲାଗି ରହିଥିବା ନାଳର ପାଣି ଗାଁ ଭିତରକୁ ପଶିବା ଫଳରେ ୧୦ଟି • ପୃଷ୍ଠା ୫ ଦେଖନ୍ତୁ

## ଦେଶବାସୀଙ୍କୁ ମୋଦୀଙ୍କ ଅପିଲ

# ୧୦% ହ୍ରାସ କରନ୍ତୁ ତେଲ ବ୍ୟବହାର



ନୂଆଦିଲ୍ଲୀ, ୨୦।୪: କ୍ରମାଗତ ତେଲ ବ୍ୟବହାର ଯୋଗୁ ମେଦ ବହୁଳତା ବୃଦ୍ଧି ପାଉଛି। ଏ କ୍ଷେତ୍ରରେ ତେଲ ବ୍ୟବହାରକୁ ଅତି କମ୍‌ରେ ୧୦ ପ୍ରତିଶତ ହ୍ରାସ କରିବା ପାଇଁ ଅପିଲ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରବିବାର ନିଜ ସୋସିଆଲ ମିଡିଆ ‘ଏକ୍ସ’ରେ ଏକ ପୋଷ୍ଟ କରି ମୋଦୀ ଏହି ଅପିଲ କରିବା ସହ କହିଛନ୍ତି ଯେ ବେଶୀ ତେଲ ବ୍ୟବହାର କଲେ ଏହା ଶରୀର ଉପରେ କୁପ୍ରଭାବ ପକାଇଥାଏ। ତେଣୁ ତେଲ ବ୍ୟବହାର କମ୍ କରି ଏକ ସୁସ୍ଥ ଭାରତ ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ଛୋଟ ଛୋଟ ପଦକ୍ଷେପ ଦ୍ୱାରା ଆମେ ସୁସ୍ଥ ରହିପାରିବା। ଏହି ଅବସରରେ ସେ ବିଶ୍ୱ ଯକୃତ ଦିବସ ପାଳନ କରିବାରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଚଳିତବର୍ଷର ବିଷୟବସ୍ତୁ ହେଉଛି ‘ଖାଦ୍ୟ ହିଁ ଔଷଧ’। ତେଲ କମ୍ ବ୍ୟବହାର ଫଳରେ ଏହା ମଣିଷର ଜୀବନଶୈଳୀ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଏହା ସୁସ୍ଥ ଖାଦ୍ୟ ଓ ଜୀବନଶୈଳୀ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ସମସ୍ତେ ଏକାଠି ହୋଇ ଏ ନେଇ ସଚେତନ ପ୍ରସାର କରିବା ଜରୁରି ବୋଲି ମୋଦୀ କହିଥିଲେ। ଅନ୍ୟପକ୍ଷରେ • ପୃଷ୍ଠା ୫ ଦେଖନ୍ତୁ

## ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ

# ଆଜି ଜନଅଭିଯୋଗ ଶୁଣାଣି



ଭୁବନେଶ୍ୱର ୨୦।୪(ଭାସ୍କର ନ୍ୟୁଜ): ସୋମବାର ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରବିବାର ଅପରାହ୍ନରେ ସମ୍ବଲପୁରେ ପହଞ୍ଚିଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟମାନେ ମା’ ସମଲେଶ୍ୱରୀଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ନେଇ ରାଜସ୍ୱମନ୍ତ୍ରୀ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିବା ଜଣାପଡ଼ିଛି। ସମ୍ବଲପୁରର ଦୁର୍ଗାପାଲିଠାରେ ଥିବା ଏମ୍‌ଏସ୍‌ସି କାର୍ଯ୍ୟାଳୟରେ ଜନଶୁଣାଣିର ସମସ୍ତ ବ୍ୟବସ୍ଥା • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ସରକାରୀ ଡାକ୍ତରଙ୍କ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୨୦।୪(ଭାସ୍କର ନ୍ୟୁଜ): ୭ଦଫା ଦାବି ପୂରଣ ନ ହେଲେ ରାଜ୍ୟରେ କାର୍ଯ୍ୟରତ ସରକାରୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଓମ୍‌ସା ପକ୍ଷରୁ ଚେତାବନୀ ଦିଆଯାଇଛି। ଏପରିକି ମାସକ ଭିତରେ ଦାବି ପୂରଣ ନ ହେଲେ ଡାକ୍ତରମାନେ ସମୂହ ଇସ୍ତଫା ଦେବେ ବୋଲି କହିଛନ୍ତି।

### ବଜ୍ରାଘାତରେ ୨ ମୃତ

ବଲାଙ୍ଗୀର, ୨୦।୪(ଭାସ୍କର ନ୍ୟୁଜ): ରବିବାର ଅପରାହ୍ନରେ ବଲାଙ୍ଗୀରର ଟିଟିଲାଗଡ଼ ଓ ପାଟଣାଗଡ଼ରେ ବଜ୍ରପାତ ଫଳରେ ୨ଜଣଙ୍କର ମୃତ୍ୟୁ ହୋଇଛି। ଟିଟିଲାଗଡ଼ ସଇଁତଳା ଡୁଷ୍ମାପାଲିରେ ଜଣେ ମହିଳା ଛେଳି ଚରାଉଥିବାବେଳେ ବଜ୍ରପାତରେ ଜୀବନ ହାରିଥିବାବେଳେ ପାଟଣାଗଡ଼ ବେଲପଡ଼ା ବାଗଦୋରରେ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି।

### ୪ ମାଓବାଦୀ ଗିରଫ

ମାଲକାନଗିରି, ୨୦।୪(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଭସୁର ଓ ଜାଙ୍ଗଲା ଥାନା ଅଞ୍ଚଳ କୁପମେଟାରେ ଡିଆରଜି ଓ ବସ୍ତର ଫାଇଟରବାହିନୀ ୪ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ଟିଫିନ ବୋମା, କୋଡେକ୍ସ ତାର, ବ୍ୟାଟେରୀ ଓ ମାଟି ଖୋଳିବା ଉପକରଣ ସହ ବହୁ ସାମଗ୍ରୀ ଜବତ କରାଯାଇଛି।


### ବିରୂପାରେ ବୁଡ଼ି ଛାତ୍ରୀ ମୃତ

ସାଲେପୁର, ୨୦।୪(ଭାସ୍କର ନ୍ୟୁଜ): ସାଲେପୁର ଉଛତିହି ଗାଁର କେତେକ ଛାତ୍ରୀ ମଧ୍ୟାହ୍ନରେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଜଣେ ଛାତ୍ରୀ ବୁଡ଼ି ପ୍ରାଣ ହରାଇଥିବା ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରିଛି।

ସେନ୍‌ସେକ୍ସ: ୭୮,୫୫୩.୨୦
ସର୍ବାଧିକ: ୩୭.୨ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

### ୨୦।୪।୨୦୨୫ ର ମତାମତ

ଅଧିକ ଟ୍ରାଫିକ ପଦବୀ ସୃଷ୍ଟି ହେଲେ ଟ୍ରାଫିକ ସମସ୍ୟା ଦୂର ହେବା ସମ୍ଭାବନା ରହିଛି କି ?




### ଆଜିର ପ୍ରସଙ୍ଗ

ବାଂଲାଦେଶରେ ଚାଲିଥିବା ହିନ୍ଦୁ ହତ୍ୟାକୁ ତୁରନ୍ତ ବନ୍ଦ କରାଯିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ରେଳଲାଇନକୁ ବିରୋଧ ବେଳେ ଯୁବକଙ୍କ ମୃତ୍ୟୁର ପ୍ରତିବାଦ

# ୩୦ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ପଡ଼ି ରହିଛି ମୃତଦେହ



ରାଉରକେଲା, ୨୦।୪(ଭାସ୍କର ନ୍ୟୁଜ): ଉଗ୍ର ହେଉଛି ପ୍ରତିବାଦ। ୩୦ ଘଣ୍ଟାରୁ ଅଧିକ ସମୟ ହେବ ପଡ଼ିରହିଛି ମୃତଦେହ। ଜିଦ୍‌ରେ ଅଟଳ ଗ୍ରାମବାସୀ। ରାଉରକେଲା ବନ୍ଧମୁଣ୍ଡାରେ ଆରଏସପି ପକ୍ଷରୁ ଚାଲିଥିବା ରେଳ ଲାଇନକୁ ବିରୋଧ ସମୟରେ ଯୁବକଙ୍କ ମୃତ୍ୟୁ ଘଟଣାରେ ବଢି ଚାଲିଛି ଉତ୍ତେଜନା। ବନ୍ଧମୁଣ୍ଡା ବନ୍ଦ ଡାକରା ଦେଇଛନ୍ତି ଆନ୍ଦୋଳନକାରୀ। ମୃତ ଯୁବକଙ୍କ ପରିବାର ଲୋକେ ଓ ଗାଁ ଲୋକେ ୨୦ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ନିକଟରେ ଡେରା ପକାଇ ରହିଛନ୍ତି। ଲୋକଙ୍କ ଦାବି ଷ୍ଟିଲପ୍ଲାଣ୍ଟ ଜମି ବଦଳରେ ବିସ୍ଥାପିତଙ୍କୁ ଚାକିରି ଯୋଗାଇ ଦିଆଯାଉ ଏବଂ ଷ୍ଟିଲପ୍ଲାଣ୍ଟ ବ୍ୟବହାର କରୁନଥିବା ଜମି ଆଦିବାସୀଙ୍କୁ ଫେରସ୍ତ ଦିଆଯାଉ। ସୂଚନାଯୋଗ୍ୟ ଯେ ଶନିବାର ବନ୍ଧମୁଣ୍ଡା ଡୁମେଟାରେ ପୋଲିସ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ରେଳଲାଇନକୁ ବିରୋଧ କରି ବିକ୍ଷୋଭବେଳେ ଇଟୁଆ ଏକ୍କା ନାମକ ଜଣେ ଯୁବକ ଜେସିବି ଆଗକୁ ଚାଲି ଆସିବାରୁ ଚାପି ହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଶନିବାର ଅପରାହ୍ନରୁ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଲାଗି ରହିଛି। କୌଣସି ହିଂସା ଆଶଙ୍କାରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ ଯେ ଶନିବାର ଦାବି ପୂରଣ ପାଇଁ ଆନ୍ଦୋଳନକାରୀମାନେ ଆନ୍ଦୋଳନ କରୁଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ବିରକ୍ତ ହୋଇ ଜେସିବି ଆଗକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜେସିବି ଆଗକୁ ବଢିବା ଫଳରେ ଶୋଇ ରହିଥିବା ଲୋକମାନେ ଉଠିପାରି ନଥିଲେ। ଜଣେ ଆନ୍ଦୋଳନକାରୀଙ୍କ ଉପରେ ଜେସିବି ଚଢି ଯାଇଥିଲା। ରାଉରକେଲା ସହର ସଂଲଗ୍ନ ବନ୍ଧମୁଣ୍ଡା ଡୁମେଟା ଷ୍ଟେସନରୁ ରାଉରକେଲା ଇସ୍ପାତ କାରଖାନା ପର୍ଯ୍ୟନ୍ତ ନୂଆ ରେଳଲାଇନ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଯୁବକଙ୍କ ମୃତ୍ୟୁପରେ ଉତ୍ତ୍ୟକ୍ତ ଗ୍ରାମବାସୀ ପଥରମାଡ଼ କରିବା ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର, ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଆରକ୍ଷୀ ଅଧିକାରୀ ଓ ଜେସିବି ଡ୍ରାଇଭରକୁ ନିସ୍ତୁକ ପିଟିଥିଲେ।

## ପୁଣି ଫେରିଲା ତାତି

# ୪୦ଡିଗ୍ରୀ ଉପରେ ୧୧ ସହର

- ୪୩.୫ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ
- ସାରା ରାଜ୍ୟରେ ଲାଗି ରହିଛି କାଳବୈଶାଖୀ ବର୍ଷା
- ଆହୁରି ୫ ଦିନ ବର୍ଷା ନେଇ ପାଣିପାଗ ବିଭାଗର ସୂଚନା



ଭୁବନେଶ୍ୱର, ୨୦।୪(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ କାଳବୈଶାଖୀ ବର୍ଷା ପାଇଁ ଗ୍ରୀଷ୍ମଦାଉରୁ ତ୍ରାହି ମିଳିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଲାଗି ରହିଛି। ଘଡ଼ଘଡ଼ି, ବିଜୁଳି ଓ କୁଆପଥର ମାଡ଼ ସହ ପ୍ରବଳ ବର୍ଷା ମଧ୍ୟ ହେଉଛି। ଏସବୁ ଭିତରେ ରବିବାର ରାଜ୍ୟକୁ ପୁଣିଥରେ ତାତି ଲେଉଟିଥିବା ଦେଖିବାକୁ ମିଳିଛି। ରବିବାର ସକାଳୁ ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଓ ଗରମ ଅନୁଭୂତ ହୋଇଥିଲା। ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ସୂଚନା ଦିଆଯାଇଛି। ୪୩.୫ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ସେହିପରି ଆଉ ୧୦ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ରେକର୍ଡ କରାଯାଇଛି। ବଲାଙ୍ଗୀରର ସର୍ବୋଚ୍ଚ ତାପମାତ୍ରା ୪୨.୪ ଡିଗ୍ରୀ ରହିଥିବାବେଳେ ଟିଟିଲାଗଡ଼ରେ ୪୨, ସମ୍ବଲପୁରରେ ୪୧.୯, ସୁନ୍ଦରଗଡ଼ରେ ୪୧.୮, ବୌଦ୍ଧରେ ୪୧.୫, ହୀରାକୁଦ ଓ ସୋନପୁରରେ ୪୧.୩, ନୂଆପଡ଼ାରେ ୪୧ ଓ ରାଉରକେଲାରେ ୪୦.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୧୯ ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ରେକର୍ଡ ହୋଇଛି। ବିଶେଷକରି କାଳବୈଶାଖୀ ବର୍ଷା ସ୍ୱାଭାବିକଠାରୁ ଅଧିକ ହୋଇଥିବା ବିଭାଗ ସୂଚନା • ପୃଷ୍ଠା ୫ ଦେଖନ୍ତୁ

# ଲଜ୍ଜା: ୭ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ

ହିନ୍ଦୋଳ, ୨୦।୪(ଭାସ୍କର ନ୍ୟୁଜ): ୭ ବର୍ଷର ନିଷ୍ପାପ ଶିଶୁକନ୍ୟାକୁ ବି ଛାଡ଼ିଲାନି ରାକ୍ଷସ। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅଞ୍ଚଳରେ ଜଣେ ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଖାଲି ଏତିକି ନୁହେଁ, ଦୁଷ୍କର୍ମ ପରେ ଅଭିଯୁକ୍ତ ଗାଁ ପାଖ ଏକ ଗଛମୂଳରେ ଶିଶୁକନ୍ୟାକୁ ତାଳପତ୍ର ଘୋଡ଼ାଇ ଫେରାର ହୋଇଯାଇଥିଲେ ବି

## ଅଭିଯୁକ୍ତ ଗିରଫ

ପୋଲିସ ତାକୁ ଗିରଫ କରି ପଚରାଉଚୁରା କରୁଛି। ସଂଜ୍ଞାହୀନ ଅବସ୍ଥାରେ ଶିଶୁଟିକୁ ଉଦ୍ଧାର କରାଯାଇ ପ୍ରଥମେ ହିନ୍ଦୋଳ ଡାକ୍ତରଖାନା ଓ ପରେ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହିନ୍ଦୋଳ ପୋଲିସ, ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶିଶୁକନ୍ୟାର ପରିବାର ଲୋକ କହିଛନ୍ତି ଯେ ଶିଶୁକନ୍ୟାଟି ଖେଳିବାକୁ ବାହାରକୁ ଯାଇଥିଲା। ପରିବାର ଲୋକେ ତାକୁ ଖୋଜାଖୋଜି କରି ପାଇ ନଥିଲେ। ଗାଁ ପାଖ ଏକ ଗଛମୂଳରେ ଶିଶୁକନ୍ୟାକୁ ତାଳପତ୍ର ଘୋଡ଼ା ଅବସ୍ଥାରେ ଠାବ କରାଯାଇଥିଲା। ପୋଲିସ କହିଛି, ଏହି ମାମଲାରେ ଜଣକୁ ଗିରଫ କରାଯାଇଛି ଓ ଘଟଣାର ତଦନ୍ତ ଜାରି ରହିଛି। ଏହି ଘଟଣାର ବିଚାର ଢେଙ୍କାନାଳ ପୋକ୍ସୋ କୋର୍ଟରେ କରାଯିବ। ଏଥିପାଇଁ ଜଣେ ଅତିରିକ୍ତ ଏସ୍‌ପିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଗିରଫ ଅଭିଯୁକ୍ତକୁ ସୋମବାର ପୋକ୍ସୋ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୁଷ୍କର୍ମ ବଢି ବଢି ଚାଲିଛି। ଯଦିଓ ପୋଲିସ ବହୁ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରୁଛି, ତେବେ ଏ ଧରଣର ମାନସିକତା ସେମାନଙ୍କ ମନରୁ ଲିଭିପାରୁ ନାହିଁ। ଫଳରେ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ଘଟଣା ଘଟି ଚାଲିଛି।

## ସାଂସଦଙ୍କ ମନ୍ତବ୍ୟକୁ ନେଇ ରାଜନୀତି ସରଗରମ

# ନିଶିକାନ୍ତ ଦୁବେଙ୍କ ବିରୋଧରେ ହେବ ଅଦାଲତ ଅବମାନନା ମାମଲା !



ନୂଆଦିଲ୍ଲୀ, ୨୦।୪: ସୁପ୍ରିମକୋର୍ଟ ଏବଂ ପ୍ରଧାନ ବିଚାରପତିଙ୍କ ସଂପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ବିବାଦୀୟ ବୟାନକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଏହି ଘଟଣାରେ ଦୁବେଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସୁପ୍ରିମକୋର୍ଟର ଜଣେ ଆଇନଜୀବୀ ରେକର୍ଡରେ ଥିବା ଓକିଲ ଆଟର୍ଣ୍ଣି ଜେନେରାଲଙ୍କୁ ଏକ ଚିଠି ଲେଖି ଅଦାଲତ ଅବମାନନା ମାମଲା ଦାଏର କରିବାକୁ ଅନୁମତି ଲୋଡ଼ିଛନ୍ତି। ୧୯୭୧ ମସିହାର ଅଦାଲତ ଅବମାନନା ଆଇନର ଧାରା ୧୫(୧)(ଖ) ଏବଂ ୧୯୭୫ ମସିହାର ସୁପ୍ରିମକୋର୍ଟ ନିୟମର ଧାରା ୩(ଗ) ଅନୁଯାୟୀ କେବଳ ସଲିସିଟର ଜେନେରାଲ କିମ୍ବା ଆଟର୍ଣ୍ଣି ଜେନେରାଲଙ୍କ ସମ୍ମତି ପରେ ସୁପ୍ରିମକୋର୍ଟରେ ଅବମାନନା ମାମଲା ଆରମ୍ଭ କରାଯାଇପାରିବ। ଏପରି ପରିସ୍ଥିତିରେ ସୁପ୍ରିମକୋର୍ଟ ଓକିଲ ଜଣକ ଆଟର୍ଣ୍ଣି ଜେନେରାଲ ଆର.ଭେଙ୍କଟରମଣୀଙ୍କୁ ଚିଠି ଲେଖି ଦୁବେଙ୍କ ବୟାନ ନେଇ ଅବଗତ କରାଇଛନ୍ତି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ ଦୁବେ ସୁପ୍ରିମକୋର୍ଟଙ୍କୁ ସଂସଦର କାର୍ଯ୍ୟରେ ହସ୍ତକ୍ଷେପ କରିବାର ଅଭିଯୋଗ ଆଣିଛନ୍ତି। ସେ ସୁପ୍ରିମକୋର୍ଟଙ୍କ ଉପରେ ଅରାଜକତା ବିସ୍ତାର କରିବାର ଅଭିଯୋଗ ମଧ୍ୟ କରୁଛନ୍ତି।

## ରତ୍ନଭଣ୍ଡାରକୁ ନେଇ ଆଇନମନ୍ତ୍ରୀଙ୍କ ବଡ଼ ବୟାନ

# ମରାମତି ନ ହୋଇଥିଲେ ଭୁଶୁଡ଼ି ପଡ଼ିଥାନ୍ତା



ଭୁବନେଶ୍ୱର/ପୁରୀ, ୨୦।୪(ଭାସ୍କର ନ୍ୟୁଜ): ରତ୍ନଭଣ୍ଡାର ମରାମତି ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ବଡ଼ ବୟାନ ରଖିଛନ୍ତି। ରତ୍ନଭଣ୍ଡାର ମରାମତି କରାଯାଇ ନଥିଲେ ଏହା ଭୁଶୁଡ଼ି ପଡ଼ିଥାନ୍ତା ବୋଲି ସେ କହିଛନ୍ତି। ରତ୍ନଭଣ୍ଡାରକୁ ସଂପୂର୍ଣ୍ଣରୂପେ ୧୦୦ରୁ ୨୦୦ବର୍ଷ ଠିକ୍ ଢଙ୍ଗରେ ରହିବା ଭଳି ମରାମତି ଉପରେ ଗୁରୁତ୍ୱ ଦିଆଯାଉଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ଏହାକୁ ନଜରରେ ରଖି ଭାରତୀୟ ପତ୍ନତତ୍ତ୍ୱ ବିଭାଗକୁ କୌଣସି ପ୍ରକାର ବ୍ୟସ୍ତବିବ୍ରତ କରାଯାଉନାହିଁ ବୋଲି ସେ କହିଛନ୍ତି। ସ୍ନାନପୂର୍ଣ୍ଣିମା ପୂର୍ବରୁ ରତ୍ନଭଣ୍ଡାର ମରାମତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି ବୋଲି ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ନୀତିକାନ୍ତି ବ୍ୟାହତ ନ କରାଯାଇ ମରାମତି କାର୍ଯ୍ୟ ଚାଲୁ ରହିଛି। ଦିନରେ ଦେଢ ଘଣ୍ଟାରୁ ଦୁଇ ଘଣ୍ଟା ରତ୍ନଭଣ୍ଡାର ମରାମତି କରାଯାଉଛି। ରତ୍ନଭଣ୍ଡାରର ଯେତିକି କ୍ଷତି ହୋଇଥିଲା, ଯଦି ମରାମତି ହୋଇନଥାନ୍ତା ତେବେ ମୋର ଆଶଙ୍କା ହେଉଛି ତାହା ଭୁଶୁଡ଼ି ପଡ଼ିଥାନ୍ତା। ତେଣୁ ସେଭଳି ସ୍ଥିତିରେ ଥିବା ରତ୍ନଭଣ୍ଡାରକୁ ଦୀର୍ଘକାଳୀନ କରିବା ପାଇଁ ମରାମତିରେ ଯେଉଁ ପ୍ରକ୍ରିୟା ରହିଛି ତାକୁ ନେଇ କାର୍ଯ୍ୟ ଚାଲୁଛି। ଏଏସ୍‌ଆଇ ନିଜ ସମୟ ଅନୁଯାୟୀ କାମ କରୁଛି। ଯେହେତୁ ଏଏସଆଇକୁ କମ୍ ସମୟ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ନବୀନ ପୁନଶ୍ଚ ହେଲେ ସଭାପତି
ଚର୍ଚ୍ଚାରେ ରାଜ୍ୟ ରାଜନୀତି,
ଚବିଶି ବରଷ କ୍ଷମତାରେ ରହି
ଏବେ ଚେଞ୍ଜ୍‌ଚାଞ୍ଜ୍ ମତିଗତି !
ଉନ୍ନତି ହେଉ କି ଅଧୋଗତି,
ତାଙ୍କ ଭଳି ଆଉ କେହି କି ମିଳିବେ
ନିରବ ନିଶ୍ଚଳ ନରପତି ??

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତ ବାଗିଜୋଡ଼ସ୍ଥିତ ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଦିନ ଉଦଘାଟିତ ହୋଇ ଆଜି ୨ୟ ଦିନରେ ପଦାର୍ପଣ କରିଛି। ଆଜିର ଉତ୍ସବରେ ପଣ୍ଡିତ ଡ଼. ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ମନସ୍ତତ୍ତ୍ୱକୁ ବୁଝି ଯଦି ଶିକ୍ଷକ ଶିକ୍ଷାଦାନ କରନ୍ତେ ତେବେ ଛାତ୍ରାଛାତ୍ରମାନେ ଉତ୍ତମ ଜ୍ଞାନ ଆହରଣ କରି ଶିକ୍ଷା ଅନୁଷ୍ଠାନର ଟେକ ରଖିଥାନ୍ତେ। ପିଲାମାନେ ଉତ୍ତମ ଶିକ୍ଷାଗ୍ରହଣ କରି ଭଲମଣିଷ ହେବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ତଥା ବରିଷ୍ଠ ଖବରଦାତା ବିଶ୍ୱନାଥ ସାମଲ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟ କର ଯୋଗଦେଇ କହିଲେ ଯେ, ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରାଛାତ୍ରଙ୍କୁ ଉତ୍ତମ ମଣିଷ ଗଢ଼ିବାକୁ ଶିକ୍ଷକମାନଙ୍କୁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଧର୍ମଶାଳା ସାହିତ୍ୟ ସମାଜର ସଭାପତି କାହ୍ନୁ ଚରଣ ଦାଶ, ଅବସରପ୍ରାପ୍ତ ପ୍ରଧାପକ ରଘୁନାଥ ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଆଶାତରୁ ନାୟକ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭ୍ୟ ଡ଼. ଭାଗ୍ୟଧର ସେଠୀ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦ ଅର୍ଥଥିନା କମିଟି ସଭ୍ୟ ତ୍ରିଲୋଚନ ପାତ୍ର ଓ ଅଶୋକ ସାମଲ ଅତିଥି ମାନଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଅଲେଖ ପ୍ରସାଦ ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟତ୍ରୀ, ଶିକ୍ଷକ ଓ ପ୍ରତିଷ୍ଠାତା ସଭ୍ୟ ଓ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସିନେତାରକା ପୁପିନ୍ଦର ମଞ୍ଚପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପୁରାତନ ଛାତ୍ର ରାଜେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନେପାଳରେ ଓଡ଼ିଶୀ ନୃତ୍ୟ ପରିବେଷଣ କଲେ ସୂର୍ଯ୍ୟ ଗୁରୁକୁଳ ଛାତ୍ରଛାତ୍ରୀ



ଫୁଲନଖରା(ଭାସ୍କର ନ୍ୟୁଜ୍):କଟକ ସଦର ଥାନା ଅନ୍ତର୍ଗତ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ଛାତ୍ରଛାତ୍ରୀମାନେ ୧୫ଦିନିଆ ନେପାଳ ଗସ୍ତକରି ସ୍ୱଦେଶ ଫେରିଛନ୍ତି। ନେପାଳର ପୋଖରାଠାରେ ମାନବସେବା ଫାଉଣ୍ଡେସନ ର ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଐତିହାସିକ ଶ୍ରୀଗଣ୍ଡକି ସତ କୁଣ୍ଡିୟ ଗାୟତ୍ରୀ କୋଟିହୋମ ବିରାଟ ଜ୍ଞାନ ମହାଯଜ୍ଞରେ ଓଡ଼ିଶାର ନିଜସ୍ୱ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହିତ ଓଡ଼ିଶାର କଳାସଂସ୍କୃତିର ମହାନତା ପ୍ରଦର୍ଶନ କରିଉଚ୍ଚ ପ୍ରଶଂସିତ ହେବା ସହ ମାନପତ୍ର ଟ୍ରଫି ହାସଲ କରିଛନ୍ତି। ମାନବ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ଶ୍ରୀ ବାଲ ଯୋଗେଶ୍ୱର ବିଜୟ କ୍ରୀଷ୍ଣା ମୂର୍ତ୍ତିଙ୍କ ପରିଚାଳନାରେ ପୋଖରା ର ବିଭିନ୍ନ ସ୍ଥାନରେ ଆମ ଓଡ଼ିଶାର କଳା ସଂସ୍କୃତିକୁ ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ଜିଣିବାକୁ ସମର୍ଥ ହୋଇଥିଲେ। ଗୁରୁକୁଳର ନିର୍ଦ୍ଦେଶକ ସୌଭାଗ୍ୟ ନାରାୟଣ ଛୋଟରାୟ, ନୃତ୍ୟଗୁରୁ ସଙ୍ଗୀତା ଛୋଟରାୟ, ମ୍ୟାନେଜର ମନୋରଞ୍ଜନ ଖୁଣ୍ଟିଆଙ୍କ ନେତୃତ୍ୱରେ ଗୁରୁକୁଳର କଳାକାରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗ୍ରାମାଞ୍ଚଳରୁ ନେପାଳ ଗସ୍ତକରି ମାନବ ସେବା ଫାଉଣ୍ଡେସନର ନିୟମିତ ସଦସ୍ୟତା ଲାଭ କରିଛନ୍ତି। ଆମ ସଂସ୍କୃତିକୁ ଦେଶ ବିଦେଶରେ ପ୍ରସାର ପାଇଁ ସଂକଳ୍ପ ବଦ୍ଧ ଏହି ଗୁରୁକୁଳର ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ପରେ ପ୍ରଶଂସାର ସୁଅ ଛୁଟିଛି। ସୋନମ୍ ସାହୁ, ତେଜସ୍ୱିନୀ ସାହୁ, ଆଦ୍ୟାଶା ତ୍ରିପାଠୀ, ସତ୍ୟପ୍ରକାଶ ମହାପାତ୍ର, ସୁମିତ୍ରା ବେହେରା, ଶ୍ରେୟା ଛୋଟରାୟ, ଇପ୍ସିତା ଖୁଣ୍ଟିଆ ପ୍ରମୁଖ କଳାକାରମାନେ ନେପାଳ ଗସ୍ତ କରି ସ୍ୱଦେଶ ଫେରିଥିବା ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ଛୋଟରାୟ ଓ ଚେୟାରମ୍ୟାନ ହୃଷୀକେଶ ଛୋଟରାୟ ପ୍ରକାଶ କରିଛନ୍ତି।

## ଲକ୍ଷ୍ମୀ ବସ୍‌ସେବାରୁ ନୂଆଖୋଲମରା ଓ ଅଣ୍ଟେରାଇଚ୍ଛାପୁର ପଞ୍ଚାୟତ ବାଦ୍

ଗୋପ(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀ ବସ୍ ଏବେ ଘରେ ଘରେ ପରିଚିତ ଏକ ସୁପରିଚିତ ବସ୍ ସେବା। ନିଜ ଘର ଦୁଆର ମୁହଁରୁ ଯାତ୍ରୀଙ୍କୁ ଆଣିବା ସହିତ ବ୍ଲକର ମୁଖ୍ୟାଳୟରେ ଛାଡିବା ଏବଂ ପୁନଃ ବ୍ଲକ ମୁଖ୍ୟାଳୟରୁ ନେଇ ନିଜ ଘର ଦୁଆର ମୁହଁ ରେ ଛାଡିବା ଯୋଗୁଁ ଏବେ ଲକ୍ଷ୍ମୀ ବସ୍ ସେବା ସମସ୍ତ ଲୋକଙ୍କ ନିକଟରେ ଆଦୃତ ହୋଇପାରିଛି। ସରକାରଙ୍କ ଲକ୍ଷ୍ୟ ରହିଥିଲା ପ୍ରତ୍ୟେକ ବ୍ଲକରେ ପଂଚାୟତରୁ ବ୍ଲକକୁ ଏହି ଲକ୍ଷ୍ମୀ ବସ୍ ସେବା ଦ୍ୱାରା ସଂଯୋଗୀକରଣ କରାଯିବ ଏବଂ ବିଶେଷ କରି ମହିଳ ମାନେ ମାତ୍ର ୫ ଟଙ୍କାରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ମାତ୍ର ଏପରି ଜନହିତକର ବସ୍ ସେବାରୁ ବାଦ୍ ପଡିଛି ଗୋପ ବ୍ଲକ ନୂଆଖୋଲମରା ପଂଚାୟତ। ଆରମ୍ଭରୁ ଦୁଇ ଦିନ ଚଲାଇବା ପରେ ହଠାତ୍ କାହିଁକି ବନ୍ଦ ହୋଇଗଲା। ଏହି ବସ୍‌ଟି ନୂଆଖୋଲମରା ପଂଚାୟତ ଠାରୁ ରାହାଙ୍ଗରଡା ପଂଚାୟତ, ଅଣ୍ଟରା ଇଚ୍ଛାପୁର ପଂଚାୟତ ଦେଇ ଗୋପ ପରେ ପହଂଚିବ। ଏବଂ ଉକ୍ତ ରାସ୍ତା ଦେଇ ମଧ ଫେରିବ। ଅଣ୍ଟରା ଇଚ୍ଛାପୁର ପଂଚାୟତର ରେ ଏ ନେଇ ରାସ୍ତା କାର୍ଯ୍ୟ ପ୍ରଶସ୍ତିକରଣ ମଧ ଚାଲିଛି। ଯଦ୍ୱାରା ଏହି ରାସ୍ତା ଦେଇ ବସ୍ ଚାଲିପାରୁନାହିଁ। ଏହି ବସ୍‌ଟି ନୂଆଖୋଲମରା ପଂଚାୟତର ଶେଷ ଭାଗରୁ ଡଭାର ପଂଚାୟତ ଓ ଗଣେଶ୍ୱରପୁର ପଂଚାୟତ ଦେଇ ଯିବା ଆସିବା କରୁଛି। ଫଳରେ ନୂଆଖୋଲମରା ପଂଚାୟତ ଓ ଅଣ୍ଟରା ଇଚ୍ଛାପୁର ପଂଚାୟତ ଏହି ବସ୍ ସେବାରୁ ବାଦ୍ ପଡିଛି। ଯଦିଓ ଅଣ୍ଟରା ଇଚ୍ଛାପୁର ପଂଚାୟତରେ ରାସ୍ତା କାର୍ଯ୍ୟ ଯୋଗୁଁ ବସ୍‌ଟି ଚାଲିପାରୁନାହିଁ ମାତ୍ର ନୂଆଖୋଲମରା ପଂଚାୟତରେ ସେପରି ସମସ୍ୟା ନଥିବା ସତ୍ତ୍ୱେ କାହିଁକି ବସ୍ ସେବା ଯୋଗାଇ ଦିଆଯାଉନାହିଁ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ସୂଚନାନୁଯାୟୀ ଘୋଡା ଛଅ ଟଙ୍କାକୁ ଦାନା ନଅ ଟଙ୍କା



ନ୍ୟାୟରେ ଏବେ ଲକ୍ଷ୍ମୀ ବସ୍ ୯୫ପ୍ରତିଶତ କ୍ଷତିରେ ଚାଲୁଛି। ରାଜ୍ୟ ସରକାରଙ୍କ ଯଦିଓ ଏହି ଯୋଜନା ସେବା ନିମନ୍ତେ ଉଦ୍ଦିଷ୍ଟ ମାତ୍ର ଏହି ସେବା ସ୍ଥାୟୀ ଭାବେ ଦେବା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏ ନେଇ ନୂଆଖୋଲମରା ପଂଚାୟତର ସରପଞ୍ଚ ଉପେନ୍ଦ୍ର କାନୁନଗୋ କହିଛନ୍ତି ଯେ ମାତ୍ର ଦୁଇ ଦିନ ଚାଲିବା ପରେ ଲକ୍ଷ୍ମୀ ବସ୍ ଆମ ପଂଚାୟତରୁ ବିଦାୟ ନେଇଛି। ବାରମ୍ବାର ଅଭିଯୋଗ ଦେବା ସତ୍ତ୍ୱେ ମଧ ଆମ ପଂଚାୟତକୁ ବସ୍‌ଟି ଆସୁନାହିଁ। ଆସନ୍ତା ଦିନରେ ଏହାର ଜୋରଦାର ବିରୋଧ କରାଯିବା ସହିତ ଲକ୍ଷ୍ମୀ ବସ୍ ଯଦି ଚାଲିବ ସବୁ ପଂଚାୟତରେ ନଚେତ୍ କେଉଁଆଡେ ମଧ ଚଲାଇ ଦିଆଯିବନାହିଁ।

## ସରକାରଙ୍କ ପଲିଥିନ୍ କଟକଣା ପାଲଟିଛି ପ୍ରହସନ

ନିଆଳି (ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ହେବ ବ୍ୟବହୃତ ପଲିଥିନ୍‌କୁ ନିଷେଧ କରାଯାଇଛି, ହେଲେ କଟକଣା ଏକ ପ୍ରକାର ପ୍ରହସନ ପାଲଟିଛି। ନିଆଳି ବଜାରରେ ଥିବା ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଦୋକାନ ଗୁଡିକରେ ନିୟମ କରାଯାଇଥିବା ସମୟରେ ପ୍ରଥମେ ପ୍ରଥମେ ଚଢାଉ ଯୋଗୁ ପଲିଥିନ୍ ବ୍ୟବହାର ଦେଖିବାକୁ ମିଳୁନଥିଲା। ଏବେ ଧୀରେ ଧୀରେ କାୟା ବିସ୍ତାର କରିବାକୁ ଲାଗିଲାଣି। ବ୍ୟବହୃତ ପଲିଥିନ୍ ସମେତ ବିଭିନ୍ନ ଶୁଖିଲା ଖାଦ୍ୟ ସାମଗ୍ରୀ ନବାତ ଦୂରର କଥା ଗରମ ବା ରନ୍ଧାଖାଦ୍ୟକୁ ନେବାକୁ ପଛାଉ ନାହାନ୍ତି। ୨୦୧୯ ମସିହା ଗାନ୍ଧୀ ଜୟନ୍ତୀ ଠାରୁ ବ୍ୟବହୃତ ପଲିଥିନ୍ ବନ୍ଦ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଓଡିଶା ସିମିତ ସାରା ଦେଶରେ ଆହ୍ୱାନ ଦିଆଯାଇଛି। ପରେ ଓଡିଶା ସିମିତ ବିଭିନ୍ନ ରାଜ୍ୟରେ ସରକାରୀ କଳ ତତ୍‌ପର ହୋଇ ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠା ଉପରେ ଚଢାଉ କରିବାକୁ ଦାବି ହେଉଛି। ଫଳରେ କଟକ ଜିଲ୍ଲାରେ ନିଆଳି ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ପଲିଥିନ୍ ବିକ୍ରି ଓ ବ୍ୟବହୃତ ହୋଇଥିଲେ ମଧ ଚଢାଉ କରାଯାଉ ନାହିଁ। ଧୀରେ ଧୀରେ ବ୍ୟବସାୟୀ ଓ ଗ୍ରାହକମାନେ ପଲିଥିନ୍ ବ୍ୟବହାର କରିବା ଆରମ୍ଭ କରିଦେଲେଣି। ବିଭିନ୍ନ କମ୍ପାନୀ, ଦୋକାନ ବ୍ୟବହାର କରୁଥିବା ପଲିଥିନ୍‌କୁ ନିଆଳି ଅଞ୍ଚଳରେ କାୟା ବିସ୍ତାର କରିବାକୁ ଲାଗିଛି। ନିୟମ ଲାଗୁ ହେବା ପରେ ସରକାରୀ କଳ ପଲିଥିନ୍ କଟକଣାକୁ ଯେଉଁଭଳି କଡାକଡି ଭାବରେ କଟକଣା ପାଳନ କରୁଥିଲେ ତାହା ଆଉ ଦେଖିବାକୁ ମିଳୁନାହିଁ। ହାତ ଗଣତି କେତେକ ବ୍ୟବସାୟୀ ଉପରେ ଚଢାଉ କରି ନିଜ ମୁଣ୍ଡରୁ ଦୋଷ ତୁଟାଇ ବସିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କଙ୍କଣଦେବୀ ପୀଠରେ ବନ୍ଧୁମିଳନ କାର୍ଯ୍ୟକ୍ରମ

ଆସିକା(ଭାସ୍କର ନ୍ୟୁଜ୍): ଆସିକା ବ୍ଲକ ଅନ୍ତର୍ଗତ କଙ୍କଣଦେବୀ ପୀଠ ଠାରେ ୨୭ବର୍ଷ ପରେ ଏକାଠି ହେଲେ ୧୯୯୮ ମ୍ୟାଟ୍ରିକ ବ୍ୟାଚମେଟ ଛାତ୍ରଛାତ୍ରୀ। ଜଗଦଲପୁର ହାଇସ୍କୁଲ ଗୁଣ୍ଠପଡାର ଉକ୍ତ ବ୍ୟାଚମେଟ ବନ୍ଧୁ ମାନେ ଦୀର୍ଘଦିନ ପରେ ଏକାଠି ହୋଇଥିବାରୁ ସମସ୍ତଙ୍କ ମନରେ ଖୁସି ସହିତ ଏକ ପ୍ରକାର ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା। ଅନୁପସ୍ଥିତ ଥିବା ବନ୍ଧୁମାନଙ୍କ କଥା ମନେ ପକାଇ ସବୁ ସାଙ୍ଗସାଥି ପୁରୁଣା ଦିନର ସ୍ମୃତିକୁ ସାଉଁଟି ଥିଲେ। ନିଜ ନିଜ ପରିବାର ସହିତ ଉପସ୍ଥିତ ରହି ପରସ୍ପର ମଧ୍ୟରେ ପରିଚୟ ପ୍ରଦାନ ସହିତ ଭାବରେ ଆଦାନପ୍ରଦାନ ମଧ ହୋଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ବନ୍ଧୁମାନଙ୍କ ପୁଅ ଝିଅମାନଙ୍କ ଡ୍ୟାନ୍ସ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଜଗଦଲପୁର ହାଇସ୍କୁଲ ଅଞ୍ଚଳର ପୁରୁଣା ବିଦ୍ୟାଳୟ ହୋଇଥିବା ବେଳେ ଏଠାରୁ ଏନେକ ମେଧାବୀ ଛାତ୍ରଛାତ୍ରୀ ବାହାରି ସମାଜର ବିଭିନ୍ନ ସେକ୍ଟରରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି। ଏହି ବ୍ୟାଚ ମ୍ୟାଟ୍ରିକ ଛାତ୍ରଛାତ୍ରୀ ମାନଙ୍କ ସମୟରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କେତେ ପରିଶ୍ରମୀ ଓ ନିଷ୍ଠା ସହକାରେ ପଠା ପଢ଼ାଉଥିଲେ ସେ ସବୁ କଥା ମନେପକାଇ ଭାବ ବିହ୍ୱଳ ହୋଇଥିଲେ ଉପସ୍ଥିତ ବ୍ୟାଚମେଟ ବନ୍ଧୁ ମାନେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସୁକାନ୍ତ ପାଢ଼ୀ, ଚୁମୁକି ପାତ୍ର,ଏମ ଏରେନା ପାତ୍ର, ମନୋରଞ୍ଜନ ସ୍ୱାଇଁ, ଅକ୍ଷୟ କୁମାର ଦାଶ, ପ୍ରଶାନ୍ତ କୁମାର ବାଡ଼ତ୍ୟା, ଫିରୋଜ କୁମାର ସ୍ୱାଇଁ,ରଞ୍ଜିତା ଦାଶ, ସୂର୍ଯ୍ୟକାନ୍ତ ପଢ଼ିଆରୀ, ରାଜଲକ୍ଷ୍ମୀ ସାହୁ, ସଂଯୁକ୍ତା ଗୌଡ଼, ବି ମହେଶ୍ୱର ପାତ୍ର, ମହାଲକ୍ଷ୍ମୀ ଆଚାରୀ,ପି ପୁଷ୍ପାଞ୍ଜଳି ପାତ୍ର,ସରସ୍ୱତୀ ପାତ୍ର,ବାଦଲ କୁମାର ସ୍ୱାଇଁ,ପ୍ରମିଳା ସ୍ୱାଇଁ,ପି ରାଘବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## କାର୍ଯ୍ୟକ୍ଷମ ହେବ ଜେଏମଏଫସି କୋର୍ଟ

ବୋଲଗଡ(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଠାରେ ଜେଏମଏଫସି କୋର୍ଟ ପ୍ରତିଷ୍ଠା ପାଇଁ ୨୦୧୭ମସିହା ମାର୍ଚ୍ଚ୩୧ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଅନୁଦାନ ମଧ ବ୍ୟବସ୍ଥା କରା ଯାଇଥିଲା। ତେବେ ଉପଯୁକ୍ତ ସ୍ଥାନ ଅଭାବ କାରଣରୁ ନିର୍ମାଣ ବିଳମ୍ବିତ ହେଉଥିବାବେଳେ ଜିଲ୍ଲା ଜଜ ଶ୍ରୀଯୁକ୍ତ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ପଦସ୍ଥ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ବୋଲଗଡ଼ ଆସି ସ୍ଥାନ ନିରୂପଣ ପାଇଁ କେତେକ ଜାଗା ପରିଦର୍ଶନ କରି ନିକଟସ୍ଥ ଶ୍ୟାମସୁନ୍ଦରପୁର ମୌଜାରେ ୨.୫ଏକର ଜାଗାକୁ ଚିହ୍ନଟ କରିଥିଲେ। ମାତ୍ର ସେଠାରେ ପ୍ରାଚୀର ନିର୍ମାଣ ହୋଇ ଆବଦ୍ଧ କରାଯାଇଥିଲେ ମଧ କୌଣସି କାରଣରୁ ଏଠାରେ ନିର୍ମାଣ ସ୍ଥଗିତ ରହିଥିଲା। ପରେ ବିକଳ୍ପ କାର୍ଯ୍ୟାଳୟ ଭାବେ ଖାଲି ପଡ଼ିଥିବା ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗତ ଦୁଇବର୍ଷତଳୁ କୋର୍ଟପାଇଁ ଆବଶ୍ୟକ କୋର୍ଟରୁମ୍, ବିଚାରପତି ଙ୍କ ଚମ୍ବର, ହାଜତ, ଓକିଲ ଓ ପୋଲିସଙ୍କ ପାଇଁ ଘର ଆଦି ପ୍ରସ୍ତୁତ କରାଯାଇଥିଲା। ମାତ୍ର ଏହା ମଧ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେବା ନେଇ ବୋଲଗଡ ଉନ୍ନୟନ ପରିଷଦର କର୍ମକର୍ତ୍ତା ମାନେ ଗତବର୍ଷ ଡିସେମ୍ବରରେ ଭୁବନେଶ୍ୱର ଯାଇ ଶୀଘ୍ର ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ସମ୍ପର୍କରେ ଜିଲ୍ଲା ଜଜଙ୍କ ସହିତ ଆଲୋଚନା କରି ସ୍ଥିରୀକୃତ ଅସ୍ଥାୟୀ ଗୃହରେ କୋର୍ଟ କାର୍ଯ୍ୟ ଚଳାଇବା ପାଇଁ ଅନୁରୋଧ କରିଥିଲେ। ଫଳରେ ଚଳିତବର୍ଷ ଜାନୁଆରୀ ମାସ ରେ ଖୋର୍ଦ୍ଧା କୋର୍ଟ ରେଜିଷ୍ଟ୍ରାର ଓ ମ୍ୟାନେଜର ବୋଲଗଡ଼ ଆସି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ହେବାକୁ ଥିବା ଅସ୍ଥାୟୀ ଗୃହର ତଦାରଖ କରି କିଛି ଆନୁଷଙ୍ଗିକ ନିର୍ମାଣକାର୍ଯ୍ୟ ଓ ଆବଶ୍ୟକୀୟ ବ୍ୟବସ୍ଥା କରିବାର ଆବଶ୍ୟକତା ଥିବା ନେଇ ମତ ବ୍ୟକ୍ତ କରିବା ସହ ନିର୍ମିତ ହୋଇଥିବା କୋର୍ଟ କ୍ୟାମ୍ପସର ଫଟୋ ଓ ଭିଡ଼ିଓଗ୍ରାଫି କରି ଜିଲ୍ଲା ଜଜଙ୍କୁ ପ୍ରଦାନ କରଥିଲେ। ସେଇ ଅନୁଯାୟୀ ଜିଲ୍ଲା ଜଜ ଗତ ମାର୍ଚ୍ଚ ମାସରେ ଚିଠି ନଂ ୧୩୨୯ରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟକୁ ପଠାଇବା ସହିତ ବୋଲଗଡ ବିଡିଓ ଓ ତହସିଲଦାରଙ୍କ ନିକଟକୁ ସେଇ ଚିଠିର ନକଲ ମଧ ପ୍ରେରଣ କରି ବାକିଥିବା କାର୍ଯ୍ୟ ଯଥା ଷ୍ଟୋର ରୁମ୍,ୱାଚମ୍ୟାନ ରୁମ୍, ସର୍ଭର ରୁମ୍,ପବ୍ଲିକ ଟଏଲେଟ୍ ଓ ୱାସ ରୁମ୍,କୋର୍ଟ ପ୍ରକୋଷ୍ଠ ରେ ଅଭିଯୁକ୍ତଙ୍କ ପାଇଁ କାଠଗଡା,ନୋଟିସ ବୋର୍ଡ, କୋର୍ଟ ଓ କାର୍ଯ୍ୟାଳୟ ପାଇଁ ନାମ ଫଳକ ଏବଂ ବୈଦ୍ୟୁତିକ ଉପକରଣ ଯଥା ଜଜଙ୍କ ଚାମ୍ବର ଓ କୋର୍ଟ ହଲ ପାଇଁ ଦୁଇଟି ଏସି,ସମସ୍ତ କାର୍ଯ୍ୟାଳୟ ପାଇଁ ଇନଭର୍ଟର,ଲାଇଟ୍, ଫ୍ୟାନ, ବାହାର ଆଲୋକୀକରଣ ଓ ପ୍ୟାନେଲ ବୋର୍ଡ ଆଦି ସହ ଦୁଇଟି ଏକ ହଜାର ଲିଟର କ୍ଷମତାର ପିଇବା ପାଣିଟାଙ୍କି, ବାଉଣ୍ଡରି ୱାଲ, ପୋର୍ଟିକୋ ଓ ଗେଟ୍ ଆଦି ବ୍ୟବସ୍ଥା ଓ ନିର୍ମାଣ ପାଇଁ ବିବରଣୀ ପ୍ରଦାନ କରି ଶୀଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିନେଇ ବୋଲଗଡ ଉନ୍ନୟନ ପରିଷଦ ସଭାପତି ଗୋପୀନାଥ ଖାଡଙ୍ଗା, ରଘୁନାଥ ଦଳବେହେରା ଓ ରାମଚନ୍ଦ୍ର ମାର୍ଥା ପ୍ରମୁଖ ବିଧାୟକ ପ୍ରଦୀପ ସାହୁ ଓ ବିଡ଼ିଓଙ୍କୁ ସାକ୍ଷାତ କରି ଅଂଚଳବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ୧୩ଜଣ ବରିଷ୍ଠ ନାଗରିକ ଗୁରୁବାର ତୀର୍ଥଯାତ୍ରା କରିଛନ୍ତି। କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ପରିଚାଳିତ ଏହି ଯୋଜନାରେ ବ୍ଲକ ଅଞ୍ଚଳର ୧୩ ଜଣ ବରିଷ୍ଠ ନାଗରିକ ବ୍ଲକ ପରିସରରୁ ଯାତ୍ରା ଆରମ୍ଭ କରିଥିଲେ। ବିଡିଓ ଦେବଦତ୍ତ ଦାଶ, ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ପତାକା ଦେଖାଇ ବିଦାୟ ଦେଇଥିଲେ। ତୀର୍ଥଯାତ୍ରୀମାନଙ୍କୁ ଜିଲ୍ଲା ସଂସ୍କୃତି ଭବନକୁ ନିଆଯାଇ ମେଡିକାଲ ପରୀକ୍ଷା କରାଯିବା ପରେ କିଟ୍ ପ୍ରଦାନ କରାଯାଇଥିଲା। ସେଠାରୁ ବାଲେଶ୍ୱର ଯାଇ ଟ୍ରେନ ଯୋଗେ ବାରଣାସୀ ଓ ଅଯୋଧ୍ୟାକୁ ଯିବା ବନ୍ଦୋବସ୍ତ କରାଯାଇଥିଲା। ଏହାର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି।

## ଶ୍ରଦ୍ଧାଞ୍ଜଳି ସଭା



ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ହାଇସ୍କୁଲ୍ ପରିସରରେ ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ୧୯୬୪ ବ୍ୟାଚ୍‌ର ଭାରତୀୟ ପୋଲିସ୍ ସେବାର ପ୍ରଶାସନିକ ଅଧିକାରୀ ଦାମୋଦର ଷଡଙ୍ଗୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଡ଼ା. ଅଧିରାଜ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସେହିଭଳି ୧୯୬୯ ବ୍ୟାଚ୍‌ର ନଟବର ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତ ରଞ୍ଜନ ମିଶ୍ର, ପ୍ରଫେସର୍ ଶରତ ଚନ୍ଦ୍ର ବାରିକ, ସୁରେନ୍ଦ୍ରନାଥ ଜେନା, ରାଜକିଶୋର ସାହୁ, ସକ୍‌ହଜିବ୍ ବେକ୍, ସ୍ନେହଲତା ଦେଇ, କୈଳାସ ଚନ୍ଦ୍ର ଜେନା, ଶେଖ୍ ହୁମାୟୁନ୍‌ଙ୍କ ସୀମିତ ଉକ୍ତ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ।

## ଶ୍ରୀରାମଲୀଳା ନିମନ୍ତେ ପ୍ରସ୍ତୁତି ବୈଠକ



ଫୁଲନଖରା(ଭାସ୍କର ନ୍ୟୁଜ୍): ଆସନ୍ତା ମଇ ମାସରେ ସଦର ଥାନା ଅଧୀନ ସି ଏମ ସି ୫୯ ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ହେବାକୁ ଥିବା ୧୯ ତମ ବାର୍ଷିକ ଶ୍ରୀରାମଲୀଳା ମହୋତ୍ସବ ନିମନ୍ତେ ମା ଫୁଲକମକ୍ଷ ରାମଲୀଳା ପରିଷଦ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଆଧ୍ୟାତ୍ମିକ ପତ୍ରିକା ' ଦିବ୍ୟାଲୋକ ସନ୍ଧକ୍ଷନେ ' ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଦୁଇ ରାତି ରାମଲୀଳା ପରିବେଷଣ କରିବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା କ୍ଷ ନାଟ୍ୟ ନିର୍ଦ୍ଦେଶକ ରାଧେଶ୍ୟକ୍ଷମ ଯୁଝକ୍ଷର ସିଂହ ଙ୍କ ନିର୍ଦ୍ଦେଶନା ରେ ହେବାକୁ ଥିବା ଏହି ଶ୍ରୀରାମଲୀଳା ର ସୁପରିଚାଳନା ନିମନ୍ତେ ଏକ ନୂତନ ପରିବର୍ଦ୍ଧିତ କମିଟି ଗଠନ କରାଯାଇଥିଲା କ୍ଷ ସର୍ବସମ୍ମତି କ୍ରମେ ଶ୍ରୀସନ୍ନ୍ୟାସୀ ଜୀ ଏବଂ ଧରଣୀଧର ବେହେରା ଙ୍କୁ ଉପଦେଷ୍ଟା ଭାବେ ରହିବା ପାଇଁ ଅନୁରୋଧ କରାଯିବା ସହିତ ଅଭିରାମ ବେହେରା ସଭାପତି, ଶ୍ରୀଯୁକ୍ତ କବିର ବେହେରା କାର୍ଯ୍ୟକାରୀ ସଭାପତି, ସୁଶାନ୍ତ ବେହେରା ସମ୍ପାଦକ, ଆଖଡ଼ା ପରିଚାଳକ ଭାବେ ଶ୍ରୀଯୁକ୍ତ ରଘୁନାଥ ବେହେରା, ବିପିନ ବେହେରା ଓ ବିଭୁତି ବେହେରାଙ୍କୁ ଚୟନ କରାଯାଇଥିଲା କ୍ଷ ଏତଦବ୍ୟତୀତ ବିକାଶ ରଞ୍ଜନ ମହାନ୍ତି ଏବଂ କୃଷ୍ଣଚନ୍ଦ୍ର ବେହେରା ଙ୍କୁ କଳାକାରମାନଙ୍କ ସମନ୍ୱୟ ରକ୍ଷାକାରୀ ସଚେତକ ଭାବେ ବଛା ଯାଇଥିଲା କ୍ଷ ଉଲ୍ଲେଖଯୋଗ୍ୟ ଯେ ଗତ ୧୮ ବର୍ଷ ଧରି ଗ୍ରାମ ରେ ପରିବେଷିତ ହେଉଥିବା ରାମଲୀଳା ସଦର ଅଂଚଳ ରେ ବେଶ ପ୍ରସିଦ୍ଧି ଅର୍ଜନ କରିଛି କ୍ଷ ବିଭିନ୍ନ ଭୂମିକା ରେ ଅଭିନୟ କରୁଥିବା ସମସ୍ତ କଳାକାର ପ୍ରଭୁ ସମର୍ପିତ ହୋଇ ନିଷ୍ଠାପର ଭାବେ ଅଭିନୟ କରୁଥିବାର ନଜିର ଅଛି କ୍ଷ ଉକ୍ତ ବୈଠକରେ ଗ୍ରାମ କମିଟି ସଭାପତି ପ୍ରକାଶ ନାୟକ, ସମ୍ପାଦକ ଲକ୍ଷ୍ମୀଧର ସେଠୀ, ଯୁଗ୍ମ ସମ୍ପାଦକ ହୃଦାନନ୍ଦ ବେହେରା , ସମସ୍ତ କଳାକାର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରୁଥିବା ସତ୍ୟବ୍ରତ ପଣ୍ଡା( ନନ୍ଦନ )ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକ ପାଳିତ




କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବିଜୁ ଜନତା ଦଳ ପକ୍ଷରୁ ବ୍ରାହ୍ମଣସାଇଲୋ ସାଧୁଛକ କନ୍ଦଳ ନଦୀରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ତିଳତର୍ପଣ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ବିଜେଡି ନେତା ନକୁଳ ରାଉତଙ୍କ ନେତୃତ୍ୱରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ତୃପ୍ତି ରଞ୍ଜନ ରାଉତ, ଯୁବ ବିଜେଡି ସଭାପତି ବିମାନ ବେହେରା, ପ୍ରଶାନ୍ତା ପାଢୀ, ଜିଲ୍ଲା ପରିଷଦ କ୍ରିଷ୍ଣାରାଣୀ ବେହେରା, ସୁବ୍ରତ ପାତ୍ର, ବଳରାମ ପାତ୍ର, ଶଶୀକାନ୍ତ ପ୍ରଧାନ, ପ୍ରକାଶ ବେହେରା, ଶାରଳା ସାମନ୍ତରାଏ ସୀମିତ ଶତାଧିକ ବିଜେଡି କର୍ମୀ ୨୮ତମ ଶ୍ରାଦ୍ଧବାର୍ଷିକ ପାଳନ ହୋଇଥିଲା।

## କର୍କଟ ରୋଗରେ ପୀଡିତା କମଳାଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ଗ୍ରାମପଞ୍ଚାୟତ ଜନାର୍ଦ୍ଦନପୁର ଗ୍ରାମର କର୍କଟ ରୋଗରେ ପୀଡିତା କମଳା ଓଝାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ବିଧବା କମଳା କିଛି ମାସ ହେବ କର୍କଟ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଚଲାବୁଲା କରିବାକୁ ଅକ୍ଷମ। ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଏବଂ ପର ଘରେ ମୂଲ ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ସେ ଏବଂ ତାଙ୍କର ନାବାଳକ ପୁଅ। ଘର କହିଲେ ଭଙ୍ଗା ଚାଳଛପର ଘର। ବର୍ତ୍ତମାନ ଅର୍ଥାଭାବରୁ ଏହି ଦୁଃଖୀ ପରିବାର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ଜ୍ୟୋତିରଂଜନ ସ୍ୱାଇଁ, ଜୀବନଜ୍ୟୋତି ଜୟସିଂ, ବାବାଜୀ ରାଉତ ଏବଂ ସମ୍ବିତ ଦାସ ପ୍ରମୁଖ କମଳାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର(୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ୍ ସାମଗ୍ରୀ ଯୋଗାଇ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ କମଳା ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।



## ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ କାର୍ଯ୍ୟରତ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା ଅନ୍ୟ ବ୍ଲକକୁ ବଦଳି ହୋଇଛନ୍ତି। କିନ୍ତୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଜନତା ହାଇସ୍କୁଲ ବନ୍ତିଲୋ ରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପରିଡାଙ୍କ ସଭାପତିତ୍ୱ ରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରାକ୍ତନ ମଣ୍ଡଳଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା ଯୋଗ ଦେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ସମୟରେ ନିସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରିବା ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର, ଛାତ୍ରୀମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟ ଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଐଶାନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର କୁମାର ପ୍ରଧାନ, ପ୍ରିୟବ୍ରତ ପରିଡା, ସନ୍ତୋଷ ଦାସ ଯୋଗଦେଇ ଶ୍ରୀ ବେହେରା ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କ ସଫଳତା ଏବଂ ଶିକ୍ଷକ, ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ନାଁକୁ ସବୁବେଳେ ଗୌରବାନ୍ୱିତ କରିବାକୁ ଆଶା ପ୍ରକଟ କରିଥିଲେ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ ତରଫରୁ ଶ୍ରୀବେହେରା ଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ କିଛି ସମୟ ସମସ୍ତେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକ ପରିଚାଳନା କରିଥିଲେ। ଶେଷରେ ପଶ୍ଚିମେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ପବିତ୍ର କୁମାର ପରିଡା ଧନ୍ୟବାଦ ଦେଇଥିଲେ।



ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳିତ

## 'ଶୃଙ୍ଖଳିତ ଅଭ୍ୟାସ ଦ୍ୱାରା ମା'ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ'

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ ଯୋଗଦେଇ ଅଙ୍ଗନବାଡି କର୍ମୀ, ସିଡିପିଓ ଏବଂ ମିଶନଶକ୍ତି ମା' ଙ୍କ ଦ୍ୱାରା ସୁସ୍ଥ ଓ ନିରୋଗୀ ଶିଶୁ ଏବଂ ମା ଙ୍କ ନିମନ୍ତେ ସୁଷମ ଖାଦ୍ୟ ପ୍ରସ୍ତୁତି ବୁଲିଦେଖିଥିଲେ। ଶିଶୁ ଓ ମା' ମାନଙ୍କର ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ସୁଷମ ଖାଦ୍ୟ ଖାଇବା ସହ ଶୃଙ୍ଖଳିତ ଅଭ୍ୟାସକୁ ଆପଣେଇ ନେଲେ ସମସ୍ତ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଠିକ ରହିବା ସହ ସୁସ୍ଥ ନିରୋଗୀ ସମାଜ ଗଠନ ହୋଇ ପାରିବ ବୋଲି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନାଏକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ବ୍ୟାପକ ପ୍ରସାର ଓ ପ୍ରଚାର ନିମନ୍ତେ ପ୍ରତ୍ୟେକ ମାସରେ ଓ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ପୋଷଣ ପକ୍ଷ ଆୟୋଜନ କରାଇ ଶପଥ ପାଠ ଉତ୍ସବ କରିବାକୁ ସିଡିପିଓ ମମତା ନାୟକ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିକିନା ବେହେରା ପ୍ରମୁଖ ଯୋଗଦେଇ ପୋଷଣ ପକ୍ଷ ମାସ ହିସାବରେ ନୁହେଁ ପ୍ରତ୍ୟେକ ଦିନ ତଦାରଖ କରିବାକୁ ଓ ଦେଶର ଭବିଷ୍ୟତର ଦାୟିତ୍ୱ ଅଙ୍ଗନବାଡି କର୍ମୀ ଙ୍କ ପାଖରେ ଅଛି ବୋଲି କହିବା ସହ ସୁଷମ ଖାଦ୍ୟ ଖାଉଛନ୍ତି କି ନାହିଁ ଯାଞ୍ଚ କରିବା କର୍ତ୍ତବ୍ୟ ଅଟେ। ମଣ୍ଡଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତା ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହ ସପ୍ତମ ପୋଷଣ (ପ୍ରଧାନମନ୍ତ୍ରୀ ସାମଗ୍ରିକ ପୁଷ୍ଟି ପାଇଁ ବ୍ୟାପକ ଯୋଜନା )ପକ୍ଷ ୨୦୨୫ତଥା ୮ଏପ୍ରିଲ ରୁ ୨୨ଏପ୍ରିଲ ଉପରେ ପ୍ରମୁଖ ଥିମ ଉପରେ ବକ୍ତବ୍ୟ ରଖିଥିଲେ। ପରିଶେଷରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଉପୁଜିଥିବା ସମସ୍ୟା ତଥା ଅଙ୍ଗନବାଡି ନିର୍ମାଣ କ୍ଷେତ୍ରରେ ଜମି ସମସ୍ୟା, ପାନୀୟ ଜଳ, ଶୌଚାଳୟ, ବିଜୁଳି ଆଲୋକ ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ ଅଂଶ ଗ୍ରହଣ କରିଥିଲେ।



ଓଡ଼ିଶା ଭାସ୍କର
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ନିର୍ବାଚନ ଆୟୋଗ ଏକ ସ୍ପଷ୍ଟ ବିବୃତିରେ କହିଛି ଯେ ଭୋଟର ତାଲିକା ସଂପର୍କିତ ଅନିୟମିତତା ଦାବି ସତ୍ୟ ନୁହେଁ। ମହାରାଷ୍ଟ୍ରରେ ୯ କୋଟି ୭୦ ଲକ୍ଷ ପଞ୍ଜିକୃତ ଭୋଟର ମଧ୍ୟରୁ ତାଲିକା ସଂଶୋଧନ ପାଇଁ କେବଳ ୮୯ଟି ପ୍ରଥମ ଆବେଦନ ଏବଂ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଗୋଟିଏ ଦ୍ୱିତୀୟ ଆବେଦନ ଦାଖଲ ହୋଇଛି। ବିରୋଧୀ ଦଳଙ୍କ ତରଫରୁ ଶୀତକାଳୀନ ଅଧିବେଶନରେ ଉଠାଯାଇଥିବା ଭୋଟର ତାଲିକା ଅନିୟମିତତା ଅଭିଯୋଗକୁ ନିର୍ବାଚନ କମିଶନ ସଂଖ୍ୟାତ୍ମକ ତଥ୍ୟ ସହ ଖଣ୍ଡନ କରିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ଦାବି-'୨୦୧୪ ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନୁଚିତ ଭାବେ ତାଲିକାରେ ଯୋଡ଼ାଯାଇଛନ୍ତି- ପ୍ରତି ନିର୍ବାଚନ କମିଶନ ପ୍ରମାଣ ଅଭାବ ଉଲ୍ଲେଖ କରି ଏହାକୁ ଅସ୍ୱୀକାର କରିଛି। ନିର୍ବାଚନ କମିଶନ ସଂକ୍ଷିପ୍ତ ସଂଶୋଧନ ଅଭିଯାନ ଅନୁସାରେ, ଭୋଟର ତାଲିକା ସୁଦୃଢ଼ ଓ ସଠିକ୍ ନିମନ୍ତେ ବାର୍ଷିକ ଅପଡେଟ୍ କାର୍ଯ୍ୟ ସାଂଘିକ ଭାବେ ଚାଲିଥାଏ। ଅଭିଯାନ ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ, ଏବଂ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ କରାଯାଏ।



# ଆଲାନ୍ ୱାକର୍ ୱାର୍ଲଡ ଇଣ୍ଡିଆ ଗସ୍ତରେ ଭୁବନେଶ୍ୱରରେ ଐତିହାସିକ ପ୍ରଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷିତ ଆଲାନ୍ ୱାକର ୱାର୍ଲଡ ଇଣ୍ଡିଆ ଟୁର ୱିଥ ସ୍ୱେସ୍‌ବାଉଣ୍ଡ ଜରିଆରେ ଏପ୍ରିଲ ୧୯, ୨୦୨୫ରେ ଭୁବନେଶ୍ୱରରେ ସଙ୍ଗୀତ ପରିବେଷଣ କରି ଭାରତ ଫେରିଛନ୍ତି। ପ୍ରଥମ ଥର ପାଇଁ ସହରରେ ପରିବେଷଣ କରି ୱାକର ଏକ ବିସ୍ଫୋରକ, ଉଚ୍ଚ ଶକ୍ତି ସମ୍ପନ୍ନ ସେଟ୍ ପ୍ରଦାନ କରିଥିଲେ ଯାହା ହଜାର ହଜାର ପ୍ରଶଂସକଙ୍କୁ ଅଧିକ ଚିତ୍କାର କରିବାକୁ ବାଧ୍ୟ କରିଥିଲା-ଯାହା ସାରା ଦେଶରେ ଆଉ ଏକ ଐତିହାସିକ ଦୌଡ଼ ହେବାର ପ୍ରତିଶ୍ରୁତି ଦେଇଥିଲା। ଅକ୍ଟୋବର ୨୦୨୪ରେ ତାଙ୍କ ଗସ୍ତର ଅଭୂତପୂର୍ବ ସଫଳତା ପରେ ଏହି ଐତିହାସିକ ରାତି ସାରା ଭାରତରେ ଚାରି ସହର ଗସ୍ତର ତୃତୀୟ ପର୍ଯ୍ୟାୟ ଥିଲା ।





ଭୁବନେଶ୍ୱରରେ ଆଲାନ୍ ୱାକରଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିନଥିବା ବେଳେ ଇଡିଏମ୍ ଆଇକନ୍‌ଙ୍କୁ ଆକ୍ସନରେ ଦେଖିବା ପାଇଁ ସହର ଜୀବନ୍ତ ହୋଇଉଠିଥିଲା। ସ୍ୱେସ୍‌ବାଉଣ୍ଡର ସିଇଓ କରଣ ସିଂହ କହିଛନ୍ତି ଯେ, ଭୁବନେଶ୍ୱରରେ ଆମେ ଯେଉଁ ଅବିଶ୍ୱସନୀୟ ଭିଡ଼ ଦେଖିଛୁ ତାହା ସମଗ୍ର ଭାରତରେ ବିଶ୍ୱସ୍ତରୀୟ ଲାଇଭ୍ ମ୍ୟୁଜିକ୍ ଅନୁଭୂତିର ବଢୁଥିବା ଚାହିଦାର ପ୍ରମାଣ। ଏହି ସ୍ମରଣୀୟ ଆଲାନ୍ ୱାକର ୱାର୍ଲ୍ଡ ଇଣ୍ଡିଆ ଟୁର କେବଳ ଆଲାନ୍ ୱାକରଙ୍କ ଫ୍ୟାନବେସ୍‌ର ମାତ୍ରା ଉପରେ ଆଲୋକପାତ କରେ ନାହିଁ ବରଂ ଅନ୍ତର୍ଜାତୀୟ ପ୍ରତିଭାମାନଙ୍କୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ସ୍ୱେସ୍‌ବାଉଣ୍ଡର ପ୍ରତିବଦ୍ଧତାକୁ ମଧ୍ୟ ଆଲୋକପାତ କରେ । ସୀମା ଅତିକ୍ରମ କରିବା, ଆମର ପହଞ୍ଚକୁ ବିସ୍ତାର କରିବା ଏବଂ ଅବିସ୍ମରଣୀୟ ସଙ୍ଗୀତ ମୁହୂର୍ତ୍ତକୁ ଦେଶବ୍ୟାପୀ ପ୍ରଶଂସକଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମେ ଗର୍ବ ଅନୁଭବ କରୁଛୁ।

# ଆରମ୍ଭ ହେଲା କଳିଙ୍ଗ ସୁପର କପ୍ ଟୁର୍ଣ୍ଣାମେଣ୍ଟ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ରବିବାର ବହୁ ପ୍ରତିକ୍ଷୀତ କଳିଙ୍ଗ ସୁପରକପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ମେ' ମାସ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିନରେ କେରଳ ବ୍ଲାଷ୍ଟରସ୍ ଏଫ.ସି ଏବଂ ଇଷ୍ଟବେଙ୍ଗଲ ଏଫ.ସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଏବଂ କେରଳ ବ୍ଲାଷ୍ଟରସ୍ ଏଫ.ସି ଏହି ଓପନିଙ୍ଗ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ପ୍ରଥମ ଦିନର ମ୍ୟାଚ୍‌ରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ସେମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଏଥିସହ କଳିଙ୍ଗ ଷ୍ଟାଡିୟମରେ ଫୁଟବଲ୍ ପ୍ରଶଂସକମାନଙ୍କର ବେଶ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତ ଦର୍ଶକମାନେ କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିବା ସହିତ ଏହି ମ୍ୟାଚ୍‌କୁ ବେଶ୍ ଉପଭୋଗ କରିଥିଲେ।

# ମଣିପାଲ ହସ୍ପିଟାଲ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଆଲୋଚନା





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ଲିଭର ଦିବସ ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ତରଫରୁ ୟୁନିଟ-୯, ମଧୁସୂଦନ ମାର୍ଗର ମହାବୃଦ୍ଧ ସୋସାଇଟି ଅଫ୍ ଇଣ୍ଡିଆ ଠାରେ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଆଲୋଚନା ସଭା ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଟାଇମ୍ସ ଅଫ୍ ଇଣ୍ଡିଆ ପୂର୍ବତନ ଓଡ଼ିଶା ବ୍ୟୁରୋ ଚିଫ୍ ଡ଼ଃ ରାଜରାମ ସତପଥୀ, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡ଼ିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର, ମାଣିପାଲ ହସ୍ପିଟାଲର ବରିଷ୍ଠ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ବେହେରା, ଡାକ୍ତର ଜ୍ଞାନ ରନ ରାଉତ, ଜିଆଇ ଓ ଏଚପିବି ସର୍ଜନ ଡାକ୍ତର ଜ୍ୟୋତିର୍ମୟ ଜେନା ଉପସ୍ଥିତ ଉପସ୍ଥିତ ଥିଲେ। ଏହି ଅବସରରେ ଡଃ ରାଜାରାମ ସତପଥୀ କହିଛନ୍ତି, ବର୍ତ୍ତମାନ ସମୟରେ ଆମର ଜୀବନଶୈଳୀ କାରଣରୁ ଲିଭର ରୋଗ ସମେତ ଅନ୍ୟ ବିଭିନ୍ନ ପ୍ରକାର ରୋଗ ଦ୍ରୁତ ଗତିରେ ବଢୁଛି । ଏ ସମ୍ପର୍କରେ ସଚେତନତା ହେଉଛି ପ୍ରତିରୋଧର ପ୍ରଥମ ପାହାଚ । ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଦ୍ୱାରା ନିଆଯାଇଥିବା ଏହି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ଏପରି ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ଲୋକଙ୍କର ଅଂଶଗ୍ରହଣ ଓଡ଼ିଶାକୁ ସୁସ୍ଥ ରାଜ୍ୟ ଭାବେ ଗଢିଉଠିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ । ଏହି ସ୍ୱାସ୍ଥ୍ୟ ଶିବିର ସକାଳ ୧୦ଟା ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଠାରେ ବିନା ମୁଲ୍ୟରେ ବରିଷ୍ଠ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ବେହେରା, ଡାକ୍ତର ଜ୍ଞାନ ରଞ୍ଜନ ରାଉତ, ଜିଆଇ ଓ ଏଚପିବି ସର୍ଜନ ଡାକ୍ତର ଜ୍ୟୋତିର୍ମୟ ଜେନାଙ୍କ ପରାମର୍ଶ ନେବା ସହିତ ଲିଭର ପରୀକ୍ଷା ମଧ୍ୟ ଦେଇଥିଲା। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡ଼ିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ଏହି ପ୍ରୟାସ ଆମର କେବଳ ଚିକିତ୍ସା ନୁହେଁ, ବରଂ ଲୋକଙ୍କ ଶିକ୍ଷିତ କରିବା ଓ ସଶକ୍ତ କରିବା ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ । ଏହି ଶିବିର ମାଧ୍ୟମରେ ଆମେ ସମୟୋପଯୁକ୍ତ ସଚେତନତା ଓ ନିଶ୍ଶୁଳ୍କ ବିଶେଷଜ୍ଞ ଚିକିତ୍ସା ଉପଲବ୍ଧ କରାଇବାକୁ ଚେଷ୍ଟା କରିଛୁ । ଏପରି ବିପୁଳ ସଂଖ୍ୟାରେଅଂଶଗ୍ରହଣ ଦେଖି ଆମେ ଗର୍ବିତ, ଯାହା ଦର୍ଶାଏ ଯେ ଆମେ କେବଳ ଏକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ନୁହେଁ, ବରଂ ଓଡ଼ିଶାବାସୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଭାଗୀଦାର ହିସାବରେ ମଧ୍ୟ ନିଜ ଭୂମିକା ନିଭାଉଛୁ ।

## ଦଳିତ ମହିଳାଙ୍କ ୨୮ କୋଟି କ୍ଷତିପୂରଣ ଅର୍ଥ ହଡ଼ପ ମାମଲା

# ରାଜ୍ୟ ସରକାରଙ୍କ ସତ୍ୟପାଠ ଦାଖଲ

କଟକ(ଭାସ୍କର ନ୍ୟୁଜ୍): ଦଳିତ ମହିଳାଙ୍କ କ୍ଷତିପୁରଣ ଅର୍ଥ ହଡପ ଅଭିଯୋଗ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଛି । ହାଇକୋର୍ଟର ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣିରେ କେନ୍ଦୁଝର ଉପଜିଲ୍ଲାପାଳ ଦଳିତଙ୍କ ସମ୍ପତି ସବର୍ଣ୍ଣ ବ୍ୟକ୍ତିଙ୍କୁ ଜମି ହସ୍ତାନ୍ତର ପ୍ରଦାନ ବେଳେ ଓଏମ୍ଆର ଧାରା ୨୨କୁ କିପରି ଉଲ୍ଲଂଘନ କରାଗଲା ଏଥିନେଇ ପ୍ରଶ୍ନ ଉଠାଇଛନ୍ତି। ଅଦାଲତଙ୍କ ଆଦେଶ କ୍ରମେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ବ୍ୟକ୍ତିଗତ ଭାବେ ହାଜର ହେବା ସହିତ ୨୮ ପୃଷ୍ଠା ବିଶିଷ୍ଟ ସତ୍ୟପାଠ ଦାଖଲ କରିଥିଲେ। ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୟାନନ୍ଦ ମହାପାତ୍ର ଓ ଆଇନଜୀବୀ ତରୁଣ କାନ୍ତ ପଟ୍ଟନାୟକ ଅଦାଲତଙ୍କୁ ଦର୍ଶାଇଥିଲେ ଯେ, ଦଳିତଙ୍କ ସମ୍ପତି ସବର୍ଣ୍ଣଙ୍କୁ ହସ୍ତାନ୍ତର ଅନୁମତ ପ୍ରଦାନ ବେଳେ କେନ୍ଦୁଝର ଉପଜିଲ୍ଲାପାଳ ଓଏଲଆର ଧାରା-୨୨କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି। ଜମି ହସ୍ତାନ୍ତର ଅନୁମତି ପ୍ରଦାନ ବେଳେ ପ୍ରତ୍ୟେକ ଅଂଶୀଦାରଙ୍କୁ ନୋଟିସ ହୋଇନାହିଁ। ଉପଜିଲ୍ଲାପାଳଙ୍କ ସତ୍ୟପାଠକୁ ଆଧାର କରି ଆବେଦନକାରୀ ଦର୍ଶାଇଥିଲେ ଯେ, ଓଏଲଆର୍ କେସ୍ ନଂ-୧୫/୨୦୧୦(୧), ୦୬/୨୦୧୧, ୨୭/୨୦୧୨ ଆଦିରେ ଏକାଧିକ ପ୍ଲଟ୍‌କୁ ଉପଜିଲ୍ଲାପାଳ ବେଆଇନ ଭାବେ ମାମଲାର ୩ୟ ନମ୍ବର ପ୍ରତିପକ୍ଷଙ୍କୁ ଦଳିତଙ୍କ ଜମି ହସ୍ତାନ୍ତର ଅନୁମତି ମିଳିଛି। ଏହି ଜମି ଅଧିଗ୍ରହଣ ସମୟରେ ୩ ନମ୍ବର ପ୍ରତିପକ୍ଷ ଉକ୍ତ ଦଳିତ ମହିଳାଙ୍କୁ ନଜଣାଇ ତଞ୍ଚକତା ଭାବେ ସମ୍ପତି ହାତେଇଛନ୍ତି ବୋଲି ଅଭିଯୋଗ ହୋଇଛି । ଜମି ଅଧିଗ୍ରହଣ ପରେ ଏନଏଚ୍ଏଆଇ କର୍ତୃପକ୍ଷ କ୍ଷତିପୂରଣ ରାଶି ବାବଦରେ ୨୮.୦୪୮ କୋଟି ଟଙ୍କା ମୁର କରିଥିଲେ। ତନ୍ମଧ୍ୟରୁ ୬.୯୬ କୋଟି ଟଙ୍କା ଭୂଅର୍ଜନ ଅଧିକାରୀ, କେନ୍ଦୁଝର ସମ୍ପୃକ୍ତ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବା ପରେ ଏଭଳି ସଙ୍ଗୀନ ଅଭିଯୋଗ ହୋଇଛି। ପ୍ରଥମେ ନିମ୍ନ ଅଦାଲତ ଓ ପରେ ଏହି ମାମଲା ହାଇକୋର୍ଟକୁ ଆସିଥିଲା। ହାଇକୋର୍ଟ ଗତ ଡିସେମ୍ବର ୨୧ ତାରିଖରେ ଏହି ମାମଲାର ଶୁଣାଣି କରି ବଳକା ୨୧ କୋଟିରୁ ଉର୍ଦ୍ଧ୍ୱ ପ୍ରାପ୍ୟ ପ୍ରଦାନ ଉପରେ ଅଙ୍କୁଶ ଲଗାଇଥିଲେ। ଅଦାଲତ ଏହି ଅଙ୍କୁଶ ଆଦେଶକୁ ବଳବତର ରଖିଥିବା ବେଳେ ପରବର୍ତ୍ତୀ ଶୁଣାଣି ଲାଗି ଆସନ୍ତା ୨୧କୁ ଦିନ ଧାର୍ଯ୍ୟ ହୋଇଛି। ଏନ୍ଏଚ୍ଏଆଇ ପକ୍ଷରୁ ଆଇନଜୀବୀ ଉମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଓପିଟିସିଏଲ କର୍ମଚାରୀ ସଂଘର ୭ମ ସମାବର୍ତ୍ତନ ଉତ୍ସବ





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓପିଟିସିଏଲ ଶ୍ରମିକ କର୍ମଚାରୀ ସଂଘର ୭ମ ସମାବର୍ତ୍ତନ ଉତ୍ସବ ମାଷ୍ଟରକ୍ୟାଣ୍ଟିନ୍ ନିକଟସ୍ଥ ପ୍ରେସ୍ କ୍ଲବ ଠାରେ ସଂଘର ସଭାପତି ନାରାୟଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶ୍ରମିକ ନେତା, ଜାତୀୟ ଉପସଭାପତି ତଥା ରାଜ୍ୟସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ, ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଭ୍ୟ ଜଗନ୍ନାଥ ପ୍ରଧାନ, ସଂଘର ଉପଦେଷ୍ଟା ପବିତ୍ର ମୋହନ ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦ ବିରେନ୍ଦ୍ର ପ୍ରତାପ ରାୟ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ କରି ଆନୁଷ୍ଠାନିକ ଭାବରେ ଏହି ସମାବେଶକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଡଃ ରାମଚନ୍ଦ୍ର ଖୁଣ୍ଟିଆ ତାଙ୍କ ବକ୍ତବ୍ୟରେ କହିଲେ ଯେ ସମସ୍ତ ବର୍ଗର ଶ୍ରମିକମାନେ ଏକ ହୋଇ ରହିବା ସହିତ, ସଂଘର ଆର୍ଥିକ ପରିସ୍ଥିତି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜଗନ୍ନାଥ ପ୍ରଧାନ ତାଙ୍କ ବକ୍ତବ୍ୟରେ ସଂଗଠନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ କର୍ମଚାରୀମାନଙ୍କ ସମସ୍ୟାକୁ ଖୁବ୍‌ଶୀଘ୍ର ମନ୍ତ୍ରୀଙ୍କ ସହ ବସି ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ବିଜେପିର ସଭାପତି ମନମୋହନ ସାମଲ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୁର ସୂର୍ଯ୍ୟବଂଶୀ କହିଲେ ଯେ ସଂଘକୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ବାର୍ତ୍ତା ପ୍ରେରଣ କରିଥିଲେ। ପରିଶେଷରେ ଦିପକ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିବା ସହିତ ପ୍ରୀତିଶ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଓମ୍ ପ୍ରକାଶ ବେହେରାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜେଇଇ ମେନ୍ ୨୦୨୫ (ସେସନ୍-୨) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ କୃତକାର୍ଯ୍ୟ ହୋଇଥିବା ଓମ ପ୍ରକାଶ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଜେଇଇ ମେନ୍ ୨୦୨୫ (ସେସନ୍-୨) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୦୦ ପରସେଣ୍ଟାଇଲ (ପରଫେକ୍ଟ ସ୍କୋର) ସହ କୃତକାର୍ଯ୍ୟ ହୋଇଥିବା ଓମ ପ୍ରକାଶ ବେହେରାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।

## ଅଗ୍ନିବୀର ବାୟୁ (ମ୍ୟୁଜିସିଆନ୍) ନିମନ୍ତେ ଭାରତୀୟ ବାୟୁ ସେନା ନିଯୁକ୍ତି ରାଲି

କଟକ(ଭାସ୍କର ନ୍ୟୁଜ): ଭାରତୀୟ ବାୟୁ ସେନାରେ ମ୍ୟୁଜିସିଆନ୍ ଟ୍ରେଡ୍ (ସଂଗୀତ ବିଭାଗରେ) ନିଯୁକ୍ତି ନିମନ୍ତେ ଅନଲାଇନ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଉଛି । ଏପ୍ରିଲ ୨୧ରୁ ଏହି ପିକରଣ ପ୍ରକ୍ରିୟା ଆରମ୍ଭ ହୋଇ ୨୦୨୫ ମେ ୧୧ ତାରିଖ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ । ୧ ଜାନୁଆରୀ ୨୦୦୫ରୁ ୧ ଜୁଲାଇ ୨୦୦୮ ମଧ୍ୟରେ ଜନ୍ମିତ ଯୋଗ୍ୟ ଅବିବାହିତ ପୁରୁଷ ଏବଂ ମହିଳା ପ୍ରାର୍ଥୀ ବିଭାଗ ପାଇଁ ଆବେଦନ କରିପାରିବେ । ଆବେଦନ ପରେ ପ୍ରୋଭିଜିନାଲ ଆଡମିଟ କାର୍ଡ ଜାରି କରାଯାଇଥିବା ପିକୃତ ପ୍ରାର୍ଥୀଙ୍କୁ ଏହି ନିଯୁକ୍ତି ରାଲିରେ ଯୋଗ ଦେବା ପାଇଁ ଅନୁମତି ପ୍ରଦାନ କରାଯିବ ।





ଜୟଦେବ ଭବନରେ ଓଡ଼ିଶା ଲେଖିକା ସଂସଦର ୩୨ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ

## ନୂତନ ରାସନ କାର୍ଡ଼ ପ୍ରସ୍ତୁତି ନିମନ୍ତେ ଇ-କେ.ୱାଇ.ସି ଯାଞ୍ଚ ଆବଶ୍ୟକ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରାଯାଉଛି । ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ଼ ପ୍ରସ୍ତୁତ ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେ.ୱାଇ.ସି ଯାଞ୍ଚ ନିହାତି ଜରୁରୀ ଅଟେ । ଏଣୁ ଜିଲ୍ଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେ.ୱାଇ.ସି ଯାଞ୍ଚ କରାଇନେବାକୁ ଅନୁରୋଧ କରାଯାଉଛି ।

## ସିପିଆଇର ବରିଷ୍ଠ ନେତା ଦିବାକର ନାୟକଙ୍କ ପରଲୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ବରିଷ୍ଠ ନେତା ଦିବାକର ନାୟକ ଆଜି ଭୁବନେଶ୍ୱରରେ ୭୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଦିବାକର ନାୟକ ଓଡ଼ିଶାର ରାଜନୈତିକ ମଞ୍ଚରେ ଜଣେ ପ୍ରମୁଖ ବାମପନ୍ଥୀ ନେତା ଥିଲେ। ସେ ଦୀର୍ଘ ସମୟଧରି ସିପିଆଇର ରାଜ୍ୟ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ ଏବଂ ଦଳର ଜାତୀୟ କାର୍ଯ୍ୟନିର୍ବାହୀ ସଭ୍ୟ ଥିଲେ। ବାମପନ୍ଥୀ ବିଚାରଧାରା ପ୍ରତି ତାଙ୍କର ଗଭୀର ନିଷ୍ଠା ଥିଲା। ସେ ତାଙ୍କର ରାଜନୈତିକ ଯାତ୍ରାର ଆରମ୍ଭ ଛାତ୍ର ଆନ୍ଦୋଳନ ମାଧ୍ୟମରେ କରିଥିଲେ ଏବଂ ଭଦ୍ରକ କଲେଜର ଛାତ୍ର ସଂଘର ଅଧ୍ୟକ୍ଷ ଭାବରେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଦେହାବସାନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଭୀର ଶୋକ ପ୍ରକାଶ କରିଛି। ଶେଷ ଦର୍ଶନ ପାଇଁ ତାଙ୍କର ପାର୍ଥିବ ଦେହକୁ ଆଜି ସକାଳ ୧୧ଟା ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଦଳର ମୁଖ୍ୟାଳୟରେ ରଖାଯାଇଥିଲା, ଯେଉଁଠାରେ ଦଳର କାର୍ଯ୍ୟକର୍ତ୍ତାମାନେ ଓ ସାଧାରଣ ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏପରେ ତାଙ୍କ ପାର୍ଥିବ ଶରୀରକୁ ତାଙ୍କର ପୈତୃକ ଗ୍ରାମକୁ ନିଆଯାଇଛି ଯେଉଁଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ।


# ବିଦ୍ୟାରମ୍ଭ ଯଜ୍ଞ ଓ ଉତ୍କଳ ଦିବସ ପାଳିତ





ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ମାରୱାଡ଼ି ଯୁବ ମଞ୍ଚ ଭୁବନେଶ୍ୱର ଶାଖାର ବାର୍ଷିକ ସାଧାରଣ ବୈଠକ । ଶପଥ ନେଲେ ଗୀତାଞ୍ଜଳି କେଜରିୱାଲ ଏବଂ ଟିମ୍ ମାରୱାଡ଼ି ଯୁବ ମଞ୍ଚ ଭୁବନେଶ୍ୱର ଶାଖାର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୨୦୨୫-୨୬ ବର୍ଷ ଲାଗି ଯୁବ ସମାଜସେବୀ ଗୀତାଞ୍ଜଳି କେଜରିୱାଲ ମଞ୍ଚର ୨୬ ତମ ସଭାନେତ୍ରୀ ବା ଅଧ୍ୟକ୍ଷାରୂପେ ଆନୁଷ୍ଠାନିକଭାବେ ଶପଥ ଗ୍ରହଣ କରିଛନ୍ତି । ସେହିଭଳି ଜଗମୋହନ ପେରିୱାଲ ନୂଆ ସମ୍ପାଦକରୂପେ ଶପଥ ନେଇଛନ୍ତି । ବୈଠକରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବ ମଞ୍ଚର ଅଧ୍ୟକ୍ଷ ଅଜୟ ଶର୍ମା ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିଜେପି ରାଜ୍ୟ ମହିଳାମୋର୍ଚ୍ଚା ସଦସ୍ୟା ତଥା ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀଙ୍କ ସମେତ ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବ ମଞ୍ଚର ଉପାଧ୍ୟକ୍ଷ ଅରୁଣ ଅଗ୍ରୱାଲ ଯୋଗଦେଇଥିଲେ । ଏହି ସଭାରେ ୩୦୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ । ଆଉ ଗୀତାଞ୍ଜଳି ଏବଂ ପରାଗଙ୍କର ଶପଥପାଠ କରାଇଥିଲେ ପୂର୍ବତନ ଅଖିଳ ଭାରତୀୟ ମାରୁଆଡ଼ି ଯୁବ ମଞ୍ଚର ଉପ ସଭାପତି ଅକ୍ଷୟ ଖଣ୍ଡେଲୱାଲ୍ । ତେବେ ଜଣେ ମହିଳାଭାବେ ମାରୱାଡ଼ି ଯୁବ ମଞ୍ଚ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ହେବାରେ ଗୀତାଞ୍ଜଳି କେଜରିୱାଲ ହେଉଛନ୍ତି ତୃତୀୟ । ଅନ୍ୟପଟେ ଅଧ୍ୟକ୍ଷାଭାବେ ଶପଥ ନେଉ ନେଉ ଗୀତାଞ୍ଜଳି ତାଙ୍କର ଆଗାମୀ କାର୍ଯ୍ୟପନ୍ଥା କଣ ରହିବ ତାହା ବଖାଣିଛନ୍ତି । ରାଜଧାନୀ ଭୁବନେଶ୍ୱରରେ ଗୋ-ସେବାକୁ ମାରୱାଡ଼ି ଯୁବ ମଞ୍ଚ ପ୍ରାଥମିକତା ଦେଇଆସୁଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି ଗୀତାଞ୍ଜଳି । ରାଜଧାନୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଆଗକୁ କ୍ୟାନ୍ସର ନିରୂପଣ କ୍ୟାମ୍ପର ଆୟୋଜନ କରିବ ମାରୱାଡ଼ି ଯୁବ ମଞ୍ଚ । ଯାହାଦ୍ୱାରା ସାଧାରଣ ଲୋକଟିଏ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ଆଗୁଆ ଚିହ୍ନଟ କରି ତାର ସଫଳ ଚିକିତ୍ସା କରିପାରିବ ବୋଲି କହିଛନ୍ତି ନୂଆକରି ଶପଥ ନେଇଥିବା ମାରୱାଡ଼ି ଯୁବ ମଞ୍ଚ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷା ଗିତାଞ୍ଜଳି କେଜରିୱାଲ । ଅକ୍ଟୋବର ୧୦, ୧୯୭୭ ମସିହାରେ ଗୌହାଟିରେ ପ୍ରଥମ କରି ଗଠିତ ହୋଇଥିଲା ମାରୱାଡ଼ି ଯୁବ ମଞ୍ଚ । ଯାହାର ମୁଖ୍ୟ ଲକ୍ଷ୍ୟ ରହିଥିଲା ଦେଶ ସେବା ଏବଂ ଉନ୍ନତିରେ ଯୁବବର୍ଗଙ୍କୁ ସଂଶ୍ଲିଷ୍ଟ କରିବା । ଆଉ ବର୍ତ୍ତମାନ ସୁଦ୍ଧା ଉଭୟ ଦେଶ ଏବଂ ଦେଶ ବାହାରେ ଏହି ସଂଗଠନର ୭୫୦ଟି ଶାଖା ଖୋଲି ସାରିଲାଣି । ଯେଉଁଥିରେ ୫୫ ହଜାରରୁ ଅଧିକ ସକ୍ରିୟ ସଦସ୍ୟ ରହିଛନ୍ତି । ଆଉ ରାଜଧାନୀ ଭୁବନେଶ୍ୱରରେ ୧୯୯୬ ମସିହାରୁ ମାରୱାଡ଼ି ଯୁବ ମଞ୍ଚ ପ୍ରତିଷ୍ଠା ହୋଇ ଜନସାଧାରଣଙ୍କ ସେବା ଲାଗି ନିଜକୁ ଉତ୍ସର୍ଗ କରିଦେଇଛି । ଆଜିର ସାଧାରଣ ବୈଠକକୁ ହରିଶ ଅଗ୍ରୱାଲ, ରାଜେଶ କେଜ୍ରିୱାଲ, ମିନେଶ ଖଣ୍ଡେଲୱାଲ, ସଞ୍ଜୟ ଅଗ୍ରୱାଲ, ବିନିତ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ ।

DADLS-16



ଓଡ଼ିଶା ସରକାର

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ
**ଡଃ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୨୧ ଅପ୍ରେଲ, ୨୦୨୫

ସକାଳ ଘ.୮.୩୦ ମିନିଟ ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଡ. ରବୀନ୍ଦ୍ର ନାରାୟଣ ବେହେରା, ସାଂସଦ, ଯାଜପୁର
ସମ୍ମାନନୀୟ ଅତିଥି– ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର, ଉପଦେଷ୍ଟା, ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍
ଏବଂ
ଅବିଭକ୍ତ କୋରାପୁଟ ଜିଲ୍ଲାର ବିଧାୟକଗଣ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଧନ୍ୟବାଦ ଅର୍ପଣ – ଇଂ ଗୋଦାବରୀଶ ମହାପାତ୍ର, ଉପ ସଭାପତି, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR 15001/13/0552/2526



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ଦେଶ ପାଇଁ ମୌସୁମୀର ବରଦାନ

# ଆଇ.ଏମ୍.ଡି ର ଆଶାଜନକ ଆକଳନ

ଭାରତ ଭଳି କୃଷି ପ୍ରଧାନ ଦେଶରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ନଥିବାରୁ ଖରିଫ୍ ଚାଷ ପାଇଁ ବର୍ଷାଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡ଼ିଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ଯୋଗୁ ଆମ ଦେଶରେ ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ଚାରିମାସ କାଳ ବର୍ଷା ଲାଗି ରହେ, ଯାହାକୁ ସାଧାରଣତଃ ବର୍ଷାଋତୁ ରୂପେ ବିବେଚନା କରାଯାଇଥାଏ। ଯେଉଁବର୍ଷ ମୌସୁମୀ ଋତୁରେ ଆଶାନୁରୂପ ବର୍ଷା ରେକର୍ଡ କରାଯାଏ, ସେଥର ପର୍ଯ୍ୟାପ୍ତ ପରିମାଣର ଖରିଫ୍ ଫସଲ ଅମଳ ହୋଇ ଦେଶର ଅର୍ଥନୀତି ସମୃଦ୍ଧ ହେଉଥିବାସ୍ଥଳେ ବର୍ଷା ପରିମାଣ କମିଲେ ମରୁଡ଼ି ପରିସ୍ଥିତି ଦେଖାଦିଏ ଏବଂ ଉତ୍ପାଦନ ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡ଼େ। ସେହିଦୃଷ୍ଟିରୁ ଦେଶର କୃଷକ ସମାଜ ମୌସୁମୀର ଆଗୁଆ ସୂଚନାକୁ ଚାତକ ଭଳି ଚାହିଁ ରହିଥାନ୍ତି ଏବଂ ଭାରତୀୟ ପାଣିପାଗ ନିର୍ଦ୍ଦେଶାଳୟ ମୌସୁମୀ ବର୍ଷା ନେଇ କ'ଣ ପୂର୍ବାନୁମାନ କରୁଛି, ତାହା ଜାଣିବା ପାଇଁ ବ୍ୟାକୁଳତା ସହ ଅପେକ୍ଷା କରନ୍ତି। ଚଳିତବର୍ଷ ଭାରତର କୃଷକ ଭାଇମାନଙ୍କ ପାଇଁ ଆସିଛି ଏକ ଅତ୍ୟନ୍ତ ଆଶାଜନକ ଖବର, ଯାହା ସେମାନଙ୍କ ମୁହଁରେ ହସ ଫୁଟାଇବାର ଯଥେଷ୍ଟ କାରଣ ରହିଛି। ଏପ୍ରିଲ ମାସ ମଧ୍ୟଭାଗ ସୁଦ୍ଧା ଭାରତୀୟ ପାଣିପାଗ ବିଭାଗ (ଆଇ.ଏମ୍.ଡି) ଆମ ଦେଶରେ ଏ ବର୍ଷ ମୌସୁମୀର ସମ୍ଭାବ୍ୟ ସ୍ଥିତି ନେଇ ନେଇ ଯେଉଁ ପ୍ରଥମ ଆକଳନ କରିଛି, ତାହା ଉତ୍ସାହଜନକ ମନେହେଉଛି। ସେଥିରୁ ପ୍ରତୀୟମାନ ହେଉଛି ଯେ, ଚଳିତ ବର୍ଷ ଇନ୍ଦ୍ରଦେବତାଙ୍କ ସୁଦୃଷ୍ଟି ଦେଶ ଉପରେ ରହିବ ଏବଂ ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିବାର ସମ୍ଭାବନା ରହିଛି। ଆଇ.ଏମ୍.ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ବୟାନ ଅନୁଯାୟୀ ଜୁନ୍‌ରୁ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ସାରା ଦେଶରେ ୧୦୫ ପ୍ରତିଶତ ଅର୍ଥାତ୍ ୮୭ ସେଣ୍ଟିମିଟର୍ ବର୍ଷା ହେବାର ସମ୍ଭାବନା ରହିଛି। ଅବଶ୍ୟ ଏହି ଆକଳନରେ ୫ ପ୍ରତିଶତ କମ୍-ବେଶି ହେବାର ଥିଲେ ହେଁ ବର୍ଷା ପରିମାଣ ଯେ ପର୍ଯ୍ୟାପ୍ତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ। ଭାରତରେ ଜୁନ୍ ପହିଲା ବେଳକୁ ପ୍ରଥମେ କେରଳ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥାଏ। ପରବର୍ତ୍ତୀ ସମୟରେ ଏହା ଅନ୍ୟ ରାଜ୍ୟକୁ ପରିବ୍ୟାପ୍ତ ହେବା ସଙ୍ଗେ ସଙ୍ଗେ ସେପ୍ଟେମ୍ବର ଶେଷ ସୁଦ୍ଧା ମୌସୁମୀର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୁଏ। ଏହି ଚାରିମାସରେ ଦେଶରେ ହାରାହାରି ୮୬୮.୬ ମିଲିମିଟର ବା ୮୬.୮୬ ସେଣ୍ଟିମିଟର ବର୍ଷା ହୋଇଯାଏ। ଏହାକୁ ସାଧାରଣତଃ ସ୍ୱାଭାବିକ ପରିମାଣ ଭାବେ ବିବେଚନା କରାଯାଏ। ଏବର୍ଷ ବର୍ଷା ଋତୁରେ ଏହି ନିର୍ଦ୍ଧାରିତ ପରିମାଣ ଠାରୁ ଅଧିକ ବର୍ଷିବା ସହିତ ଅଧିକାଂଶ ଭାଗରେ ଖୁବ୍ ଭଲ ବର୍ଷାର ସମ୍ଭାବନା ରହିଛି ବୋଲି ଆଇ.ଏମ୍.ଡି ପୂର୍ବାନୁମାନ କରିଛି। ଦେଶର ଅନ୍ୟ ଅଞ୍ଚଳ ଭଳି ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ମୌସୁମୀ ବର୍ଷା ଖୁବ୍ ଉତ୍ସାହଜନକ ହେବା ସମ୍ଭାବନା ଚାଷୀମାନଙ୍କ ମନରେ ଆଶା ସଞ୍ଚାର କରିଛି। ଏହି ଆକଳନ ଅନୁଯାୟୀ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିବାର ସମ୍ଭାବନା ଥିବା ସ୍ଥଳେ ଉତ୍ତର ଓ ଉପକୂଳ ଓଡ଼ିଶାରେ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ। ଯେଉଁ କେତୋଟି ଜିଲ୍ଲାରେ ସ୍ୱାଭାବିକ ପରିମାଣ ଠାରୁ କିଛିଟା କମ୍ ବର୍ଷା ହୋଇପାରେ ତା' ମଧ୍ୟରେ ଭଦ୍ରକ, ଅନୁଗୁଳ ଓ ସମ୍ବଲପୁର ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକ ପରିମାଣ ଠାରୁ ଯଥେଷ୍ଟ ଅଧିକ ବର୍ଷିବାର ଆକଳନ କରାଯାଇଛି। କୃଷକମାନଙ୍କ ପାଇଁ ଅନ୍ୟ ଏକ ଭଲ ଖବର ହେଉଛି ଯେ ଏ ବର୍ଷ ଓଡ଼ିଶାରେ ମୌସୁମୀ ବାୟୁ ଠିକ୍ ସମୟରେ ପ୍ରବେଶ କରିବାକୁ ଯାଉଛି। ସବୁ ଦିଗରୁ ବିଚାର କଲେ ଆଇ.ଏମ୍.ଡି ର ପୂର୍ବ ଆକଳନ ଆମ ଦେଶ ତଥା ରାଜ୍ୟ ପାଇଁ ବରଦାନ ସଦୃଶ ମନେହେଉଛି।

# ଅଙ୍ଗାରକାମ୍ଳ ନିର୍ଗମନ କମିବ କେମିତି ?



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଭାରତର ଇସ୍ପାତ ସିମେଣ୍ଟ ଓ ଅଲୁମିନିୟମ ଶିଳ୍ପଗୁଡ଼ିକ କୋଇଲା ପୋଡ଼ି ଉତ୍ପାଦିତ ହେଉଥିବା ବିଦ୍ୟୁତ ଯୋଗେ ପରିଚାଳିତ ହେଉଛି। ଏବେ କୋଇଲା ପୋଡ଼ିବା ଯୋଗୁଁ ବ୍ୟାପକ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହେଉଥିବାରୁ ଏହାକୁ କମାଇବା ପାଇଁ ପ୍ରବଳ ଉଦ୍ୟମ ଚାଲିଛି ଓ କୋଇଲା ପୋଡ଼ା ବିଦ୍ୟୁତ ପରିବର୍ତ୍ତେ ସୌର ଶକ୍ତି ଯୋଗୁଁ ଗୋଟିଏ ୨୦ ଦିଗାୱାଟର ବଜାର ସୃଷ୍ଟି ହେବାକୁ ଯାଉଛି। ଏହାଫଳରେ କୋଇଲା ପୋଡ଼ା ଯୋଗୁଁ ଯେଉଁ ବିଦ୍ୟୁତ ଉତ୍ପାଦନ ହେଉଥିଲା ତା' ଅପେକ୍ଷା ସୌରଶକ୍ତିରୁ ଉତ୍ପାଦିତ ବିଦ୍ୟୁତର ମୂଲ୍ୟ କମ୍ ହେବାକୁ ଯାଉଛି। ଏହାଫଳରେ ଅଙ୍ଗାରକାମ୍ଳର ନିର୍ଗମନ ଅନେକ କମିବ। ଏହି ତଥ୍ୟକୁ ନେଇ ବିଭିନ୍ନ ପ୍ରକାର ରିପୋର୍ଟମାନ ମଧ୍ୟ ପ୍ରକାଶିତ ହୋଇଛି। ସେ ରିପୋର୍ଟର ନାମ ହେଉଛି 'ଗୁରୁଶିଳ୍ପ: ୨୦ଡଲାର ଗିଗାୱାଟ ଆଜିର, ୨୪X୭' ଆସନ୍ତାକାଲି। ରିପୋର୍ଟରେ ଅଛି ଯେ, ଏହି କ୍ଷେତ୍ରଗୁଡ଼ିକ ଲାଭଜନକ ଭାବରେ ଅକ୍ଷୟଶକ୍ତିକୁ ପରସ୍ପର ସହ ଆଜି ଯୋଡ଼ିପାରିବେ। ଭବିଷ୍ୟତରେ ବିଭିନ୍ନ ଶିଳ୍ପଗୁଡ଼ିକ ହୁଏତ କେବଳ ଅକ୍ଷୟଶକ୍ତି ଦ୍ୱାରା ପରିଚାଳିତ ହେବ। ଭବିଷ୍ୟତରେ ସୌରଶକ୍ତି ଦ୍ୱାରା ଯେଉଁ ବିଦ୍ୟୁତ ଉତ୍ପାଦନ ହେବ ତା'ର ମୂଲ୍ୟ ଗିଗାୱାଟ ପିଛା ୨୦ ଡଲାର ହେବ। ବିଭିନ୍ନ ଇସ୍ପାତ ଉତ୍ପାଦନ କରୁଥିବା କମ୍ପାନୀମାନେ ୯.୪ ଗିଗାୱାଟ ବିଦ୍ୟୁତ ଖର୍ଚ୍ଚ ଆବଶ୍ୟକ କରୁଥିଲା ବେଳେ ସିମେଣ୍ଟ କମ୍ପାନୀମାନେ ୬.୯ ଗିଗାୱାଟ ଓ ଆଲୁମିନିୟମ୍ କମ୍ପାନୀମାନେ ୪.୧ ଗିଗାୱାଟ ବିଦ୍ୟୁତ୍ ଆବଶ୍ୟକତା କରିଥାନ୍ତି। ଏହାଫଳରେ ଯେଉଁ ଅଙ୍ଗାରକାମ୍ଳ ନିର୍ଗମନ ହେଉଛି ତାହା ବର୍ଷକୁ ୨୯ ନିୟୁତ ଟନ୍ କମିଯିବ। ଏହାହେଉଛି ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ନିର୍ଗମନକୁ କମାଇବା ପାଇଁ ଗୋଟିଏ ବଡ଼ ଉପାୟ। ୨୦୩୦ ବେଳକୁ ୨୦୦୫ରେ ଯେତେ ପରିମାଣରେ ଅଙ୍ଗାରକାମ୍ଳ ନିର୍ଗମନ ହେଉଥିଲା ତାହାର ୪୫ପ୍ରତିଶତ କମିଯିବାକୁ ଯାଉଛି। ଭାରତରେ ଇସ୍ପାତ ନିର୍ମାତାମାନେ ସୌର ଶକ୍ତି ବିଦ୍ୟୁତ ବ୍ୟବହାର କରିବା ଯୋଗୁଁ ବହୁ ଅର୍ଥ ସେମାନେ ଖର୍ଚ୍ଚ ନକରି ତାହାକୁ ରଖିପାରିବେ। କର୍ଣ୍ଣାଟକ ରାଜ୍ୟ ଏହାଫଳରେ ୨୦କୋଟି ଟଙ୍କା ସଞ୍ଚୟ କରିବାକୁ ଯାଉଥିଲା ବେଳେ ଛତିଶଗଡ଼ ୧୮କୋଟି ଓ ପଶ୍ଚିମବଙ୍ଗ ୧୪.୫କୋଟି ଏହାଦ୍ୱାରା ସଞ୍ଚୟ କରିବେ। ଓଡ଼ିଶା ଏହାଦ୍ୱାରା ପ୍ରାୟ ୧୦କୋଟିରୁ କିଛି କମ୍ ସଞ୍ଚୟ କରିବାକୁ ଯାଉଥିଲା ବେଳେ ଗୁଜରାଟ ୮ କୋଟି ଟଙ୍କା ସଞ୍ଚୟ କରିବାକୁ ଯାଉଛି। ଭାରତରେ ଯେତେ ଗୁରୁଶିଳ୍ପମାନ ଅଛି ସେମାନଙ୍କ ମଧ୍ୟରୁ ଛତିଶଗଡ଼ ଓ ଓଡ଼ିଶାରେ ୪୦% ରହିଛି ଏବଂ ଅକ୍ଷୟଶକ୍ତି ବ୍ୟବହାର କ୍ଷେତ୍ରରେ ଏହି ରାଜ୍ୟମାନଙ୍କର ଅର୍ଥକୁ କମ୍ ଖର୍ଚ୍ଚ କରିବା ତଥା ବାୟୁମଣ୍ଡଳ ପ୍ରଦୂଷଣକୁ ରୋକିବା କ୍ଷେତ୍ରରେ ପ୍ରମୁଖ ଭୂମିକା ରହିବ। ସେହିଭଳି ଭାବରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟ ଇସ୍ପାତ ଉତ୍ପାଦନ କରୁଥିବା ବେଳେ ତା'ର ବିଦ୍ୟୁତ ଖର୍ଚ୍ଚକୁ କମାଇବ। ରାଜସ୍ଥାନ, ଗୁଜରାଟ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟମାନେ ଅଧିକ ପରିମାଣରେ ସିମେଣ୍ଟ ଉତ୍ପାଦନ କରୁଥିବା ବେଳେ ଛତିଶଗଡ଼ ଓ ଉତ୍ତରପ୍ରଦେଶ ଆଲୁମିନିୟମ୍ ଉତ୍ପାଦନ କରିଥାନ୍ତି। କର୍ଣ୍ଣାଟକ ଇସ୍ପାତ ଛଡ଼ା ସିମେଣ୍ଟ ଉତ୍ପାଦନ କରିଥାଏ। ରାଜସ୍ଥାନ ମୁଖ୍ୟତଃ ସିମେଣ୍ଟ ଉତ୍ପାଦନ କରିଥାଏ।

ଖର୍ଚ୍ଚ କେତେ କମ୍ ହେବ : କେବଳ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ୩୦କୋଟି ଟନ୍‌ର ଅଙ୍ଗାରକାମ୍ଳ ନିର୍ଗମନ ବର୍ଷକୁ ହୋଇଥାଏ। ଏହି କ୍ଷେତ୍ରରେ ସୌରଶକ୍ତିର ପ୍ରୟୋଗର ଯଥେଷ୍ଟ ସମ୍ଭାବନା ଅଛି। ଭାରତ ୨୦୨୩-୨୪ରେ ଚୀନ ତଳକୁ ସବୁଠୁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ବାୟୁମଣ୍ଡଳକୁ କରିଥାଏ। ଭାରତ ୧୪.୪ କୋଟି ଇସ୍ପାତ ୨୦୨୩-୨୪ରେ ଉତ୍ପାଦନ କରିଥିଲା। ଏହାଫଳରେ ୨.୫୪ଟନ୍ ଅଙ୍ଗାରକାମ୍ଳ ପ୍ରତି ଟନ୍ ଇସ୍ପାତ ଉତ୍ପାଦନ ପାଇଁ ନିର୍ଗମନ କରେ। କିନ୍ତୁ ସାରା ପୃଥିବୀରେ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଏହି ନିର୍ଗମନ ଟନ୍ ପିଛା ଇସ୍ପାତ ଉତ୍ପାଦନ ପାଇଁ ୧.୯୧ଟନ୍ ଅଙ୍ଗାରକାମ୍ଳ ନିର୍ଗମନ କରିଥାଏ। ଏହି ରିପୋର୍ଟରେ ବିଦ୍ୟୁତ୍ ଫର୍ନେସମାନଙ୍କର କଥା କୁହାଯାଇଛି। ଯେଉଁମାନେ କି ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବ୍ୟବହୃତ ହୋଇଥାନ୍ତି। ଓଡ଼ିଶା ପରି ବହୁ ଅଧିକ ଇସ୍ପାତ ଉତ୍ପାଦନକାରୀ ରାଜ୍ୟ ଏଥିପାଇଁ ୨.୯ଗିଗାୱାଟ ବିଦ୍ୟୁତର ଆବଶ୍ୟକତା କରୁଥିଲା ବେଳେ ଛତିଶଗଡ଼ ୨.୪ଗିଗାୱାଟ ବିଦ୍ୟୁତ୍ ଖର୍ଚ୍ଚ କରିଥାଏ। ଯଦି ସର୍ବମୋଟ ୯.୪ଗିଗାୱାଟ ଏସବୁ ରାଜ୍ୟମାନଙ୍କରେ ଇସ୍ପାତ ଉତ୍ପାଦନ ପାଇଁ ଖର୍ଚ୍ଚହୁଏ ତା' ହେଲେ ବର୍ଷକୁ ଅଙ୍ଗାରକାମ୍ଳ ନିର୍ଗମନ ୧.୫କୋଟି ଟନ୍ କମିଯିବ।

ଭାରତରେ ସିମେଣ୍ଟର ଉତ୍ପାଦନ ୪୩.୩କୋଟି ଟନ୍ ଅଟେ। ଏଥିପାଇଁ ୨୮.୫କୋଟି ଟନ୍‌ର ଅଙ୍ଗାରକାମ୍ଳ ନିର୍ଗମନ ହୋଇଥାଏ। ତେଣୁ ଏ କ୍ଷେତ୍ରରେ ସୌରଶକ୍ତିର ବ୍ୟବହାରର ଯଥେଷ୍ଟ ସମ୍ଭାବନା ଅଛି। କିନ୍ତୁ ଏ କ୍ଷେତ୍ରରେ କିଛି ଅସୁବିଧା ମଧ୍ୟ ଅଛି।

ଭାରତରେ ବର୍ଷକୁ ୪୩.୩ କୋଟି ଟନ୍‌ର ସିମେଣ୍ଟ ଉତ୍ପାଦନ ହୁଏ। ଏହି ସିମେଣ୍ଟ ଉତ୍ପାଦନ ଫଳରେ ୨୮.୫କୋଟି ଟନ୍‌ର ଅଙ୍ଗାରକାମ୍ଳ ନିର୍ଗମନ ହୋଇଥାଏ। ଏ କ୍ଷେତ୍ରରେ ସୌରଶକ୍ତିର ବ୍ୟବହାର ଯଥେଷ୍ଟ ସମ୍ଭାବନା ଅଛି। ଯେଉଁ ବିଦ୍ୟୁତ୍‌ର ଏହି ସିମେଣ୍ଟର ଉତ୍ପାଦନ ପାଇଁ ଆବଶ୍ୟକତା ଅଛି ତନ୍ମଧ୍ୟରୁ ୪୦ ପ୍ରତିଶତ ଗଚ୍ଛିତ କୋଇଲା। ୧୦ ପ୍ରତିଶତ ହେଉଛି କାରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ପୋଡ଼ାରୁ ଉତ୍ପାଦିତ ଶକ୍ତି ଏବଂ ୫୦ ପ୍ରତିଶତ ହେଉଛି ବିଭିନ୍ନ ବିଦ୍ୟୁତ୍ ଗ୍ରୀଡ଼୍‌ମାନଙ୍କରୁ ଆସୁଥିବା ଏ ଧରଣର ବିଦ୍ୟୁତ୍ ଶକ୍ତି। ଏହାଛଡ଼ା ସୌରଶକ୍ତି ହେଉଛି ତୃତୀୟ ଶକ୍ତି। କିନ୍ତୁ ସୌରଶକ୍ତି ଦ୍ୱାରା ବ୍ୟବସାୟକୁ ପୂରାପୂରି ଚଳାଇବା କଷ୍ଟକର ଅଟେ। ଏ ସମ୍ପର୍କରେ ବିଦ୍ୟୁତ୍ ଉତ୍ପାଦନକାରୀ ଶିଳ୍ପମାନେ ଦେଖିବା ଉଚିତ ଯେ, ସେମାନେ କେତେ ଅଧିକ ପରିମାଣରେ ଅକ୍ଷୟଶକ୍ତିର ବ୍ୟବହାର କରିପାରୁଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ, ଅକ୍ଷୟଶକ୍ତିର ବ୍ୟବହାର ବର୍ଷକୁ ୬.୯ ଗିଗାୱାଟ କରାଯାଇପାରେ। ସେହିପରି ଆଲୁମିନିୟମ୍ ଶିଳ୍ପମାନଙ୍କରେ ୪.୧ ଗିଗାୱାଟ ଅକ୍ଷୟଶକ୍ତି ବ୍ୟବହାରର ସୁଯୋଗ ରହିଛି। ଆଲୁମିନିୟମ୍ କ୍ଷେତ୍ରରେ ଯେଉଁ ବିଦ୍ୟୁତ୍ ବିଭିନ୍ନ ଜାଗାରୁ ଆସିଛି ସେ ଚୁକ୍ତିକୁ କାଟିବା ବଡ଼ କଷ୍ଟକର କଥା। କାରଣ ଆଲୁମିନିୟମ୍ କ୍ଷେତ୍ରରେ ଯେଉଁ ୮୦ପ୍ରତିଶତ ଅଙ୍ଗାରକାମ୍ଳ ନିର୍ଗମନ ହେଉଛି ତାହା କମ୍ପାନୀଦ୍ୱାରା ନିଲାମପ୍ରାପ୍ତ କୋଇଲା କାରଖାନାମାନଙ୍କରୁ ଆସୁଥିବା ବିଦ୍ୟୁତ୍ ଦ୍ୱାରା ପରିଚାଳିତ। ଏହି ବିଦ୍ୟୁତ୍‌ର ଏକ କିଲୋୱାଟର ମୂଲ୍ୟ ୩.୫୦ପଇସା ଅଟେ। ତେବେ ସୌରଶକ୍ତିର ଉତ୍ପାଦନର ମୂଲ୍ୟ କିଲୋୱାଟ ପିଛା ୪.୨୦ ପଇସା ହେଉଥିବାରୁ ଏ କ୍ଷେତ୍ରରେ ପ୍ରତିଯୋଗିତା କରିବା କଷ୍ଟକର କଥା ହେଉଛି। କେବଳ ଉତ୍ତର ପ୍ରଦେଶରେ ବାହାରୁ କୋଇଲା ଆଣିବାକୁ ପଡୁଥିବାରୁ କୋଇଲା ପରିବହନ ଖର୍ଚ୍ଚ ଅଧିକ ଅଟେ। ଉତ୍ତର ପ୍ରଦେଶରେ ହିଣ୍ଡାଲକୋ କମ୍ପାନୀ ଦ୍ୱାରା ରେଣୁକୁଟ୍‌ଠାରେ ଥିବା ଗୋଟିଏ ପ୍ରକଳ୍ପରେ ବର୍ଷକୁ ୫୦୦କୋଟି ଟଙ୍କା ସୌର ବିଦ୍ୟୁତ୍ ଉତ୍ପାଦନ ଫଳରେ ସଞ୍ଚୟ କରାଯାଇପାରିଛି। କାରଣ ଏ କ୍ଷେତ୍ରରେ ୧.୮ଗିଗାୱାଟ ସୌରଶକ୍ତିର ବ୍ୟବହାର କରାଯାଇଛି। ଏହି ସଞ୍ଚୟ ହେଉଛି ମୋଟ ରାଜସ୍ୱର ୪.୬ପ୍ରତିଶତ ଅଟେ।

ସୌର ବିଦ୍ୟୁତ୍ ୨୪ଘଣ୍ଟା ଯୋଗାଇ ଦିଆଯାଇପାରିବ କି ?

ବର୍ତ୍ତମାନର ଆକଳନ ଦୃଷ୍ଟିରୁ ଦେଖାଯାଉଛି ୨୦ ଗିଗାୱାଟ ସୌର ବିଦ୍ୟୁତ୍ ଯୋଗାଇ ଦିଆଯିବା ସମ୍ଭବ। କିନ୍ତୁ ପ୍ରତିଦିନ ୨୪ଘଣ୍ଟା ସୌର ବିଦ୍ୟୁତ୍ ଯୋଗାଇ ଦେବା ସମ୍ଭବ ହୋଇନପାରେ। ବର୍ତ୍ତମାନ ପାଇଁ ୨୦ଗିଗାୱାଟ ସୌର ବିଦ୍ୟୁତ ଯୋଗାଇ ଦେବା ସମ୍ଭବ ଅଟେ। କେତେକ ସିମେଣ୍ଟ କମ୍ପାନୀ ଯଥା ଡାଲମିଆ ସିମେଣ୍ଟ ଓ ଜେଏସଡବ୍ଲ୍ୟୁ ଏନର୍ଜି ଚୁକ୍ତି କରିଛନ୍ତି ସେମାନେ ୨୪ଘଣ୍ଟା କେବଳ ଅକ୍ଷୟଶକ୍ତି ବିଦ୍ୟୁତ୍‌ର ବ୍ୟବହାର କରିବେ। ସେମାନେ କହିଛନ୍ତି ଯେ, ସୌର ଓ ବାୟୁରୁ ଯେଉଁ ବିଦ୍ୟୁତ୍ ଉତ୍ପାଦନ ହେବ ସେଥିରୁ ଏହି କାରଖାନା ଚାଲିବ। ଏବେ ଦେଖାଯାଉଛି ଯେ, ଏଥିରୁ ଯେଉଁ ଅକ୍ଷୟଶକ୍ତି ଉତ୍ପାଦନ ହେଉଛି ତାହା ଅନ୍ୟାନ୍ୟ ସୂତ୍ରରୁ ଆସୁଥିବା ବିଦ୍ୟୁତମାନଙ୍କର ଖର୍ଚ୍ଚ ଅପେକ୍ଷା ଅଧିକ ନୁହେଁ। ଏଥିରେ ଯେଉଁ ବିଦ୍ୟୁତ୍ ଉତ୍ପାଦନ ହେବ ସେଥିରୁ ଯାହା ବଳିବ ତାକୁ ସଂଗ୍ରହ କରି ରଖାଯାଇ ଅନ୍ୟ କାର୍ଯ୍ୟରେ ଲଗାଯାଇ ପାରିବ। ଗ୍ରାମୀଣ ବିଦ୍ୟୁତ୍‌କରଣ କ୍ଷେତ୍ରରେ ବିଦ୍ୟୁତ୍‌ର ଉତ୍ପାଦନର ଆବଶ୍ୟକତା ଅଛି। ଏଥିରୁ ଯାହା ବଳିବ ତାହାକୁ ଶିଳ୍ପକୁ ଦିଆଯାଇପାରେ। ରିପୋର୍ଟରେ ଗୋଟିଏ ଆକଳନ ଦିଆଯାଇଛି। ଏଥିରେ କୁହାଯାଇଛି ଗୋଟିଏ ଶିଳ୍ପ ପାଇଁ ୫୦୦ ମେଗାୱାଟର ବିଦ୍ୟୁତ ଆବଶ୍ୟକତା ଥିଲା ବେଳେ ଏହାକୁ ୫୭୧ ମେଗାୱାଟ ସୌର ଓ ୨୨୩ ମେଗାୱାଟ ବାୟୁ ବିଦ୍ୟୁତ ଯୋଗାଇ ଦିଆଯାଇପାରିବ। ୮୦ପ୍ରତିଶତ ଗ୍ରାମୀଣ ବିଦ୍ୟୁତକରଣର ଖର୍ଚ୍ଚ ୧.୪ ଗୁଣ ହୋଇଥିଲା ବେଳେ ଏହାର ମୂଲ୍ୟ ୧କିଲୋୱାଟ ପାଇଁ ୩.୫-୪ଟଙ୍କା ହୋଇଥାଏ। ଏଥିରେ ବିଦ୍ୟୁତ୍‌କୁ ସଞ୍ଚିତ କରି ରଖିବାର ଖର୍ଚ୍ଚ ମଧ୍ୟ ଯୋଡ଼ାଯାଇଛି। ଏହାଛଡ଼ା ୨୪ଘଣ୍ଟା ଗ୍ରାମୀଣ ବିଦ୍ୟୁତ୍‌କରଣ ପାଇଁ ବିଦ୍ୟୁତ ଯୋଗାଇବା କ୍ଷେତ୍ରରେ ଏହାର ମୂଲ୍ୟ ୩.୫ଗୁଣ ଅର୍ଥାତ୍ କିଲୋୱାଟ ୯.୫୦ ପଇସା ପଡ଼ିଥାଏ। ଏହାଫଳରେ ସୌର ବିଦ୍ୟୁତ୍‌ର ଉତ୍ପାଦନକୁ ବହୁତ ବଢ଼ାଇବାର ଆବଶ୍ୟକତା ଅଛି। ଯାହା ୨୪୪୩ ମେଗାୱାଟ ହେବ। ଏହି ବିଦ୍ୟୁତ୍‌କୁ ବ୍ୟାଟେରୀମାନଙ୍କରେ ସଂଗୃହିତ କରି ରଖାଯାଇପାରିବ। ଏହାଛଡ଼ା ବିଦ୍ୟୁତ୍‌ର ବାକି ୩ ପ୍ରତିଶତ ଚାହିଦାକୁ ଯୋଗାଇବା କଷ୍ଟକର ବ୍ୟାପାର ଅଟେ। ସେଥିପାଇଁ ବିଦ୍ୟୁତ ସଞ୍ଚୟର ଶକ୍ତିକୁ ବହୁତ ବେଶୀ ବଢ଼ାଇବାକୁ ପଡ଼ିବ। ଯାହା କଷ୍ଟକର ଅଟେ। ଶିଳ୍ପମାନେ ବିଭିନ୍ନ ପ୍ରକାର ଅକ୍ଷୟ ଶକ୍ତିର ବ୍ୟବହାର କରୁଛନ୍ତି। ସେମାନେ ଚାହାନ୍ତି ଏହି ଅକ୍ଷୟ ଶକ୍ତିର ଗୋଟିଏ ନିର୍ଭରଶୀଳତା ରହୁ। କିନ୍ତୁ ଏ ଦିଗରେ ଯେପରି ଖର୍ଚ୍ଚ ଅଧିକ ନହୁଏ ତାହାକୁ ମଧ୍ୟ ଦେଖିବାର ଅନେକ ଆବଶ୍ୟକତା ଅଛି।

ସବୁଜ ଶୁଳ୍କ: ବିଭିନ୍ନ ବିଦ୍ୟୁତ୍ ଆବଣ୍ଟନକାରୀ କମ୍ପାନୀମାନେ ସବୁଜ ଶୁଳ୍କର କଥା କହି ଆସିଛନ୍ତି। ଏହି ସବୁଜ ବିଦ୍ୟୁତ କମ୍ପାନୀମାନଙ୍କର ଏ ଦିଗରେ ଯଥେଷ୍ଟ ଭୂମିକା ରହିଛି। ବିଶେଷକରି ଏହାର ବଣ୍ଟନକାରୀ କମ୍ପାନୀ ଅର୍ଥାତ ଡିସକମମାନଙ୍କର ଏ ଦିଗରେ ଏକ ପ୍ରମୁଖ ଭୂମିକା ରହିଛି। ଏ ଦିଗରେ ଗ୍ରାମାଞ୍ଚଳରରେ ବିଦ୍ୟୁତ ଯୋଗାଣ ଓ ସେହି ବିଦ୍ୟୁତ ଯୋଗାଣ କରିବା ହେଉଛି ଏକ ବଡ଼ କଥା। ତେବେ ଗ୍ରାମାଞ୍ଚଳରେ ବିଦ୍ୟୁତ୍‌କୁ କିଲୋୱାଟ ପିଛା ଟ୨.୧ରେ କିଲୋୱାଟ ପିଛା କିଣିବା ଓ ଏହାର ମୂଲ୍ୟକୁ ଧାର୍ଯ୍ୟ କରିବା ଏ ଦିଗରେ ଏକ ବଡ଼ ପ୍ରତିବନ୍ଧକ ଅଟେ।

ଆଞ୍ଚଳିକ ଦୃଷ୍ଟିରୁ ଲାଭ : ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ମୁକ୍ତ କଲେ ବିଶ୍ୱସ୍ତରରେ ଏ ଦିଗରେ ପ୍ରତିଯୋଗିତା ବଢ଼ିପାରେ। ୟୁରୋପିଆନ୍ ୟୁନିୟନ୍‌ରେ ଗୋଟିଏ ବ୍ୟବସ୍ଥା ଅଛି ଯାହାକୁ କୁହାଯାଏ କାର୍ବୋନ ବର୍ଡର ଆଡଜଷ୍ଟମେଣ୍ଟ ମୋକାନିଜମ(ସିଜିଏମ୍)। ଯାହାକି ୨୦୨୬ରେ ସ୍ଥାପନା କରାଯାଇଥିଲା। ଏହାଫଳରେ ଇସ୍ପାତର ରପ୍ତାନୀ ଖର୍ଚ୍ଚ ଟନ୍ ପିଛା ଟ୬୦ରୁ ୮୦ଟଙ୍କାକୁ ବୃଦ୍ଧି ପାଇଥିଲା। ଏହାଛଡ଼ା ଆଲୁମିନିୟମର ମୂଲ୍ୟ ମଧ୍ୟ ୟୁରୋପକୁ ଯାଉଥିବା ଜଳଜାହାଜରେ ମୂଲ୍ୟ ୩୦ପ୍ରତିଶତ ବଢ଼ିଥିଲା।

ଅଙ୍ଗାରକାମ୍ଳ ନିର୍ଗମନର ତିବ୍ରତାକୁ କମାଇବା ଆନ୍ତର୍ଜାତିକ ବଜାର ଦ୍ୱାର ଖୋଲିପାରେ ଏବଂ ଏ ଦିଗରେ ସହଯୋଗିତା ମଧ୍ୟ ବଢ଼ିପାରେ। ସ୍ଥାନୀୟ ଭାବରେ ଓଡ଼ିଶା ଓ ଛତିଶଗଡ଼ ପରି ରାଜ୍ୟମାନେ ଏହି ସବୁଜ ବିଦ୍ୟୁତ୍‌ର ବ୍ୟବହାର କରିବା ଫଳରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଋଣ ମଧ୍ୟ ଆଣିପାରିବେ।

ଦେଖାଯାଉଛି ଯେ, ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ୨୪ଘଣ୍ଟା ପାଇଁ ବହୁତ ଖର୍ଚ୍ଚଦାୟକ ଅଟେ। ଏ ଦିଗରେ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣକୁ ତା'ର ସର୍ବାଧିକରୁ ୮୦ପ୍ରତିଶତକୁ କମାଇବା କେତେ ବାସ୍ତବିକତା ଅଟେ। ସେହିଭଳି ଭାବରେ ସାମୂହିକ ଶିଳ୍ପମାନଙ୍କରେ କିଲୋୱାଟ ପିଛା ବିଦ୍ୟୁତ୍‌ର ମୂଲ୍ୟକୁ ଟ୩.୫-୪ ମଧ୍ୟରେ ରଖାଯାଇପାରିବ। ଏହାଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନକୁ ମଧ୍ୟ ରୋକାଯାଇପାରିବ। ପରିଚ୍ଛନ୍ନ ବିଦ୍ୟୁତ ହେଉଛି ପୃଥିବୀର ଭବିଷ୍ୟତ। ଏହାକୁ ହିଁ ସାରା ମଣିଷ ଜାତି ଅଧିକରୁ ଅଧିକ ପରିମାଣରେ ବ୍ୟବହାର କରିବା ଉଚିତ।

# ମ୍ୟାଲେରିଆ ଓ ଯକୃତ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୧୬ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମ୍ୟାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ। ମ୍ୟାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ମ୍ୟାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମ୍ୟାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ୨୦୧୭ ବିଶ୍ୱ ମ୍ୟାଲେରିଆ ଦିବସରେ ମ୍ୟାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମ୍ୟାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମ୍ୟାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମ୍ୟାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ସିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତ ଓ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି। ବିଶ୍ୱର ସର୍ବାଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୫ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଲଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତା'ର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମ୍ୟାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମ୍ୟାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ । ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

# ମତଦାନର ଦୃଶ୍ୟପଟରେ ଦ୍ୱିତୀୟ ନିର୍ବାଚନ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ନିର୍ବାଚନ ହେଉଛି ଗଣତନ୍ତ୍ରର ଭୂଷଣ ଯାହା ନାଗରିକକୁ ତାହାର ନାଗରିକତ୍ୱ ପ୍ରତିପାଦନ କରିବାକୁ ସଂପୂର୍ଣ୍ଣ ସୁଯୋଗ ଦେଇଥାଏ ଓ ଉକ୍ତ ସୁଯୋଗ ଦ୍ୱାରା ନାଗରିକ ଦେଶ ଓ ଜାତିର ନିର୍ମାଣ କାର୍ଯ୍ୟ କରିବାରେ ସହାୟକ ହୋଇଥାଏ। ରାଷ୍ଟ୍ର ନିର୍ମାଣ ହେଉଛି ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ଅଙ୍ଗ, ଯାହା ସମୃଦ୍ଧ ରାଷ୍ଟ୍ର ଗଠନ କରିବାକୁ ଅନୁମତି ଦେଇଥାଏ। ତେବେ ଉକ୍ତ ନିର୍ବାଚନ ଯେତେବେଳେ ହୋଇଥାଏ ତାହାକୁ ସାଧାରଣ ନିର୍ବାଚନ ନାମରେ ଅଭିହିତ କରାଯାଇଥାଏ, ମାତ୍ର ସାଧାରଣ ନିର୍ବାଚନ ପରେ କୌଣସି କାରଣରୁ ଯଥା ପ୍ରାର୍ଥୀଙ୍କର ମୃତ୍ୟୁ, ଇସ୍ତଫା ଇତ୍ୟାଦି ଦ୍ୱାରା ଯେତେବେଳେ ଉକ୍ତ ପ୍ରତିନିଧିତ୍ୱ ଶୂନ୍ୟ ହୋଇଥାଏ, ଉକ୍ତ ସମୟରେ ନାଗରିକକୁ ଉପଯୁକ୍ତ ଗଣତାନ୍ତ୍ରିକ ନୀତିର ମର୍ଯ୍ୟାଦା ଦେବା ପାଇଁ ପୁନଃ ନିର୍ବାଚନ ଉକ୍ତ କ୍ଷେତ୍ରରେ ହୋଇଥାଏ ଯାହାକୁ ଦ୍ୱିତୀୟ ନିର୍ବାଚନ ବା ବାଇ-ଇଲେକ୍ସନ ନାମରେ ନାମିତ ହୋଇଥାଏ। ସାଧାରଣ ନିର୍ବାଚନ ପରେ ଓ ପରବର୍ତ୍ତୀ ସାଧାରଣ ନିର୍ବାଚନର ଏକ ବର୍ଷ ପୂର୍ବରୁ ଯଦି କୌଣସି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀଙ୍କର ପଦ ଖାଲି ହୋଇଥାଏ ତେବେ ସେହି କ୍ଷେତ୍ରରେ ଉପଯୁକ୍ତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେବା ପାଇଁ ତଥା ନାଗରିକଙ୍କର ପ୍ରତିନିଧିତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପୁନଃ ନିର୍ବାଚନ ବା ଦ୍ୱିତୀୟ ନିର୍ବାଚନ ହୋଇଥାଏ, ଯାହାର ସଂପୂର୍ଣ୍ଣ ଖର୍ଚ୍ଚ ନିର୍ବାଚନ କ୍ଷେତ୍ରର ରାଜ୍ୟ ସରକାର ବହନ କରିଥାନ୍ତି। ଭାରତର ସମ୍ବିଧାନରେ ଦ୍ୱିତୀୟ ନିର୍ବାଚନ ହେଉଛି ସମ୍ବିଧାନର ଏକ ଧାରା ଯେଉଁଥିରେ ସାଧାରଣ ଜନତା ନିଷ୍ପତ୍ତି ନିଅନ୍ତି ଯେ ସେମାନଙ୍କ ପାଇଁ କେଉଁ ପ୍ରାର୍ଥୀ ଯୋଗ୍ୟ ଅଟନ୍ତି। ନିର୍ବାଚନ ଜନସାଧାରଣଙ୍କୁ ସେମାନଙ୍କର ସ୍ୱର, ମତାମତ ଦେବା ଓ ସେହି ବ୍ୟକ୍ତିଙ୍କୁ ବାଛିବା ପାଇଁ ଏକ ମାର୍ଗ ପ୍ରଦାନ କରେ ଯାହାର ପ୍ରାଥମିକତା ଏବଂ ଚିନ୍ତାଧାରା ସେମାନଙ୍କ ସହିତ ଅଧିକ ସାମଞ୍ଜସ୍ୟ ହୋଇଥାଏ। ଭାରତରେ ନିର୍ବାଚନ ସ୍ୱାଧୀନତା ପାଇବା ପୂର୍ବରୁ ଅର୍ଥାତ ବ୍ରିଟିଶ ଶାସନ ସମୟରୁ ହୋଇ ଆସୁଅଛି ଯେଉଁଥିରେ ଗଣତାନ୍ତ୍ରିକ ବିଚାର ଧାରାକୁ ଯଥାଯୋଗ୍ୟ ସାବ୍ୟସ୍ତ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। କିନ୍ତୁ ସ୍ୱାଧୀନତା ପୂର୍ବରୁ ମତଦାନର ଦୃଶ୍ୟପଟ ଏକ ସୀମିତ ପରିଧି ଓ ବ୍ୟବସ୍ଥା ମଧ୍ୟରେ ରହୁଥିଲା ଓ ଖୁବ୍ କମ୍ ଲୋକ ଏଥିରେ ଅଂଶଗ୍ରହଣ ଓ ଭୋଟ୍ ଦେବାର ଅଧିକାର ସାବ୍ୟସ୍ତ କରୁଥିଲେ। ସ୍ୱାଧୀନତା ପରେ ଭାରତ ସର୍ବଭାରତୀୟ ଶ୍ରେଷ୍ଠ ମତଦାନର ମାନ୍ୟତା ଗ୍ରହଣ କଲା ଓ ପ୍ରତ୍ୟେକ ବୟସ୍କ ଭାରତୀୟଙ୍କୁ ଭୋଟ୍ ଦେବାର ଅଧିକାର ମିଳିଲା। ଲୋକ ପ୍ରତିନିଧି ଅଧିନିୟମ, ୧୯୫୧ର ଧାରା ୧୫୧ 'କ' ର ଧାରା ୧୪୭, ୧୪୯, ୧୫୦, ଓ ୧୫୧ରେ ଦର୍ଶାଯାଇଥିବା ଖାଲିଥିବା ପଦବୀ ପୂରଣ ପାଇଁ ସମୟ ସୀମା ଧାର୍ଯ୍ୟ କରିଥାଏ ଓ ତଦନୁଯାୟୀ ଉକ୍ତ କ୍ଷେତ୍ର ମାନଙ୍କରେ ନିର୍ବାଚନ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ଯେକୌଣସି ନିର୍ବାଚନ ମଣ୍ଡଳୀରେ ପ୍ରତିନିଧିତ୍ୱ ଶୂନ୍ୟ ହେବାର ତାରିଖ ଠାରୁ ଛଅ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାର ବିଧାନ ଗଣତାନ୍ତ୍ରିକ ବିଧି ବ୍ୟସ୍ଥାରେ ନିର୍ଦ୍ଦିଷ୍ଟ ହୋଇଥାଏ। ଏଥିରେ କେତେକ ସର୍ତ୍ତ ସନ୍ନିବେଶିତ ହୋଇଥାଏ ଯେ ଯଦି ଏକ ଖାଲି ପଦବୀ ସମ୍ବନ୍ଧରେ ସଦସ୍ୟଙ୍କ ଅବଶିଷ୍ଟ ଅବଧି ଏକ ବର୍ଷରୁ କମ୍ ବା ନିର୍ବାଚନ ଆୟୋଗ କେନ୍ଦ୍ର ସରକାରଙ୍କ ପରାମର୍ଶରେ ପ୍ରମାଣିତ କରିଥାନ୍ତି ଯେ ଉକ୍ତ ସମୟ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ କରିବା କଷ୍ଟକର ବା ଆଇନ ଶୃଙ୍ଖଳା ଇତ୍ୟାଦି ଉପଯୁକ୍ତ ହୋଇ ନଥାଏ ତେବେ ସେ କ୍ଷେତ୍ରରେ ଉକ୍ତ କ୍ଷେତ୍ରରେ ନିର୍ବାଚନ ହୋଇ ନଥାଏ। ମାତ୍ର ଯଦି ସମସ୍ତ ଦୃଷ୍ଟିକୋଣରୁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ଥାଏ, ତେବେ ଉକ୍ତ କ୍ଷେତ୍ରରେ ଦ୍ୱିତୀୟ ନିର୍ବାଚନ ବା ପୁନଃ ନିର୍ବାଚନ ହୋଇଥାଏ ଓ ଜନସାଧାରଣଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଓ ନ୍ୟାୟ ଦେବା ଉଦ୍ଦେଶ୍ୟରେ ନିର୍ବାଚନ ହୋଇଥାଏ।

ତେବେ ଉକ୍ତ ଦ୍ୱିତୀୟ ନିର୍ବାଚନରେ ଲାଭ କ୍ଷତି କାହାର ହୋଇଥାଏ ତାହା ନାଗରିକଙ୍କୁ ସନ୍ଦିହାନ କରିଥାଏ। ନାଗରିକମାନେ ମତଦାନ କରି ଗଣତନ୍ତ୍ରକୁ ଦୃଢ଼ କରିବା ପରିପ୍ରେକ୍ଷୀରେ ସେମାନନଙ୍କର ଅଜାଣତରେ କେତେ କ୍ଷତି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ହୋଇଥାଏ ତାହା ସଚେତନ ନାଗରିକ ହୁଏତ ଅଳ୍ପ ସଂଖ୍ୟକଙ୍କୁ ଅବଗତ ହୋଇଥାଏ। ସାଧାରଣ ନିର୍ବାଚନରେ ରାଜନୈତିକ ଦଳ ପ୍ରାର୍ଥୀ ଆଦିଙ୍କର ବିଭିନ୍ନ ପ୍ରକାରର ଯେଉଁ ବଳ ପ୍ରୟୋଗ ହୋଇଥାଏ, ଦ୍ୱିତୀୟ ନିର୍ବାଚନରେ ତାହା କେତେଗୁଣା ଅଧିକ ବଳ ପ୍ରୟୋଗ ହୋଇଥାଏ ଯେଉଁଥିରେ କ୍ଷତି କେବଳ ହୋଇଥାଏ ତୃତୀୟ ପକ୍ଷ ବା ସାଧାରଣ ନାଗରିକଙ୍କର। ଦ୍ୱିତୀୟ ନିର୍ବାଚରେ ଅଧିକ ମାତ୍ରାରେ ହିଂସା, ଧନବଳ, ବାହୁବଳ ଇତ୍ୟାଦି ପ୍ରତିଯୋଗୀତା ହୋଇଥାଏ। ସେଥିରେ ନାଗରିକ ଭୁଲି ଯାଇଥାନ୍ତି ସେମାନନଙ୍କର ନାଗରିକତ୍ୱର ଅଧିକାର ଓ କର୍ତ୍ତବ୍ୟ। ଭୟ ଓ ଆତଙ୍କ ମଧ୍ୟରେ ନିର୍ବାଚନକୁ ସମ୍ମୁଖୀନ କରିଥାନ୍ତି ନାଗରିକମାନେ। ଯେତେବେଳେ କୌଣସି ନିର୍ବାଚନ କ୍ଷେତ୍ରରେ ପୁନଃନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥାଏ ଉକ୍ତ ଦିନରୁ ସୃଷ୍ଟି ହୋଇଥାଏ ଉନ୍ମାଦ, ଉତ୍ତେଜନା, ଅଙ୍କକଷା, ଆରୋପ ପ୍ରତ୍ୟାରୋପ, ଆକର୍ଷଣ ବିକର୍ଷଣ ଓ ତୋଷାମଦି ତଥା ଲାଞ୍ଚ ଆଦିର ପର୍ବ। ମୂଳ ପ୍ରତିନିଧିଙ୍କର ଯଦି ମୃତ୍ୟୁ ହୋଇଥାଏ ତେବେ ଅନ୍ୟ ଆଶାୟୀ ପ୍ରାର୍ଥୀମାନେ ଶ୍ମଶାନରୁ ସୃଷ୍ଟି କରିଥାନ୍ତି ଜୟଯାତ୍ରା। ପରିଶେଷରେ ଯେତେବେଳେ ଦ୍ୱିତୀୟ ନିର୍ବାଚନ ଅନୁଷ୍ଠିତ ହୋଇଥାଏ ତାହା ଥାଏ ଏକ ରଣକ୍ଷେତ୍ରର ପଡିଆ ଯାହା ସାଧାରଣ ଜନତାଙ୍କୁ ବେଶ ଅବଗତ। ଯେକୌଣସି ଦ୍ୱିତୀୟ ନିର୍ବାଚନରେ ଉକ୍ତ ରାଜ୍ୟର ରାଜ୍ୟ ସରକାର ନିର୍ବାଚନର ସମସ୍ତ ଖର୍ଚ୍ଚ ବହନ କରିଥାନ୍ତି ଯାହା ସାମ୍ବିଧାନିକ ଭାବେ ସ୍ୱୀକୃତ, ମାତ୍ର ନାଗରିକ ପରୋକ୍ଷ ଭାବରେ ସରକାରଙ୍କ ଦ୍ୱାରା ନିର୍ବାଚନ ଖର୍ଚ୍ଚ ପାଇଁ ଅର୍ଥ ଦେଉଥିବା ବେଳେ ପ୍ରତ୍ୟକ୍ଷ ଭାବରେ ହିଂସା ଓ ବଳ ପ୍ରୟୋଗର ଶିକାର ହୋଇଥାନ୍ତି। ହେଲେ ପରିତାପର ବିଷୟ ହୋଇଥାଏ ଯେ ଉକ୍ତ ଦ୍ୱିତୀୟ ନିର୍ବାଚନର ଅବଧି କେତେକ କ୍ଷେତ୍ରରେ ମାତ୍ର ସ୍ୱଳ୍ପ ଅବଧି ପାଇଁ ହୋଇଥାଏ, ଯେଉଁଥିରେ ନିର୍ବାଚିତ ପ୍ରତିନିଧିଙ୍କର କାର୍ଯ୍ୟ କାଳ ସଂପୂର୍ଣ୍ଣ ହୋଇ ପୁଣି ସାଧାରଣ ନିର୍ବାଚନକୁ ସମ୍ମୁଖୀନ ହେବାକୁ ପଡିଥାଏ। ଉକ୍ତ ଦ୍ୱିତୀୟ ନିର୍ବାଚନରେ ଯେଉଁ ଗତିପଥ ଉଲ୍ଲିଖିତ ହୋଇଥାଏ ସେଥିରେ ବୁଦ୍ଧି, ଗୁଣ, ଜ୍ଞାନ, ପାଣ୍ଡିତ୍ୟ, ଯୋଗ୍ୟତା ଆଦିର ବିଲୋପ ହୋଇ କେବଳ ଜିତିବାର ଏକ ନିର୍ଣ୍ଣାୟକ ସ୍ଥିତିକୁ ବିବେଚନା କରି ପ୍ରାର୍ଥୀମାନେ ରଣାଙ୍ଗନକୁ ଅବତୀର୍ଣ୍ଣ ହୋଇଥାନ୍ତି ଯାହାର ଦୃଷ୍ଟାନ୍ତ ଏ ସମାଜ ଅଙ୍ଗେ ଅଙ୍ଗେ ନିଭେଇଥାଏ। ରାଜନୈତିକ ଦଳମାନେ ସେମାନଙ୍କର ଚାରି ଭେଦକୁ ପ୍ରୟୋଗ କରି ନିର୍ବାଚନ ରଣାଙ୍ଗନକୁ ଆସିଥାନ୍ତି ଓ ସାଧାରଣ ଜନତାଙ୍କୁ ଅନେକ ଆଶାର ବାଣୀ ଶୁଣାଇଥାନ୍ତି ତଥା କର ଯୋଡି ନତମସ୍ତକ ହୋଇ ନିଜର ବୋଲି ଅଧିକାର ସାବ୍ୟସ୍ତ କରିଥାନ୍ତି। ଉକ୍ତ ପ୍ରାର୍ଥୀମାନେ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ଇସ୍ତାହାର ସାବ୍ୟସ୍ତ କରିଥାନ୍ତି, ଯାହା ପରବର୍ତ୍ତୀ ସମୟରେ କେବଳ ଅନିଶ୍ଚିତତା ହୋଇ ପରବର୍ତ୍ତୀ ନିର୍ବାଚନ ପାଇଁ ପୁଣି ଇସ୍ତାହାର ହେବା ପାଇଁ ଏକ ବ୍ୟବସ୍ଥା ହୋଇଥାଏ।

ଓଡିଶାରେ କଥାରେ ଥାଏ ଦୁଇଜଣଙ୍କର କଳହରେ ବା ଝଗଡାରେ ତୃତୀୟର ଲାଭ। ମାତ୍ର ଦ୍ୱିତୀୟ ନିର୍ବାଚନରେ ତୃତୀୟ ଯଥା ନାଗରିକଙ୍କର ଯେ କେତେ କ୍ଷତି ହୋଇଥାଏ ତାହା ବିଚାର କରିବାର ସମୟ ଆଜି ପ୍ରତ୍ୟେକ ନାଗରିକଙ୍କ ନିକଟରେ ଦଣ୍ଡାୟମାନ। ପ୍ରଥମ ନିର୍ବାଚନ ହୋଇଥାଏ ଏକ ନିଶ୍ଚିତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୃଢୀଭୂତ କରିବା ପାଇଁ ଯେଉଁଥିରେ ନାଗରିକ ହୋଇଥାନ୍ତି ଗଣତନ୍ତ୍ରରର ମେରୁଦଣ୍ଡ। ମାତ୍ର ଦ୍ୱିତୀୟ ନିର୍ବାଚନରେ ଯେତେବେଳେ ନାଗରିକ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଠାରୁ ଅତିଷ୍ଠ ହୋଇଯାଏ ସେତେବେଳେ ସେ ତୃତୀୟ ଶ୍ରେଣୀକୁ ସ୍ଥାନିତ ହୋଇଥାଏ କାରଣ ଦ୍ୱିତୀୟ ନିର୍ବାଚନରେ ସାମ୍ବିଧାନିକ ବ୍ୟବସ୍ଥା ହୋଇଥାଏ ପ୍ରଥମ, ରାଜନୈତିକ ଦଳ ବା ପ୍ରାର୍ଥୀ ହୋଇଥାନ୍ତି ଦ୍ୱିତୀୟ ଓ ମତଦାତା ହୋଇଥାନ୍ତି ତୃତୀୟ। ନିର୍ବାଚନ ପରେ ଯେକୌଣସି ଦଳର ପ୍ରାର୍ଥୀ ନିର୍ବାଚିତ ହେଲେ ସାମ୍ବିଧାନିକ ବ୍ୟବସ୍ଥା ସୁଦୃଢ ହୋଇଥାଏ ଅର୍ଥାତ ପ୍ରଥମ ସୋପାନ ନିଜର ସ୍ଥିତି ଅକ୍ଷୁର୍ଣ୍ଣ ରଖିଥାଏ। ଦ୍ୱିତୀୟ ସୋପାନ ଯଥା ରାଜନୈତିକ ଦଳ ବା ପ୍ରାର୍ଥୀ ଯିଏ ଜୟଯୁକ୍ତ ହୋଇଥାଏ ସେ ଦଳ ବା ପ୍ରାର୍ଥୀଙ୍କର କେତେ ପଥ ସୁଗମ ହୋଇଥାଏ ଓ ଦ୍ୱିତୀୟ ସୋପାନ ଲାଭରେ ରହିଥାନ୍ତି। ମାତ୍ର ତୃତୀୟ ସୋପାନ ବା ମତଦାତା ନାଗରିକଙ୍କର କ'ଣ ଲାଭ ହୋଇଥାଏ ? କେଉଁଠି କାହା ଘରେ ଅନେକ କେସ୍ ଦାୟେର ହୋଇଥାଏ ତ ପୁଣି କାହାଘରେ କିଏ ଅକର୍ମଣ୍ୟ ବା ପଙ୍ଗୁ ହୋଇଥାଏ, ଏପରିକି ଅନେକ ପରିବାରର ସଦସ୍ୟ ମୃତ୍ୟୁମୁଖରେ ପଡିଥାନ୍ତି। କାହାର ଘର ଜଳି ପୋଡି ଛାରଖାର ହୋଇଥାଏ ତ ପୁଣି କାହାର ଧନ ସମ୍ପତ୍ତି ଧ୍ୱସ୍ତ ବିଧ୍ୱସ୍ତ ହୋଇଥାଏ। ତେଣୁ ଦ୍ୱିତୀୟ ନିର୍ବାଚନ ହେଉଛି ଦ୍ୱିତୀୟର ଲାଭ ହେଉଥିବା ବେଳେ ତୃତୀୟର କ୍ଷତି ଯାହା ଭବିଷ୍ୟତର ଗଣତନ୍ତ୍ର ପାଇଁ ଏକ ବୃହତ ବିପଦ। ଅତଏବ ଗଣତନ୍ତ୍ରକୁ ସମୃଦ୍ଧ ତଥା ଆଦର୍ଶ କରିବାକୁ ହେଲେ ସ୍ୱାର୍ଥ ରହିତ ହୋଇ ନିର୍ବାଚନରେ ଜନମତକୁ ନିରପେକ୍ଷ ସାବ୍ୟସ୍ତ କରିବା ପାଇଁ ମତଦାତାଙ୍କର ସ୍ୱାର୍ଥ ପ୍ରତି ଯତ୍ନବାନ ହେବା ଏକାନ୍ତ ଆବଶ୍ୟକ ତେବେ ଯାଇ ଗଣତନ୍ତ୍ରର ସ୍ଥିତି ସୁଦୃଢ ହୋଇପାରିବ।



ବୋଲଗଡ(ଭାସ୍କର ନ୍ୟୁଜ): ଚଳିତବର୍ଷ ଦିନକୁ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରାଜ୍ୟର ସମସ୍ତ ଅଞ୍ଚଳରେ ଭୟାବହ ବୃଦ୍ଧି ପାଇବାରେ ଲାଗିଛି । ଅନୁରୂପ ଭାବେ ବୋଲଗଡ ବ୍ଲକ ଅଞ୍ଚଳରେ ଗ୍ରୀଷ୍ମ ଋତୁ ଆରମ୍ଭରୁ ପ୍ରଚଣ୍ଡ ରୌଦ୍ରତାପ ଏଭଳି ଭାବରେ ବୃଦ୍ଧି ଘଟିଛି ସକାଳ ୮ଟା ବାଜିଲେ ପ୍ରଚଣ୍ଡ ଖରାରେ ଲୋକମାନେ, ଛାତ୍ରଛାତ୍ରୀ ଓ ବ୍ୟବସାୟୀ ମାନେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି । ଚଳିତ ବର୍ଷ ସମସ୍ତ ବିଦ୍ୟାଳୟ ମାନଙ୍କରେ ଗ୍ରୀଷ୍ମ ଅବକାଶ ଛୁଟିକୁ ୬ ମଇ ମାସ ଠାରୁ ୧୬ ଜୁନ ମାସ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗ୍ରୀଷ୍ମ ଛୁଟି ଘୋଷଣା କରାଯାଇଛି । ଚଳିତ ବର୍ଷ କାଳ ବୈଶାଖୀ ଯୋଗୁଁ ଦିନ ବେଳା ତାପମାତ୍ରା କମିବାର ନାହିଁ । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାସ ସକାଳୁଆରେ ବିଦ୍ୟାଳୟ ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି । ତେବେ କୁନି କୁନି ପିଲାମାନେ ପ୍ରଚଣ୍ଡ ରୌଦ୍ରତାପରେ କିଭଳି ଭାବରେ ପାଠପଢ଼ିବେ ଚିନ୍ତାରେ ଅଭିଭାବକମାନେ ଅଛନ୍ତି । ପଡୋଶୀ ରାଜ୍ୟରେ ଗ୍ରୀଷ୍ମଋତୁକୁ ନଜର ରଖି ବିଦ୍ୟାଳୟମାନଙ୍କରେ ଗ୍ରୀଷ୍ମଛୁଟିକୁ କରାଯାଇଛି । ତେଣୁ ତୁରନ୍ତ ଓଡ଼ିଶା ରାଜ୍ୟ ସରକାର କୋମଳମତି କୁନିକୁନି ପିଲାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଆଗୁଆ ଗ୍ରୀଷ୍ମ ଅବକାଶ ଛୁଟି କରିବା ପାଇଁ ଅଭିଭାବକମାନେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍କୁଲ ଓ ଗଣ ଶିକ୍ଷାବିଭାଗ ମନ୍ତ୍ରୀ ଓ ଶିକ୍ଷା ଶାସନ ସଚିବଙ୍କୁ ଅନୁରୋଧ କରିଅଛନ୍ତି ।

### ଭୁବନ ବନ ବିଭାଗରେ କେଳେଙ୍କାରୀ

# ଗାଡ଼ି ଜବତ ହେଉଛି, ଡ୍ରାଇଭର କୁଆଡେ ଯାଉଛି ?




ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଭୁବନ ବନ ବିଭାଗ କାର୍ଯ୍ୟାଳୟରେ ଦୁର୍ନୀତି, ପ୍ରିୟାପ୍ରୀତି, ଅନିୟମିତତା ଓ ସ୍ୱେଚ୍ଛାଚାରିତା ଚରମ ସୀମାରେ ପହଞ୍ଚିଛି । ଅତିରିକ୍ତ ରେଞ୍ଜର ରାକେଶ କୁମାର ଦଳେଇ ଏଠାରେ ଯୋଗଦେବା ପରଠାରୁ ଦିନକୁଦିନ ଦୁର୍ନୀତି ବୃଦ୍ଧି ପାଇବାରେ ଲାଗିଛି । ଶ୍ରୀ ଦଳେଇ ଇଟା, ବାଲି, ମାଙ୍କଡ଼ା ପଥର, କାଠ, କୋଇଲା ଇତ୍ୟାଦି ପରିବହନ କରୁଥିବା ଟ୍ରାକ୍ଟର, ଟ୍ରକ, ହାଇୱା ଗାଡ଼ିରୁ ମାସିକ ଲକ୍ଷାଧିକ ଟଙ୍କା ଚାନ୍ଦା ଆଦାୟ କରୁଥିବା ବେଳେ କେବଳ ଅଫିସିଆଲ ରେକର୍ଡ ମେଣ୍ଟେନ ପାଇଁ କାଆଁ ଭାଁ ଚଢ଼ାଉ କରୁଥିବା ଦେଖିବାକୁ ମିଳୁଛି ଓ ସେଥିରେ ମଧ୍ୟ ଦୁର୍ନୀତି ହେଉଛି । ପ୍ରତ୍ୟେକ ଘଟଣାରେ ଗାଡ଼ି ଜବତ ହେଉଛି, କିନ୍ତୁ ଡ୍ରାଇଭର ମୋଟା ଅଙ୍କର ମାଲ ନେଇ ଡ୍ରାଇଭରକୁ ଫେରାର ଦର୍ଶାଯାଉଛି ବୋଲି ହାଟବଜାରରେ ଚର୍ଚ୍ଚା ହେଉଛି । ଗତ ଅପ୍ରେଲ ୧ ତାରିଖ ଦିନ ଭୁବନ ବ୍ଲକ ଅନ୍ତର୍ଗତ ମାଲୁଆଗୋଡ଼ାରୁ ମାଙ୍କଡ଼ା ପଥର ଚୋରା ଚାଲାଣ କରୁଥିବା ବେଳେ ଓ ଆର ୦୯ ଏଫ୍ ୪୩୮୦ ନମ୍ବର ବିଶିଷ୍ଟ ଏକ ଛଅଚକିଆ ଟ୍ରକକୁ ଅତିରିକ୍ତ ରେଞ୍ଜର ଶ୍ରୀ ଦଳେଇ, ବନପାଳ କଳ୍ପନା ବେହେରା ଗ୍ରାମବାସୀଙ୍କ ଉପସ୍ଥିତିରେ ସଦଳବଳେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଉକ୍ତ ଟ୍ରକ୍ ଡ୍ରାଇଭର ସେଠାରେ ଥିଲାବେଳେ ମୂଳଚାଲ କରି ତାକୁ ଛାଡ଼ିଦେଇ ଟ୍ରକ୍‌କୁ ରେଞ୍ଜ ଅଫିସ ପରିସରକୁ ନେଇ ଆସିଥିଲେ । ଭୁବନ ଫରେଷ୍ଟ ରେଞ୍ଜ ଅଫିସଠାରୁ ମାତ୍ର ୨ କିମି ଦୂର ଶାମଳ ସଂରକ୍ଷିତ ଜଙ୍ଗଲରେ ଗତକାଲି କେତେକ ମାଫିଆ ମେସିନ ସାହାଯ୍ୟରେ ଶହ ଶହ ମୂଲ୍ୟବାନ ୟୁକାଲ ପଟାସ, ଶାଳ, ପିଆଶାଳ ଗଛ କାଟୁଥିବା ଖବର ପାଇ ଅତିରିକ୍ତ ରେଞ୍ଜର ଘଟଣାସ୍ଥଳରେ ପହଞ୍ଚି ୟୁପି ୨୫ ସିଟି ୮୧୬୦ ନମ୍ବର ବିଶିଷ୍ଟ ୧୬ ଚକିଆ ଟ୍ରକ ଜବତ କରି ରେଞ୍ଜ ଅଫିସ ପରିସରକୁ ଆଣିଥିଲେ । ପ୍ରତ୍ୟେକ ଘଟଣାରେ ଅତିରିକ୍ତ ରେଞ୍ଜର ସମାନ ନୀତି ଆପଣେଇଥିବା ସ୍ପଷ୍ଟ ହୋଇଛି । ବନ ବିଭାଗର ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଯୋଗୁ ବାହାର ରାଜ୍ୟରୁ ଗାଡ଼ି ଆସି ଭୁବନରୁ କାଠ ନେଇଯାଇଛି ବୋଲି କୁହାଯାଉଛି । ଗତ ବର୍ଷ ସାମାଜିକ ବନିକରଣ କାର୍ଯ୍ୟରେ ଫଲ୍ସ ବିଲ୍ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ବେଳେ ଟ୍ରେଞ୍ଚ ଖୋଳାରେ ଆଦୌ କାମ ନକରି ପ୍ରାୟ ୨୦ ଲକ୍ଷ ଟଙ୍କା ହରିଲୁଟ କରାଯାଇଛି । ରେଞ୍ଜ ଅଫିସରେ କର୍ମଚାରୀଙ୍କ ବ୍ୟତୀତ ଟ୍ରାକ୍ଟର, ଟ୍ରକ୍ ଚାଳକ ନିଯୁକ୍ତି ହୋଇଛନ୍ତି ? ଡ୍ରାଇଭର ଚାବି ହସ୍ତାନ୍ତର କରି ପଳାଇ ଯାଉଛନ୍ତି ? ବୋଲି ବୁଦ୍ଧିଜୀବୀ ମହଲ ଓ ଚା ଖଟିରେ ଚର୍ଚ୍ଚା , ଆଲୋଚନା ହେଉଛି । ଶାମଳ ଜଙ୍ଗଲ ରୁ ଗଛ କଟା ସମ୍ବନ୍ଧରେ ସବିଶେଷ ତଥ୍ୟ ପାଇବା ପାଇଁ ଫରେଷ୍ଟର କଳ୍ପନା ବେହେରା ଙ୍କୁ ତାଙ୍କ ୬୩୭୨୫୪୬୨୩୧ ନମ୍ବର ମୋବାଇଲକୁ ବାରମ୍ବାର କଲ୍ କରିଥିଲେ ମଧ୍ୟ ସେ କଲ୍ ରିସିଭ କରିନଥିଲେ । ଅତିରିକ୍ତ ରେଞ୍ଜର ଶ୍ରୀ ଦଳେଇଙ୍କୁ ତାଙ୍କ ୭୯୭୮୯୨୦୯୨୪ ନମ୍ବର ମୋବାଇଲକୁ ଲଗାତର ୩ ଥର କଲ୍ କରିବା ପରେ ସେ ରିସିଭ କରି ସନ୍ତୋଷଜନକ ଉତ୍ତର ନ ଦେଇ ଫୋନ୍ କାଟି ଦେଇଥିଲେ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଏହି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅନ୍ୟତ୍ର ବଦଳି କରା ନଗଲେ ଆଉ କିଛିବର୍ଷ ମଧ୍ୟରେ ଭୁବନ ଜଙ୍ଗଲ ଶୂନ୍ୟ ହୋଇଯିବ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି ।

## ଦିଘାଲୋ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁର୍ନୀତିକୁ ସମାଜସେବୀଙ୍କ ବିରୋଧ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଦିଘାଲୋ ଛକ ନିକଟରେ ଥିବା ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଦିଘାଲୋରେ ମାତ୍ରାଧିକ ଦୁର୍ନୀତି ହୋଇଥିବା ବେଳେ ମାଟି ପୋତା ନଯାଇ ୩୧ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ବିଲ୍ କରାଯାଇଥିବା ଘଟଣା ସୂଚନା ଅଧିକାର ଆଇନ ଆଧାରରେ ଜଣାପଡ଼ିଛି । ଜଣେ ବ୍ୟକ୍ତି ନାମରେ ୩୧ ହଜାର ଟଙ୍କା ବିଲ୍ କରାଯାଇଥିବା ବେଳେ ନିମାପଡ଼ା ଅତିରିକ୍ତ ଶିକ୍ଷାଧିକାରୀ ତଦନ୍ତ କରିବାକୁ ଯାଇଥିବା ବେଳେ ପରିଚାଳନା କମିଟିର ସଭାପତିଙ୍କୁ ଦୋଷାରୋପ କରିବା ଘଟଣାରୁ ବାରି ହୋଇପଡୁଛି ଶିକ୍ଷାଧିକାରୀଙ୍କ ଗୋଡରେ ଏହି ଦୁର୍ନୀତି ହୋଇଛି କି ? କିଛି ନବୁଝି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କିପରି ପରିଚାଳନା କମିଟି ସଭାପତିଙ୍କୁ ଦୋଷାରୋପ କଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ମିଳିଥିବା ସୂଚନା ଅନୁଯାୟୀ, ଦିଘାଲୋ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୂର୍ବରୁ ମହାଦୁର୍ନୀତି ହୋଇଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସମୟରେ ମାତ୍ରାଧିକ ଦୁର୍ନୀତି ହୋଇଥିବା ଗ୍ରାମର ସମାଜସେବୀ ଅଭୟ ସ୍ୱାଇଁ ସୂଚନା ଆଇନ ବଳରେ ତଥ୍ୟ ଆଣିବା ପରେ ଜଣାପଡ଼ିଲା କି, ୩୧ ହଜାର ୫ଶହ ୫୦ ଟଙ୍କା ମାଟି କାମ ପାଇଁ ଅଣା ଯାଇଛି । ମାଟି ପକାଇ ଥିବା ଦିଘାଲୋ ଗ୍ରାମର ଲବ ସ୍ୱାଇଁ ଓରଫ ବଳରାମ ସ୍ୱାଇଁଙ୍କୁ କେତେ ଟ୍ରିପ୍ ମାଟି ପକାଇଛୁ ବୋଲି ପଚରା ଯିବାରେ ୩ ଟ୍ରିପ୍ ମାଟି ପକାଇଛନ୍ତି ବୋଲି ବଳରାମ ସ୍ୱାଇଁ କହିଥିଲେ । ଏହି ଘଟଣାରେ ଗ୍ରାମର ସମାଜସେବୀ ଅଭୟ କୁମାର ସ୍ୱାଇଁ ସୂଚନା ଆଇନ ବଳରେ ତଥ୍ୟ ଆଣିବା ପରେ ମାଟି ପକାଇ ଥିବା ବଳରାମଙ୍କୁ ପଚାରିବାରେ ବଳରାମ ମଧ୍ୟ ସୂଚନା ଆଇନ ବଳରେ ତଥ୍ୟ ଆଣିବା ପରେ ଜାଣି ପାରିଲେ କି ତାଙ୍କ ନାମରେ ବିଲ୍ କରାଯାଇଥିଲା । ମାତ୍ର ଏହି ଘଟଣା ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପହଁଚିବା ପରେ ବ୍ଲକ ଶିକ୍ଷାଧିକାରୀ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଦୁଇ ପକ୍ଷଙ୍କୁ ଡ଼ାକାଇ ସ୍କୁଲ ଭିତରେ ବୁଝାମଣା କରିବାକୁ କହିଥିଲେ । ବୁଝାମଣା ହେବା ସମୟରେ ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ସାର୍ ବିଭିନ୍ନ ଲୋକଙ୍କ ନାମ ବଳରାମ ବୋଲି କହୁଥିବା ବେଳେ ତାହାର ତାଳମେଳ ରହୁ ନାହିଁ । ଏହି ଘଟଣାରୁ ବାରି ହୋଇପଡୁଛି ଯେ, ଦିଘାଲୋ ନୀଳକଣ୍ଠେଶ୍ୱର ବିଦ୍ୟାଳୟରେ ପୂର୍ବରୁ ମହାଦୁର୍ନୀତି କରାଯାଇଛି । ସେତେବେଳେର ପ୍ରଧାନ ଶିକ୍ଷକ ୨ହଜାର ଟ୍ରିପ୍ ବାଲି ମାଟି ସ୍କୁଲ ପୁଟ୍‌ରୁ ବିକ୍ରି କରିଛନ୍ତି ବୋଲି ଶୁଣିବାକୁ ମିଳୁଛି । ଏହି ଘଟଣାକୁ କରାଯିବା ସହ କାର୍ଯ୍ୟରେ ବ୍ୟତିକ୍ରମ କରିଥିବା ବ୍ୟକ୍ତି ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବା ପାଇଁ ଦାବୀ ହୋଉଛି । ପ୍ରକାଶ ଥାଉକି, ୨୦୧୯, ୨୦୨୦ ଓ ୨୦୨୧ରେ ସେତେବେଳେର ପ୍ରଧାନ ଶିକ୍ଷକ ଏହି ଦୁର୍ନୀତିର ମୁଖ୍ୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବଳରାମଙ୍କ ନାମରେ ଆହୁରି ମଧ୍ୟ ଘରର ଠିକଣା ପରିବର୍ତ୍ତନ କରାଯାଇ ଭିନ୍ନ ଭିନ୍ନ ବିଲ୍ କରାଯାଇଥିବା ଜଣାପଡ଼ିଛି । ବଳରାମ ବର୍ତ୍ତମାନ ଏହି ସ୍କୁଲ ପରିଚାଳନା କମିଟିର ସଭାପତି ଅଛନ୍ତି ।

## ଜରାଜୀର୍ଣ୍ଣ ପାରାଦୀପ ଯାତ୍ରୀ ଆଶ୍ରୟସ୍ଥଳ, ହନ୍ତସନ୍ତ ଯାତ୍ରୀ




ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ସହର ପାରାଦୀପର ବିଭିନ୍ନ ମୁଖ୍ୟ ରାସ୍ତା ଛକମାନଙ୍କରେ ଯାତ୍ରୀମାନଙ୍କ ପାଇଁ ନିର୍ମିତ ବିଭିନ୍ନ ଆଶ୍ରୟସ୍ଥଳ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିବା ସହିତ ଭୂତ କୋଠୀରେ ପରିଣତ ହେବାକୁ ଲାଗିଲାଣି । ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଆଶ୍ରୟସ୍ଥଳରେ ଅବ୍ୟବସ୍ଥା ଯୋଗୁଁ ଅପେକ୍ଷାରତ ଯାତ୍ରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏଥିପାଇଁ ଏକ ଘଟଣାକ୍ରମରେ ଅଠରକିଆ ସ୍ଥିତ ଯାତ୍ରୀ ଆଶ୍ରୟ ସ୍ଥଳରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଚେୟାର ସବୁ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଥିବା ଏବଂ ଫ୍ୟାନର ସୁବିଧା ନଥିବାରୁ ଦୀର୍ଘଦିନ ହେବ ଏଠାରେ ଯାତ୍ରୀମାନେ ଆଶ୍ରୟ ନେଇନପାରି ପ୍ରଚଣ୍ଡ ଖରାରେ ରାସ୍ତା କଡରେ ବସମାନଙ୍କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି । ତେବେ ବନ୍ଦର ପ୍ରଶାସନ ପକ୍ଷରୁ ବହୁ ଅର୍ଥ ବ୍ୟୟ କରାଯାଇ ଯାତ୍ରୀଙ୍କ ସୁବିଧା ନିମନ୍ତେ ଏହି ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଥିବା ବେଳେ କିଛି ଅନଭିଜ୍ଞ ଅଧିକାରୀଙ୍କ ଅବହେଳାରୁ ଏସବୁର ରକ୍ଷଣାବେକ୍ଷଣ କରାଯାଇ ପାରୁନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ପାରାଦୀପ ବନ୍ଦର ପକ୍ଷରୁ ଏସବୁ ଯାତ୍ରୀ ଆଶ୍ରୟ ସ୍ଥଳ ମରାମତି ଓ ଚେୟାର ବ୍ୟବସ୍ଥା କରାନଗଲେ ପୌରପାଳିକା ପକ୍ଷରୁ ଏସବୁର ବ୍ୟବସ୍ଥା କରିବା ପାଇଁ ପ୍ରୟାସ କରାଯିବ ବୋଲି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି ।

## ପାରାଦୀପ ପୋର୍ଟ ବଣିକ ସଂଘର ସାଧାରଣ ସଭା: ତୁଟିଲା ଦୋକାନ ଘର ଭଡା ବୃଦ୍ଧି ସମସ୍ୟା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୋର୍ଟ ବଣିକ ସଙ୍ଘର ଏକ ଜରୁରୀ ସାଧାରଣ ସଭା ବଡ଼ପଡ଼ିଆ ସ୍ଥିତ ସଙ୍ଘ କାର୍ଯ୍ୟାଳୟ ପରିସରରେ ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି କ୍ଷୀରୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ୨୦୨୩ ମସିହା ଅକ୍ଟୋବର ମାସଠାରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ଦୋକାନ ଗୃହ ଉପରେ ଅହେତୁକ ଭଡା ବୃଦ୍ଧି ପ୍ରତିବାଦରେ ବଣିକ ସଙ୍ଘ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିବା ଏବଂ ଏ ବିଷୟରେ ଅଦାଲତ ବ୍ୟବସାୟୀଙ୍କ ସପକ୍ଷରେ ଦେଇଥିବା ରାୟ ଉପରେ ଆଲୋଚନା ହୋଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରାଦୀପ ବନ୍ଦର ୬ ସପ୍ତାହ ମଧ୍ୟରେ ବ୍ୟବସାୟୀଙ୍କ ସମସ୍ୟା ସମାଧାନ କରିବା ସହିତ ଦୋକାନ ଗୃହ ମାନଙ୍କର ପୁରୁଣା ଭଡା ଆଧାରରେ ୫୦ ପ୍ରତିଶତ ଘର ଭଡା ପଇଠ କରିବେ ବୋଲି ସଂଘର ସମ୍ପାଦକ ଅମୀୟ କୁମାର ପାଣି ଉପସ୍ଥିତ ସମସ୍ତ ବ୍ୟବସାୟୀଙ୍କୁ ସୂଚନା ଦେଇଥିଲେ । ତେବେ ବଣିକ ସଂଘ ବ୍ୟବସାୟୀମାନଙ୍କ ଦୀର୍ଘ ଦିନର ସମସ୍ୟା ସମାଧାନ ହେବାକୁ ଯାଉଥିବାରୁ ନୂତନ ଭାବେ ସଂଘର ଦାୟିତ୍ୱ ନେଇଥିବା କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାକୁ ସାଧାରଣରେ ପ୍ରଶଂସା କରାଯାଉଛି । ଏହି ସଭାରେ ବଣିକ ସଙ୍ଘର ମୁଖ୍ୟ ଉପଦେଷ୍ଟା ପ୍ରକାଶ ତ୍ରିପାଠୀ, ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ସମ୍ପାଦକ ଅମୀୟ କୁମାର ପାଣି, ସହ ସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧ୍ୟକ୍ଷ ଶମ୍ଭୁନାଥ ଖୁଣ୍ଟିଆ, ତନ୍ମୟ ଦାସ, ଅଶୋକ ସାହୁ, ପ୍ରଶାନ୍ତ କୁମାର ପରିଡା, ମୁରଲୀ ରାଓ, ପ୍ରକାଶ ସାହୁ, ସତ୍ୟବ୍ରତ ନାୟକ, ପ୍ରକାଶ ନାୟକଙ୍କ ସମେତ ସମସ୍ତ ସହଯୋଗୀ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ । ତେବେ ସଂଘର ଦୀର୍ଘଦିନର ଏହି ସମସ୍ୟା ନୂତନ କର୍ମକର୍ତ୍ତାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସମ୍ଭବ ହୋଇପାରିଥିବା ଏବଂ ଆଗାମୀ ଦିନରେ ବ୍ୟବସାୟୀଙ୍କ ବହୁବିଧ ସମସ୍ୟା ସମାଧାନ ଦିଗରେ ସଙ୍ଘ ତାର ପ୍ରଚେଷ୍ଟା ଜାରି ରଖିବ ବୋଲି ବଣିକ ସଙ୍ଘର ମୁଖ୍ୟ ଉପଦେଷ୍ଟା ଶ୍ରୀ ତ୍ରିପାଠୀ ଏବଂ ସଭାପତି ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି ।

### ନିମାପଡ଼ାରେ ବର୍ବର କାଣ୍ଡ

## ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିବା ସହ ପରିସ୍ରା ପିଆଇଲେ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ କଳଙ୍ଗା ଥାନା ଅଞ୍ଚଳରେ ଯୁବକଙ୍କୁ ଖୁଂଟରେ ବାନ୍ଧି ଆକ୍ରମଣ ଓ ନିର୍ଯାତନା ଦେବା ଘଟଣାରେ କଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି । ସୂଚନା ଅନୁଯାୟୀ, ବିରାଟ ସାହିର ଓମ୍ ପ୍ରକାଶ ଜେନା ଗତ ଶନିବାର ବିଳମ୍ବିତ ରାତିରେ କୋଟକୁସାଙ୍ଗ ଗ୍ରାମକୁ ମେଳନ ଦେଖିବାକୁ ଯାଇଥିବା ବେଳେ ସେଠାରେ ପ୍ରଧାନ ସାହି ଓ କୋଟକୁସାଙ୍ଗ ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପୋଲିସ ହସ୍ତକ୍ଷେପ ପରେ ଓମ୍ ପ୍ରକାଶ ଓ ତାଙ୍କ ସାଙ୍ଗ ଘରକୁ ଫେରି ଆସୁଥିବା ବେଳେ ପ୍ରଧାନସାହି ଗ୍ରାମର ପିଲା ଭାବି ୧୫ରୁ ୨୦ ଜଣ ଓମ୍ ପ୍ରକାଶ ଜେନାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୁହାରଡ଼ରେ ବାଡ଼େଇ ଥିବାବେଳେ ଯୁବକଙ୍କ ମୁଣ୍ଡ ଫାଟିଯାଇଛି । ୧୦ରୁ ୧୫ ଜଣ ସିଗାରେଟ୍ ଟାଣି ଚେହେ ଦେଇଥିଲେ ଓ ପରିସ୍ରା ପିଆଇବା ସହ ପକେଟ୍‌ରୁ ୨୭୦୦ଙ୍କା ନେଇ ଯାଇଥିଲେ । ଧମକ ଦେଇଥିଲେ ଥାନା କୋର୍ଟକୁ ଗଲେ ଜୀବନ ପାଇ ପାରିବୁ ନାହିଁ । ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ଯୁବକଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମହାନିର୍ଦ୍ଦେଶକ, ପୋଲିସ ଆରକ୍ଷୀ ଅଧୀକ୍ଷକ ପ୍ରଭୃତିଙ୍କ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଭିଯୋଗ ପଠାଇଛନ୍ତି ।

## ଭାରସାମ୍ୟ ହରାଇ ଓଲଟିଲା କାର୍

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାଜ୍ୟରାଜପଥର ଅଛୁତପୁର ନିକଟରେ ଏକ ଓଡ଼ି ୦୫ ଡବ୍ଲ୍ୟୁ ୮୭୩୬ ସଂଖ୍ୟା କାର ଦ୍ରୁତବେଗରେ ଆସି ଭାରସାମ୍ୟ ହରାଇ ଏକ ୧୧ କେଭି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ମାତ୍ର ଏତେ ଜୋରରେ ଥିଲା ଯେ ଖୁଣ୍ଟଟି ମୂଳରୁ ଭାଙ୍ଗି ତଳେ ପଡିଯାଇଥିଲା । ସୌଭାଗ୍ୟବଶତଃ କାର ଆରୋହୀଙ୍କ ସହ ଭିତରେ ଥିବା ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ। ଅନ୍ୟପକ୍ଷେ କରେଣ୍ଟ ସରବରାହ କରୁଥିବା ତାର ଓହଳି ରହିବାରୁ କାର ଭିତରେ ଥିବା ଦୁଇବ୍ୟକ୍ତିଙ୍କ ସହ ଅନ୍ୟ ପଥଚାରୀ ନିଶ୍ଚିତ କ୍ଷୟକ୍ଷତିରୁ ରକ୍ଷା ପାଇଯାଇଥିଲେ। କାର ମାଲିକଙ୍କ ଘର ତିର୍ତ୍ତୋଲ ଥାନା ଜଇପୁର ଅଞ୍ଚଳର ବୋଲି ଜଣାପଡିଛି। କାରର ଇନ୍ସୁରାନ୍ସ ନଥିବାବେଳେ ସୁରକ୍ଷିତ ସ୍ଥାନକୁ ଉଠାଇ ନିଆଯାଇଛି। ଏ ସମ୍ପର୍କରେ ଥାନାରେ ଏକ ଡାଇରୀ ହୋଇଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ବିଜେପି ନେତାଙ୍କ ମାତୃ ବିୟୋଗ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଅଞ୍ଚଳର ବରିଷ୍ଠ ବିଜେପି ନେତା ମଙ୍ଗଳାପ୍ରସାଦ ସାମନ୍ତରାୟଙ୍କ ମାତୃଦେବୀ ପ୍ରେମଲତା (୮୩)ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି ।ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ନିକଟରେ ପୁତ୍ର ମଙ୍ଗଳାପ୍ରସାଦ, ବିମଳ, ଶ୍ୟାମଳ, ସଲିଳ, ପୁତ୍ରବଧୂ ଦେବସ୍ମିତା, ଜୟନ୍ତୀ, ମନୀଷା, ସବିତା, ନାତି ସିଦ୍ଧେଶ, ବିଶ୍ୱପ୍ରକାଶ, ନାତୁଣୀ ମୋନାଲିସା, ପୁତୁରା ରଶ୍ମିରଞ୍ଜନ, ଭଣଜା ଲଲାଟେନ୍ଦୁ ବଡ୍ଡୁ, ଭାଣେଜୀ ରିତାଞ୍ଜଳୀ ବଡ୍ଡୁ, ପରିବାର ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ସମାଜସେବୀ ଦିବାକର ଛାଟୋଇ,ଲଳିତ ରଥ, ଓଡିଶା ମତ୍ସ୍ୟଜୀବି ସଙ୍ଘର ସଭାପତି ପ୍ରସନ୍ନ ବେହେରା, ଟୁଟୁ ମହାନ୍ତି, ରବିନ୍ଦ୍ର ମହାନ୍ତି, କିଶୋର ପ୍ରଧାନ, କାର୍ତ୍ତିକ ରାଉତ, ଦିନକୃଷ୍ଣ ମହାନ୍ତି, ଜ୍ୟୋତି ବିନାୟକ ପ୍ରଧାନ ପ୍ରମୁଖ ବରିଷ୍ଠ ନେତୃମଣ୍ଡଳୀ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବିଶ୍ୱାମିତ୍ର ମଠ ନିକଟସ୍ଥ ଶ୍ମଶାନରେ ଦାହ କରାଯାଇଥିଲା । ପୁତ୍ର ମଙ୍ଗଳା ପ୍ରସାଦ ମୁଖାଗ୍ନି ଦେଇଥିଲେ ।

## କୁଜଙ୍ଗ ସମାଗୋଳ ଉପକାରାଗାରରେ ଆଧାତ୍ମିକ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ/କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମାଗୋଳ ଉପକାରାଗାରରେ ଅଣ ଆନୁଷ୍ଠାନିକ ପରିଦର୍ଶିକା ଭାବେ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଦୀର୍ଘଦିନ ହେବ ଜେଲ୍ ଅନ୍ତେବାସୀଙ୍କ ମାନସିକତାର ପରିବର୍ତ୍ତନ ପାଇଁ ଅନେକ ଆଧାତ୍ମିକ କାର୍ଯ୍ୟକ୍ରମ ମାନ କରି ଆସୁଛନ୍ତି । ସଂଯୋଗ କ୍ରମେ ପଦ୍ମଶ୍ରୀ, ପୂଜ୍ୟ ପୂଜକ ବାବା ବଳିଆଙ୍କ ପଟ୍ଟ ଶିଷ୍ୟ ତଥା ଆନ୍ତର୍ଜାତୀୟ ଗୀତା ମିଶନର ସଭାପତି ଡ.ଚିଦାନନ୍ଦ ବ୍ରହ୍ମଚାରୀ ରବିବାର ଦିନ ଜେଲ୍ ପରିସରରେ ଅନ୍ତେବାସୀଙ୍କ ମାନସିକ ସୁଧାର ଆଣିବା ପାଇଁ ବଞ୍ଚିବାର ରାହା ଶୀର୍ଷକ ବିଷୟ ଉପରେ ମାର୍ମିକ ଆଲୋଚନା କରିଥିଲେ । ତାଙ୍କ ମତରେ ଅପରାଧ ପ୍ରବଣତା ଜନ୍ମଗତ ନୁହେଁ । କୁସଂଗ, କୁପରିବେଶ, କୁଚିନ୍ତନ ଦ୍ୱାରା ସାର୍ଥକ ଜନ୍ମ ବେଳେ ବେଳେ ଅପରାଧ କରି ବସେ । ଆମ ଦେଶ ହେଉଛି ଋଷି ପରମ୍ପରାର ଦେଶ । ଆମ ସଂସ୍କୃତିର ପ୍ରଭାବରେ ଦସ୍ୟୁ ରତ୍ନାକର ମଧ୍ୟ ବାଲ୍ମୀକି ହୋଇ ପାରିଥିଲେ । ଏଣୁ ଜୀବନରେ ସତସଙ୍ଗ ଓ ସଦଗ୍ରନ୍ଥ ପଠନ ଦ୍ୱାରା ପରିବର୍ତ୍ତନ ଆସିଥାଏ । କାର୍ଯ୍ୟକ୍ରମଟି ଉପକାରାଗାରର ଅଧକ୍ଷ ଇନ୍ଦ୍ରଜିତ ବିଶ୍ୱାଳ ତଥା ଅନ୍ୟ ସହକର୍ମୀଙ୍କ ଦ୍ୱାରା ସଯତ୍ନ ସମ୍ପାଦିତ ହୋଇଥିଲା । ଅନ୍ୟାନ୍ୟ ମଞ୍ଚାସୀନ ଅତିଥି ଭାବେ ପ୍ରାକ୍ତନ ସାଂସଦ ଡା. କୁଳମଣି ସାମଲ, ବ୍ୟାସ ବିଷ୍ଣୁ ସ୍ନେହା ଲୟର ସଭାପତି ଡ଼. ସିଦ୍ଧେଶ୍ୱର ପଣ୍ଡା ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାସ ଫାଉଣ୍ଡେସନର ଉପସଭାପତି ରଶ୍ମିତା ନାୟକ, ସଭ୍ୟ ବିପିନ ମାଝୀ, ଏମ୍‌ଏସ୍ ରାଜନ୍, ସମାଜ ସେବୀ ମଣିଶଙ୍କର ପରିଡା, ଉପକାରାଗାରାର ସ୍ୱାସ୍ଥ୍ୟ ପରୀକ୍ଷକ ଶ୍ରୀନିବାସ ଦାଶ ପ୍ରମୁଖ କାର୍ଯ୍ୟ କ୍ରମରେ ସହଭାଗୀତା କରିଥିଲେ । ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ଦ୍ୱାରା ଜେଲ୍ ଅନ୍ତେବାସୀଙ୍କୁ ବଳିଆ କଥାମୃତ ଶୀର୍ଷକ ଆଧାତ୍ମିକ ପୁସ୍ତକ ବଣ୍ଟନ କରିଥିଲେ । ଡା. କୁଳମଣି ସାମଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପାରାଦ୍ୱୀପର ଶ୍ରମିକ ନେତା ତଥା ଯୁବ ସମାଜ ସେବୀ ରାକେଶ ପଟ୍ଟନାୟକ ଜେଲ୍ ଅନ୍ତେବାସୀଙ୍କ ନିମନ୍ତେ ୫ ଗୋଟି ସିଲିଙ୍ଗ ଫ୍ୟାନ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଅନ୍ତେବାସୀଙ୍କ ନିମନ୍ତେ ସାଧୁ ସନ୍ଥଙ୍କ ଦ୍ୱାରା ଏପରି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଶ୍ରୀମତୀ ଆଚାର୍ଯ୍ୟ ପ୍ରକାଶ କରିଥିଲେ ।

### ସୋସାଇଟି ପୋଡ଼ିବା ଘଟଣା ନେଇ ସନ୍ଦେହ

## ସଭାପତିଙ୍କ ଅଭିଯୋଗ ଅର୍ଥ ତୋଷାରପାତ ପାଇଁ ହୋଇଛି ଷଡ଼ଯନ୍ତ୍ର




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍‌ରେ ଅଦ୍ଭୁତ ଦୃଶ୍ୟ । ରେକର୍ଡ଼ ମାଗିବାରୁ ବିଳମ୍ବିତ ରାତିରେ ଦୁଗ୍ଧ ସୋସାଇଟିରେ ନିଆଁ ଲଗାଇଲେ ଦୁର୍ବୃତ୍ତ । ପୋଡ଼ିଗଲା ଆସବାବପତ୍ର । ଏ ସଂପର୍କରେ ସୋସାଇଟ୍‌ର ସଭାପତି ଥାନାରେ ଆଣିଲେ ଅଭିଯୋଗ । ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ସାଧାରଣରେ ବଳଙ୍ଗା ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଯାହାକୁ ନେଇ ଏହି ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ସାଇଁଶ ଶାସନ ଗ୍ରାମ ପଂଚାୟତ କଅଁରପୁରରେ ଥିବା ଜେନା ସାହି ଦୁଗ୍ଧ ସୋସାଇଟ୍ ପୋଡ଼ିବା ଘଟଣାକୁ ନେଇ ସମବାୟ ସମିତିର ସଂପାଦକ ୩ ବର୍ଷ ହେବ ସମିତିର ହିସାବ ପତ୍ର ଦେଉ ନଥିଲେ । କାଗଜ ପତ୍ର ମଧ୍ୟ ଦେଖାଉ ନଥିଲେ । ସମିତିର କାର୍ଯ୍ୟକୁ ନେଇ ଅସନ୍ତୋଷ ଦେଖା ଦେଇଥିବା ବେଳେ ଗତ ୧୭ ତାରିଖ ରାତ୍ରରେ ଗାଁ ମେଳନ ଚାଲିଥିବା ବେଳେ ସୋସାଇଟ୍ ଘରେ ନିଆଁ ଲାଗି ଯାଇଥିଲା । ସୋସାଇଟ୍‌ରେ ନଡ଼ା ଗଦା କରି କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସମସ୍ତ କାଗଜପତ୍ର ସରଞ୍ଜାମ ଓ ଡ୍ର'ରେ ଥିବା ଟଙ୍କା ମଧ୍ୟ ପୋଡ଼ି ଯାଇଥିଲା । ଘର ଭିତରେ ଅନେକ ସାମଗ୍ରୀ ସୁରକ୍ଷିତ ଥିବା ବେଳେ ଟଙ୍କା ରହିଥିବା ଡ୍ର'ରେ ଓ କାଗଜ ପତ୍ରରେ ନିଆଁ ଲାଗି ଥିବା ବେଳେ ଅନ୍ୟ ସମସ୍ତ ସାମଗ୍ରୀ ସୁରକ୍ଷିତ ଥିଲା । ଶୁଣିବାକୁ ମିଳୁଛି ଟଙ୍କା ପୋଡ଼ି ଯାଇଛି ବୋଲି । ସଭାପତି ନୃସିଂହ ଚରଣ ଜେନା ଥାନାରେ ଅଭିଯୋଗ କରିଥିବା ବେଳେ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଉନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହା ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପରି ମନେ ହେଉଥିବା ବେଳେ ଘଟଣାକୁ ପୋଲିସ କ'ଣ ପାଇଁ ହାଲ୍‌କା ଭାବେ ଗ୍ରହଣ କରୁଛି ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ନାଟି ବାଲିଘାଟରେ ଚାଲିଛି ବେଆଇନ ରାସ୍ତା ନିର୍ମାଣ, କାର୍ଯ୍ୟାନୁଷ୍ଠାନ କେବେ ?



ନିଆଳି(ଭାସ୍କର ନ୍ୟୁଜ): ମାଇନ୍ସ ବିଭାଗ ଓ କଟକ ଜିଲ୍ଲା ପ୍ରଶାସନ ଆଖିରେ ଆଙ୍ଗୁଳି ଗେଞ୍ଜି ନଦୀଗର୍ଭରୁ ଚୋରି ହୋଇସାରିଛି କୋଟି କୋଟି ଟଙ୍କାର ବାଲି। କିନ୍ତୁ ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା । ରାଜ୍ୟ ରାଜକୋଷକୁ ବାଲିମାଫିଆ ଲୁଟ କରୁଥିବା ବେଳେ ବାଲିଘାଟ ଓ ଚୋରା ଚାଲାଣ ରୋକିବା ପାଇଁ ବିଭାଗ ସାଜିଛି ନିଦାବିଷ୍ଟ। ଏଭଳି ସଙ୍ଗିନ ଅଭିଯୋଗ ଆସିଛି କଟକ ଜିଲ୍ଲା ନିଆଳି ତହସିଲ ଅନ୍ତର୍ଗତ ଦେବୀନଦୀର ନାଟି ବାଲିଘାଟ ସମ୍ପର୍କରେ । ନିଆଳି ତହସିଲ ଅନ୍ତର୍ଗତ ଦେବୀନଦୀ ନାଟି ବାଲିଘାଟ ନିଲାମଧାରୀ ନିଲାମ ବାବଦକୁ ୧ କୋଟି ୪୫ ଲକ୍ଷ ଟଙ୍କା ବକେୟା ରଖିଥିବା ବେଳେ ସୀମାଆରପାର କରି ବାଲି ଚୋରାଚାଲାଣ ଯୋଗୁଁ ୧ କୋଟି ଟଙ୍କା ଫାଇନ ଲଗା ଯାଇଥିବା ନେଇ ସୂଚନା ମିଳିଛି । ଏହିସବୁ ଟଙ୍କା ମାଇନ୍ସ ବିଭାଗ, କଟକ ଜିଲ୍ଲାପ୍ରଶାସନ କିମ୍ବା ରାଜ୍ୟ ସରକାର ଅସୁଲ କରୁନଥିବା ଯୋଗୁଁ ନିଆଳିରେ ଅସନ୍ତୋଷ ପ୍ରକାଶ ପାଇଛି । ଏତେ ରକମର ଟଙ୍କା ବକେୟା ପଡିଥିବା ବେଳେ ଏବେ ଜେସିବି ମେସିନ ସାହାର୍ଯ୍ୟରେ ଦିନରାତିରେ ଦେବୀନଦୀ ଗର୍ଭରେ ଚାଲିଛି ବେଆଇନ ରାସ୍ତା ନିର୍ମାଣ । ଏଭଳି ବେଆଇନ ରାସ୍ତା ନିର୍ମାଣ ସମ୍ପର୍କରେ କଟକ ଜିଲ୍ଲାପ୍ରଶାସନ, କଟକ ମାଇନ୍ସ ବିଭାଗ ଓ ନିଆଳି ପ୍ରଶାସନ କିଭଳି ଜାଣି ପାରୁନାହାଁନ୍ତି ବୋଲି ଅଭିଯୋଗ ହୋଇଛି । ନିୟମ ଅନୁସାରେ ଯେଉଁସବୁ ନିଲାମଧାରୀ ବାଲିଘାଟ ଯଦି ଅସତ ଉପାୟରେ ବାଲି ଚୋରା ଚାଲାଣ କରିନ୍ତି ତେବେ ମାଇନ୍ସ ବିଭାଗ ଓ ଜିଲ୍ଲା ପ୍ରଶାସନ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । ମାତ୍ର ବିଭାଗ କେବଳ ଫାଇନ କାଟି ନିଦାବିଷ୍ଟ ସାଜି ନିରବ ରହିବା ଫଳରେ ପୁନର୍ବାର ଚୋରା ବାଲି ଉତ୍ତୋଳନ ପାଇଁ ସାହସ କରୁଛନ୍ତି ମାଫିଆ । ଫାଇନ କିମ୍ବା ଅନାଦେୟ ସରକାରୀ ତହବିଲରେ ଟଙ୍କା ପୈଠ ନକଲେ ପୈତୃକ ସଂପତ୍ତି ଜବତ କରିବାର ନିୟମ ରହିଛ । କିନ୍ତୁ ମାଇନ୍ସ ବିଭାଗ ଓ ଜିଲ୍ଲା ପ୍ରଶାସନ କାହିଁକି ଅନୁସରଣ କରୁନାହାଁନ୍ତି ବୋଲି ନିଆଳିବାସୀ ପ୍ରଶ୍ନ କରିଛନ୍ତି । ନାଟି ବେଆଇନ ବାଲିଘାଟ ଉପରେ କେବେ ହେଉଛି କାର୍ଯ୍ୟାନୁଷ୍ଠାନ ଏନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି ।

## ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ୍‌ରେ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା ଉଦ୍‌ଘାଟିତ




ପାରାଦୀପ(ଭାସ୍କର ନ୍ୟୁଜ): ପ୍ରାୟ ୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାରାଦୀପ ବନ୍ଦର ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି ନୂତନ ଫ୍ଲଡ ଲାଇଟ ବ୍ୟବସ୍ଥା । ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ ତଥା ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଆଲୋକୀକରଣ ବ୍ୟବସ୍ଥା ଅନ୍ତର୍ଗତ ୬ ଗୋଟି ୩୦ ମିଟର ଉଚ୍ଚା ଆଲୋକ ଖୁମ୍ବ ବ୍ୟବସ୍ଥା କରାଯାଇଛି । ଏଲଇଡି ହାଇମାକ୍ସ ଲାଇଟ ଯୋଗୁଁ ବନ୍ଦରର କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଉତ୍ସାହର ବାତାବରଣ ଖେଳିଯାଇଛି । ଷ୍ଟାଡିଅମରେ ଆଗକୁ ସାନ୍ଧ୍ୟ କ୍ରୀଡା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ । ଫଳରେ ସ୍ଥାନୀୟ ଖେଳାଳି ମାନେ ଅନେକ ଉପକୃତ ହୋଇପାରିବେ ବୋଲି ବନ୍ଦର ଅଧକ୍ଷ ଶ୍ରୀ ହରନାଦ କହିଛନ୍ତି ।

## ଲଘୁ ଖଣିଜ ହରିଲୁଟ୍ ବିରୁଦ୍ଧରେ ବିଜେଡିର ସାମ୍ବାଦିକ ସମ୍ମିଳନୀ



ବଡ଼ଚଣା(ଭାସ୍କର ନ୍ୟୁଜ): ରତ୍ନଗର୍ଭା ବଡ଼ଚଣାର ଭୁଗର୍ଭରେ ଭରପୁର ଖଣିଜ ପଦାର୍ଥ ରହିଛି । ମାତ୍ର ଏହାର ସୁବିନିଯୋଗ ପରିବର୍ତ୍ତେ ବ୍ୟାପକ ହରିଲୁଟ୍ ହେଉଥିବାରୁ ବଡ଼ଚଣା ବିକାଶ ପରିବର୍ତ୍ତେ ବିନାଶ ହେଉଛି ବୋଲି ବିଜେଡି ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା କ୍ୟାପଟେନ ରଜନକ୍ଷରକ୍ଷୟାଣ ମହାପାତ୍ର ଅଭିଯୋଗ କରିଛନ୍ତି । ଭୌଗୋଳିକ ଦୃଷ୍ଟିରୁ ବଡ଼ଚଣାର ପଶ୍ଚିମାଞ୍ଚଳରେ ମାଙ୍କଡ଼ା ପଥର ମହଜୁତ୍ ଥିଲାବେଳେ ପୂର୍ବାଞ୍ଚଳରେ ବାଲି ଓ ମୋରମର ବ୍ୟାପକ ଭଣ୍ଡାର ଭରି ରହିଛି । ମାତ୍ର ଏଗୁଡ଼ିକର ଦିନ ଦୁଇ ପହରରେ ବ୍ୟାପକ ହରି ଲୁଟ ହେଉଛି, ମାଣ୍ଡୁକା ଖାଦାନ ଅନୁମତିଠାରୁ ବହୁ ପରିମାଣର ମୋହରମ୍ ଉତ୍ତୋଳନ କରାଯାଉଛି ଦୈନିକ ୪୦୦ରୁ ଊର୍ଦ୍ଧ୍ୱ ହାଇୱା ରେ ମୋରମ ପରିବହନ କରାଯାଉଛି । ସେହିପରି ବିରୂପା ନଦୀ ଘାଟ ୧(ରାମଦାସ ପୁର), ବିରୂପା ବାଲିଘାଟ ୨ରୁ ବ୍ୟାପକ ପରିମାଣରେ ବାଲି ଉଠାଯାଉଛି । ଏସବୁ ସ୍ଥାନରେ ୫ ବର୍ଷିଆ ଲିଜ୍ ମାଧ୍ୟମରେ ଠିକାଦାର ପାଇଥିବା ଅନୁମତିଠାରୁ ବହୁଗୁଣରେ ବାଲି ରାତିଅଧିଆ ଉଠାଯାଉଛି । ବଡ଼ଚଣା ପଶ୍ଚିମକ୍ଷଞ୍ଚଳର ଦର୍ପଣ, ସମିଆ, ବୈରୀ ଗ୍ରାମ ଗୁଡ଼ିକରୁ ବିଧାୟକଙ୍କ ସମର୍ଥକ ବନ୍ତଲା ସରପଞ୍ଚ ଖଇରା ଛକରେ ମାକଡ଼ାପଥର ଚୋରା ଚାଲାଣ କରୁଥିବା ଛାମୁଆ ନେତା କିପରି ହଟହଟା ହୋଇଥିଲେ ତାହା ଗଣମାଧ୍ୟମରେ ଘୁରି ବୁଲୁଥିବା ଦୃଶ୍ୟ ଆଲୋଚନାର ବିଷୟ ପାଲଟିଛି । ବଡ଼ଚଣା ମାଟିର ପୁଅ ଓ ଜାଗ୍ରତ ପ୍ରହରୀ କହୁଥିବା ବିଧାୟକଙ୍କ ଇଙ୍ଗିତରେ ତାଙ୍କ ସମର୍ଥକ ବାଲି, ମୋରମ, ମାଙ୍କଡ଼ା ମାଫିଆ ହରିଲୁଟ କରୁଛନ୍ତି ବୋଲି କହିବା ସହ ଏସଂପର୍କରେ ମୁଖ୍ୟମନ୍ତ୍ରୀ, ଡିଡିଏମ, ଜିଲ୍ଲପାଳ, ଜଙ୍ଗଲ, ଖଣି ବିଭାଗ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଦର୍ପଣ ତହସିଲଦାର, ସ୍ଥାନୀୟ ପୋଲିସଙ୍କୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ କହିବା ସହ ଏ ସମ୍ପର୍କରେ ଉଚ୍ଚ ନ୍ୟାଳୟରେ ଜନସ୍ୱାର୍ଥ ମଲାଲା ରୁଜୁ କରିଛନ୍ତି । ଆଗାମୀ ୭ ମଧ୍ୟରେ ବଡ଼ଚଣା ଲଘୁ ଖଣିଜ ପଦାର୍ଥ ବେଆଇନ ଭାବେ ଲୁଟ ବନ୍ଦ ନହେଲେ ବଡ଼ଚଣା ବିଜେଡି ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି କ୍ୟାପଟେନ ରାଜନାରାୟଣ ମହାପାତ୍ର ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ୧୮ ଜିଲ୍ଲା ପରିଷଦ ସଭ୍ୟକ୍ଷଙ୍କ ପ୍ରତିନିଧି ଅମର ମହାନ୍ତି, ତାପସ ରାୟ, ଜ୍ଞାନରଞ୍ଜନ ସାହୁ, ଧନେଶ୍ୱର ବେହେରା, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସିଧାସଳଖ ବିଧାୟକ ଅମର କୁମାର ନାୟକ ଲୁଟୁଥିବା ଓ ସ୍ଥାନୀୟ ପ୍ରଶାସନ ଇଙ୍ଗିତରେ ଚାଲିଥିବା ଅଭିଯୋଗ କରିଛନ୍ତି ।

### ପ୍ଲାଷ୍ଟିକ୍‌ମୁକ୍ତ ପଣାଯାତ୍ରା ୨୦୨୫

## ଚିଲିକା ପରିବ୍ୟବସ୍ଥା ସୁରକ୍ଷିତ ପାଇଁ ହମାରା ବଚପନର ପରିବେଶ-ପଦେକ୍ଷପ




ପୁରୀ(ଭାସ୍କର ନ୍ୟୁଜ): ପରିବେଶଗତ ସଂରକ୍ଷଣ ଦିଗରେ ନିଜର ନିରଳସ ପ୍ରତିବଦ୍ଧତା ପ୍ରୟାସର ତୃତୀୟ ବର୍ଷରେ ହମାରା ବଚପନ ଟ୍ରଷ୍ଟ ପୁଣିଥରେ ପ୍ଲାଷ୍ଟିକ ମୁକ୍ତ ପଣାଯାତ୍ରା ଅଭିଯାନ ଏପ୍ରିଲ ୧୫ରୁ ୧୮, ୨୦୨୫କୁ ତିତିପ (ପଣାପଡିଆ), କୃଷ୍ଣପ୍ରସାଦରେ ଆଗେଇ ନେଇଥିଲା ଏବଂ ଏହା ଚିଲିକା ପରିବ୍ୟବସ୍ଥାକୁ ସୁରକ୍ଷିତ ରଖିବା ଦିଗରେ ଗୋଷ୍ଠୀର ମାଲିକାନା ଓ ପରିବେଶଗତ ଦାୟିତ୍ୱକୁ ଅଧିକ ଦୃଢୀଭୂତ କରୁଛି। ଚଳିତବର୍ଷର ପ୍ରଚାର ଅଭିଯାନ ମୋମୁଣ୍ଡିଆ, ତିତିପ ଏବଂ ବଡଝଡା ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ (ଜିପିଏଲଏଫ)ଗୁଡିକର ମହିଳା ନେତୃବୃନ୍ଦ ଏବଂ ଜଳବାୟୁ ଚାମ୍ପିଅନ, ସେମାନଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), କ୍ଲଷ୍ଟର କୋଅର୍ଡିନେଟର, ସ୍ଥାନୀୟ ସଂଗଠକ ଏବଂ ଟିମ୍ ଲିଡର ଆଦିଙ୍କ ମଧ୍ୟରୁ ୫୦ରୁ ଅଧିକ ପ୍ରତିବଦ୍ଧ ସଦସ୍ୟଙ୍କୁ ଏକତ୍ରିତ କରିଥିଲା। ଏହି ଅଭିଯାନ କେବଳ ଏକ ଉତ୍ସବ ପରବର୍ତ୍ତୀ ସମୟରେ ସେଫଇ କରିବା ନୁହେଁ, ଏହା ଏକ ଆନ୍ଦୋଳନ ଗଢିତୋଳିବା ଉପରେ ଆଧାରିତ ଯେଉଁଠାରେ ଗୋଷ୍ଠୀଗୁଡିକ ପରିବେଶ ସୁରକ୍ଷା ଦାୟିତ୍ୱର ନେତୃତ୍ୱ ନେଉଛନ୍ତି। ସ୍ଥାନୀୟ ମହିଳା ଏବଂ ଯୁବଗୋଷ୍ଠୀ ଯେଉଁଭଳି ଶକ୍ତି ଏବଂ ନିଜର ଭାବ ପ୍ରଦର୍ଶନ କରୁଛନ୍ତି, ତାହା ଆମ ଗ୍ରାମଗୁଡିକରେ ବର୍ଦ୍ଧିତ ପରିବେଶଗତ ସଚେତନତାର ଏକ ନିଦର୍ଶନ ହୋଇଛି, ବୋଲି ହମାରା ବଚପନ ଟ୍ରଷ୍ଟର ଜଣେ ପ୍ରତିନିଧି କହିଛନ୍ତି। ଚଳିତ ବର୍ଷର ଯାତ୍ରା ସମାପନ ହୋଇସାରିଥିବା ବେଳେ ଏକ ସୁସ୍ପଷ୍ଟ ବାର୍ତ୍ତା ଯାଉଛି ଯେ- ଗୋଷ୍ଠୀ ଯେତେବେଳେ ନେତୃତ୍ୱ ନିଏ ସେତେବେଳେ ଦୀଘସ୍ଥାୟିତା ସହିତ ଉତ୍ସବ ପାଳନ ମଧ୍ୟ ଏକତ୍ର ରହିପାରିବ।

# ଓଡ଼ିଶାର ଆଦିବାସୀ କଳା ଐତିହ୍ୟକୁ ବେଦାନ୍ତ ଆଲୁମିନିୟମ୍‌ର ପ୍ରୋତ୍ସାହନ




ଭବାନୀପାଟଣା(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଭବାନୀପାଟଣାର ଥୁଆମୂଳ ରାମପୁରସ୍ଥିତ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଶାର ସମୃଦ୍ଧ କଳାତ୍ମକ ଐତିହ୍ୟକୁ ପାଳନ କରିଛି। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଏବଂ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବେଦାନ୍ତର ସିଜିମାଳି ବକ୍ସାଇଟ୍ ଟିମ୍ ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା କାଳାହାଣ୍ଡି କଳା ଓ ଗବେଷଣା ମହାବିଦ୍ୟାଳୟ ଅଧ୍ୟାପକଙ୍କ ଦ୍ୱାରା ପରିଚାଳିତ ଓଡ଼ିଶାର ସର୍ବପୁରାତନ ଆଦିବାସୀ କଳା ମଧ୍ୟରୁ ଅନ୍ୟତମ ସଉରା କଳା ଉପରେ ଏକ କର୍ମଶାଳା। ସଉରା କଳାର ଉତ୍ପତ୍ତି, ପ୍ରତୀକବାଦ ଏବଂ କୌଶଳ ବିଷୟରେ ୧୨୦ ରୁ ଅଧିକ ଅଂଶଗ୍ରହଣକାରୀ ଛାତ୍ର, ଏହି ଅଞ୍ଚଳର ଦେଶୀୟ ସଂସ୍କୃତି ଏବଂ ଆଜିର ବିଶ୍ୱରେ ଏହାର ପ୍ରାସଙ୍ଗିକତା ବିଷୟରେ ସେମାନଙ୍କ ବୁଝାମଣାକୁ ଅଧିକ ଗଭୀର କରିଥିଲେ । ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତର ବକ୍ସାଇଟ୍ ମାଇନ୍ସ ସିଇଓ ନିତିନ ତିୱାରୀ କହିଛନ୍ତି ଯେ ଆମର ଗୋଷ୍ଠୀ ବିକାଶ ପ୍ରୟାସ ଆମେ କାର୍ଯ୍ୟ କରୁଥିବା ଅଞ୍ଚଳର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନରେ ଗଭୀର ଭାବରେ ରହିଛି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଯୁବ ପିଢ଼ିକୁ ସେମାନଙ୍କ ସୃଜନଶୀଳ ସାମର୍ଥ୍ୟ ଅନ୍ୱେଷଣ କରିବା ସହିତ ସେମାନଙ୍କ ମୂଳ ସହିତ ପରିଚିତି ପାଇଁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛୁ। ବେଦାନ୍ତର ଉଦ୍ୟମକୁ ପ୍ରଶଂସା କରି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟ ପ୍ରକାଶ ସତ୍ୟ କହିଥିଲେ ଯେ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆମେ ବେଦାନ୍ତ ଆଲୁମିନିୟମ ପ୍ରତି କୃତଜ୍ଞ, ଯାହା ଆମ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସାଂସ୍କୃତିକ ମୂଳ ସହିତ ଯୋଡ଼ିଥାଏ। ସଉରା କଳା କର୍ମଶାଳା କେବଳ ସେମାନଙ୍କର କଳାତ୍ମକ ଦକ୍ଷତାକୁ ସମୃଦ୍ଧ କରିନଥିଲା ବରଂ ଓଡ଼ିଶାର ଆଦିବାସୀ ଐତିହ୍ୟ ପ୍ରତି ସେମାନଙ୍କର ପ୍ରଶଂସା ମଧ୍ୟ ମଜବୁତ କରିଥିଲା। ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠି ଯୋଗଦାନର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ରେଖାଙ୍କିତ କରେ । ଯତ୍ନ ଏବଂ ଭାଗିଦାରୀର ନୈତିକତା ଉପରେ ଆଧାରିତ ବେଦାନ୍ତର ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକ କଳାହାଣ୍ଡି ଜିଲ୍ଲାର ୬୭ ଗାଁର ଦେଢ଼ ଲକ୍ଷ ଲୋକଙ୍କ ଏବଂ ଓଡ଼ିଶାର ୫ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିପାରିଛି ।



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ବ୍ଲକ ଅନ୍ତର୍ଗତ କେଟଲା ଗ୍ରାମରୁ ମୂଲ୍ୟବାନ ୮ଟି ଜୈନମୂର୍ତ୍ତି ମଧ୍ୟରୁ ସବୁଠାରୁ ବଡ ମୂର୍ତ୍ତି ଚୋରି ହୋଇଛି । ଏନେଇ କୋରାପୁଟ ସଦର ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ କରିଛି ପୋଲିସ । କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଯାଇ ସମଗ୍ରର ପାହାଡ ଅଞ୍ଚଳରେ ତଦନ୍ତ କରି ଫେରିଛନ୍ତି । ଉକ୍ତ ଅଞ୍ଚଳରେ ଗତ କିଛି ଦିନ ହେବ ଚଳପ୍ରଚଳ ହେଉଥିବା ମୋବାଇଲ ନମ୍ବର ଗୁଡିକୁ ଟ୍ରାକିଂ କରିବା ପ୍ରକ୍ରିୟା ଆରମ୍ଭ କରିଛି ପୋଲିସ । କେଟଲା ଗ୍ରାମବାସୀଙ୍କ କହିବା ଅନୁସାରେ, ଗ୍ରାମକୁ ଲାଗି ରହିଥିବା ପାହାଡରେ ୮ଟି ଜୈନମୂର୍ତ୍ତିକୁ ଗ୍ରାମବାସୀ ପୂଜାର୍ଚ୍ଚନା କରି ଆସୁଛନ୍ତି । ବିଭିନ୍ନ ପର୍ବପର୍ବାଣୀରେ ମଧ୍ୟ ସେମାନେ ଜୈନମୂର୍ତ୍ତିକୁ ପୂଜା କରୁଛନ୍ତି । ଏବେ ଚଇତ ମାସ ଚାଲିଥିବାରୁ ଗ୍ରାମବାସୀ ଜୈନମୂର୍ତ୍ତିକୁ ସୁସଜ୍ଜିତ କରି ପୂଜା କରୁଛନ୍ତି । ତେବେ ଗତ ଶୁକ୍ରବାର ଦିନ ସକାଳୁ ପୂଜା କରିବା ପାଇଁ ପାହାଡ଼କୁ ଯିବା ବେଳେ ଗୋଟିଏ ମୂର୍ତ୍ତିକୁ କେହି ଦୁବୃତ୍ତ ଟାଣି ଟାଣି ପାହାଡ଼ ଉପରୁ ତଳକୁ ଆଣି ଚୋରି କରି ନେଇଥିବା ଦେଖିବାକୁ ମିଳିଥିଲା । ସଦର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏସ୍ଆଇ ଫକୀର ମୋହନ ଖରା, ସୁଧାଂଶୁ ନାୟକ, କୃପାସିନ୍ଧୁ ଖୋସଲା, ଯାଞ୍ଚ କରି ଫେରିଛନ୍ତି । ଏହି ଚୋରି ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି । ଏଥି ପୂର୍ବରୁ ସେମିଳିଗୁଡା ବ୍ଲକ ସୁବାଇ ମୁଖ୍ୟ ମନ୍ଦିର ପରିସରରୁ ତିନୋଟି ମୂର୍ତ୍ତି ଚୋରି ହୋଇଛି । ଜିଲ୍ଲାର ସୁବାଇ, ନନ୍ଦପୁର, କେଟଲା, ଜୟପୁର ବ୍ଲକର ଜାମୁଣ୍ଡା, ବୋରିଗୁମା ବ୍ଲକ ବି.ସିଂହପୁର, ଜିଲ୍ଲା ସଂଗ୍ରହାଳୟ ଜୟପୁରରେ ଥିବା ଜୈନ ମୂର୍ତ୍ତି ଗୁଡିକ ପ୍ରାଚୀନ କାଳରୁ ରହି ଆସିଛି ।

## ପାହାଡ଼ତଳି ଆଦିବାସୀଙ୍କ ପାନୀୟ ଜଳ ଦୁଃଖ



- ଚୂଆଁ ପାଣିରେ ମେଣ୍ଟୁଛି ଶୋଷ
- ପିଲାଙ୍କ ପାଠପଢ଼ାରେ ଲାଗୁଛି ଡିବିରି ବତି

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୟନୀୟ ଜୀବନ ବିତାଉଛନ୍ତି ମଲକାନଗିରି ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ଭୀମରାଙ୍ଗିଣୀ ଗ୍ରାମର ଲୋକେ । ପାହାଡ଼ ତଳି ଏହି ଗାଁକୁ ନା ଭଲ ରାସ୍ତା ଅଛି ନା ଗାଁରେ ପାନୀୟଜଳ ଅଛି ସୁବିଧା । ବିଦ୍ୟୁତ ଓ ସ୍ୱାସ୍ଥ୍ୟସେବା ସାତ ସପନ । ଗାଁର ନଳକୂପ ଗୁଡ଼ିକ ଅଚଳ ହୋଇଥିବାରୁ ଲୋକେ ଚୂଆର ଦୂଷିତ ପାଣିରେ ଶୋଷ ମେଣ୍ଟାଉଛନ୍ତି । ଡିବିରି ଆଲୁଅରେ ପିଲାଙ୍କ ପାଠପଢା ଚାଲିଛି । ଜିଲ୍ଲା ସଦର ମହକୁମାରୁ ପ୍ରାୟ ୧୫ କିମି ଦୂରରେ ପାହାଡ଼ ତଳେ ରହିଛି ରାମରଙ୍ଗିଣୀ ଗ୍ରାମ । ଏଠାରେ ୨୭୦ ଘର ରହିଥିବା ବେଳେ କୋୟା, ପରଜା ଆଦିବାସୀ ସହ କିଛି ହରିଜନ ପରିବାରର ମିଶି ୧ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି । ପ୍ରତିଦିନ ଦୈନିକ କାମ ପାଇଁ ବ୍ଲକ ଓ ସଦର ମହକୁମାକୁ ଯାତାୟାତ କରୁଛନ୍ତି । ଗ୍ରାମବାସୀଙ୍କ କହିବା ପ୍ରକାରେ ରାସ୍ତା ନଥିବାରୁ ବର୍ଷାଦିନେ କାଦୁଅ ପଣିରେ ଭର୍ତ୍ତି ହୋଇଯାଉଛି । ପୂର୍ବରୁ ଗାଁକୁ ଆରଡ଼ି ବିଭାଗ ପକ୍ଷରୁ ମେଟାଲ ରାସ୍ତା ନିର୍ମାଣ ହୋଇଥିଲା । ୧୨ ବର୍ଷରୁ ଅଧିକ ଦିନ ହେବ ମରାମତି ହୋଇ ନଥିବାରୁ ମେଟାଲ ଉଠି ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । ଏହି ଗାଁରୁ ବିରଲକ୍ଷ୍ମନ ପୁର ପଞ୍ଚାୟତକୁ ସଂଯୋଗ କରିବା ଲାଗି ୧୫ କିମି ରାସ୍ତା ନାହିଁ । ଗାଁରେ ଥିବା ୫ଟି ନଳକୂପରୁ ୩ଟି ଅଚଳ ହୋଇପଡ଼ିଛି । ଆଉ ୨ଟିରୁ ଲୌହ ଯୁକ୍ତ ପାଣି ବାହାରୁଥିବାରୁ ସେଗୁଡ଼ିକ ବ୍ୟବହାର କରାଯାଇ ପାରୁନାହିଁ । ମହିଳାମାନେ ଗାଁ ନିକଟ ଚାଲିପେଡି ନାଳରେ ଚୂଆଁ ଖୋଳି ଜଳସଂଗ୍ରହ କରୁଛନ୍ତି । ବର୍ଷା ଓ ଶୀତ ଦିନେ ଭାଲୁ, ସାପ, ବନ୍ୟଜନ୍ତୁଙ୍କ ଭୟ ଲାଗିରହିଛି । ଅନେକ ଦିନ ତଳେ ଏଠାରେ ସୋଲାର ପ୍ରକଳ୍ପ ଦ୍ୱାରା ପାନୀୟଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା । କିଛିଦିନ ଚାଲିବା ପରେ ତାହା ଅଚଳ ହୋଇ ପଡ଼ିରହିଛି । ବିଶେଷକରି ଗାଁକୁ ପାନୀୟଜଳ ଯୋଗାଇବା ବ୍ୟବସ୍ଥା କରିବା ପାଇଁ ଗାଁର ଫୁଲମତୀ ସୋଡି, ସମାରି କବାସୀ, ବତା ସୋଡି, ଲକ୍ଷ୍ମୀ ଶିଶା, ତମ୍ନୁ ଶିଶା ପ୍ରମୁଖ କହିଛନ୍ତି । ଦେଢବର୍ଷ ତଳେ ମୋବାଇଲ ଟାୱାର ସ୍ଥାପନ କରାଯାଇଥିଲା । ତାହା କାର୍ଯ୍ୟକ୍ଷମ ହୋଇ ନଥିବାରୁ ଲୋକେ ମୋବାଇଲ ସେବାରୁ ଆଜି ଯାଏଁ ବଞ୍ଚିତ ହୋଇ ରହିଛନ୍ତି । ଅନ୍ୟପକ୍ଷରେ ଗାଁର ହରିଜନ ପଡ଼ାରେ ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ରାତିରେ ଡିବିରି ଆଲୁଅରେ ପଢ଼ିବା ପାଇଁ ପଞ୍ଚାୟତରେ କିରୋସିନ ମିଳୁ ନଥିବାରୁ ବଜାରରୁ କିରାସିନି ଅଧିକ ଟଙ୍କା ଦେଇ କିଣିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ଯ ସୁଫଳ ମିଳି ନଥିବା ୱାର୍ଡ଼ମେମ୍ବର ଦନେଇ ହନ୍ତାଳ, ଗାଁ ମୁଖିଆ କେଶବ ଶିଶା, କାର୍ତ୍ତିକ ମାଟମ, ଲଇଛନ ଶିଶାଙ୍କ ସହ ଅନ୍ୟମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନଙ୍କୁ ଯୋଗାଯୋଗ କରିବା ପରେ ଗାଁର ସମସ୍ୟା ଅନୁଧ୍ୟାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଖୁବଶୀଘ୍ର ପଠାଯିବ । ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି ।

## ବେପରୁଆ ଗାଡି ଚାଳନା, ଘରେ ପଶିଲା ଟ୍ରକ



ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନାର ସରାଙ୍ଗ ଫାଣ୍ଡି ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ସରାଙ୍ଗ ଆଇଜିଆଇଟି ଅନୁଷ୍ଠାନ ନିକଟ ଏକ ଘର ଭିତରେ ଶନିବାର ବିଳମ୍ବିତ ରାତିରେ ଏକ ୧୬ଚକିଆ ଟ୍ରକ ପଶି ଯାଇଥିବା ଜଣାପଡିଛି । ରାତି ସମୟରେ ପିତିରି ଦିଗରୁ ତାଳଚେର ଦିଗକୁ ଯାଉଥିବା ଟ୍ରକ ଦୃତ ଗତିରେ ଯାଉଥିବା ବେଳେ ଅପରପାର୍ଶ୍ୱ ରାସ୍ତାକୁ ଅତିକ୍ରମ କରି ଟୁନା ବେହେରାଙ୍କ ଛାତ ଘର ଉପରକୁ ଚଢ଼ି ଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଡିଭାଇଡ଼ର ରାସ୍ତାରୁ ଯାଇ ଲୁହାବାଡ଼କୁ ଧକ୍କା ଦେଇ ଟୁନା ବେହେରାଙ୍କ ଘର ଉପରକୁ ଚଢ଼ି ଯାଇଥିଲା । ଏପରି ଶବ୍ଦ ଶୁଣି ପରିବାର ଲୋକେ ଜୀବନ ବିକଳରେ ବାହାରକୁ ବାହାରି ଆସି ଏପରି ଦେଖିବାକୁ ପାଇଥିଲେ । ଚାରି ଲେନ୍ ବିଶିଷ୍ଟ ରାଜପଥ ହୋଇଥିବା ବେଳେ ଏହି ସମୟରେ ଉଭୟ ରାସ୍ତାରେ କୌଣସି ଯାନବାହାନ କିମ୍ବା ପଥଚାରୀ ଯାତାୟାତ କରୁନଥିବାରୁ ଜୀବନ ପ୍ରତି କୌଣସି ଅଘଟଣ ଘଟିନଥିଲା କିମ୍ବା ସରାଙ୍ଗ ଛକରେ ବ୍ୟବସାୟୀ ଏବଂ ଅନ୍ୟ ଲୋକମାନେ ଯାତାୟାତ କରୁନଥିବା ସମୟରେ ଏପରି ଘଟଣା ଘଟିଥିବା ଜଣାପଡିଛି । ଗାଡ଼ିର ଚାଳକ ଗୁରୁତର ଥିବାରୁ ସ୍ଥାନୀୟ ଲୋକ ମାନେ ଆମ୍ବୁଲାନ୍ସ ଡାକି ମେଡ଼ିକାଲକୁ ପଠାଇ ଦେଇ ପରଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି ।

## ପଙ୍କପାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିନାମୂଲ୍ୟରେ ଚିକିତ୍ସା, ପରୀକ୍ଷା, ଔଷଧ ପ୍ରଦାନ ସହିତ ଅଣସଂକ୍ରାମକ ଓ ଅନ୍ୟାନ୍ୟ ବହୁବିଧ ରୋଗ ସଂକ୍ରାନ୍ତରେ ସଚେତନ କରାଯାଇଥିଲା । ପଙ୍କପାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡ଼ା ସ୍ମୃତିରଞ୍ଜନ ମହାପାତ୍ର ଉପସ୍ଥିତ ଶତାଧିକ ରୋଗୀଙ୍କ ଚିକିତ୍ସା କରିବା ସହିତ ରୋଗୀଙ୍କୁ ପରାମର୍ଶ ଦେଇଥିଲେ । ଆୟୁଷ ଚିକିତ୍ସାଧିକାରୀଣୀ ଡ଼ା ଗିରିଜା ତ୍ରିପାଠୀ, ଭେଷଜଜ୍ଞ ବ୍ରଜ କିଶୋର ମଲ୍ଲ, ମହିଳା ସ୍ୱାସ୍ଥ୍ୟକର୍ମୀ ଛବିରାଣୀ ଭଡ୍ରା, ଶାନ୍ତିଲତା ମାଝୀ, ଏଲଟି ଶସ୍ମିତା ପରିଡ଼ା ଓ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀ ଅରିକ୍ଷିତ ସାହୁ ଏଲିନା ଜିତୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସେମିଳିଗୁଡାର ଚୋରି ସାମଗ୍ରୀ ଜୟପୁରରୁ ଜବତ



କୋରାପୁଟ, (ଭାସ୍କର ନ୍ୟୁଜ) : କିଛି ଦିନ ହେବ ସେମିଳିଗୁଡା ସହରରେ ଚୋରଙ୍କ ପାର୍ଦୁଭାବ ବଢିବାରେ ଲାଗିଛି । ବିଭନ୍ନ ଅଞ୍ଚଳରେ ଏକାଧିକ ଚୋରି ମାମଲାରେ ନାବାଳକମାନଙ୍କ ସମ୍ପୃକ୍ତି ରହିଛି । ସେମିଳିଗୁଡା ଥାନା ଅଞ୍ଚଳର ଏକ ଚୋରି ମାମଲରେ ୪ ନାବାଳକଙ୍କୁ ଜୁଭେନାଲ ଜଷ୍ଟିସ ବୋର୍ଡରେ ପୋଲିସ ହାଜର କରିଥିବା ସୁନାବେଡା ଏସଡିପିଓ ସୁମିତ୍ରା ଜେନା ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ସେମିଳିଗୁଡା ପୌର ପରିଷଦ ଅନ୍ତର୍ଗତ କୈଳାସ ନଗର ଲେନ୍ ନଂ ୧୦ର ନିବାସୀ ପ୍ରବିର କୁମାର ଦାଶଙ୍କ ଘରୁ ଗତ ଏପ୍ରିଲ ୧୪ତାରିଖରେ ଆଲମାରୀ ଭାଙ୍ଗି ତିନୋଟି ସୁନା କାନ ଫୁଲ, ଗୋଟିଏ ହାତ ମୁଦି ଆଦି ୨୦ଗ୍ରାମ ଓଜନର ସୁନା ଗହଣା, ୩୦ଗ୍ରାମ ଓଜନର ରୂପା ଗହଣା, ତିନୋଟି ମୋବାଇଲ ଫୋନ, ନଗଦ ଚାଳିଶ ହଜାର ଟଙ୍କା ସହ ଗୋଟିଏ ବ୍ୟାଗ ଓ ଅନେକ ସାମଗ୍ରୀ ଚୋରି ହୋଇଥିବା ନେଇ ଏପ୍ରିଲ ୧୫ତାରିଖରେ ସେମିଳିଗୁଡା ଥାନାରେ ଅଭିଯୋଗ କରିଥିଲେ । ଏନେଇ ଥାନାରେ କେସ ନଂ ୪୩ରେ ମାମଲା ରୁଜୁ କରାଯାଇଥିଲା । ଥାନା ଅଧିକାରୀ ଅନିତା କୁଜୁରଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ସଦର ଥାନା ଅନ୍ତର୍ଗତ ଚାରିଜଣ ନାବାଳକଙ୍କୁ ଠାବ କରି ସେମାନଙ୍କ ଠାରୁ ଦୁଇଟି ସ୍ୟାମସଙ୍ଗ ମୋବାଇଲ ଫୋନ, ନଗଦ ୨୨୫୦୦ଟଙ୍କା, ରୂପା ବ୍ରେସଲେଟ, ଏୟାର ବ୍ୟାଗ, ପ୍ରସାଧନ ସାମଗ୍ରୀ ଓ କବାଟ ଭଙ୍ଗା ଯନ୍ତ୍ରପାତି ଆଦି ଜବତ କରାଯାଇଛି । ଚାରି ଜଣ ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ରେ ହାଜର କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି । ଚୋରି ଜିନିଷ କ୍ରୟକାରୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ପୋଲିସ ପ୍ରକାଶ କରିଛି ।

## ମୋ ଗାଁ ଅଭିଯାନର ବୈଠକ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ମାର୍କଣ୍ଡପୁର ମା' ସର୍ବାଙ୍ଗାସୁନ୍ଦରୀ ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ଗ୍ରାମର ମା' ଭଉଣୀମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ମହାପାତ୍ର ସଭାର ଉଦେଶ୍ୟ ଓ ଲକ୍ଷ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ସଭାରରେ 'ଗାଁର ଉନ୍ନତିରେ ମୋର ଭୂମିକା' ଶୀର୍ଷକ ଆଲୋଚନା କରାଯାଇ ଗାଁର ସଂସ୍କୃତି, ପରମ୍ପରା, ସ୍ୱାଭିମାନ, ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା ଓ ଅର୍ଥନୈତିକ ଉନ୍ନତି ସହ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟ ଶ୍ରୋତରେ ଏଇ ଗାଁର ଭାଗିଦାରୀ ରହିବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ମୁଖ୍ୟଅତିଥି ଅଧ୍ୟାପକ ବିଜୟ କୁମାର ବିଶ୍ୱାଳ ମୁଖ୍ୟବକ୍ତା ସାହିତ୍ୟିକ କାର୍ତ୍ତିକ ଷଢଙ୍ଗୀ ମତ ପୋଷଣ କରିଥିଲେ । ଅନ୍ୟତମ ଅତିଥିଭାବେ ରାଜ୍ୟ ଅଭିଭାବକ ମହାସଙ୍ଘର ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ଗାଁର ଉନ୍ନତିରେ ସମାଜର କିପରି ଉନ୍ନତି ହୋଇ ପାରିବ ସେ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ନନ୍ଦୀ, ମିତା ସେନାପତି, କବିତା ଦାସ, କୁନିଲତା ଦାସ, ସବିତା ସାହୁ, ସୁଜାତା ପୃଷ୍ଟି, ସସ୍ମିତା ବେହେରା, ଗାୟତ୍ରୀ ବେହେରା, ଆରତୀ ବେହେରା, ଗୀତାଞ୍ଜଳି ବେହେରା, ପ୍ରଭାତୀ ସାହୁ, ପ୍ରଭାତୀ ପୋଥାଳ, ଲକ୍ଷ୍ମୀ ଧଡା, ମାୟରାଣି ମହାପାତ୍ର, ଲକ୍ଷ୍ମୀ ବେହେରାଓ ସକିନା ବାରିକ୍ ପ୍ରମୁଖ ଅଂଶ ଗ୍ରହଣ କରି ଉପାଦେୟ ମତ ପଦାନ କରିଥିଲେ । ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ ଓଝା ସଭାପତିତ୍ୱ କରିଥିବା ବେଳେ ଗ୍ରାମର ଅଗ୍ରଣୀ ନାରୀ ନେତ୍ରୀ ନମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଏମ୍ଆର୍ ଗ୍ରୁପର ମେଘା ଫାରମର ମିଟିଂ



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍) : ଚାନ୍ଦବାଲିଠାରେ ବିଏମଆର ଗ୍ରୁପର ମେଘା ଫାରମର ମିଟିଂ ସ୍ଥାନୀୟ କଇରଭ ହୋଟେଲଠାରେ ଚାନ୍ଦବାଲି ଅଞ୍ଚଳ ଶତାଧିକ ଚିଙ୍ଗୁଡ଼ି ଚାଷୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଏମ୍ଆର୍ କମ୍ପାନୀ ଚେୟାରମ୍ୟାନ ତଥା ରାଜ୍ୟ ସଭା ସାଂସଦ ଡ଼.ବୀଡା ମସ୍ତନ ରାଓ ଯୋଗ ଦେଇ ଚାଷୀ ମାନଙ୍କୁ କିପରି ସୁବିଧାରେ ଦାନା, ଚିଙ୍ଗୁଡ଼ି ଜାଆଁଳା, ମେଡ଼ିସିନ ପ୍ରୟୋଗ, ପାଣି ପରୀକ୍ଷା ଆଦି ବିଷୟରେ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ତାଙ୍କ ରାଜ୍ୟସଭା ଫଣ୍ଡରୁ ପାଣି ପରୀକ୍ଷା ଟେଷ୍ଟ ପାଇଁ ପଚାଶ ଲକ୍ଷ୍ୟ ଟଙ୍କା ଘୋଷଣା କରିଥିଲେ । ଏହି ପରୀକ୍ଷା କେନ୍ଦ୍ର ଚାନ୍ଦବାଲି ଅଞ୍ଚଳରେ ହେବ ଯାହା ଦ୍ୱାରା ହଜାର ହଜାର ଚିଙ୍ଗୁଡ଼ି ଚାଷୀ ଉପକୃତ ହେବେ । ଯାହାକୁ ନେଇ ଚେୟାରମ୍ୟାନଙ୍କୁ ଚାଷୀମାନେ ଧନ୍ୟବାଦ ଦେଇଥିଲେ । ଡ଼. ରାଓ କହିଥିଲେ ଭାରତର ଚିଙ୍ଗୁଡ଼ି ଉତ୍ପାଦନକୁ ବିଶ୍ୱ ଦରବାରରେ ପହଞ୍ଚି ପାରିଲେ ଦେଶର ଉନ୍ନତି ହେବ । ଏହି କାର୍ଯ୍ୟକ୍ରମରେ କମ୍ପାନୀ ଭାରତ ହେଡ଼ ଅମିତ କୁମାର ଟାକ୍ରୀ, ଆର, ଏସ, ଏମ ଜନ୍ମଜୟ ସ, ସେଣ୍ଟ୍ରାଲ ଓଡିଶା ମ୍ୟାନେଜେର ମାନସ ବିଶ୍ୱାଳ, ଓଡିଶାର ଜ୍ୟୋତି ଶଙ୍କର ଭୋଳ, ହରି ଉଦ୍ୟୋଗର ଡାଇରେକ୍ଟର ସଂପଥ କୁମାର ଦାସ, ଓଡିଶା ଆକ୍ୱା ଏମ୍ପ୍ଲୟୀ ଆସୋସିଏସନର ପ୍ରେସିଡେଣ୍ଟ କେ. କେ ଦାସ, ସାହୁ ଆକ୍ୱାଟିକସର ଚେୟାରମ୍ୟାନ କପିଳ ସାହୁ, ସ୍ନୋ ୱାର୍ଲଡର ପ୍ରଦୀପ୍ତ ମହାନ୍ତି, ଦେବେନ୍ଦ୍ର ରଣା ଓ ସଂଜୟ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

## ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୧୦୮ କଳସଯାତ୍ରା



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅଧିନସ୍ତ ବଡମହୁରି ଗ୍ରାମରେ ଶ୍ରୀ ଶ୍ରୀ ଶଙ୍ଖ ଦେବୀ ବୁଢ଼ୀ ଠାକୁରାଣୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ପବିତ୍ର କାର୍ଯ୍ୟକ୍ରମରେ ୨୪ ପ୍ରହର ନାମ ଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ, ଗୋ ଯଜ୍ଞ ଓ ଅନ୍ନ ଯଜ୍ଞ ୭ ଦିନ ବ୍ୟାପି ଅନୁଷ୍ଠିତ ହେବ । ରବିବାର ପ୍ରଥମ ଦିନରେ କର୍ତ୍ତା ଦିକ୍ଷା ଗ୍ରହଣ, କଳସ ଯାତ୍ରା, ରାତ୍ରରେ ଅଙ୍କୁରାରୋପଣ ଓ ନାମ ଯଜ୍ଞର ଯମୁନା ଆବାହନ ହୋଇ ଯାଇଛି । ସକାଳୁ ସକାଳୁ ବିରାଟ ପଟୁଆରରେ ଗ୍ରାମବାସୀଙ୍କ ସହ ୧୦୮ ମହିଳା କଳସ ଯାତ୍ରାରେ ଯାଇ ପୁରୁଷୋତ୍ତମପୁର ସ୍ଥିତ ପବିତ୍ର ଋଷିକୁଲ୍ୟା ନଦୀ ଘାଟରେ ପୂଜା ଅର୍ଚ୍ଚନା କରି ପୂର୍ଣ୍ଣ କୁମ୍ଭ ଜଳ ଧରି ବଡ଼ ପଟୁଆରରେ ୮ କିଲୋମିଟର ରାସ୍ତା ଅତିକ୍ରମ କରି ନିଜ ଗ୍ରାମ ବଦମହୁରି ଶଙ୍ଖ ଦେବୀ ମନ୍ଦିରରେ ପହଞ୍ଚି ଥିଲେ । ମାଙ୍କ ଜୟ ଜୟ କାର ଶବ୍ଦ ସହ ଢୋଲ, ମହୁରୀ ଘଣ୍ଟ ଶଙ୍ଖ ମୃଦଙ୍ଗରେ ଆଧାତ୍ମିକ ପରିବେଶରେ ଗୁଞ୍ଜରିତ ହୋଇଥିଲା ସାରା ପରିବେଶ । ଗ୍ରାମବାସୀ ଚଳଚଞ୍ଚଳ, ଦୀର୍ଘଦିନ ପରେ ମାଆଙ୍କ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ହେବ । ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ଗ୍ରାମର ସରପଞ୍ଚ ନାରାୟଣ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଟି. ସୁଧାକର ପ୍ରଧାନ, ଯୁବ ଗୋଷ୍ଠୀ ତଥା ମନ୍ଦିର କମିଟି ସଭାପତି ସନାତନ ନାହାକ, ହର୍ଷ ନାହାକ, ଅମର ନାହାକଙ୍କ ସହ ଗ୍ରାମବାସୀ ମାନେ ସମସ୍ତେ ମନ ଧ୍ୟାନ ଦେଇ ଲାଗିପଡିଛନ୍ତି ।

## ଦୁର୍ଘଟଣାରେ ଯୁବକ ମୃତ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଅଞ୍ଚଳର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିରାକାର ବିଷୋୟୀଙ୍କ ବଡ଼ ପୁଅ ଗୋପବନ୍ଧୁ ବିଷୋୟୀ ଓରଫ ଜିଫୁନ ବିଷୋୟୀଙ୍କର ମଟର ସାଇକଲ ଦୁର୍ଘଟଣାରେ ଆଜି ତାଙ୍କର ମୃତ୍ୟୁ ଘଟିଛି । ଖବର ନେବାରେ ଜଣା ପଡିଛିକି ଜିଫୁନ କାମ କରୁଥିବା ଏକ ବେସରକାରୀ ସଂସ୍ଥା ପାଇଁ ସର୍ଭେ କରିବାକୁ ଶନିବାର ଦିନ କୋରାପୁଟ ଯାଇ ମଟର ସାଇକଲ ଯୋଗେଁ ଫେରୁଥିବା ବେଳେ ଚିନ୍ଦ୍ରି ଗ୍ରାମ ପାଖେ ତାଙ୍କ ସାମନାକୁ ଏକ ଗାଇ ଚାଲି ଆସିଥିଲା । ଫଳରେ ତାଙ୍କ ମଟର ସାଇକଲ ଗାଇ ସହ ଧକ୍କା ହୋଇ ସିଏ ତଳେ ପଡ଼ିଯାଇଥିଲେ । ସେଠାକାର କିଛି ଲୋକ ତାଙ୍କ ଘରକୁ ଖବର ଦେଇ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଇଥିଲେ । ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଶଙ୍କଟାପନ୍ନ ଥିବା ଦେଖି ଅନ୍ୟତ୍ର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ପରିବାର ଲୋକ ତାଙ୍କୁ ଭୁବନେଶ୍ୱର ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ କାକିରିଗୁମା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ବିଜେପି ସକ୍ରିୟ ସଦସ୍ୟ ସମ୍ମିଳନୀ



ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ସ୍ଥିତ ବନ୍ଧନ କଲ୍ୟାଣ ମଣ୍ଡପରେ ବଡ଼ସାହି ନିର୍ବାଚନ ମଣ୍ଡଳ ସ୍ତରୀୟ ବିଜେପି ସକ୍ରୀୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ସବନା ମହାନ୍ତି, ସମ୍ମାନୀତ ଅତିଥି ଭାବରେ ଲୋକପ୍ରିୟ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ସକ୍ରିୟ ସଦସ୍ୟ ମାନଙ୍କୁ ଦଳର ଆଗାମୀ ଦିନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରି କହିଥିଲେ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା କିପରି ଗ୍ରାମାଞ୍ଚଳର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ସେଥିପାଇଁ ସକ୍ରିୟ ସଦସ୍ୟ ମାନେ କାର୍ଯ୍ୟ କରିବେ ବୋଲି ପରାମର୍ଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ୩୬ ମଣ୍ଡଳୀ ସଭାପତି ରାଜୀବ ନନ୍ଦୀ, ଯୁବ ସଂଗଠକ ଶାନ୍ତନୁ ପଣ୍ଡା, ହିମାଂଶୁ କବାଟ, ନୀରଞ୍ଜନ ମହାନ୍ତି, ରାକେଶ ମହାନ୍ତ, କେଶବ ନାଥ, ସଂଜୀବ ଜେନା, ସୈମ୍ୟ ମହାପାତ୍ର, ଅରୂପ ରଞ୍ଜନ ଲେଙ୍କା, ବିକାଶ ଦାସ, ବିର କିଶୋର ବିଶ୍ୱାଳ, ବ୍ରହ୍ମାନନ୍ଦ ପରିଡା, କ୍ଷୀତିଶ ମହାନ୍ତ, ସୁମନ୍ତ ପରିଡା, ଉତ୍ସର୍ଗ ବେହେରା, ଶାନ୍ତନୁ ଦଳେଇ, ଚନ୍ଦନ ପାତ୍ର, ରତ୍ନାକର ଜେନା, ଭବାନୀ ଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରହା ଧକ୍କାରେ ବାଇକ ଆରୋହୀ ଆହତ

ବୋଲଗଡ, (ଭାସ୍କର ନ୍ୟୁଜ୍ ) : ବେଗୁନିଆ ବ୍ଲକ ଦେଉଳି ପଂଚାୟତ ଅନ୍ତର୍ଗତ ଦଲକ ଗ୍ରାମର ଈଶ୍ୱର ବେହେରା ବିଳମ୍ବିତ ସନ୍ଧ୍ୟାରେ ମଳିପଡ଼ାରୁ ବାଇକ ଯୋଗେ ଫେରୁଥିଲେ । ଏହି ସମୟରେ ଜଙ୍ଗଲୀ ବାରହା ଅତର୍କିତ ଭାବେ ରାସ୍ତା ପାର ହେଉଥିବା ସମୟରେ ଧକ୍କା ହୋଇ ଯିବାରୁ ଭାରସାମ୍ୟ ହରାଇ ପଡ଼ି ଯାଇଥିଲେ । ଫଳରେ ତାଙ୍କର ଡାହାଣ ହାତ ଭାଙ୍ଗି ଯିବା ସହ ମୁଣ୍ଡରେ ଆଘାତ ହୋଇଥିଲା । ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଖୋର୍ଦ୍ଧା ସ୍ଥିତ ଏକ ବେସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।

## ଦେବୀ ନଦୀ ମୁହାଣରେ ଲାଗିବ ଏକ ମିଲିୟନ ଚାରା



କାକଟପୁର, (ଭାସ୍କର ନ୍ୟୁଜ୍ ) : ଦେବୀ ନଦୀ ମୁହାଣରେ ୨୦୩୦ ସୁଦ୍ଧା ଲାଗିବ ଏକ ମିଲିୟନ ଲୁଣା ଜଙ୍ଗଲ ଚାରା । ଏହାର ନେତୃତ୍ୱ ନେବେ ସ୍ଥାନୀୟ ଉପକୂଳ ଲୋକେ । ଏନେଇ ଅଣ୍ଟା ଭିଡିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଦେବୀ ନଦୀ ମୁହାଣ ଅଞ୍ଚଳର ବୁଦ୍ଧିଜୀବୀ, ମତ୍ସ୍ୟଜୀବୀ ସମୁଦାୟ ମହିଳା, ଯୁବବର୍ଗ, ରାଜନେତା, ପରିବେଶ କର୍ମୀ, ସାମାଜିକ କର୍ମୀ । ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସବୁଜ ଶାଖା ଅସ୍ତରଙ୍ଗ', ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ ଏବଂ ଦୈନିକ ଓଡିଆ ସମ୍ବାଦପତ୍ର ଧରିତ୍ରୀ ଓ ଇଂରାଜୀ ସମ୍ବାଦପତ୍ର ଓଡିଶା ପୋଷ୍ଟ୍ ମିଳିତ ଆନୁକୁଲ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି । ଅସ୍ତରଙ୍ଗ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଭଉଁରିଆ ବ୍ରିଜ ନିକଟରେ ରହିଥିବା ଆର୍ଦ୍ରଭୂମି ଅଞ୍ଚଳରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧରିତ୍ରୀ ଓ ଓଡିଶା ପୋଷ୍ଟ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ଶତପଥି ଯୋଗଦେଇ ଅଭିଯାନକୁ ପ୍ରଶଂସା କରିବା ସହିତ ଏକ ମିଲିୟନ ଲୁଣା ଜଙ୍ଗଲ ସୃଷ୍ଟିରେ ସହଯୋଗ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ବିଚିତ୍ର ନନ୍ଦ ବିଶ୍ୱାଳ, ଅସ୍ତରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ଜାତୀୟ ଜୈବ ବିବିଧତା ସଂରକ୍ଷଣ ପୁରସ୍କାର ପ୍ରାପ୍ତ ଚାରୁଲତା ବିଶ୍ୱାଳ, ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡ଼ା ପ୍ରମୁଖ ଯୋଗ ଦେଇ ଲୁଣା ଜଙ୍ଗଲ ସଂରକ୍ଷଣ ସଂପର୍କରେ ଆଲୋକପାତ କଲେ । କାର୍ଯ୍ୟକ୍ରମ ଅବସରରେ ଲୁଣା ଜଙ୍ଗଲ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ନିମାପଡ଼ା ସ୍ଥିତ ସେଲ୍ଫ ଏମ୍ପାୱାର ମେଣ୍ଟ ଗ୍ରୁପ, ଛୁରିଅନା ଗ୍ରାମ ପଞ୍ଚାୟତ ଅଧିନସ୍ଥ କାହ୍ନୁ ଚରଣ ମଲ୍ଲିକ ଏବଂ ଅସ୍ତରଙ୍ଗ ଗ୍ରାମ ପଞ୍ଚାୟତ ଅଧିନସ୍ଥ ପ୍ରଶାନ୍ତ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅତିଥିମାନେ ସ୍ଥାନୀୟ ସମୁଦାୟଙ୍କ ଗହଣରେ କାଦୁଆ ଭୂମିରେ ଲୁଣା ଜଙ୍ଗଲ ଚାରା ରୋପଣ କରି ୧ ମିଲିୟନ ଚାରା ରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ । ଅନୁରୂପ ଭାବରେ ଶ୍ରୀଯୁକ୍ତ ଶତପଥି ଓ ଶ୍ରୀମତୀ ଶତପଥି ସବୁଜ ଶାଖା କାର୍ଯ୍ୟାଳୟ ପରିଦର୍ଶନ କରି ରାଜନେତା ଦିବାକର ଛାଟୋଇ ଓ ଲୁଣା ଜଙ୍ଗଲ ସଂରକ୍ଷଣ ନେତୃତ୍ୱକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ମଞ୍ଜି ରୋପଣ ଏବଂ ଚାରା ରୋପଣ ମାଧ୍ୟମରେ ଦେବୀ ନଦୀ ମୁହାଣ ଅଞ୍ଚଳର ସମସ୍ତ ଗାଆଁର ଆର୍ଦ୍ରଭୂମି ସଂଲଗ୍ନ ଗ୍ରାମବାସୀଙ୍କ ସହଯୋଗର ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିଆ । ସ୍ଥାନୀୟ ଅଞ୍ଚଳର ଲୁଣା ଜଙ୍ଗଲ ପ୍ରଜାତି ରାଇ, ବନି, ସିନ୍ଧୁକା, କାଳିଆଚୁଆ, ବନ୍ଧାରି ପ୍ରଭୃତି ଚାରା ରୋପଣ କରାଯିବ ବୋଲି ଶ୍ରୀ ବସ୍ତିଆ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସବୁଜ ଶାଖା ସଦସ୍ୟ ଦୁର୍ଗା ଚରଣ ମହାରଣା, ପ୍ରଶାନ୍ତ ବେହେରା, ଶାଶ୍ୱତ ସେଠୀ, ଟ୍ରଷ୍ଟ ପରିଚାଳନା ଟ୍ରଷ୍ଟି ସୌମ୍ୟ ରଞ୍ଜନ ବିଶ୍ୱାଳ, ସଦସ୍ୟ ନିହାର ରଞ୍ଜନ ମହାରଣା, ବାମଦେବ ବେହେରା, ଶିବ ପ୍ରସାଦ ପାତ୍ର, ଦିଲ୍ଲୀପ ବେହେରା, ଗୋକୁଳ ପ୍ରଧାନ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ ।



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଦେବୀପୀଠ ଦରିଆ ପାରି ମା' ରାମଚଣ୍ଡୀ ମନ୍ଦିର ନିକଟରେ ଜମ୍ବୁ ମହୋତ୍ସବ-୨୦୨୫ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। କାଳବୈଶାଖୀ ଯୋଗୁ ଚତୁର୍ଥ ସନ୍ଧ୍ୟାରେ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ଶନିବାର ପାଗ ଭଲ ରହିଥିବାରୁ ଉଦ୍‌ଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବଡ଼ଚଣା ବିଧାୟକ ଅମର ନାୟକ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ଓ କବି ହେମନ୍ତ ଜେନା ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ପଞ୍ଚମ ତଥା ଉଦ୍‌ଯାପନୀ ଉତ୍ସବରେ ପାଇକ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଜମ୍ବୁ ମହୋତ୍ସବର ପତ୍ରିକା 'ଦୀପଂନେତ' ଉନ୍ମୋଚନ କରିଥିଲେ। ପରେ ମହାକାଳପଡ଼ା ବିକାଶ ମଞ୍ଚପକ୍ଷରୁ କାଶୀନାଥ ରାଉତରାୟ, ଅମୀୟ ବାରିକ ଓ ଅନ୍ୟ ସଦସ୍ୟମାନେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ତିର୍ଖିରିର ଜଣେ ସାହିତ୍ୟିକଙ୍କ ସ୍ୱରଚିତ ଲେଖାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହାକାଳପଡ଼ା ବିଧାୟକ ଡ. ନାୟକ ପ୍ରଥମେ ଅଭିଭାଷଣ ମାଧ୍ୟମରେ ମହୋତ୍ସବକୁ ଐତିହାସିକ ମହୋତ୍ସବରେ ପରିଣତ କରିବାକୁ କଥା ରଖିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ତଳକାଁପଡ଼ା ବୋମାମାଡ଼ ଘଟଣାରେ ୪ଜଣ ଗିରଫ

ତିହିଡ଼ି (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମରେ ବୋମାମାଡ଼ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି । ରବିବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି ତଳକାଁପଡ଼ା ଗ୍ରାମର ବିଶ୍ୱନାଥ ମଲିକ, ଅରୁଣ ଦାସ, ଅଭୟ ଦାସ ଓ ପ୍ରତାପ ଦାସ। ସୂଚନାଯୋଗ୍ୟ ଯେ ଗତ ୧୬ତାରିଖ ରାତିରେ ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟି ବୋମାମାଡ଼ ହୋଇଥିଲା। ବୋମାମାଡ଼ ହେବାରୁ ଉଭୟ ପକ୍ଷର ୧୪ଜଣ ଆହତ ହୋଇଥିଲେ। ପରେ ଏହି ଘଟଣାକୁ ନେଇ ତିହିଡ଼ି ଥାନାରେ ପୋଲିସ ପକ୍ଷରୁ ଏକ ମକଦ୍ଦମା (ନଂ ୧୪୫/୨୫)ରୁଜୁ ହୋଇଥିଲା। ଉଭୟ ପକ୍ଷର ଅଭିଯୋଗ କ୍ରମେ ପୋଲିସ (୧୪୬ ଓ ୧୪୭/୨୫) ୨ଟି ପୃଥକ ମାମଲା ମଧ୍ୟ ରୁଜୁ କରି ତଦନ୍ତ ଚଳାଇଥିଲା।

# ବର୍ଷା ପାଇଁ ରାସ୍ତାଘାଟ ବେହାଲ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଏବେ ତିନିଦିନ ହେଲାଣି ଅପରାହ୍ନ ହେବାକ୍ଷଣି ମାଡିଆସୁଛି କଳା ହାଣ୍ଡିଆ ବର୍ଷା। ପ୍ରାୟ ଦୁଇରୁ ତିନି ଘଣ୍ଟା ଧରି ପ୍ରବଳ ପବନ ସାଙ୍ଗକୁ କୁଆପଥର ବର୍ଷା ସବୁ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ଏପରିକି ବର୍ଷା ଛାଡିବା ଯାଏଁ ରାସ୍ତାଘାଟରେ ଯାଉଥିବା ଯାନବାହାନ ଅଟକି ରହିଯାଉଛନ୍ତି। ଫଳରେ ପୁରା ଅଞ୍ଚଳ ବେହାଲ ହେଇ ପଡୁଛି। ଗଛ ଡାଳପଡି ବିଜୁଳି ଫେଲ୍ ରହୁଥିବା ବେଳେ ନାଳ ନର୍ଦ୍ଦମା ପାଣି ରାସ୍ତା ଉପର ଦେଇ ଅତି ବହିଟି ହେଉଛି। ଯୋଉଥି ପାଇଁ ଅଧିକ ସମସ୍ୟା ଉପୁଜୁଛି। ଚାରିଆଡ଼େ ପଡି ରହିଥିବା ଅଳିଆ ଆବର୍ଜନା ବର୍ଷା ପାଣିରେ ଭାସି ଆସି ରାସ୍ତା ଉପରେ ପଡି ରହୁଛି। ଜୁଆଡେ ଦେଖିଲେ ପଲିଥିନ ସାଙ୍ଗକୁ ପ୍ଲାଷ୍ଟିକ, ବୋତଲ, ଗ୍ଲାସ ଛଡା ଆଉ କିଛି ଦୃଶ୍ୟମାନ ହେଉନି। ଆଜି ସେହିପରି ପ୍ରାୟ ଅଢ଼େଇ ଘଣ୍ଟା ଧରି ବର୍ଷା ହୋଇଥିଲା। ଲକ୍ଷ୍ମୀପୁର ବଜାର ମାଝି ଓ ସଙ୍ଗାନ୍ନା ହାଇସ୍କୁଲ ସମ୍ମୁଖ ଜାତୀୟ ରାଜପଥ ଉପରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ପ୍ରବାହିତ ହେବା ସହ ଅଳିଆ ଆବର୍ଜନା ଗୁଡିକ ପଡି ରହିଥିଲା। ବ୍ଲକ ସଦର ଅଞ୍ଚଳ ରାସ୍ତା କଡରେ ଥିବା ଡ୍ରେନ ଗୁଡିକ ସଫା ଯେତେ କରାଯାଉଥିଲେ ସେତେ ଭରି ହେଇ ପଡୁଛି। ରାସ୍ତା କଡରେ ଘର କରି ରହୁଥିବା ଲୋକେ ଘରୁ ବାହାରୁଥିବା ଅଳିଆ ସବୁ ଆଣି ଡ୍ରେନରେ ପକାଉ ଥିବାବେଳେ ବର୍ଷା ହେଲେ ସମସ୍ୟା ଉପୁଜୁଛି। ଏଥିପାଇଁ ସଚେତନତାର ଅଭାବକୁ ସବୁକ୍ଷେତ୍ରରେ ଦାୟୀ କରାଯାଇଛି। ତେଣୁ ପ୍ରଶାସନ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଆଗେଇ ଆସିବାକୁ ସବୁ ମହଲରେ ଦାବି ହୋଇଛି।

# ପାଣି ପାଇଁ ସୀମାକୋଣ୍ଡା ଗ୍ରାମବାସୀ ତହଲବିକଳ

## ଅଭିଯୋଗ ପରେ ବି ଶୁଣୁ ନାହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ



ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତର ସୀମାକୋଣ୍ଡା ଗାଁରେ ଜଳ ସଙ୍କଟ ଦେଖାଦେଇଛି। ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ହେବ ଗାଁର କୁସୁରୀ ସାହିରେ ଥିବା ନଳକୂପ ଅଚଳ ହୋଇପଡିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ପୋଖରୀରୁ ପାଣି ଶୁଖି ଯାଇଛି। ଜଳ ମୁନ୍ଦାଏ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପଞ୍ଚାୟତର ଜଳ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କୁ କହିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମର ଶିବା କବାସୀ, ଇର୍ମା କବାସୀ, ରାଜା କବାସୀ, ଭୀମା କବାସୀ, ବିରା ମାଡକାମୀ, ରାଙ୍ଗା ମାଡକାମୀ ଓ କସା କବାସୀଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗାଁରେ ଅଚଳ ଥିବା ନଳକୂପକୁ ତୁରନ୍ତ ମରାମତି କରିବା ପାଇଁ ନାଏବ ସରପଞ୍ଚ ପଦ୍ମନାଭ ମାଡ଼କାମୀ କୋରୁକୋଣ୍ଡା ବ୍ଲକ ପରିସରରେ ଥିବା ଜଳ ପରିମଳ ବିଭାଗ କାର୍ଯ୍ୟାଳୟରେ ଥିବା ଅଭିଯୋଗ ଖାତାରେ ଏକ ମାସ ହେବ ଲେଖୁଥିଲେ କିନ୍ତୁ ନଳକୂପ ମରାମତି କରିବାକୁ କେହି ଆସିଲେନି ବୋଲି ନାଏବ ସରପଞ୍ଚ ଶ୍ରୀ ମାଡ଼କାମୀ କହିଛନ୍ତି। ଏହି ସୀମାକୋଣ୍ଡା ଗ୍ରାମରେ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ୩ ଗୋଟି ନଳକୂପ ଯୋଗାଇ ଦିଆଯାଇଥିଲା। ସେଥିମଧ୍ୟରୁ କୁସୁରୀ ସାହିରେ ଥିବା ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଅନ୍ୟଏକ ନଳକୂପରୁ ପାଣି ଠିକ ଭାବେ ବାହାରୁନାହିଁ। ଗାଁରେ ଥିବା ଅନ୍ୟଏକ ନଳକୂପର ଜଳ ଉପରେ ଗ୍ରାମର ୪୫ ପରିବାରର ନିର୍ଭର କରି ବହୁ ଅସୁବିଧାରେ ଚଳୁଛନ୍ତି। ଗାଁ ପୋଖରୀ ସମେତ ଆଖପାଖ ଅଞ୍ଚଳରେ ଥିବା ନାଳଗୁଡିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଶୁଖି ଯାଇଛି। ଗ୍ରାମବାସଙ୍କ ସମେତ ଗୋରୁଗାଈ ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସ୍ମୃଗୁଡା ହେମ୍ବ୍ରମଙ୍କୁ ପଚାରିବାରୁ ଯଦି ଏହି ଗାଁ ପାଣି ସମସ୍ୟା ସମ୍ପର୍କରେ ଅଫିସ ଖାତାରେ ଲେଖାହୋଇଛି, ତେବେ କାମ ହୋଇଯିବା କଥା, ଯଦି ହୋଇନି ତେବେ ଆଜି ଷ୍ଟାଫ ପଠାଇ ନଳକୂପ ଗୁଡ଼ିକୁ ମରାମତି କରାଇ ଦିଆଯିବ ବୋଲି ସେ କହିଛନ୍ତି।

## ବିଜେପିର କର୍ମୀ ସମ୍ମିଳନୀ

ରାଜନଗର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପି ସକ୍ରୀୟ ସଦସ୍ୟ ମାନଙ୍କର ସମ୍ମିଳନୀ ସାନବଡ ଗୋପାଳପୁରସ୍ଥିତ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ନେତା ଲଳିତ ବେହେରାଙ୍କ ସଂଯୋଜନାରେ ଆୟୋଜିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ମୁଖ୍ୟ ବକ୍ତାଭାବେ ଜିଲ୍ଲା ସଂଯୋଜକ ଭାରତ ଭୂଷଣ ଦାସ, ସମ୍ମାନୀତ ଅତିଥି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ, ଜୋନର ସଭାପତି ରାଜୀବ ଲୋଚନ ନାୟକ ଓ ସ୍ୱାଗତ କୁମାର ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ମହାନ୍ତି, ଅଶୋକ କୁମାର ସାହୁ, କେଦାର ସାହୁ, ଧୀରେନ ବିଶ୍ୱାଳ, ରବିନ୍ଦ୍ର ସେଠି, ମିଟୁ ମନୋଜ ନାୟକ, ଗଦାଧର ଭୂୟାଁ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ମେଘୁ ସାହୁ, ଅଜୟ ଲେଙ୍କା ପ୍ରମୁଖ ସମ୍ମିଳନୀରେ ଉପସ୍ଥିତି ରହି ସହଯୋଗ କରିବା ସହ ଆଲୋଚନାରେ ଭାଗ ନେଇଥିଲେ। ଏହି ସମ୍ମିଳନୀରେ ଅତିଥିମାନେ ଦଳକୁ ମଜବୁତ କରିବାକୁ ସଗଠନକୁ ଗୁରୁତ୍ୱ ଦେବା ସହ ନେତା କର୍ମୀଙ୍କ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ।

# ଜେଇଇ ମୁଖ୍ୟ ପରୀକ୍ଷାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୨ ଆଦିବାସୀ ଛାତ୍ରଙ୍କ କୃତିତ୍ୱ





କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବ୍ଲକ ବଡ଼ିଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଡାଟୋର ଦୁଇଜଣ ଆଦିବାସୀ ଛାତ୍ର ଚଳିତ ବର୍ଷ ଜେଇଇ ମୁଖ୍ୟ ପରୀକ୍ଷାରେ ପ୍ରଥମ ପ୍ରୟାସରେ କୃତିତ୍ୱ ଅର୍ଜନ କରିଥିବାରୁ ସେମାନଙ୍କ ନିକଟକୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ସୁଦ୍ଧା ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ। ହେଲେ ଏହି ଦୁଇଜଣ ଛାତ୍ର ରାମଦାସ ଟୁଡୁ ଓ ଜଗା ହାଁସଦା ଚଳିତବର୍ଷ ଜେଇଇ ମୁଖ୍ୟ ପରୀକ୍ଷାରେ ପ୍ରଥମ ପ୍ରୟାସରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ କଠିନ ପରିଶ୍ରମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅକୁଣ୍ଠ ଉଦ୍ୟମ, ରାଷ୍ଟ୍ରୀୟ ଆଦିବାସୀ ଶିକ୍ଷା ସମିତି ଓ ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମିତି ଯୋଜନାର ସଫଳ ରୂପାୟନ ପାଇଁ ଏହା କେବଳ ସମ୍ଭବ ହୋଇପାରିଛି ବୋଲି ଉଭୟ ଛାତ୍ର ମତପ୍ରକାଶ କରିଛନ୍ତି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ପ୍ରତିଫଳିତ ହେଇଥିବା ବିଦ୍ୟାଳୟର ଅଧ୍ୟକ୍ଷ ଏମ୍‌ଡି ଜାଫର ଆଲାମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ



ଭାପୁର (ଭାସ୍କର ନ୍ୟୁଜ୍) : ସାରା ଭାରତରେ ଏପ୍ରିଲ୍ ମାସ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହେଉଥିବାବେଳେ ଭାପୁର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହେଉଛି। ଏହା ଓଡ଼ିଆ ନବବର୍ଷ ଠାରୁ ଆରମ୍ଭ ହୋଇ ୭ଦିନ ଧରି ପାଳିତ ହେବ। ଭାପୁର ଅଗ୍ନିଶମ କେନ୍ଦ୍ର ଅଧିକାରୀ ନୀଳକଣ୍ଠ ମହାନ୍ତି ଏବଂ ସମସ୍ତ କାର୍ଯ୍ୟରତ କର୍ମଚାରୀମାନେ ମିଳିମିଶି ଅଗ୍ନିଶମ ବାହନୀର ଦମକଳ ଗାଡ଼ିକୁ ସୁସଜ୍ଜିତ କରି ଭାପୁର ବଜାର ପରିକ୍ରମା କରିବା ସହିତ ଜନସାଧାରଣଙ୍କ ଉପଲକ୍ଷେ ସଚେତନତା ପାଇଁ ନିଜର ସୁରକ୍ଷା ନିଜେ କରିବା, ସଞ୍ଜ ସଳିତା ଦେବାରେ ସତର୍କତା ଅବଲମ୍ବନ କରିବା, ଛୋଟ ଛୋଟ ପିଲାଙ୍କୁ ଗଭୀର ଜଳକୁ ନଛାଡ଼ିବା ଆଦି ସ୍ଲୋଗାନ ଦେଇ ସଚେତନ କରାଇଥିଲେ। ଯଦି କୌଣସି ଅଘଟଣ ଘଟେ ତେବେ ୧୧୨କୁ ଫୋନ୍ କରି ତୁରନ୍ତ ସୁରକ୍ଷା ପାଇଁ ନିବେଦନ କରିଥିଲେ।

# ଜଳିଗଲା ମାଲ୍ ବୋଝେଇ ଟ୍ରକ

କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍) : ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ମିନି ଷ୍ଟାଡିୟମ ନିକଟରୁ ୧୫୦ମିଟର ଦୂର ମେନ୍‌ରୋଡ଼ ଉପରେ ଏକ ମାଲ୍ ବୋଝେଇ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗି ଜଳି ପାଉଁଶ ହୋଇ ଯାଇଥିବା ଦେଖିବାକୁ ମିଳିଛି। ଖବରରୁ ଜଣାଯାଇଛି ଯେ ଆନ୍ଧ୍ରପ୍ରଦେଶର ବିଶାଖା ପାଟନମ୍ ଠାରୁ ଲୁହା କ୍ରାଫ୍‌ଗୁଣ୍ଡ ଲୋଡ କରି ରାୟଗଡ଼ା ଜିଲ୍ଲା ହୋଇ ରାଇପୁର ଅଭିମୁଖେ ଯାଉଥିବା ବେଳେ ମୁନିଗୁଡ଼ା ଥାନା ଅନ୍ତର୍ଗତ ମିନି ଷ୍ଟାଡିୟମର ନିକଟସ୍ଥ ୧୫୦ ମିଟର ଦୂର ହେବ ମେନ୍‌ରୋଡ଼ ଉପରେ ଏକ ମାଲ ବୋଝେଇ ଟ୍ରକ ସିଜି୦୪-ଏନ୍‌ଜେଡ୍ ୩୬୮୪ ନମ୍ବର ବିଶିଷ୍ଟ ଗାଡିଟି ୧୮ତାରିଖ ରାତ୍ରି ପ୍ରାୟ ୨ଟା ସମୟରେ ଚାଲୁଥିବା ସମୟରେ ନିଆଁଲାଗି ହୁଦୁ ହୁଦୁ ହୋଇ ଜଳି ଉଠିଥିଲା। ହଠାତ୍ ଏହା ଦେଖି ଡ୍ରାଇଭର ଟ୍ରକ୍‌କୁ ବ୍ରେକ ମାରି ଗାଡିରୁ ତଳକୁ ଓହ୍ଲାଇ ପଡ଼ି ନିଜର ଜୀବନ ବଞ୍ଚାଇ ଥିଲେ। ଏହାପରେ ତୁରନ୍ତ ଦମକଳ ବାହିନୀକୁ ଖବର ଦେବାରୁ, ଦମକଳବାହିନୀ କିଛି ସମୟ ପରେ ଦଳବଳ ସହିତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଏତେ ମାତ୍ରାରେ ଲାଗି ଯାଇଥିଲା ଯେ ଟ୍ରକର ସବୁ ପଛଚକା ଓ ଇଞ୍ଜିନ ସହିତ ଡ୍ରାଇଭର ବସିଥିବା କେବିନ୍ ବି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇ ନଷ୍ଟହୋଇ ଯାଇଥିବା ଦେଖିବାକୁ ମିଳିଛି। ରାତ୍ର ୨ଟା ଠାରୁ ସକାଳ ୬ଘଣ୍ଟା ପର୍ଯ୍ୟନ୍ତ ପରିଶ୍ରମ କରି ଦମକଳ ବାହିନୀ ବହୁ ପ୍ରଚେଷ୍ଟା ପରେ ଶେଷରେ ନିଆଁକୁ ଆୟତ୍ତ କରି ଲିଭାଇବାରେ ସକ୍ଷମ ହୋଇଥିଲେ। ଦମକଳ ବାହିନୀରେ ଏଲ୍ ଏଫ୍ ଏମ୍ -ଅଭିରାମ ନାଏକ, ଡ୍ରାଇଭର ହାବିଲଦାର- ମଦନ ସେଠୀ, ଏଫ୍ ଏମ୍ -ରିପୁଚନ୍ଦ୍ର ସାହୁ, ଏଫ୍ ଏମ୍ ପୁରୁଷୋତ୍ତମ ନାଏକ, ଏଫ୍ ଏମ୍ ବିଶ୍ୱନାଥ ସାହୁକାର, ଏଫ୍ ଏମ୍ ବିକ୍ରମ ନାଏକ ପ୍ରମୁଖ ଥିଲେ।



# କାଳବୈଶାଖୀ ତାଣ୍ଡବରେ ଆମ୍ବ ଗଛପଡି ଘର ଭାଙ୍ଗିଲା



କଲ୍ୟାଣସିଂହପୁର (ଭାସ୍ର ନ୍ୟୁଜ୍) : କାଳ ବୈଶାଖୀ ତାଣ୍ଡବରେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତର ଦେଉଳବାଡି ଗ୍ରାମରେ ଆମ୍ବ ଗଛପଡି ଗୋଟିଏ ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି ।ଆଜି ଅପରାହ୍ନ ସମୟରେ କାଳବୈଶାଖୀ ତାଣ୍ଡବରେ ଜୋରରେ ପବନ ବୋହିବା ସହ ବର୍ଷା ହୋଇଥିବାରୁ ସୁମିତ୍ର କନ୍ଧପାଣିଙ୍କ ଘର ନିକଟରେ ଥିବା ପୁରୁଣା ଆମ୍ବଗଛ ଘର ଉପରେ ପଡିଯାଇଥିଲା । ଯାହାଫଳରେ ଘରଟି ଭାଙ୍ଗି ଯାଇଥିଲା। କାହାରି କି କିଛି ହୋଇନଥିବା ଜଣାପଡିଥିବା ବେଳେ ଟିଭି ଭାଙ୍ଗିବା ସହ ଆସବାବପତ୍ର ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିବା ଦେଖିବାକୁ ମିଳିଛି। ଉକ୍ତ ଖବର ବିଷୟରେ ରାଜସ୍ୱ ନିରୀକ୍ଷକଙ୍କୁ ସୂଚନା ଦେଇଥିବା ବେଳେ ପଞ୍ଚାୟତ ତରଫରୁ କିଛି ସହାୟତା ମିଳିନଥିବା କହିଛନ୍ତି। ଉକ୍ତ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାର ତରଫରୁ ଘରଖଣ୍ଡିଏ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନିକଟରେ ଥିବା ଜାଗାରାଓ କାଡ୍ରାକାଙ୍କର ଆଂଶିକ କ୍ଷତି ହୋଇଥିବା ଜଣାପଡିଛି।

# ଚୁଡ଼ା ଗେଡିମୁଣ୍ଡିଆରେ ନବମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ



ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚୁଡା ଗ୍ରାମ ସ୍ଥିତ ଗେଡିମୁଣ୍ଡିଆ ମଠ ଠାରେ ନବମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ଠାରୁ ରବିବାର ଦୀର୍ଘ ୩ଦିନ ବ୍ୟାପି ଅଧିଷ୍ଠିତ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ପୀଠରେ ନାମ ସଂକୀର୍ତ୍ତନ ଓ ଯଜ୍ଞାଦି କାର୍ଯ୍ୟ ସମାପନ ହୋଇଥିଲା। ପ୍ରାରମ୍ଭ ଦିବସରେ ଅଧିବାସ, ସୂର୍ଯ୍ୟପୂଜା ଓ ୧୦୮ କଳସ ସ୍ଥାପନ। ଦ୍ୱିତୀୟ ଦିବସରେ ବହୁ ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟରେ ସାମିଲ ଥାଇ ପ୍ରଭୁକୃପା ଲାଭ କରିଥିଲେ। ସେହିପରି ତୃତୀୟ ଦିବସରେ ସାମୂହିକ ନଗରକୀର୍ତ୍ତନ, ଦହିଖେଳ ଓ ଯମୁନା ସ୍ନାନ କରାଯାଇ ସଂକୀର୍ତ୍ତନକୁ ବିଶ୍ରାମ ଦିଆଯାଇଥିଲା। ବରିଷ୍ଠ ବ୍ରାହ୍ମଣଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସମାପନ ହୋଇଥିଲା। ଏହି ନାମ ସଂକୀର୍ତ୍ତନରେ ଚୁଡା, ଡାବରଧୁଆ ପାଟଣା ଗ୍ରାମବାସୀ ଓ ଗେଡିମୁଣ୍ଡିଆ ପୂଜା କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରି ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ପୁରୁଷ ଓ ମହିଳା ଶ୍ରଦ୍ଧାଳୁମାନେ ଯୋଗଦେଇ ଭଗବାନଙ୍କ ଦର୍ଶନ ଓ ଈଶ୍ୱରକୃପା ପ୍ରାପ୍ତ ସହ ପ୍ରତ୍ୟେହ ଦିବସରେ ପ୍ରସାଦ ସେବନ କରିଥିଲେ।

# ଖଣି ପରିବହନକୁ ଗ୍ରାମବାସୀଙ୍କ ବିରୋଧ




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର କୋଡୀଙ୍ଗା ମାଳିରୁ ସିଙ୍ଗାରାମ ଷ୍ଟେସନ ପର୍ଯ୍ୟନ୍ତ ଆଗାମୀ ଦିନରେ ହେବାକୁ ଥିବା ଖଣି ପରିବହନକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏନେଇ ଆଜି ଶତାଧିକ ଲୋକଙ୍କୁ ନେଇ ପର୍ଡିଗୁଡା ଛକରେ ଏକ ବୈଠକ ଡାକି ସେଠାରେ ସମସ୍ତ ବିଷୟରେ ଆଲୋଚନା କରାଯାଇଛି। ଲକ୍ଷ୍ମୀପୁରରୁ ଟିକିରି ଯାଏଁ ଲମ୍ବିଥିବା ରାସ୍ତା ଅବସ୍ଥା ଭଲ ନୁହଁ। ଏଇ ରାସ୍ତାରେ ଭାରୀଯାନ ଚାଲିବା କଷ୍ଟକର। ରାସ୍ତାଟି କେବଳ ଛୋଟମୋଟ ଯାନବାହାନ ପାଇଁ ହୋଇଛି। ଖଣି ପରିବହନ ହେଲେ ରାସ୍ତା ନଷ୍ଟ ହେବା ସହ ଦୁର୍ଘଟଣା ଘଟି ଅନେକ ଗରିବ ପରିବାର ସର୍ବସ୍ୱାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏଇ ରାସ୍ତା ଦେଇ ଆମେ ପରିବହନ କରିବାକୁ ଦେବୁନି। ମରିବୁ ପଛେ ଛାଡ଼ିବୁନି। ଏଇଠି କମ୍ପାନୀ କରି ଏଠିକାର କଞ୍ଚା ମାଲ ଏଇଠି ବିନିଯୋଗ କଲେ ଅଞ୍ଚଳର କିଛି ଯୁବକ ଯୁବତୀ ଚାକିରୀ ପାଇବେ, ଅଞ୍ଚଳର ଉନ୍ନତି ହେବ କିନ୍ତୁ ଖଣି ପରିବହନ ବାହାର ଅଞ୍ଚଳକୁ ଦେବୁ ନାହିଁ ବୋଲି ନିଶାର, ନରସି କାଇପାଦର, ଭୂଇଁପାଟଣି, ଧରଡ଼ା, ରାଜନ ପାନସୁଗୁଡା, ତଳକାଇପାଦର, ଓଡ଼ିଆ ପେଣ୍ଠ, କେନ୍ଦୁଆଡା, ବିରିଗୁଡା କଲୋନୀ, ବିରିଗୁଡା, ପରଡିଗୁଡା, ଭାଲୁଯୋଡି, ସିଙ୍ଗାରାମ, କୁମ୍ଭାରଗୁଡା, ଦାନାଗୁଡ଼ା, କରଗୁଡା ଓ ଖାଲକଣା ଗ୍ରାମବାସୀ କହିଛନ୍ତି। ଏହି ବୈଠକରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା, ଅଗସ୍ତି ହାଲବା, ବିପିନ ମାଣ୍ଡିଙ୍ଗା, ମାନସ ହିକକା, କବି ହିକକା, କୃଷ୍ଣ ମାଣ୍ଡିଙ୍ଗା, ରମେଶ ପ୍ରଧାନୀ, କଷମା ମିଣିଆକା, କାମିୟା କୁଲେସିକା, ସହଦେବ ବିଡ଼ିକା, ସୀତାରାମ ଖରା, ପୂର୍ଣ୍ଣଚନ୍ଦ୍ର ମାଣ୍ଡିଙ୍ଗା, ଦାମଧର ବିଡ଼ିକା, ସନ୍ତୋଷ ବିଡ଼ିକା, ସୁଦର୍ଶନ ବିଡ଼ିକା, ତପନ ହାଲବା ଓ ପ୍ରେମଚାନ୍ଦ ବିଡ଼ିକାଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗ ଦେଇଥିଲେ।


# ନଟରାଜ କଳା ବିକାଶ କେନ୍ଦ୍ର ଉଦ୍‌ଘାଟିତ

ଭୁବନ, (ଭାସ୍କର ନ୍ୟୁଜ ) ଭୁବନ କାଳୀ ବଜାର ସ୍ଥିତ ଗ୍ରାମ୍ୟ ବ୍ୟାଙ୍କ ପଛ ପାର୍ଶ୍ୱରେ ନଟରାଜ କଳା ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ କମଳ ଲୋଚନ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦେବଜ୍ୟୋତି ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଭୁବନ ସାମ୍ବାଦିକ ସଂଘ ସଭାପତି ମଧୁପ ରଞ୍ଜନ ନନ୍ଦ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଂଘ ସଂପାଦକ ସୁଶାନ୍ତ କୁମାର ପୋଥାଳ, କାର୍ଯ୍ୟକାରୀ ସଭାପତି ରବିନ ଦାସ, ସମାଜସେବୀ ଲଳିତ କୁମାର ବେହେରା, ସନାତନ ପାତ୍ର, ନିରଞ୍ଜନ ଗୁରୁ, ଶିବଦତ୍ତ ବିଶ୍ୱକର୍ମା, ଜୟନ୍ତୀ ପୃଷ୍ଟି ଓ ଡ୍ୟାନ୍ସ କୋରିଓଗ୍ରାଫର ପ୍ରିୟଦର୍ଶିନୀ ସାହୁ ଯୋଗ ଦେଇଥିଲେ। ଏହି କେନ୍ଦ୍ରରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଶିକ୍ଷା ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ମହିମା, ରୋଜାଲିନ, ପ୍ରାଚୀ, ଜ୍ୟୋତି, ମୋନାଲିସା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।



# ରାଶିଫଳ

ସୋମବାର, ୨୧ ଏପ୍ରିଲ ୨୦୨୫



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ସୁଖ-ଶାନ୍ତି ବୃଦ୍ଧି ହେବ। ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି।



**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ। ନିର୍ମାଣଧୀନ କାର୍ଯ୍ୟ ସମ୍ପନ୍ନ ହେବ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। ବ୍ୟବସାୟକ୍ଷେତ୍ରରେ କାରବାରର ଗତି ରୀତିରେ ପରିବର୍ତ୍ତନର ଆଶଙ୍କା ନାହିଁ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ।



**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ। ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ। ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ବ୍ୟବସାୟରେ ଆଶାତୀତ ଲାଭକରି ଖୁସିହେବେ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ। ଜାଗା, ଜମି, ଗୃହ ସମ୍ବନ୍ଧୀୟ ସମସ୍ୟା ସମାଧାନ ହୋଇପାରେ।




**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। କର୍ମକ୍ଷେତ୍ରଟି ସୁଦୃଢ ହେବ। ପ୍ରମୋଶନ ସୂଚନାପାଇ ଖୁସି ହେବେ। ପାରିବାରିକ ଏବଂ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଭାତୃ ବିବାଦ, ଜମି ବାଡି ଓ ଘର ଜାଗାନେଇ ଥିବା ଦ୍ୱନ୍ଦର ସମାଧାନ ହେବ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନକର୍ମପ୍ରାପ୍ତିର ସୂଚନା ପାଇବେ। ବ୍ୟବସାୟକ୍ଷେତ୍ରରେ ପୁଞ୍ଜିଲଗାଣ, ଉଦ୍ୟୋଗ, ଧନ ଆଦାନ ପ୍ରଦାନରେ ଲାଭବାନ୍ ହେବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ।



**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶିନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ ଓ ଅଧା-ଅଧୁରାଥିବା କାର୍ଯ୍ୟ ପୂରଣ ହୋଇଯିବ।




**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ବକେୟା ଅର୍ଥ କିଛି ମିଳିବ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ଓ ମାନ-ସମ୍ମାନ ବୃଦ୍ଧି ହେବ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କର୍ମ କ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି ହେବ। କୌଣସି ପୁରାତନ ରୋଗରୁ ମୁକ୍ତି ମିଳିବ। ପାରିବାରିକକ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସମ୍ପର୍କର ମଧୁରସ୍ୱାଦ ଆସ୍ୱାଦନ କରିବେ।



**ମୀନ:** ବିଦ୍ୟାରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। କୋର୍ଟ-କଚେରୀ ଧନ୍ଦା ମଧ୍ୟରେ ଆଶ୍ୱସ୍ତି ବଢିବ। ଭୋଗ ବିଳାସକୁ ତୁଚ୍ଛମଣି କର୍ତ୍ତବ୍ୟ ସାଧନକୁ ଭଗବତ୍ ସେବାଭଳି ମାନ୍ୟତା ଦେବେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କର୍ମ କରିବାକୁ ବାଧ୍ୟ ହେବେ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି ପକ୍ଷରୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତର ପଣା ଠାରେ ଭାଜପା ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ବିଧାୟକ କନ୍ହେଇ ଚରଣ ଦାଙ୍ଗ, ବରିଷ୍ଠ ନେତା ନବୀନ ମହାପାତ୍ର, ରେଡାକ୍ରସ ପାତ୍ର, ୨୮ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ପଦ୍ମାଳୟା ପ୍ରଧାନ, ୪୮ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିଲ କୁମାର ପ୍ରଧାନ, ଯୁବନେତା ଓମପ୍ରକାଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଭାଜପା ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ମଜଭୁତ ଓ ସକ୍ରିୟ କରିବା ସହ ରାଜ୍ୟ ଓ କେନ୍ଦ୍ର ର ବିଭିନ୍ନ ଜନକଲ୍ୟାଣ କାରୀ ତଥା ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ବିଧାୟକ ଶ୍ରୀ ଡାଙ୍ଗ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଯୁଗାନ୍ତକାରୀ ଅନ୍ତୋଦୟ ଗୃହ ଯୋଜନା, ସୁଭଦ୍ରା ଯୋଜନା, କେନ୍ଦ୍ରସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ଼ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ସ୍ୱାସ୍ଥ୍ୟ କାର୍ଡ ସମେତ ବିଭିନ୍ନ ଯୋଜନାର ସୁଫଳ କିପରି ଲୋକଙ୍କ ନିକଟକୁ ପହଞ୍ଚି ପାରିବ ଓ ଲୋକେ ଯୋଜନା ସମ୍ପର୍କରେ ସଚେତନ ହେବେ ସେବାବ୍ରତରେ କର୍ମୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ପିନାକଧର ରଣା ସଭା ପରିଚାଳନା ଓ ଯାଖୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟାରେ ସକ୍ରିୟ ସଦସ୍ୟମାନେ ଯୋଗ ଦେଇଥିଲେ ।

ହସ୍ପିଟାଲ କର୍ମଚାରୀଙ୍କ ମହାନତା

## ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଯୋଗୁ ୨୬ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ରକ୍ତଦାନ



ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ଉପଖଣ୍ଡ ହସ୍ପିଟାଲ ଠାରେ ଥିବା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଯାଉଥିଲା । ଏଥିପାଇଁ ରକ୍ତ ଆବଶ୍ୟକ କରୁଥିବା ରୋଗୀ ମାନେ ନାନା ଅସୁବିଧା ରେ ସମ୍ମୁଖୀନ ହେଉଥିଲେ । ପରିସ୍ଥିତି ଗମ୍ଭୀର ଆଡ଼କୁ ଯାଉଥିବା ଦେଖି ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପଣ୍ଡା ଙ୍କ ନିର୍ଦ୍ଦେଶରେ ସ୍ୱଳ୍ପ ସମୟ ଭିତରେ ଆମ ଉପଖଣ୍ଡ ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କ ପ୍ରୟାସ ରେ ୨୬ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଯେଉଁଥିରେ କି ଅଛନ୍ତି ୨ ଜଣ ଡକ୍ଟର, ଆଉଟସ୍ ମ୍ୟାନେଜର , ଫାର୍ମାସିଷ୍ଟ, ଲିଫମ୍ୟାନ , ସିକ୍ୟୁରିଟି କର୍ମଚାରୀ, ଲ୍ୟାବ୍ ଟେକ୍‌ସିଆନ୍ ପ୍ରମୁଖ । ରକ୍ତ ସଂଗ୍ରହ ସମୟରେ ଉପଖଣ୍ଡ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡା. ଶରତ ଚନ୍ଦ୍ର ସେଠୀ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡକ୍ଟର ସୁମନ୍ତ କୁମାର ରାଉଳ, ରକ୍ତ ଭଣ୍ଡାର ଅଧିକାରୀ ଡା. ସବ୍ୟସାଚୀ ଦାସ ଏବଂ ଅନ୍ୟାନ୍ୟ ଡାକ୍ତର ମାନେ ଓ ହସ୍ପିଟାଲର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସର୍ବ ପ୍ରଥମେ ବିଶ୍ୱଜିତ ସୁନା, ତତପରେ ଡା. ଦେବବ୍ରତ ପାଢ଼ୀ, ଡା. ଅର୍ପିତା ପ୍ରିତମ ନାୟକ ପ୍ରମୁଖ ଏବଂ ଅନୁଷ୍ଠାନ ର ଅନ୍ୟାନ୍ୟ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ଏକ ମହତ ଦାନ ବୋଲି ଏକ ଉଦାହରଣ ସୃଷ୍ଟି କଲେ । ସ୍ୱେଚ୍ଛାକୃତ ରକ୍ତଦାନକାରୀ ମାନେ ଯେପରି ଶୃଙ୍ଖଳିତ ସହ ରକ୍ତଦାନ କରିପାରିବେ ସେଥିପାଇଁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ମଧ୍ୟ କରାଯାଇଥିଲା । ରକ୍ତର ଅଭାବ କୁ ଲକ୍ଷ୍ୟ କରି କର୍ମଚାରୀମାନଙ୍କ ମଧ୍ୟରେ ରକ୍ତଦାନ କରିବା ପାଇଁ ଉତ୍ସାହ ନିଶ୍ଚିତ ଭାବରେ ଏକ ଉମରକୋଟ ବାସୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛି । ସମସ୍ତ ରକ୍ତଦାତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା ଆନ୍ତରିକ ଶୁଭେଚ୍ଛା ଜଣେଇବା ସହ ଆଗାମୀ ଦିନରେ ରକ୍ତ ଭଣ୍ଡାର ରେ ଯେପରି ରକ୍ତ ର ଅଭାବ ନ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇଆଇଟି-ଜେଇଇ(ମେନ୍)ପ୍ରବେଶିକା ପରୀକ୍ଷା

## କ୍ରୀଷ୍ଣା ବିକାଶର ପ୍ରତ୍ୟୁଷ ଓ ପିୟୁଷ ୧୦୦ ପର୍ସେଣ୍ଟାଇଲ୍ ସହ ସଫଳତାର ଶୀର୍ଷରେ



ବରଗଡ଼(ଭାସ୍କର ନ୍ୟୁଜ): ସଦ୍ୟ ପ୍ରକାଶିତ ଆଇଆଇଟି-ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷାରେ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । କ୍ରୀଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ରାଜ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କ୍ରୀଷ୍ଣା ବିକାଶ, ବରଗଡ଼ର ଜଣେ ଛାତ୍ର ୯୯.୩୯ ପର୍ସେଣ୍ଟାଇଲ୍, ୪ଜଣ ଛାତ୍ରଛାତ୍ରୀ ୯୮ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ, ୧୪ଜଣ ୯୭ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ, ୨୧ଜଣ ୯୬ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ, ୨୯ଜଣ ୯୫ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ ଏବଂ ୮୭ ଛାତ୍ରଛାତ୍ରୀ ୨୦୨୫ ଜେଇଇର ନିର୍ଦ୍ଧାରିତ କଟ୍ ଅଫ୍ ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ ମାର୍କ ରଖି ୨୦୨୫ ପରୀକ୍ଷା ଫଳାଫଳରେ ଶ୍ରେଷ୍ଠ କୃତୀତ୍ୱ ହାସଲ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ୮୭ରୁ ୫୩ଜଣ ଛାତ୍ରଛାତ୍ରୀ ଏନ୍‌ଆଇଟି, ରାଉରକେଲାରେ ଏଡ୍‌ମିଶନ୍ ପାଇବା ପାଇଁ ନିର୍ଦ୍ଧାରିତ କଟ୍‌ଅଫ୍ ପର୍ସେଣ୍ଟାଇଲ୍ ରଖି ଫଳାଫଳ ତାଲିକାର ଶୀର୍ଷରେ ଅଛନ୍ତି । ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଶ୍ରୀ ଚିତରଞ୍ଜନ ପତି ପରୀକ୍ଷା ଫଳାଫଳ ବିଷୟରେ ସବିଶେଷ ବିବରଣୀ ଦେଇ କହିଛନ୍ତି ଯେ, ପ୍ରତ୍ୟୁଷ ୯୯.୩୯ପର୍ସେଣ୍ଟାଇଲ୍, ହର୍ଷିତ ୯୮.୬୨, ପିୟୁଷ ୯୮.୩୯, ନିର୍ଲିପ୍ତା ୯୮.୦୮, ଜିୟା ୯୭.୮୩, ସୌମ୍ୟ ରନ ୯୭.୬୭, ରୋନକ୍ ୯୭.୫୯, ମନୀଷ ୯୭.୪୬, ରୋହନ ୯୭.୩୮, ନମିତା ୯୭.୩୪, ଚିନ୍ମୟାନନ୍ଦ ୯୭.୩୪, ମୁକେଶ ୯୭.୨୭, ମଧୁସୁଦନ ୯୭.୧୩, ଅମରନାଥ ୯୭.୦୨, ରଜତ ୯୬.୮୩, ହେମନିଲ୍ ୯୬.୫୧, ସ୍ୱସ୍ତିକ ୯୬.୫୧, ଅଂଶୁମାନ ୯୬.୪୪, ଅଙ୍କିତ ୯୬.୪୦, ରିତିକା ୯୬.୨୭, ଲିପୁନ୍ ୯୬.୧୦, କାହ୍ନାଜୀ ୯୫.୯୯, ରାକେଶ ୯୫.୮୮, ମୋହନ ୯୫.୮୦, ଶିବମ୍ ୯୫.୫୦, ଅଙ୍କିତ ୯୫.୪୩, ଯଶୋବନ୍ତ ୯୫.୪୨, ଶୁଭମ ୯୫.୨୦, ପ୍ରଗତି ୯୫.୧୮ ପର୍ସେଣ୍ଟାଇଲ୍ ସହ ତାଲିକାର ଶ୍ରେଷ୍ଠରେ ରହିଛନ୍ତି । ପଦାର୍ଥ ବିଜ୍ଞାନରେ ପ୍ରତ୍ୟୁଷ କୁମାର ସାହୁ ଓ ପିୟୁଷ ସାହୁ ଉଭୟ ୧୦୦/୧୦୦ପର୍ସେଣ୍ଟାଇଲ୍, ନମିତା ୯୯.୯୨, ଅଙ୍କିତ ୯୯.୭୬, ହର୍ଷିତ ୯୯.୭୩, ଚିନ୍ମୟାନନ୍ଦ ୯୯.୭୩, ନିର୍ଲିପ୍ତା ୯୯.୬୪, ଜିୟା ୯୯.୫୫, ସୌମ୍ୟ ରନ ୯୯.୪୨, ମୁକେଶ ୯୯.୨୯, ଅଂଶୁମାନ ୯୯.୨୧, ରୋନକ ୯୯.୦୯, ରିତିକା ୯୯.୦୩, ମଧୁସୁଦନ ୯୯.୦୨ ପର୍ସେଣ୍ଟାଇଲ୍ ରଖି ସଫଳ ହୋଇଥିବାବେଳେ ରସାୟନ ବିଜ୍ଞାନ ରେ ପ୍ରତ୍ୟୁଷ ୯୯.୯୭, ହର୍ଷିତ ୯୯.୭୫, ରୋନକ୍ ୯୯.୬୬, ପିୟୁଷ ୯୯.୬୧, ରୋହନ୍ ୯୯.୬୦, ଅମରନାଥ ୯୯.୩୯, ତପସ୍ୱିନୀ ୯୯.୩୬, ନିର୍ଲିପ୍ତା ୯୯.୩୪, ଓମ୍‌କାର୍ ୯୯.୨୮, ଜିୟା ୯୯.୧୦ ପର୍ସେଣ୍ଟାଇଲ୍ ରଖିଛନ୍ତି । ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୮୭ଜଣ ଛାତ୍ରଛାତ୍ରୀ ଆଇଆଇଟି-ଜେଇଇ ଏଡ୍‌ଭାନ୍ସଡ୍ ପରୀକ୍ଷା ପାଇଁ କ୍ରୀଷ୍ଣା ବିକାଶର ଅନୁଭବୀ, ଦକ୍ଷ ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ତାଙ୍କର ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି । ଜେଇଇ ମେନ୍ ନିର୍ଣ୍ଣାୟକ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ପାଇଁ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜ୍‌ଡ୍ ଏଣ୍ଟ୍ରାନ୍ସ ଏକାଡେମୀର ପାଠ୍ୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ବିଗତ ଏକ ଦଶନ୍ଧି ଧରି କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଜେଇଇ ମେନ୍ସ୍ ଏବଂ ଏଡ୍‌ଭାନ୍ସଡ୍ ପ୍ରବେଶିକା ପରୀକ୍ଷାମାନଙ୍କରେ ନିରନ୍ତର ସଫଳତା ପାଇଁ ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଶ୍ରୀ ଚିତରନ ପତି, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି ଓ ଆଗାମୀ ଦିନରେ ହେବାକୁ ଥିବା ଆଇଆଇଟି ଜେଇଇ ଏଡ୍‌ଭାନ୍ସଡ୍, ଏନ୍‌ଟିଏ-ନିଟ୍ (ମେଡିକାଲ୍), ସିୟୁଇଟି, ସିଏ, କ୍ଲାଡ୍, ଏନ୍‌ଡିଏ ଏବଂ ଆଇପିମ୍ୟାଟ୍ ଇତ୍ୟାଦି ପରୀକ୍ଷାମାନଙ୍କରେ କ୍ରୀଷ୍ଣା ବିକାଶ ଛାତ୍ରଛାତ୍ରୀ ଉଲ୍ଲେଖନୀନ୍ତି । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ସାହୁ ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଷଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ

ରାୟଗଡା (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲାରେ ଆଉ ଏକ ଚାଞ୍ଚଲ୍ୟକର ଘଟଣା ନଜରକୁ ଆସିଛି । ଜଣେ ୧୪ ବର୍ଷ ବୟର ଷଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ ହୋଇଛନ୍ତି । ଏହା ଜଣାପଡିବା ପରେ ଆଜି ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ସହଯୋଗରେ ରାୟଗଡା ଶିଶୁ ମଙ୍ଗଳ କମିଟି ନିକଟରେ ନାବାଳିକାକୁ ହାଜର କରାଯାଇଛି । କମିଟି ଆରମ୍ଭ କରିଛି ତଦନ୍ତ ଓ ତନାଘନା । ଦୀର୍ଘ ସମୟ ଧରି ଉକ୍ତ ନାବାଳିକାଙ୍କୁ ସମସ୍ତ ବିଷୟରେ ପଚରାଉଚରା କରିଛନ୍ତି ଶିଶୁ ମଙ୍ଗଳ କମିଟି ସଦସ୍ୟମାନେ । ଏହି ଘଟଣା କଲ୍ୟାଣସିଂହପୁର ବ୍ଲକରେ ଘଟିଥିବା ଜଣାପଡିଛି । ରାୟଗଡା ସଦର ବ୍ଲକର କୋଡି ଗ୍ରାମର ଜଣେ ୧୭ ବର୍ଷର ନାବାଳକ କଲ୍ୟାଣସିଂହପୁରରେ ସ୍ଥିତ ଦେବଗିରୀ ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର ଅଟନ୍ତି । ଉକ୍ତ ନାବାଳିକା ସହ ନାବାଳକର ପ୍ରେମ ସଂପର୍କ ରହିବା ପରେ ଶାରିରୀକ ସଂପର୍କ ଗଢିଉଠିଥିଲା । ଫଳରେ ଗର୍ଭବତୀ ହୋଇଥିଲେ । ଏହାପରେ ନାବାଳିକାର ପରିବାର ଲୋକେ ଝିଅକୁ ନାବାଳକ ଘର କୋଡିରେ ଛାଡି ଦେଇଥିଲେ । ଏହି ଘଟଣା ଗତକାଲି ଜଣାପଡିବା ପରେ ରାୟଗଡା ମହିଳା ଓ ଶିଶୁ କଲ୍ୟାଣ ବିଭାଗ କର୍ମଚାରୀ ନାବାଳିକାକୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ନିକଟରେ ଆଜି ହାଜର କରିଛି । ଅନ୍ୟପଟେ ଘଟଣାର ତଦନ୍ତ ଚାଲିଛି ବୋଲି ସୂଚନା ଦେଇଛନ୍ତି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ବିଦୁଲତା ହୁଇକା ।

## ମାଓ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲା ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାର କସୋଡ଼ କୁମୁରାଡି ଜଙ୍ଗଲ ନିକଟରେ ଗୁଳି ବିନିମୟ ଘଟିଛି । ପରେ ଘଟଣାସ୍ଥଳରୁ ପୋଲିସ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି । ତଥ୍ୟ ଅନୁଯାୟୀ, ଆବୁଝମାଡ଼ ନିକଟରେ ନାରାୟଣପୁର ପୋଲିସ, ଆଇଟିବିପି ମିଳିତ ଭାବେ ସର୍ଚ୍ଚ ଅପରେଶନ କରିଥିଲେ । ଜିଲ୍ଲାର କୋହକାମେଟା ଥାନା ଅନ୍ତର୍ଗତ କସୋଡ଼ କୁମୁରାଡି ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ । ପରସ୍ପର ମଧ୍ୟରେ ଗୁଳି ବିନିମୟ ଘଟିବା ପରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଆକ୍ରମଣକୁ ସାମନା କରି ନପାରି ଛତ୍ରଭଙ୍ଗ ଦେଇଥିଲେ । ତେବେ ଘଟଣାସ୍ଥଳରୁ ସୁରକ୍ଷା କର୍ମୀମାନେ ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସହ ନଗଦ ୬ ଲକ୍ଷ ଟଙ୍କା ଜବତ କରିଛନ୍ତି । ଏଥିସହ ୧୧ଟି ଲାପ୍‌ଟପ, ୫୦କେଜି ବାରୁଦ, ୩୦ କେଜି ସୋରା, ୨୦ ଲିଟର ପେଟ୍ରୋଲ, ୨୦ ଲିଟର ଡିଜେଲ, ଦୁଇଟି କୁକର୍ ବୋମା, ୧୩୦ଟି ଏସଏଲଆର୍, ୧୨ ବୋରର ୨୫ଟି ଓ ୩୦୩ ରାଇଫଲର ୧୮ଟି ଅଫୁଟା ଗୁଳି, କଡେକ୍ସ ତାର, ବିଦ୍ୟୁତ୍ ତାର, ମାଓବାଦୀ ପୋଷାକ, ଔଷଧ, ଟିଫିନ, ଜୋତା, ମାଓବାଦୀ ପୁସ୍ତିକା, ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛନ୍ତି ।

## ସାଇବର ଠକେଇର ଶିକାର ହେଲେ ଶିକ୍ଷକ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଉପର ଦୋରା ସାହିରେ ରହୁଥିବା ପର୍ଡିଗୁଡା ସ୍କୁଲର ଶିକ୍ଷକ ତ୍ରିନାଥ ମହାପାତ୍ରଙ୍କ ଠାରୁ ସାଇବର ଠକ ୧୯୫୨୦ ଟଙ୍କା ଠକି ନେଇଥିବା ଜଣାପଡିଛି ।ଶୁକ୍ରବାର ଦିନ ସନ୍ଧ୍ୟାରେ ଏଚଡିଏଫସି ବ୍ୟାଙ୍କର ଡେବିଟ କାର୍ଡ ପାଇଁ ତାଙ୍କ ମୋବାଇଲକୁ ଏକ କଲ ଆସିଥିଲା । ସେହି ସମୟରେ ସିଏ ବ୍ୟସ୍ତ ଥିଲେ ।ତାରି ସୁଯୋଗରେ ସାଇବାର ଠକ ତାଙ୍କୁ ଡେବିଟ କାର୍ଡ ନିମନ୍ତେ କିଛି ଟଙ୍କା ବାନ୍ଧିବାକୁ କହି ପ୍ରଥମ କିସ୍ତିରେ ୯ ହଜାର ସାତ ସହ ଷାଠିଏ ଓ ଦ୍ୱିତୀୟ କିସ୍ତିରେ ବି ୯ ହଜାର ସାତ ସହ ଷାଠିଏ ଟଙ୍କା ଫୋନ୍ ପେ ଜରିଆରେ ଠକି ନେଇଥିଲା । ପରେ ବାର ବାର ଫୋନ କଲ ଆସିବାରୁ ଶ୍ରୀଯୁକ୍ତ ମହାପାତ୍ର ସାଇବର ଠକାମୀର ଶିକାର ହୋଇଥିବା ଜାଣି ପାରି ମୁଣ୍ଡକାନ ଆଉଁସି ସାଇବର ଥାନାରେ ଏକ ମାମଲା ରୁଜୁ କରୁଥିବା ଜଣାପଡିଛି ।

### ମହାବିଦ୍ୟାଳୟରେ ଟିଉସନ୍ ବିବାଦ

## ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ମାଲକାନଗିରି (ଭାସ୍କର ନ୍ୟୁଜ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଅବ୍ୟବସ୍ଥା ଏବେ ପଦାରେ ପଡ଼ିଛି । କଲେଜରେ ଟିଉସନ କରୁଥିବା ଦୁଇ ଅଧ୍ୟାପକ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିବା ବେଳେ ଏଥିରେ ବଳି ପଡିଛନ୍ତି ଜଣେ ଛାତ୍ରୀ । ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି ତାଙ୍କ ଅଭିଭାବକ । ଅଭିଯୋଗ ପ୍ରକାରେ, ସ୍ଥାନୀୟ କୁମ୍ଭାରସାହିରେ ରହୁଥିବା ପ୍ରକାଶ ଏବଂ ବୈଜୟନ୍ତୀ ସାହୁଙ୍କ କନ୍ୟା ଗତ ମାଟ୍ରିକ୍‌ରେ ଭଲ ନମ୍ବର ରଖି ପାସ ହୋଇଥିଲେ । ଉଭୟ ବାପାମା' ଭିନ୍ନକ୍ଷମ ହୋଇଥିବା ବେଳେ ସାହି ଲୋକଙ୍କ ଘରେ ଛାତ୍ରୀ ଙ୍କ ମା' କାମ କରି ପରିବାର ଚଳାଉଛନ୍ତି । ବାପା ପ୍ରକାଶ କୌଣସି କାର୍ଯ୍ୟ କରି ପାରୁନାହାନ୍ତି । ଏଭଳି ସ୍ଥିତିରେ ଝିଅର ପଢା ବନ୍ଦ କରିବାକୁ ପରିବାର ତରଫରୁ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଝିଅର ପାଠପଢା ଜିଦ୍ ଥିବାରୁ ଜିଲ୍ଲାପାଳ ତାଙ୍କୁ ସହଯୋଗ କରିଥିଲେ । ରେଡକ୍ରସ୍ ପାଣ୍ଠିରୁ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କୁ ବର୍ଷକର ଫି' ପୈଠ କରି ନାମ ଲେଖାଇଥିଲେ । ତାଙ୍କ ଝିଅକୁ କେତେକ ଅଧ୍ୟାପିକା ଓ କର୍ମଚାରୀ ମାନସିକ ନିର୍ଯାତନା ଦେଉଛନ୍ତି । ଗରିବ ଶ୍ରେଣୀର ହୋଇଥିବାରୁ କଟୁକଥା କହୁଛନ୍ତି । ସେଥିପାଇଁ ଝିଅ କଲେଜ ଯିବାକୁ ଭୟ କରି ପଢା ଛାଡ଼ି ଦେବ ବୋଲି କହୁଥିବା ଅଧ୍ୟକ୍ଷଙ୍କ ନିକଟରେ ପ୍ରକାଶ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, କଲେଜ ପିଲାଙ୍କ ଟିଉସନ କଥାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ଲାଗିଛି । ଯେଉଁ ଗୋଷ୍ଠୀ ନିକଟରେ ପିଲା ପଢୁଛନ୍ତି ଅନ୍ୟ ଗୋଷ୍ଠୀର ଅଧ୍ୟାପିକା ମାନେ ସେମାନଙ୍କୁ ନିର୍ଯାତନା ଦେଉଛନ୍ତି । ଏପରିକି ପିଲାଙ୍କ ଷ୍ଟାଇପେଣ୍ଡ ଅର୍ଥକୁ ମଧ୍ୟ ହରିଲୁଟ କରାଯାଉଛି । ଏସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଜଣେ ଛାତ୍ରୀଙ୍କ ଅଭିଭାବକ ଅଭିଯୋଗ କରିବାକୁ ଆସିଥିଲେ । ଆସନ୍ତା ସୋମବାର ଦିନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## କୃଷିପର୍ବ ବିହନ ଛିନ୍ନା ଯାତ୍ରା ପାଳିତ



ଚନ୍ଦାହାଣ୍ଡି(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପାଟଖଲିଆ ଠାରେ କୃଷିଭିତିକ ପର୍ବ ବିହନ ଛିନ୍ନା ଯାତ୍ରା ମହା ଧୂମ୍‌ଧୁମରେ ପାଳିତ ହୋଇ ଯାଇଛି । ଏହି ବିହନ ଛିନ୍ନା ଯାତ୍ରାରେ ପାଟଖଲିଆ ଗ୍ରାମର ବସବାସ କରୁଥିବା ୮ ରୁ ୧୦ ଟି ଗ୍ରାମର ଲୋକ ଏକାଠି ହୋଇ ସାମିଲ ହୋଇଥିଲେ । ଇଷ୍ଟଦେବୀ ଧାର୍ଣ୍ଣି ଗୁଡ଼ି ପାଖଠାରେ ପୂଜା ପାଆନ୍ତି । ଲୋକଙ୍କ ବିଶ୍ୱାସ ଅଛି ଯେ ଇଷ୍ଟଦେବୀ ଯେଉଁ ଧାନ ବିହନ ଦିଅନ୍ତି ସେଥିରେ କୌଣସି ରୋଗ ପୋକ ଲାଗେନାହିଁ. ଆଦିମ ଜନଜାତି ଙ୍କ ଅତି ପୁରୁଣା ପରମ୍ପରା ପାଇଁ ଉତ୍ସବମୁଖର ପରିବେଶ । ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର ରେ କମ୍ପୁଥାଏ ପରିବେଶ । ଉତ୍ସବରେ ଗାଁ ମୁରବିମାନେ ନୂଆଜାମା, ନୂଆ ବେଶରେ ସଜେଇ ହୋଇ ଦେବୀଙ୍କ ପାଖରେ ଏକାଠି ହୋଇଥାନ୍ତି । ଏମିତି ପାଳିତ ହୋଇଥାଏ ସେମାନଙ୍କ ଆଦି ପରମ୍ପରା ମହାନ ପର୍ବ ବିହନ ଛିନ୍ନା ଯାତ୍ରା । ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟର ଲୋକେ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି । କୃଷିର ପ୍ରଥମ ପର୍ବ ବିହନ ଛିନ୍ନା ଯାତ୍ରା ଦିନ ବିହନ ଧାନକୁ ପାରମ୍ପରିକ ରୀତିରେ ଇଷ୍ଟଦେବୀଙ୍କ ପାଖରେ ପୂଜା କରାଯାଏ । ପରେ ସେହି ଧାନକୁ ସେଠାରେ ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ବଣ୍ଟନ କରାଯାଇଥାଏ । ସେହି ଧାନ ବିହନ ଛିନିବା ବେଳେ ପ୍ରତ୍ୟେକ ଲୋକଙ୍କୁ କାଦୁଅ ଲେପନ କରନ୍ତି. ବିଶ୍ୱାସ ଅଛି ଇଷ୍ଟଦେବୀ ଦେଇଥିବା ଧାନରେ ରୋଗପୋକ ଲାଗେନାହିଁ । ଏହା ସହ ଅଧିକ ଅମଳ ହୁଏ । ପାଟଖଲିଆ ଅଞ୍ଚଳର ଲୋକେ ପୂଜା ସହ ମାନସିକ ବଳି ମଧ୍ୟ ଦେଇଥାନ୍ତି । ଲୋକଙ୍କ ବିଶ୍ୱାସ ଏହା ବି ରହିଛିଯେ ଦେବତାଙ୍କ ପାଖରେ ଯାହା ମନୋକାମନା କଲେ ତାହା ପୂର୍ଣ୍ଣ ହୋଇଥାଏ । ବିହନ ଛିନା ଯାତ୍ରାକୁ ଗ୍ରାମର ପୂଜାରୀ ଉଗ୍ରେସନ ପୂଜାରୀ, ହର ପୂଜାରୀ, ଦୁର୍ଜନ ପୂଜାରୀ, ଚଳାନ ଶ୍ୟାମସୁନ୍ଦର ନେତାମ,ଅଭିରାମ ବଗର୍ତି,ଗଣ୍ଡା ଜଗଦୀଶ ଜଗତ, ନରିଆ ଭୁଜବଳ ଖରସେଲ,କାର୍ତିକ ଡ଼ଙ୍ଗରି, ପ୍ରେମନାଥ ବେମାଲ, ସହଦେବ ସୁନା, ସମେତ ପାଟଖଲିଆ ଗ୍ରାମବାସୀ ମାନେ ଉପସ୍ଥିତ ରହି ପାଳନ କରିଥିଲେ ।

### ରୋଟାରୀ କ୍ଲବର ୱାଟର କୁଲର ଏବଂ ଫିଲ୍‌ଟର ଦାନ

ବରଗଡ(ଭାସ୍କର ନ୍ୟୁଜ): ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ଥଣ୍ଡା ଜଳର ବ୍ୟବସ୍ଥା କରିବାକୁ ଯାଇ ବରଗଡ ରୋଟାରୀ କ୍ଲବର ସଭ୍ୟମାନେ ଆଜି ଭଟଲି ବ୍ଲକ୍ ଅନ୍ତର୍ଗତ ଉଦେପାଲି ପି.ଏଚ୍.ସି. ରେ ୱାଟର କୁଲର ଏବଂ ଫିଲଟର ଦାନ କରିଥିଲେ । ଯାହା ଫଳରେ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ତାଙ୍କର ସମ୍ପର୍କୀୟମାନେ ଉପକୃତ ହୋଇପାରିବେ । ବିଶିଷ୍ଟ ସମାଜ ସେବୀ ସୌରୀ ଚରଣ ବାରିକଙ୍କ ଦ୍ୱାରା ଏହା ଉଦ୍ଘାଟିତ ହୋଇଥିଲା । ରୋଟାରୀ କ୍ଲବର ଏହି ପଦକ୍ଷେପ ପାଇଁ ଉଦୟପାଲି ଗ୍ରାମବାସୀମାନେ କ୍ଲବର ସଭ୍ୟମାନଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ରୋଟାରିଆନ୍ ଦଶରଥ ଅଗ୍ରୱାଲ, ସେକ୍ରେଟାରୀ ରୋଟାରିଆନ୍ ଦିବ୍ୟରାଜ ମେହେର, ସ୍କୁଲ ଚେୟାରମେନ୍ ରୋଟାରିଆନ୍ ସୁରେଶ କେଜ୍ରିୱାଲ, ସ୍କୁଲ ଏକାଡେମିକ ଚେୟାରମେନ୍ ରୋଟାରିଆନ୍ ପ୍ରକାଶ କର, ରୋଟାରିଆନ୍ ଅମିତ୍ ସାହୁ, ରୋଟାରିଆନ୍ ଗଙ୍ଗାସାଗର ପତି ଏବଂ ରୋଟାରିଆନ୍ ଡ. ସଂଜୀବ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଞ୍ଚୋଟି ଘରର ଆଜବେଷ୍ଟସ୍ ଉଡ଼ିଲା

ଝରିଗାଁ/ଡ଼ାବୁଗାଁ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚାଟିଗୁଡା ପଞ୍ଚାୟତରେ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ

କାଳବୈଶାଖୀ ପ୍ରଭାବ



ବର୍ଷା ହେବା ସହ ପ୍ରବଳ ପବନ ହୋଇଥିଲା ।ଫଳରେ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗଛ ଗୁଡିକ ଭାଙ୍ଗି ଯାଇଥିବା ସୂଚନା ମିଳିଛି । ସେହିଭଳି ପ୍ରବଳ ପବନ ଯୋଗୁଁ ଚାଟିଗୁଡା ପଞ୍ଚାୟତର ବିଜାପୁର ଗ୍ରାମର ସନତନ ମାଝୀଙ୍କ ଘରେ ଲାଗିଥିବା ସମ୍ପୂର୍ଣ୍ଣ ୧୫ ଆଜବେଷ୍ଟସ ଉଡ଼ି ଯାଇଥିବା ବେଳେ ନିଳମ ଭତ୍ରାଙ୍କ ୩ଟି ଆଜବେଷ୍ଟ ଉଡ଼ି ଯାଇଥିବା ସୂଚନା ମିଳିଛି ।ସେହିପରି ଗୁଛାଗୁଡ଼ା ଗ୍ରାମର ରବୀନ୍ଦ୍ର ଭତ୍ରାଙ୍କ ୫ଟି ଆଜବେଷ୍ଟ ଏବଂ ମାଙ୍ଗୁ ଭତ୍ରାଙ୍କ ଘରେ ଲାଗିଥିବା ପ୍ରାୟ ୧୨ଟି ଆଜବେଷ୍ଟ ପବନରେ ଉଡ଼ିଯାଇଥିବା ସୂଚନା ମିଳିଛି ।ସେହିପରି ଜାମଗୁଡା ଗ୍ରାମର ବନ ମାଳୀ ପୂଜାରୀଙ୍କ ଘରେ ଲାଗିଥିବା କିଛି ଆଜବେଷ୍ଟ ମଧ୍ୟ ଉଡ଼ି ଯାଇଥିବା ସୂଚନା ମିଳିଛି । ଅନ୍ୟମାନଙ୍କ ଘର ଅଳ୍ପ କ୍ଷତି ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ପରିବାର ଲୋକ ଛାତ ଉପରେ ପଲିଥିନ ଟାଣି ଆଶ୍ରୟ ନେଉଥିବା ସୂଚନା ମିଳିଛି । ସେହିପରି ଦୁଇ ଦିନ ହେଲା ଉକ୍ତ ଅଞ୍ଚଳରେ ବିଦ୍ୟୁତ ସ୍ୱାଭାବିକ ହୋଇନଥିବା ବେଳେ ଅନ୍ଧାରରେ ଲୋକ ମାନେ ରହୁଥିବା ଅଭିଯୋଗ କରିଛନ୍ତି ।

## ଯୁବକଙ୍କ ଆତ୍ମହତ୍ୟା

**ମାଲକାନଗିରି(ଭାସ୍କର ନ୍ୟୁଜ୍):** ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ନିଲିଗୁଡା ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଦୁର୍ମାଗୁଡା ଗ୍ରାମରେ ଜଣେ ଆଦିବାସୀ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଖବର ଜଣାପଡିଛି । ସୂଚନା ମୁତାବକ ଏହି ଗ୍ରାମର ଦୁଲା ପଡିଆମୀ ଙ୍କ ୨୨ ବର୍ଷିୟ ପୁଅ ମୁୟା ପଡିଆମି ଗତକାଲି କେନ୍ଦୁପତ୍ର ତୋଳିବାକୁ ଘରୁ ବାହାରି ନିକଟସ୍ଥ ଜଙ୍ଗଲକୁ ଯାଇଥିଲା । ତେବେ ମୁୟା ସନ୍ଧ୍ୟା ସମୟରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଅଚାନକ କୀଟନାଶକ ବିଷ ପିଇ ଦେଇଥିଲେ । ଯାହାଫଳରେ ମୁୟାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ମୁୟା ଚିକିତ୍ସାଧିନ ଅବସ୍ଥାରେ ବିଳମ୍ବିତ ରାତିରେ ପ୍ରାଣ ହରାଇଥିଲା । ଏ ନେଇ ଆଜି ମୁୟାର ପରିବାର ଲୋକେ ପଡିଆ ଥାନାରେ ଜଣାଇବାରୁ ପଡିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି । ଏଥିସହ ଜିଲ୍ଲା ସଦର ଚିକିତ୍ସାଳୟରେ ମୁୟାର ମୃତ ଶରୀରର ପଂଚନାମା ଜବତ କରି କରାଯାଇଛି । ଏଥିସହ ମୁୟାର ଶବ ବ୍ୟବଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ଅନ୍ୟପଟେ ଏ ନେଇ ପଡିଆ ଥାନାରେ ଏକ ଅପମୃତ୍ୟୁ ମାମଲାରେ ପତ୍ରସଂଖ୍ୟା ୦୮/୨୫ ରୁଜୁ କରାଯାଇ ଘଟଣାର ପରବର୍ତ୍ତୀ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷ୍ୟରୁ ସୂଚନା ମିଳିଛି ।

## କାଳବୈଶାଖୀରେ ଗଛ ଉପୁଡ଼ି ରାସ୍ତା ଅବରୋଧ



ଝରିଗାଁ(ଭାସ୍କର ନ୍ୟୁଜ): କାଳବୈଶାଖୀ ପ୍ରଭାବରେ ଝରିଗାଁ ବ୍ଲକର ଶିରାଗୁଡା ସାହି ଠାରେ ଗଛ ଉପୁଡ଼ି ଯାଇ ରାସ୍ତା ଉପରେ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।ଫଳରେ ଏହି ରାସ୍ତା ଦେଇ ପ୍ରାୟ ୧ଘଣ୍ଟା ଧରି ଯାତାୟାତ ଠପ୍ ? ହୋଇଯାଇଥିଲା । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି । ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୪ଟାରେ କାଳବେ ?ଶାଖୀ ପ୍ରଭାବରେ ଝରିଗାଁ ବ୍ଲକ ସଦର ମହକୁମା ଠାରେ ପ୍ରବଳ ବେଗରେ ପବନ ବ ?ହିବା ସହିତ ବର୍ଷା ହୋଇଥିଲା । ପ୍ରବଳ ବେଗରେ ପବନ ବୋହିବାରୁ ଶିରାଗୁଡା ସାହି ନିକଟରେ ଗୋଟିଏ ଗଛ ମୂଳରୁ ଉପୁଡ଼ି ଯାଇ ରାସ୍ତା ଉପରେ ପଡ଼ି ଯାଇଥିଲା । ଫଳରେ ଏହି ରାସ୍ତା ଦେଇ ଗାଡ଼ି ଚଳାଚଳ ଠପ୍ ? ହୋଇଯାଇଥିଲା । ଏ ନେଇ ଖବର ପାଇବା ପରେ ଝରିଗାଁ ଅଗ୍ନିଶମ ବିଭାଗର ଅଧିକାରୀ ଭୋଳାନାଥ ମାଝୀଙ୍କ ନେତୃତ୍ୱରେ କର୍ମଚାରୀ ପ୍ରଶାନ୍ତ ସାହୁ, ଡୋଳାମଣି ମାଝୀ, ଅଜିତ ଭୋଇ, ପଦ୍ମନ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ଗଛ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ରାମେଶ୍ୱର ମନ୍ଦିର ନିକଟରେ ଲାଗିଲା ଶୀତଳ ପାନୀୟ ଜଳ ମେସିନ୍



ମାଲକାନଗିରି ଭାସ୍କର ନ୍ୟୁଜ): ସମସ୍ତ ଦାନ ମଧ୍ୟରେ ଜଳଦାନ ମହାଦାନ ଭାବେ କଥିତ ଥିବାବେଳେ ଗ୍ରୀଷ୍ମଋତୁରେ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ସରକାରୀ ତଥା ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି । ଏହି ଅବସରରେ ଶନିବାର ସହରର ବିଶିଷ୍ଟ ବ୍ୟବସାୟୀ ଭମୱରଲାଲ୍ ଡାଲିଚାନ୍ଦ ସୁରାନା ନିଜ ସହଧର୍ମିଣୀଙ୍କ ସହ ଆସି ମାଲକାନଗିରି ସଦର ମହକୁମା ପୁରୁଣା ମେଡିକାଲ ଛକ ରାମେଶ୍ୱର ମନ୍ଦିରରେ ନିଜ ଉଦ୍ୟମରେ ଏକ ଶୀତଳ ତଥା ବିଶୁଦ୍ଧ ପାନୀୟଜଳ ମେସିନ ଲଗାଇଛନ୍ତି । ଏହା ପଥପ୍ରାନ୍ତ ଲୋକଙ୍କ ତୃଷା ମେଣ୍ଟାଇବାରେ ସହାୟକ ହେବ ବୋଲି ଶ୍ରୀ ସୁରାନା ମତବ୍ୟକ୍ତ କରିଛନ୍ତି ।

### ରାମଜୀ ନାଟକ ସଂସଦ ପକ୍ଷରୁ ରାମଲୀଳା ନାଟକ

## ମନ ଛୁଇଁଲା ସୀତା ହରଣ, ଜଟାୟୁ ମରଣ



ବଲାଙ୍ଗୀର(ଭାସ୍କର ନ୍ୟୁଜ): ଜଗନ୍ନାଥପଡାରେ ସର୍ବ ପୁରାତନ ରାମଜୀ ନାଟକ ସଂସଦ ଦ୍ୱାରା ରାମଲୀଳା ନାଟକ ଅଯୋଜିତ ହୋଇଥିବା ବେଳେ ଗତ ଏପ୍ରିଲ ୧୮ ତାରିଖ ଶୁକ୍ରବାର ଦିନ ସୀତାଙ୍କୁ ହରଣ, ଜଟାୟୁ ମରଣ ଦର୍ଶକଙ୍କୁ ବେଶ ମନ ଛୁଇଁଥିଲା । ମାୟା ମିରିଗ କୁଟୀରରେ ଜଟି ରାବଣ ଭିକ୍ଷା ମାଗିଥିଲେ ତାହା ପୂର୍ବରୁ ଲକ୍ଷ୍ମଣ ତିନି ଗାର କାଟିଥିଲେ, ଆରଣ୍ୟକୁ ଯାଇଥିବା ବେଳେ ଏହି ଅନୁପସ୍ଥିତ ଦେଖି ରାବଣ ସୀତା କୁ ହରଣ କରିଥିଲେ । ସୀତାଙ୍କ ରୋଦନରେ ପକ୍ଷୀ ସୀତାଙ୍କୁ ହରଣ, ଜଟାୟୁ ମରଣ, ରାବଣ ଭୂମିକାରେ ଜୀବନ୍ତ ଅଭିନୟ କଲେ ଡା. ରୁଦ୍ର ନାରାୟଣ ପଟେଲ ଜଟାୟୁ ରାବଣରୁ ଉଦ୍ଧାର କରିବା ପାଇଁ ରାବଣ ସହ ଯୁଦ୍ଧ ହୋଇଥିଲା । ଯୁଦ୍ଧରେ ଆହତ ହୋଇ ପ୍ରାଣ ଚାଲିଯାଇଥିଲା । ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ବୈଶ୍ୟ ସଦାଶିବ ରଚିତ କଣ୍ଠରେ ଗାଇଥିଲେ । ଏହି ଅବସରରେ ଏ ବନଗିରି ଲତା ଗିରି ମୋ କାନ୍ତ ଗଲେ ମୃଗ ମାରି କଣ୍ଠଶିଳ୍ପୀ ଶ୍ରୀୟା ପଟେଲ ଗୀତ ଗାଇଥିବା ବେଳେ ନାଟକ ବେଶ୍ ଆକର୍ଷିତ ହୋଇଥିଲା । ରାମ ଅଭିନୟରେ ଶୈଳେନ କୁମାର ବାବୁ, ଲକ୍ଷ୍ମଣ ଭୂମିକାରେ ଆନନ୍ଦ ମିଶ୍ର, ସୀତାଙ୍କ ଭୂମିକାରେ ମାନସ ସାହୁ, ରାବଣ ଭୂମିକାରେ ଡା. ରୁଦ୍ରନାରାୟଣ ପଟେଲ, ଜଟାୟୁ ପକ୍ଷୀ ଭୂମିକାରେ ଘନଶ୍ୟାମ ସାହୁ, ମାୟା ମିରିଗ ଭୂମିକାରେ ଅମିତ ବେହେରା, ଜଟି ରାବଣ କୁମୁଦ ରଂଜନ ନାଏକ, ଇନ୍ଦ୍ର ଭୂମିକାରେ ଚିଦାନନ୍ଦ ବେହେରା ଓ ସଂସଦର ବିଭିନ୍ନ କଳାକାର ଅଭିନୟ କରିଥିଲେ । ପୁଷ୍ପବିମାନ ଓ ସାଜସଜ୍ୟା ନାଟକ କୁ କିଭଳି ଆକର୍ଷିତ ହେବ ନିର୍ଦ୍ଦେଶନା ଦେଇଥିଲେ ରବି ନାରାୟଣ ନାଏକ ।



ପୁରୀ (ଭାସ୍କର ନ୍ୟୁଜ) : ରାଜ୍ୟପାଳ ଙ୍କ ପୁରୀ ଜିଲ୍ଲା ଉନ୍ନୟନ ମୂଳକ ଯୋଜନା ର ସମୀକ୍ଷା ସମୟରେ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ସିଭିଲ ସୋସାଇଟିର କର୍ମକର୍ତ୍ତା ଙ୍କ ସହ ଆଲୋଚନା କରିଥିଲେ।ସାମାଜିକ ଅନୁଷ୍ଠାନ ଦି ବେଲ ର ଅଧ୍ୟକ୍ଷ ତଥା ପୁରୀ ଜିଲ୍ଲା ଦିବ୍ୟାଙ୍ଗ ସଂଘର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ,ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାନାଇଜେସନର ସମ୍ପାଦକ ଗଗନ ବିହାରୀ ଦାସ ଓ ପିପୁଲସ ଫୋରମର ପ୍ରୋଗ୍ରାମ ଡାଇରେକ୍ଟର ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ରାଜ୍ୟପାଳ ଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗଙ୍ଗୁଆ ନଦୀର ପ୍ରଦୂଷିତ ଜଳ ଦୟା ନଦୀରେ ଯେପରି ନ ମିଶେ ଏବଂ କଣାସ ବାସି ସ୍ୱଚ୍ଛଜଳ କିପରି ପାଇବେ ସେଥି ପାଇଁ ବ୍ୟବସ୍ଥା କରିବା,ସ୍ୱାସ୍ଥ୍ୟ ସୁବିଧା ପାଇଁ ତୁରନ୍ତ ବାହାରକୁ ରୋଗୀ ନେବା ପାଇଁ ଜୀବନ ରକ୍ଷା କାରୀ ଆମ୍ବୁଲାନ୍ସର ବ୍ୟବସ୍ଥା, ଏବଂ ବର୍ଣ୍ଣ ୟୁନିଟ ବ୍ୟବସ୍ଥା, ପୁରୀ ର ପ୍ରଶାସନିକ ବ୍ୟବସ୍ଥା କୁ ସୁଦୃଢ଼ କରିବା ପାଇଁ ପୁରୀ ଜିଲ୍ଲା କୁ ଦୁଇ ରୁ ତିନୋଟି ସବ ଡିଭିଜନରେ ବିଭକ୍ତ କରିବା,ସ୍ୱର୍ଗଦ୍ୱାର ସମ୍ପ୍ରସାରଣ ଓ କର୍ପସ ଫଣ୍ଡ ବ୍ୟବସ୍ଥା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପାଇଁ ଆଧୁନିକ ପ୍ରଶିକ୍ଷଣ ଓ ଯନ୍ତ୍ର ପାତି ତଥା ଜେଟି ଓ ଏଫ୍ ଏଲ୍ ସି ବ୍ୟବସ୍ଥା,ପୁରୀ ର ବାକି ରହିଥିବା ଐତିହ୍ୟ ସ୍ଥଳ ର ସୁରକ୍ଷା ସହିତ ଏହାର ଚିହ୍ନଟ, ପିଲିଗ୍ରିମ ଟୁରିଜିମ୍ କୁ ବଢ଼ାଇବା, ବିଶାଳ ମୁକ୍ତ ସମୁଦ୍ର ତଟ ର ସୁରକ୍ଷା ପାଇଁ ବ୍ୟବସ୍ଥା,ପୁରୀ ଜିଲ୍ଲାର ସମସ୍ତ ଜଳମାର୍ଗରେ ପର୍ଯ୍ୟଟନ କ୍ରୀଡ଼ା ବା ସ୍ପୋର୍ଟ୍ସ ଟୁରିଜିମ ପାଇଁ ସରକାରୀ ପ୍ରୋତ୍ସାହନ, ଟ୍ରାନସ ଜେଣ୍ଡର ମାନଙ୍କ ଥଇଥାନ ବ୍ୟବସ୍ଥା, ଜରାନିବାସ ବ୍ୟବସ୍ଥା ଇତ୍ୟାଦି ପାଇଁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ମହାପ୍ରଭୁ ଜଗନ୍ନାଥଙ୍କୁ ସମର୍ପିତ ପୁରୀ ସାହିତ୍ୟ ମହୋତ୍ସବ

# 'ଭାଷା, ସାହିତ୍ୟ, ସଂସ୍କୃତି, ସୃଜନ ଓ ଐତିହ୍ୟର ସଙ୍ଗମ'




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ସାହିତ୍ୟ ମହୋତ୍ସବ ଶେଷ ହୋଇନି ବରଂ ମହାପ୍ରଭୁ ଜଗନ୍ନାଥଙ୍କୁ ସମର୍ପଣ କରିଦିଆଯାଇଛି। ଯାହାକି ପ୍ରତିବର୍ଷ ଏହାକୁ ମହାପ୍ରଭୁ ତାଙ୍କ ଇଚ୍ଛାରେ ଚାଳନା କରିବେ ବା ଆଡ଼େଇନେବେ ବୋଲି କହିଛନ୍ତି ପୁରୀ ଲିଟେରାରୀ ଫେଷ୍ଟିଭାଲ୍ ?ର ନିର୍ଦ୍ଦେଶକ ଓମ୍ ପ୍ରିୟଦର୍ଶୀ। ପୁରୀ ଅଧ୍ୟୟନ ଫାଉଣ୍ଡେସନ୍ ?, ଭାରତ ସରକାରଙ୍କ ଯୁବ ବ୍ୟାପାର ବିଭାଗ, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ଆୟୋଜିତ ଏହି ସାହିତ୍ୟ ମହୋତ୍ସବରେ 'ଉପନିବେଶୀକରଣ ଏବଂ ଦକ୍ଷିଣ ବିଶ୍ୱ: ବହୁପାକ୍ଷିକତାର ପୁନଃଆକୃତି', 'ଓଡ଼ିଶା: ଏକ ସାମାଜିକ-ସାଂସ୍କୃତିକ ଦୃଷ୍ଟିକୋଣ ରାଧାଲ୍ୟାଣ୍ଡ ଏବଂ ବିଶ୍ୱ ବାହାରେ ଏହାର ଆଲୋଚନା', 'ଜଗନ୍ନାଥ: ଓଡ଼ିଶା ଅସ୍ମିତା', 'ସ୍ଥିରତା: ଏକ ଜଳବାୟୁ-ପ୍ରତିରୋଧୀ ଭାରତ ଗଠନ' ଭଳି ବିଭିନ୍ନ ୮ଟି ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ପ୍ରଥମ ସତ୍ରରେ ମଞ୍ଚରେ ଏକାଠି ହୋଇଥିଲେ କଳା, କଲମ, କାନୁନ୍ ?, କଳାକାର ଏବଂ ଖେଳ ଭଳି ବିଭିନ୍ନ କ୍ଷେତ୍ରରୁ। ସେଥି ମଧ୍ୟରୁ ସେହେଯାଦା ପୁନୋୱାଲା, ଓଡ଼ିଆ ସିନେ କଳାକାର ଶ୍ରୀ ସବ୍ୟସାଚୀ ମିଶ୍ର, ପଦ୍ମଶ୍ରୀ ସୁଧା ସିଂ, ନବିନ ସକ୍ସେନା, ଜିତୁ କଉର, ଡ଼. ନିଧି ଗର୍ଗ ଉପସ୍ଥିତ ଥିଲେ। ଜଗନ୍ନାଥ: ଓଡ଼ିଶାର ଅସ୍ମିତା ବିଷୟରେ ଡ. ଭାସ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ଅସିତ୍ ମହାନ୍ତି, ହରିହର ହୋତା, ଆଶ୍ରୟ ମିଶ୍ର, ଅନିଲ ଧିର ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚମୀ ମନୋକିଲ୍ ମହାଶୟା ମଞ୍ଚକୁ ପରିଚାଳନା କରି ପୁରୀ ଜଗନ୍ନାଥ ଧାମ କିଭଳି ବିଶ୍ୱର ପ୍ରତି ନାଗରିକର ଆବେଗ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ଡ. ହେନେରିଟା ମିଶ୍ରଙ୍କ ଦ୍ୱାରା ରଚିତ ନାରୀ ଜୀବନର ମିଥ୍ , ମୁଟିଫ, ମେଟାଫର ପୁସ୍ତକ ଉନ୍ମୋଚନ ହୋଇଥିଲା। ପ୍ରଯୋକ୍ତା କୋଲି ଏବଂ ଶ୍ରୀ ଦୀପ ହଲଦରଙ୍କ ଲିଖିତ ପୁସ୍ତକକୁ ପୁରୀ ସାହିତ୍ୟ ମହୋତ୍ସବ ପୁସ୍ତକ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଶାନ୍ତି ରଥ ଶ୍ରୀ ଜ୍ଞାନ ହୋତାଙ୍କୁ ରମାକାନ୍ତ ରଥ ସାହିତ୍ୟ ସମ୍ମାନରେ ସମ୍ମାନିତ କରିଛନ୍ତି। ଶେଷ ପର୍ଯ୍ୟାୟରେ ଓମ୍ ପ୍ରିୟଦର୍ଶୀ ଛୋଟରାୟ ଏବଂ ମିଲିଣ୍ଡ ମରାଠେ ବିସ୍ତୃତ ଭାବେ କାର୍ଯ୍ୟକ୍ରମର ରିର୍ପୋଟ ପ୍ରଦାନ କରିଥିଲେ।ପୁରୀ ସାହିତ୍ୟ ମହୋତ୍ସବ କାର୍ଯ୍ୟକ୍ରମରେ ନାଲକୋ, ଏମସିଏଲ୍ ?, ଟରେଣ୍ଟ, ବେଦାନ୍ତ, ଆଦାନୀ, ଏନଏସଡିସି, ଏସ୍ ଆର୍ ରୁଙ୍ଗଟା ଗ୍ରୁପ, ଯେଏସଡବ୍ଲ୍ୟୁ, ପ୍ରାଜ୍ ?, ରିଲାଏନ୍ସ ପ୍ରାଇଭେଟ୍ ଲିମିଟେଡ, ଇଡିକଲ ଇଣ୍ଡିଆ ଲିମିଟେଡ, ବି ଆର୍ ହାଟ୍ ?, ଏନବିଟି ଇଣ୍ଡିଆ, ଆଇଏସଡି ଏମ, ସେଲସୀୟସ, ଅର୍ଗସ ଡିଜିଟାଲ, ଜିନ୍ଦଲ ଗ୍ଲୋବାଲ ୟୁନିଭରସିଟି, କ୍ରସୱାର୍ଡ ପବ୍ଲିକେସନ, ଓଡ଼ିଶା ସାଇନଓ, ଇଣ୍ଡିଆନ ଅଏଲ, ଓଏନଜିସି, ଭାରତ ପେଟ୍ରୋଲିୟମ, ହିନ୍ଦୁସ୍ତାନ ପାୱାର, ଇନ୍ଦ୍ରପ୍ରସ୍ଥ ଗ୍ୟାସ, ଗେଲ୍ ଇଣ୍ଡିଆ, ଅଏଲ ଇଣ୍ଡିଆ ଭଳି ବିଭିନ୍ନ କମ୍ପାନୀମାନଙ୍କ ସହଭାଗିତାରେ ତ୍ରି ଦିବସୀୟ ପୁରୀ ସାହିତ୍ୟ ମହୋତ୍ସବର ପ୍ରଥମ ସଂସ୍କରଣର ପୂର୍ଣ୍ଣ ସଫଳତା ସହଜ ହୋଇପାରିଛି।

# ଏକ ଘଣ୍ଟା ଅନ୍ଧାରରେ ରହିଲେ ରାଜ୍ୟପାଳ

ପୁରୀ (ଭାସ୍କର ନ୍ୟୁଜ) : ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କ ପୁରୀ ଗସ୍ତ ବେଳେ ଅଭାବନୀୟ ଘଟଣା । ଦୀର୍ଘ ଏକ ଘଣ୍ଟା କାଳ ଅନ୍ଧାରରେ ରହିଲେ ରାଜ୍ୟପାଳ । ହେଲେ ବିଦ୍ୟୁତ ଯୋଗାଣ କରିପାରିଲା ନାହିଁ ଟାଟା ପାୱାର । ପୁରୀରେ ଗତକାଲି (ଶନିବାର) ସନ୍ଧ୍ୟାରେ ଏଭଳି ଅଭାବନୀୟ ଘଟଣା ନଜରକୁ ଆସିଛି । ରାଜ୍ୟପାଳଙ୍କ ଗସ୍ତ ବେଳେ ଟାଟା ପାୱାର ବିଦ୍ୟୁତ୍ ଯୋଗାଣ ନ କରିବାକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ସୂଚନା ଅନୁଯାୟୀ, ଗତକାଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ପୁରୀ ସୁଭାଷ ବୋଷ ଛକ ନିକଟ ବୈଷ୍ଣଦେବୀ ଲେନକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ରେଣୁବାଳା ପଣ୍ଡା ଓ ରାଧାରାଣୀ ଦେବନାଥଙ୍କ ଘରକୁ ଯାଇ ସୁବିଧା ଅସୁବିଧା ବୁଝିଥିଲେ । ସ୍ଥାନୀୟ ଲୋକଙ୍କ ସହ ମିଶି ସରକାରଙ୍କ ଯୋଜନା ଠିକ୍ ମିଳିପାରୁଛି କି ନାହିଁ ତାହା ପଚାରି ବୁଝିଥିଲେ । ରାଜ୍ୟପାଳଙ୍କ ଗସ୍ତବେଳେ ଅନ୍ଧାର ହୋଇଥିଲା । ପ୍ରାୟ ଏକ ଘଣ୍ଟା କାଳ ରାଜ୍ୟପାଳ ସେଠାରେ ରହିଥିଲେ । ମାତ୍ର ଦୁର୍ଭାଗ୍ୟର ବିଷୟ ରାଜ୍ୟପାଳ ପ୍ରାୟ ଏକ ଘଣ୍ଟା ଟର୍ଚ୍ଚ ଲାଇଟରେ ଲୋକଙ୍କ ନିକଟ ସହ ରହି କଥା ହୋଇଥିଲେ । ଦୀର୍ଘ ଏକ ଘଣ୍ଟା ଭିତରେ ବି ଟାଟା ପାୱାର ବିଦ୍ୟୁତ୍ ଯୋଗାଣ କରିପାରିନଥିଲା ।ତେବେ ସ୍ଥାନୀୟ ଅଞ୍ଚଳରେ ଭୂତଳ ବିଦ୍ୟୁତ୍ କେବୁଲ ମରାମତି କାର୍ଯ୍ୟ ଚାଲୁ ଥିବାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ଥିଲା । ଉକ୍ତ ଅଞ୍ଚଳକୁ ରାଜ୍ୟପାଳଙ୍କ ଗସ୍ତ ଥିବା ବେଳେ କାହିଁକି ଟାଟା ପାୱାର ବିକଳ୍ପ ପକ୍ଷରୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ନ ଥିଲା ସେ ନେଇ ପ୍ରଶ୍ନ ଉଠିଛି । ସବୁଠୁ ବଡ କଥା ହେଉଛି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ବିକଳ୍ପ ତଥା ଡିଜି ବ୍ୟବସ୍ଥା ହୋଇ ନ ଥିଲା । ରାଜ୍ୟପାଳଙ୍କ ଗସ୍ତକୁ ନେଇ ପୁରୀ ଜିଲ୍ଲା ପ୍ରଶାସନ ଓ ଟାଟା ପାୱାରର ଅବହେଳାକୁ ନେଇ ସାଧାରଣରେ କଡା ସମାଲୋଚନା କରାଯାଇଛି । ରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ ଏଭଳି ଅବହେଳାର ତଦନ୍ତ କରାଯାଇ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସାଧାରଣରେ ଦାବି ହୋଇଛି । ରାଜ୍ୟପାଳ ପୁରୀରେ ଜିଲ୍ଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଓ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚି ପାରୁଛି କି ନାହିଁ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ କରିଥଲେ ।ପୁରୀ ଜିଲ୍ଲା ଟାଟା ପାୱାରର ଅଧିକ୍ଷଣ ଯନ୍ତ୍ରୀ ସ୍ମୃତି ରଞ୍ଜନ ସ୍ୱାଇଁ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଗତକାଲି ରାଜ୍ୟପାଳ ଉକ୍ତ ଅଞ୍ଚଳକୁ ଯିବାର ଥିବା କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ସୂଚନା ଆମକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇନାହିଁ । ଉକ୍ତ ଅଞ୍ଚଳରେ ଗେଲ କମ୍ପାନୀ ପକ୍ଷରୁ ଗ୍ୟାସ ପାଇପ ମାଟି ତଳେ ପକାଇବା କାର୍ଯ୍ୟ ହେଉଥିବା ବେଳେ ଭୂତଳ ବିଦ୍ୟୁତ୍ ଲାଇନ୍ କେବୁଲ ଫଟାଇ ଦେଇଥିଲେ । ସେଠାରେ ବିଦ୍ୟୁତ୍ କେବୁଲ ଯୋଡ଼ା କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ଠିକ୍ କରିବା ପାଇଁ ସମୟ ସାପେକ୍ଷ । କାରଣ ମାଟିକୁ ଖୋଳି ବିଦ୍ୟୁତ୍ କେବୁଲ୍ ଯୋଡ଼ିବା ଅତି କମରେ ୫ ଘଣ୍ଟା ସମୟ ଆବଶ୍ୟକ ରହିଛି । କେବୁଲ ମରାମତି କାର୍ଯ୍ୟ ବେଳେ ଉକ୍ତ ଅଞ୍ଚଳକୁ ରାଜ୍ୟପାଳଙ୍କ ଗସ୍ତ ହେବାରୁ ଆମେ ବିଦ୍ୟୁତ୍ ସରବରାହ ଠିକ୍ କରିପାରିଲୁ ନାହିଁ ।'ଅଧିକ୍ଷଣ ଯନ୍ତ୍ରୀ ସ୍ମୃତି ରଞ୍ଜନ ସ୍ୱାଇଁ ଆହୁରି କହିଛନ୍ତି, 'ରାଜ୍ୟପାଳଙ୍କ ଗସ୍ତର ୩୦ ମିନିଟ୍ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇଥିଲେ ଆମେ ବିକଳ୍ପ ବିଦ୍ୟୁତ୍ ସରବରାହ ପାଇଁ ବ୍ୟବସ୍ଥା କରିପାରିଥାଆନ୍ତୁ । ହେଲେ ବୈଷ୍ଣିଦେବୀ ଗଳିକୁ ରାଜ୍ୟପାଳଙ୍କ ଗସ୍ତ ଥିବାନେଇ ଆମକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନଥିଲା । ଉକ୍ତ ଅଞ୍ଚଳକୁ ବିକଳ୍ପ ବ୍ୟବସ୍ଥା କରାଯାଇଛି । ଭୂତଳ ବିଦ୍ୟୁତ୍ କେବୁଲ ଠିକ୍ ପରେ ଉକ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯିବା ନେଇ ଉଦ୍ୟମ ଜାରି ରହିଛି । ଗେଲ ଏବେ ଗ୍ୟାସ ପାଇପ ଲାଇନ୍ ମାଟି ତଳେ ପକାଉଥିବା ବେଳେ ଅଧିକାଂଶ ଅଞ୍ଚଳରେ ଭୂତଳ ବିଦ୍ୟୁତ୍ କେବୁଲ କ୍ଷତିଗ୍ରସ୍ତ ହେଉଛି । ଯାହା ଫଳରେ ବିଦ୍ୟୁତ୍ ବିଭ୍ରାଟ ହେଉଛି । ଆମ ବିନା ପରାମର୍ଶରେ, ମନ ଇଚ୍ଛା ଗେଲ ଖୋଳି ପକାଉଥିବାରୁ ଏଭଳି ଅବ୍ୟବସ୍ଥା ହେଉଛି ।'

## ଇନଟ୍ରାକ୍ଲବ ଜୁନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୯୭ ରନ୍‌ରେ ବିଜୟୀ



ବୌଦ୍ଧ (ଭାସ୍କର ନ୍ୟୁଜ): ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ଷ୍ଟାଡିୟମ ଠାରେ ଚାଲିଥିବା ଇନଟ୍ରାକ୍ଲବ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ରବିବାର ପଞ୍ଚମ ଦିନରେ ଗ୍ରାମ୍ୟ ବିକାଶ ପରିଷଦ ଖୁଣ୍ଟବନ୍ଧ ଓ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ପ୍ରଥମ ଇନିଙ୍ଗସରେ ୪୦ ଓଭର ଖେଳି ୬ ୱିକେଟ ବିନିମୟରେ ୨୮୯ ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ ରଣବୀର ସିଂ ୧୨୩ ବଲ୍‌ରୁ ୧୦୬ ରନ୍ ଓ ରାହୁଲ ଦିଗାଲ ୩୫ ବଲ୍‌ରୁ ୫୬ ରନ୍ କରିଥିଲେ । ଦ୍ୱିତୀୟ ଇନିଙ୍ଗସରେ ଏହାର ଜବାବରେ ଜିବିପି ଖୁଣ୍ଟବନ୍ଧ ୨୭.୨ ଓଭରରେ ୧୦ ୱିକେଟ ହରାଇ ୧୯୨ରନ୍ କରିପାରିଥିଲା । ଫଳରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୯୭ରନ୍‌ରେ ବିଜୟୀ ହୋଇଥିଲା । ଜିବିପି ଖୁଣ୍ଟବନ୍ଧ ଦଳ ତରଫରୁ ତନୁଷ ଦେ ୬୪ ବଲ୍‌ରୁ ୮୩ ରନ୍ ଓ ପ୍ରିୟବ୍ରତ ଭୋଇ ୩୮ ବଲ୍‌ରୁ ୩୦ ରନ୍ କରିଥିଲେ । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂର ଓଁକାର ତ୍ରିପାଠୀ ୫ଟି ଓ ଶିଭ ସାଇ ୩ଟି ୱିକେଟ ନେଇଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଓଁକାର ତ୍ରିପାଠୀ ପୁରସ୍କୃତ ହୋଇଥିଲେ । ଆଜିର ମ୍ୟାଚକୁ ଅଂପାୟାର ଭାବେ ଆଶୁତୋଷ ଦାଶ ଓ ତାପସ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱ ସ୍ୱାଗତ କୁମାର ଦେହୁରୀ ତୁଲାଇଥିଲେ । ସୋମବାର ଜୟ ଭୈରବୀ କ୍ଲବ ବୌଦ୍ଧ ଓ ପ୍ରଗତି କନ୍ଧମାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

# ୟୁଏଇରେ ବାୟୁସେନାର ବହୁରାଷ୍ଟ୍ରୀୟ ବାୟୁ ଯୁଦ୍ଧ ଅଭ୍ୟାସ

ନୂଆଦିଲ୍ଲୀ: ସଂଯୁକ୍ତ ଅରବ ଅମିରାତ ଅଲ୍ ଧଫରା ବାୟୁସେନା ଘାଟିରେ ସୋମବାରଠାରୁ ଏକ ଡଜନ ଦେଶର ବାୟୁସେନା ମଧ୍ୟରେ ବହୁରାଷ୍ଟ୍ରୀୟ ବାୟୁ ଯୁଦ୍ଧ ଅଭ୍ୟାସ 'ଡେଜର୍ଟ ଫ୍ଲାଗ୍' ଆରମ୍ଭ ହେବ। ଏହି ବାୟୁ ଅଭ୍ୟାସରେ ଅଂଶଗ୍ରହଣ କରିବା ପାଇଁ ରବିବାର ଭାରତୀୟ ବାୟୁସେନାର ଏକ ଦଳ ୟୁଏଇରେ ପହଂଚିଛି। ଭାରତୀୟ ବାୟୁସେନା ମିଗ୍-୨୯ ଏବଂ ଜାଗୁଆର ବିମାନ ସହିତ ଏହି ଅଭ୍ୟାସରେ ଅଂଶଗ୍ରହଣ କରୁଛି। ବାୟୁସେନା ଅନୁଯାୟୀ, ଏକ୍ସରସାଇଜ୍ ଡେଜର୍ଟ ଫ୍ଲାଗ୍ ହେଉଛି ୟୁଏଇ ବାୟୁସେନା ଦ୍ୱାରା ଆୟୋଜିତ ଏକ ବହୁରାଷ୍ଟ୍ରୀୟ ଅଭ୍ୟାସ, ଯେଉଁଥିରେ ଭାରତୀୟ ବାୟୁସେନା ବ୍ୟତୀତ ଅଷ୍ଟ୍ରେଲିଆ, ବାହାରିନ୍, ଫ୍ରାନ୍ସ, ଜର୍ମାନୀ, କତାର, ସାଉଦି ଆରବ, କୋରିଆ ଗଣରାଜ୍ୟ, ତୁର୍କୀ, ୟୁଏଇ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବାୟୁସେନା ଅଂଶଗ୍ରହଣ କରିବେ। ଏହି ଅଭ୍ୟାସ ୨୧ ଏପ୍ରିଲରୁ ୮ ମଇ ମଧ୍ୟରେ ଅନୁଷ୍ଠିତ ହେବ। ବିଶ୍ୱର କିଛି ସବୁଠାରୁ ଦକ୍ଷ ବାୟୁସେନା ସହିତ କାର୍ଯ୍ୟକ୍ଷମ ଜ୍ଞାନ ଏବଂ ସର୍ବୋତମ ଅଭ୍ୟାସ ଆଦାନପ୍ରଦାନ କରିବା ସହିତ ଜଟିଳ ଏବଂ ବିବିଧ ଯୁଦ୍ଧ ମିଶନକୁ କାର୍ଯ୍ୟକାରୀ କରିବା ଏହି ଅଭ୍ୟାସର ଲକ୍ଷ୍ୟ। ଏପରି ଅଭ୍ୟାସରେ ଅଂଶଗ୍ରହଣ ପାରସ୍ପରିକ ବୁଝାମଣା ଏବଂ ଆନ୍ତଃ-କାର୍ଯ୍ୟକ୍ଷମତା ବୃଦ୍ଧି କରେ ଏବଂ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସାମରିକ ସହଯୋଗକୁ ସୁଦୃଢ଼ କରେ। ଏହି ଅଭ୍ୟାସରେ ଭାରତୀୟ ବାୟୁସେନାର ଅଂଶଗ୍ରହଣ ବନ୍ଧୁତ୍ୱପୂର୍ଣ୍ଣ ଦେଶମାନଙ୍କ ସହିତ ପ୍ରତିରକ୍ଷା ସମ୍ପର୍କ ଏବଂ ଆନ୍ତଃ-କାର୍ଯ୍ୟକ୍ଷମତାକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦% ହ୍ରାସ...

ପ୍ରଧାନମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡାଙ୍କ ଏକ ପୋଷ୍ଟର ଉତ୍ତରରେ ଲେଖିଥିଲେ ଯେ ଯେଉଁଥିରେ ଲୋକମାନଙ୍କୁ ରନ୍ଧନ ତେଲର ବ୍ୟବହାର ଅତି କମ୍‌ରେ ୧୦ ପ୍ରତିଶତ ହ୍ରାସ କରିବା ସହ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବାକୁ ଅନୁରୋଧ କରିଥିଲେ। ମୋଦୀ କହିଥିଲେ, ଆସନ୍ତୁ ଆମେ ସମସ୍ତେ ମିଶି ଏପରି ଏକ ଭବିଷ୍ୟତ ପାଇଁ କାମ କରିବା ଯେଉଁଠାରେ ସୁସ୍ଥ ଜୀବନଶୈଳୀ ସାଧାରଣ ହୋଇପାରିବ।

### ଆଜି ଜନଅଭିଯୋଗ...

କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି ଯେ ଲୋକଙ୍କ ପାଖରେ ପହଞ୍ଚିବ ଲୋକଙ୍କ ସରକାର। ସାଧାରଣ ଜନତାଙ୍କ ସମସ୍ୟାକୁ ଲୋକଙ୍କ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରି ସମାଧାନ ପାଇଁ ସର୍ବଦା ତତ୍ପର ଅଛନ୍ତି। ନୂଆ ସରକାର ଆସିବା ପରଠାରୁ ଅନେକ ଅଭିଯୋଗର ଶୁଣାଣି ଏବଂ ତାହାର ସମାଧାନ ତ୍ୱରିତ ବେଗରେ କରାଯାଉଛି।

### ଛାରଖାର...

ଘର ଭାସିଯାଇଛି। ଯେଉଁମାନେ ଜଳବନ୍ଦୀ ହୋଇ ରହିଛନ୍ତି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ପ୍ରଶାସନ ପକ୍ଷରୁ ପୀଡ଼ିତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ସ୍ଥାନୀୟ ଡେପୁଟି କମିଶନର ବସିର ଉଲ୍ ହକ୍ ଚୌଧୁରୀ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। କୌଣସି ପ୍ରକାର ଗୁଜବରେ ଧ୍ୟାନ ନ ଦେବାପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ରାମବନର ଧର୍ମକୁଣ୍ଡରେ ମଧ୍ୟ ବାଦଲଫଟା ବର୍ଷା ଲାଗି ରହିଥିବାରୁ ଲୋକେ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। କେହି କିଛି ବୁଝିବା ପୂର୍ବରୁ ଅନେକଘର ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଏହି ତାଣ୍ଡବରେ କେତେକ ଲୋକ ନିଖୋଜ ରହିଛନ୍ତି। ଆଗକୁ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ଲୋକଙ୍କୁ ସତର୍କ ରହିବାପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ୪୦ଡିଗ୍ରୀ ଉପରେ...

ଦେଇଛି। ଆଗକୁ ଆହୁରି ୫ ଦିନ କାଳବୈଶାଖୀ ବର୍ଷା ଲାଗି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ରାଜ୍ୟର ବହୁ ସ୍ଥାନରେ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ମାଡ଼ ହେବ ବୋଲି ମଧ୍ୟ କୁହାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ। ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ଜନିତ ବର୍ଷା ବେଶୀ ପରିମାଣରେ ହେବ। ୨୭ ତାରିଖ ମଧ୍ୟରେ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ହେବାକୁ ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଆସନ୍ତା ୫ ଦିନ ମଧ୍ୟରେ ଦିନର ତାପମାତ୍ରାରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ବୋଲି ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

### ମରାମତି ନ ହୋଇଥିଲେ...

ଦିଆଯାଇଛି, ତେଣୁ ସେ ଦୃଷ୍ଟିରୁ କାମ ବିଳମ୍ବିତ ହେଉଛି। ସ୍ନାନଯାତ୍ରା ପୂର୍ବରୁ କାମ ଶେଷ କରିବା ପାଇଁ ଆମେ ବି ତତ୍ପର ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ଆସନ୍ତା ୨୧ରୁ ୨୪ ତାରିଖ ୪ ଦିନ ଧରି ରତ୍ନଭଣ୍ଡାର କାମ ବନ୍ଦ ରଖାଯିବ। ଏହାପରେ ପୁଣି ମରାମତି କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପକ୍ଷରେ ପୁରୀ ଶ୍ରୀମନ୍ଦିରରେ ହୁଣ୍ଡି ସ୍ଥାନାନ୍ତର ପରେ ହିଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ । ସେ କହିଛନ୍ତି ଯେ ପରିଚାଳନା ସମିତିର ଚୂଡ଼ାନ୍ତ ରୂପ ଚଳିତ ମାସ ସୁଦ୍ଧା ଶେଷ ହେବ । ହୁଣ୍ଡି ସ୍ଥାନାନ୍ତର ପାଇଁ ପରିଚାଳନା ସମିତି ଓ ସରକାରଙ୍କ ମଧ୍ୟରେ ସହମତି ରହିବାର ଆବଶ୍ୟକତା ଅଛି ।

# ରାଜ୍ୟପାଳ ଦମ୍ପତି ପରିଦର୍ଶନ କଲେ କଳାଗ୍ରାମ ରଘୁରାଜପୁର



ପୁରୀ (ଭାସ୍କର ନ୍ୟୁଜ) : ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଓ ଓଡ଼ିଶାର ଫାଷ୍ଟ ଲେଡି ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଆଜି ଅପରାହ୍ନ ରେ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ।ରାଜ୍ୟପାଳ ଦମ୍ପତି ରଘୁରାଜପୁର ରେ ପହଞ୍ଚିବା ପରେ ଗୋଟିପୁଅ କଳାକାର ମାନେ ତାଙ୍କୁ ସ୍ୱାଗତ କରିଥିଲେ।ପରେ ରାଜ୍ୟପାଳ ଦମ୍ପତି ରଘୁରାଜପୁର ର ପଟ୍ଟଚିତ୍ର ଓ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ଦେଖି ଅଭିଭୂତ ହୋଇଥିଲେ।କଳା ଗୁରୁ ଓ ଶିଳ୍ପୀ ମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ।ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ସଦର ବିଡ଼ିଓ ସମ୍ବିତ ଶତପଥୀ,ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ଉମାପତି ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଗ୍ରାମ ସମ୍ପାଦକ ଅଭିରାମ ଦାସ,ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବସନ୍ତ କୁମାର ପ୍ରଧାନ, ଦଶଭୂଜା ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦର ସମ୍ପାଦକ ସେବେନ୍ଦ୍ର ଦାସ,ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର ଓ ଅନ୍ୟ ଶିଳ୍ପୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଡିଗାଁ ସରପଞ୍ଚ ଦୁଇରୁ ଅଧିକ ସନ୍ତାନ ମାମଲାରେ କୋର୍ଟରେ ଅଯୋଗ୍ୟ ଘୋଷିତ

ବୌଦ୍ଧ (ଭାସ୍କର ନ୍ୟୁଜ): ଶନିବାର ଦିନ ୧ ଘଣ୍ଟା ସମୟରେ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ବ୍ଲକ୍ ବଡିଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନଙ୍କୁ ଦୁଇରୁ ଅଧିକ ସନ୍ତାନ ମାମଲାରେ ପଦବୀରୁ ଅଦାଲତ ବିଚ୍ୟୁତ କରିଛନ୍ତି ଓ ଅନ୍ୟତମ ପ୍ରତିଦ୍ୱନ୍ଦି ପ୍ରଫୁଲ୍ଲ ପାଢୀଙ୍କୁ ସରପଞ୍ଚ ଭାବେ ଘୋଷଣା କରିଛନ୍ତି । ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ସିଦ୍ଧେଶ୍ୱର ପ୍ରଧାନ ବିଜୟୀ ହୋଇଥିଲେ । ତାଙ୍କ ଚତୁର୍ଥ ଝିଅ ପଞ୍ଚାୟତିରାଜ ନିୟମ ଅନୁଯାୟୀ ଧାର୍ଯ୍ୟ ତାରିଖ ପରେ ଜନ୍ମ ହୋଇଥିବା ଅଭିଯୋଗ କରି ନିକଟ ତମ ପ୍ରତିଦ୍ୱନ୍ଦି ବୌଦ୍ଧ ଦେବାନୀ ଅଦାଲତରେ ଆଶ୍ରୟ ନେଇଥିଲେ । କୋର୍ଟ ମାମଲାର ବିଚାର କରି ସରପଞ୍ଚ ଶ୍ରୀ ପ୍ରଧାନଙ୍କୁ ଅଯୋଗ୍ୟ ଘୋଷିତ କରିବା ଅଭିଯୋଗକାରୀ ଶ୍ରୀ ପାଢୀଙ୍କ ସପକ୍ଷରେ ରାୟ ଦେଇଥିବା ସୂଚନା ମିଳିଛି ।

# ଯୋଗ ମହୋତ୍ସବ ସମିତି ଓଡ଼ିଶାର ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୀବନର ସାର୍ଥକତା ଓ ସମ୍ପୂର୍ଣ୍ଣ ଉନ୍ନତି ନିମନ୍ତେ ଯୋଗର ଅମୂଲ୍ୟ ଭୂମିକାକୁ ମନନ କରି, ପ୍ରତିବର୍ଷ ଭଳି ଏହିବର୍ଷ ମଧ ଆଜି ଭୁବନେଶ୍ୱର ସ୍ଥିତ ୟୁନିଟ୍-୩ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଯୋଗ ମହୋତ୍ସବ ସମିତି ଓଡ଼ିଶାର ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ସାଂଗଠନିକ ଶୈଳୀରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଓଡିଶାର ପୂର୍ବ ପ୍ରାନ୍ତର ୧୧ଟି ଜିଲ୍ଲାର ସଂଯୋଜକ, ସହ ସଂଯୋଜକ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ହୋଇଥିଲେ । ଶିବିରରେ ସେମାନଙ୍କୁ ଯୋଗ ଶିକ୍ଷା ପ୍ରସାର, ସଂଗଠନ ମଜବୁତ କରିବା ଓ ସମାଜର ସମସ୍ତ ପ୍ରତିଷ୍ଠାନରେ ଯୋଗକୁ ଶୃଙ୍ଖଳିତ ଭାବରେ ପ୍ରବେଶ କରାଯିବା ବିଷୟରେ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଭାବରେ ଯୋଗ ମହୋତ୍ସବ ସମିତି ଓଡ଼ିଶାର ସଂସ୍ଥାପକ ସ୍ୱାମୀ ପ୍ରାଣରୂପାନନ୍ଦ ଜୀ ଉପସ୍ଥିତ ଥିଲେ। ସ୍ୱାମୀଜୀ ତାଙ୍କ ଆଶିର୍ବଚନ ଓ ପ୍ରେରଣାଦାୟକ ଉଦବୋଧନରେ କହିଥିଲେ, 'ଯୋଗ କେବଳ ଏକ ଅଭ୍ୟାସ ନୁହଁ, ଏହା ଜୀବନର ଏକ ଅଭିନ୍ନ ଅଂଶ । ଏହା ମାନବ ଜୀବନକୁ ସମ୍ପୂର୍ଣ୍ଣ ଓ ଶକ୍ତିଶାଳୀ କରିଥାଏ। ଆସନ୍ତୁ, ଆମେ ସମସ୍ତେ ଏହି ଅମୂଲ୍ୟ ଐତିହ୍ୟକୁ ଏବଂ ଏହାର ଲାଭକୁ ଗ୍ରାମ ଗ୍ରାମ, ଜିଲ୍ଲା ଜିଲ୍ଲାରେ ପହଁଚାଇବା ପାଇଁ କାର୍ଯ୍ୟ କରିବା ନେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅନୁଷ୍ଠାନରେ ସମିତିର ପ୍ରାନ୍ତୀୟ ସଦସ୍ୟ ତଥା ଦକ୍ଷ ଯୋଗ ଶିକ୍ଷକ ସରୋଜ କାନ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ସତ୍ୟ ସୋଭନ ମିଶ୍ର, ସଦସ୍ୟା ଅସୀମା ସାହାଣୀ, ସନତ ପଟ୍ଟନାୟକ, ଜୀବନଜ୍ୟୋତି କୁଅଁର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ ଉପସ୍ଥିତ ଥିଲେ।

## ଅନଲାଇନ ଗେମିଂ ଯୋଗୁଁ ଆତ୍ମହତ୍ୟା ପ୍ରସଙ୍ଗ

# ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ପଦକ୍ଷେପ ନେଉଛନ୍ତି: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନଲାଇନ ଗେମିଂ ଯୋଗୁଁ ଆତ୍ମହତ୍ୟା ପ୍ରସଙ୍ଗ ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ସାଇବର ଠକେଇ ମାମଲାରେ ଗମ୍ଭୀରତାର ସହ ଚିନ୍ତା କରିବାର ଆବଶ୍ୟକତା ରହିଛି । ୨୦୨୪ରେ ପାଖାପାଖି ସାଇବର ଠକେଇରେ ୧୫୩ କୋଟି ଟଙ୍କା ଚୋରୀ ହୋଇଛି । କିନ୍ତୁ ରିକଭରି ପରିମାଣ ବହୁତ କମ । ସାଇବର ଠକେଇରେ ପ୍ରଥମ ଗୋଟିଏ ଘଂଟା ବା ଗୋଲ୍ଡେନ ଆୱାର ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ଭିତରେ ପୋଲିସ ପାଖରେ ସମ୍ଭାବନା ରହିଛି ରିକଭର କରିପାରିବ। ଲୋକଙ୍କ ଭିତରେ ସଚେତନତା ହେଲେ ଲୋକ ସହାୟତା ମାଗିବେ ଓ ଲୋକ ଠକେଇରୁ ବଞ୍ଚିବେ । ସେ କହିଛନ୍ତି ଯେ ଅନ ଲାଇନ ଗେମ୍ ଆଉ ଗ୍ୟାମ୍ବଲିଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଧିରେ ଧିରେ ଏହା ଚିନ୍ତାଜନକ ସ୍ଥିତିକୁ ଗଲାଣି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି । ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପଦକ୍ଷେପ ନେଉଛନ୍ତି ।

# ପୋଖରୀ ଉନ୍ନତିକରଣ ନାମରେ ହରିଲୁଟ୍



ବୌଦ୍ଧ (ଭାସ୍କର ନ୍ୟୁଜ): ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୋଖରୀ ଉନ୍ନତିକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଯେଉଁଳି ଭାବରେ ପୋଖରୀ ଉନ୍ନତି କରଣ କରାଯାଉଛି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି ।ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ଆମ୍ବଝରି ପଞ୍ଚାୟତ ଅନ୍ତର୍ଗତ ପାବୁଳୀପଡା ମାଉଳମୁଣ୍ଡା ପୋଖରୀର ଦୃଶ୍ୟ। ସୂଚନା ମତେ ପୋଖରୀର ଉନ୍ନତିକରଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୮ ଲକ୍ଷ ୨୧ ହଜାର ୮୩୦ ଟଙ୍କା ବ୍ୟୟରେ ଗ୍ରାମର ବନ୍ଧ ଉନ୍ନତି କରଣ କରାଯାଇଛି ।ତେବେ ଶ୍ରମିକ ବଦଳରେ ଜେସିବି ଓ ଟ୍ରାକ୍ଟର ଦ୍ୱାରା କାମ ହୋଇଥିବା ଦେଖିବାକୁ ମିଳିଛି ।ଅନ୍ୟ ପକ୍ଷରେ ଗ୍ରାମରେ ଶ୍ରମିକ ଶ୍ରେଣୀର ଲୋକ ଥିଲେ ମଧ୍ୟ ଠିକାଦାର ନିଜ ସୁହାଇଲା ଭଳି ଶ୍ରମିକଙ୍କ ଜବ କାର୍ଡ ନେଇ ତାଙ୍କ ବ୍ୟାଙ୍କଖାତାରେ ଟଙ୍କା ପକାଇଛନ୍ତି ବୋଲି ଅଭିଯୋଗ ହେଉଛି। କାର୍ଡ ପିଛା ୩୦୦ ରୁ ୫୦୦ ଟଙ୍କା ଦେଇ ବାକି ଟଙ୍କା ଠିକାଦାର ନେଇଥିବା ବେଳେ ପୋଖରୀରେ ଶ୍ରମିକ ବଦଳରେ ଜେସିବି ଦ୍ୱାରା ମାଟି କାଢି ଟ୍ରାକ୍ଟର ଯୋଗେ ମାଟି ବୋହିଥିବ ଅଭିଯୋଗ ହୋଇଛି। ଏବଂ ମୋଷ୍ଟର ରୋଲରେ ଶ୍ରମିକ ୧୦୭ ଜଣ ଶ୍ରମିକ ୪୦୦ ଦିନ କାମ କରିଥିବା ଦର୍ଶାଇ ୧ ଲକ୍ଷ ୧୬ ଶହ ଟଙ୍କା ଉଠାଯାଇଛି। କିନ୍ତୁ ପୋଖରୀରୁ ୫୦ ରୁ ୬୦ ଟ୍ରିପ ମାଟି କାଢି ସମ୍ପୂର୍ଣ୍ଣ ବିଲ କରିବାକୁ ମସୁଧା ଚଳାଇଛନ୍ତି। ଏହି ପୋଖରୀର ସମ୍ପୂର୍ଣ୍ଣ ବିଲ କରିବାକୁ ଗ୍ରାମ ରୋଜଗାର ସେବକ ଉପରେ ଚାପ ପ୍ରୟୋଗ କରୁଥିବାରୁ ଗ୍ରାମ ରୋଜଗାର ସେବକ ମନା କରିବାରୁ ଆବାସ ଯୋଜନାରେ ଲାଞ୍ଚ ନେଇଥିବା ମିଛ ଅଭିଯୋଗ ଆଣି ଫସେଇବାକୁ ମସୁଧା ଚଳାଇଛନ୍ତି। କେନ୍ଦ୍ର ସରକାର ଶ୍ରମିକମାଙ୍କୁ ୧୦୦ ଦିନର କାମ ଯୋଗାଇ ଦେଇଥିବା ବେଳେ ଅଳ୍ପ କିଛି ଶ୍ରମିକମାନଙ୍କୁ ଠିକାଦାର କାମଦେଉ ଥିବାରୁ ବାକି ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ମୁହା ହେଉଥିବା ଅଭିଯୋଗ ହେଉଛି। ଏନେଇ ଗ୍ରାମ ରୋଜଗାର ସେବକ ମିଟୁ ଛୁଟିଙ୍କୁ ଯୋଗାଯୋଗ କରିବାରୁ ଜେସିବି ମେସିନ ଦ୍ୱାରା କାମ ହୋଇଥିବା ସ୍ୱୀକାର କରିଥିଲେ। କନିଷ୍ଠ ଯନ୍ତ୍ରୀ ଜଗଦୀଶ ବୁଡୁଲାଙ୍କୁ ଯୋଗାଯୋଗ କରିବାରୁ ମୁଁ ଯିବାବେଳେ ଶ୍ରମିକ କାମ କରୁଥିଲେ ଏବେ କଣ ହୋଇଛି ମୁଁ ଦେଖିଲେ ଯାଇ କହିବି ବୋଲି ପ୍ରତିକ୍ରିୟା ଦେଇଥିଲେ ।



ଭୋପାଳ : ଆଗାମୀ ଦିନରେ ଭାରତ ଆଫ୍ରିକୀୟ ରାଷ୍ଟ୍ର ବୋଟ୍ସ୍ୱାନାରୁ ଆଉ ୮ଟି ଚିତା ଆଣିବ ବୋଲି ଜଣାପଡ଼ିଛି। ଏଥିମଧ୍ୟରେ ଆସନ୍ତା ମେ'ରେ ପ୍ରଥମ ପର୍ଯ୍ୟାୟରେ ୪ଟି ଚିତା ଭାରତରେ ପହଞ୍ଚିବେ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶୁକ୍ରବାର ମଧ୍ୟପ୍ରଦେଶର ଭୋପାଳ ଠାରେ ଅନୁଷ୍ଠିତ ଚିତା ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କେନିଆରୁ ମଧ୍ୟ ଚିତା ଆଣିବାକୁ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ଚିତା ପ୍ରକଳ୍ପ ପାଇଁ ଏପର୍ଯ୍ୟନ୍ତ ୧୧୨ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଏଥିମଧ୍ୟ ମଧ୍ୟପ୍ରଦେଶରେ ଚିତା ପୁନଃ ସ୍ଥାପନ ବାବଦରେ ୬୭ ପ୍ରତିଶତ ଖର୍ଚ୍ଚ ହୋଇଥିବା କୁହାଯାଇଛି।

## ୨୨ରେ ସାଉଦି ଆରବ ଯିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୨ରେ ସାଉଦି ଆରବ ଗସ୍ତରେ ଯିବେ ବୋଲି ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ସେଠାକୁ ଯାଉଛନ୍ତି। ଦୁଇ ଦିନିଆ ଗସ୍ତ କାଳରେ ମୋଦୀ ଓ ସଲମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରାଯିବ। ଅନ୍ୟ ରାଷ୍ଟ୍ର ତୁଳନାରେ ସାଉଦି ଆରବରେ ସବୁଠାରୁ ଅଧିକ ଭାରତୀୟ କାର୍ଯ୍ୟରତ ଅଛନ୍ତି। ଏହାବ୍ୟତୀତ ଇସଲାମିକ ରାଷ୍ଟ୍ରଙ୍କ ମଧ୍ୟରେ ସାଉଦି ଆରବ ଯଥେଷ୍ଟ ପ୍ରଭାବଶାଳୀ ହୋଇଥିବାରୁ ଭାରତ ଏଥିରୁ ଫାଇଦା ଉଠାଇବାକୁ ଚାହୁଁଛି। ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତ ଓ ସାଉଦି ଆରବ ମଧ୍ୟରେ ବାଣିଜ୍ୟିକ, ରାଜନୈତିକ, ସାମାଜିକ, ସାଂସ୍କୃତିକ ସମ୍ପର୍କ ଅଧିକ ମଜଭୁତ ହୋଇପାରିଛି।

## ବିକଶିତ ଛତିଶଗଡ ନିର୍ମାଣରେ ଚାମ୍ବର ଅଫ୍ କର୍ମସର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି : ବିଷ୍ଣୁଦେବ




ରାୟପୁର: ବିକଶିତ ଛତିଶଗଡ ନିର୍ମାଣରେ ଛତିଶଗଡ ଚାମ୍ବର ଅଫ୍ କର୍ମସ ଏବଂ ଇଣ୍ଡଷ୍ଟ୍ରିଜ୍‌ର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି ବିଷ୍ଣୁଦେବ ସାଏ। ଛତିଶଗଡରେ ବ୍ୟାପାର, ବ୍ୟବସାୟ ଏବଂ ଉଦ୍ୟୋଗ ବିକାଶ କ୍ଷେତ୍ରରେ ଚାମ୍ବର ଅଫ୍ କର୍ମସ କାର୍ଯ୍ୟ କରୁଛି। ଯାହାଫଳରେ ଏହି କାରଣରୁ ଛତିଶଗଡ ସରକାର ଅଧିକ ଜିଏସ୍‌ଟି ସଂଗ୍ରହ କରିପାରୁଛନ୍ତି। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଯେଉଁ ସଂକଳ୍ପ ନେଇଛନ୍ତି ସେଥିପାଇଁ ଆମେ ସମସ୍ତଙ୍କୁ ମିଳିମିଶି ବିକଶିତ ଛତିଶଗଡ ନିର୍ମାଣ କରିବାକୁ ପଡିବ ବୋଲି ଶ୍ରୀ ସାଏ କହିଥିଲେ। ଶ୍ରୀ ସାଏ ରବିବାର ରାଜଧାନୀ ରାୟପୁରର ସହୀଦ ସ୍ମାରକ ଅଡିଟୋରିୟମରେ ଆୟୋଜିତ ଛତିଶଗଡ ଚାମ୍ବର ଅଫ କର୍ମସ ଏବଂ ଇଣ୍ଡଷ୍ଟ୍ରିଜ ଶପଥ ଗ୍ରହଣ ସମାରୋହରେ ଏହି ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କର୍ମସର ଅଧ୍ୟକ୍ଷ ଛତିଶ ଥଉରାନୀ, ମହାମନ୍ତ୍ରୀ ଅଜୟ ଭାସିନ୍ ଏବଂ କୋଷାଧ୍ୟକ୍ଷ ନିକେଶ ବରଡ଼ିଆଙ୍କ ସହିତ ଅନ୍ୟ ପଦାଧିକାରୀ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଛତିଶଗଡ ଚାମ୍ବର ଅଫ୍ କର୍ମସ ୬୨ବର୍ଷ ହେବ କାର୍ଯ୍ୟ କରି ଆସୁଛି। ଏଥିରେ ୧୨ଲକ୍ଷ ବ୍ୟବସାୟୀ ଯୋଡି ହୋଇଛନ୍ତି। ଏତେ ବଡ ସଂଗଠନର ନିର୍ବାଚନ ଆଜି ସମ୍ପନ୍ନ ହୋଇଛି। ଯାହାକି ସଂଗଠନ ପ୍ରତି ସଦସ୍ୟଙ୍କ ପ୍ରତିବଦ୍ଧତା ବୋଲି ପ୍ରମାଣିତ କରୁଛି। ଶ୍ରୀ ସାଏ ଆହୁରି କହିଥିଲେଆମ ସରକାର କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରାଥମିକତା ଦେଉଛି। ଇ-ୱେ ବିଲ୍‌ର ସୀମା ୫୦ହଜାର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଲକ୍ଷଲକ୍ଷ ଟଙ୍କାର କର ମଧ ଆସୁଛି। ତେଣୁ ବିକଶିତ ଛତିଶଗଡ ପାଇଁ ସମସ୍ତେ ଆପ୍ରାଣ ଉଦ୍ୟମ କରିବା ବୋଲି ସେ କହିଥିଲେ।

## ପୂର୍ବତନ ଡିଜିପିଙ୍କୁ ହତ୍ୟା



ବେଙ୍ଗାଲୁରୁ: କର୍ଣ୍ଣାଟକର ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଓମ୍ ପ୍ରକାଶ (୬୮)ଙ୍କୁ ହତ୍ୟା କରାଯାଇଛି। ଓମ୍ ପ୍ରକାଶଙ୍କୁ ବେଙ୍ଗାଲୁରୁ ସ୍ଥିତ ତାଙ୍କ ଏଚ୍‌ଏସ୍‌ଆର୍ ଲେଆଉଟ୍ ବାସଭବନରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଲା। ଓମ୍ ପ୍ରକାଶ ୧୯୮୧ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଥିଲେ। ୨୦୧୫ ମସିହାରେ ସେ ରାଜ୍ୟର ୩୮ତମ ଡିଜି ଏବଂ ଆଇଜିପି ଥିଲେ। ଅବସରପ୍ରାପ୍ତ ଡିଜି ଏବଂ ଆଇଜିପି ଓମ୍ ପ୍ରକାଶଙ୍କୁ ତାଙ୍କ ପତ୍ନୀ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଓମ୍ ପ୍ରକାଶଙ୍କ ସ୍ତ୍ରୀ ନିଜ ମାନସିକ ସ୍ଥିରତା ହରାଇ ସ୍ୱାମୀଙ୍କୁ ହତ୍ୟା କରିବା ପରେ ପୋଲିସଙ୍କୁ ଖବର ଦେଇଥିବା ଦାବି କରାଯାଉଛି। ଓମ୍ ପ୍ରକାଶଙ୍କ ସ୍ତ୍ରୀଙ୍କୁ ପୋଲିସ ଅଟକ ରଖିଛି। ଏହି ଘଟଣା ଜଣାପଡ଼ିବା ମାତ୍ରେ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଓମ୍ ପ୍ରକାଶଙ୍କ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ସେଣ୍ଟ ଜନସ୍ ହସ୍ପିଟାଲକୁ ପଠାଯାଇଛି।

### ବିଜେପି ଓ ଜେଡିୟୁ ମେଣ୍ଟକୁ ଟାର୍ଗେଟ

## ଚୌକି ପାଇଁ ପାର୍ଟି ବଦଳାଇଥାନ୍ତି ନୀତିଶ: ଖଡ଼ଗେ



ପାଟନା: ବିହାର ବିଧାନସଭା ନିର୍ବାଚନ ୨୦୨୫କୁ ନେଇ କଂଗ୍ରେସ ଅଣ୍ଟା ଭିଡ଼ିଛି। ବିହାର ଗସ୍ତରେ ପହଞ୍ଚିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ବିଜେପି ଓ ଜେଡିୟୁ ମେଣ୍ଟକୁ ନେଇ ଖୁବ୍ ଟାର୍ଗେଟ୍ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର କେବଳ ଚୌକି ପାଇଁ ଦଳ ବଦଳାଉଥିବା ବୋଲି ଖଡ଼ଗେ କହିଛନ୍ତି। ବକ୍ସର ଜଳସାଗର ଷ୍ଟାଡିୟମରେ ଆଜି ପାର୍ଟିର 'ଜୟ ବାପୁ, ଜୟ ଭୀମ ଓ ଜୟ ସମ୍ବିଧାନ' ରାଲି ଆୟୋଜିତ ହୋଇଛି। ରାଲିକୁ ସମ୍ବୋଧିତ କରି କଂଗ୍ରେସ ଅଧ୍ୟକ୍ଷ କେଜିୟୁ ଓ ବିଜେପିର ମେଣ୍ଟକୁ ସୁବିଧାବାଦୀ ବୋଲି କହିଛନ୍ତି। ଖଡ଼ଗେ ବିହାରରେ ଚଳିତ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ(ଏନଡିଏ)କୁ କ୍ଷମତାରୁ ହଟାଇବାକୁ ଅପିଲ୍ କରିଛନ୍ତି। ଖଡ଼ଗେ କହିଛନ୍ତି, ନୀତିଶ କୁମାର ଓ ବିଜେପିର ସୁବିଧାବାଦୀ ମେଣ୍ଟ ରାଜ୍ୟବାସୀଙ୍କ ହିତରେ କଦାପି ନୁହେଁ। ନୀତିଶ କୁମାର କେବଳ ମୁଖ୍ୟମନ୍ତ୍ରୀ ପଦ ପାଇଁ କେବଳ ମେଣ୍ଟ ବଦଳାଉଛନ୍ତି। ନୀତିଶ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଛାଡ଼ି ବିଚାରଧାରା ସହ ହାତ ମିଳାଇଛନ୍ତି। ବିହାର ପାଇଁ ୧.୨୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି କୁଆଡ଼େ ଗଲା। ସେ ଅଭିଯୋଗ କରିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଥ୍ୟାର ଫ୍ୟାକ୍ଟ୍ରି ଚଲାଇଛନ୍ତି। ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳ(ଇଡି)ର ଚାର୍ଜସିଟ୍‌କୁ ନେଇ ଖଡ଼ଗେ କହିଛନ୍ତି, ଏହା କଂଗ୍ରେସକୁ ଟାର୍ଗେଟ୍ କରିବା ପାଇଁ କରାଯାଉଛି। ଏଜେନ୍ସିର ଏମିତି ଦୁରୁପଯୋଗ କରି ଆମ ନେତାଙ୍କୁ ଡରାଇ ପାରିବେନି। ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ ଦେଶ ପାଇଁ ନିଜ ଜୀବନ ଉତ୍ସର୍ଗୀକୃତ କରିଛନ୍ତି। ତେଣୁ କଂଗ୍ରେସ ବିଜେପିର ଏମିତି କାର୍ଯ୍ୟାନୁଷ୍ଠାନକୁ ଭୟ କରେ ନାହିଁ।

### ପତଞ୍ଜଳିର ଗବେଷଣା ବିଶ୍ୱ ପ୍ରସିଦ୍ଧ ପତ୍ରିକା 'ଟ୍ରଏଲର' ଏବଂ 'ଫ୍ରାନ୍‌ସିସ୍'ରେ ପ୍ରକାଶିତ

## ପୋରୋଗ୍ରୀକ୍ ଏବଂ ଦିବ୍ୟ ତୈଳ ସବୁଠୁ ଉତ୍ତମ ଔଷଧ



पतंजलि
प्रकृति का आशीर्वाद

ହରିଦ୍ୱାର: ପତଞ୍ଜଳି ପକ୍ଷରୁ ହୋଇଥିବା ଏକ ବିଶେଷ ଗବେଷଣା ବିଶ୍ୱ ପ୍ରସିଦ୍ଧ ପତ୍ରିକା ଟ୍ରଏଲର ଏବଂ ଫ୍ରାନ୍‌ସିସ୍‌ରେ ପ୍ରକାଶିତ ହୋଇଛି। ଏଥିରେ ପତଞ୍ଜଳି ଦ୍ୱାରା ପ୍ରସ୍ତୁତ ପୋରୋଗ୍ରୀକ୍ ବଟିକା ଏବଂ ଦିବ୍ୟ ତୈଳକୁ ଉତ୍ତମ ଔଷଧ ଭାବେ ସ୍ଥାନ ଦିଆଯାଇଛି। ଏହି ଅବସରରେ ଅଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ, ପତଞ୍ଜଳିର ବୈଜ୍ଞାନିକମାନେ ଏହି ଦୁଇଟି ଔଷଧ ଉପରେ ବହୁବାର ଗବେଷଣା କରିବା ପରେ ଏହାକୁ ଉଦ୍ଭାବନ କରିଛନ୍ତି। ଟୋନିକ୍ ରୋଗୀଙ୍କ ପାଇଁ ପୋରୋଗ୍ରୀକ୍ ଅବୈଧ ଔଷଧ ପାଲଟିଥିବା ବେଳେ ଦିବ୍ୟ ତୈଳ ଚର୍ମର ସୁରକ୍ଷା ପାଇଁ ଉର୍ଦ୍ଦିଷ୍ଟ। ଯେତେବେଳେ ଏଲୋପାଥିକ ଔଷଧଗୁଡ଼ିକ ଏ କ୍ଷେତ୍ରରେ କାର୍ଯ୍ୟ କରନ୍ତି ନାହିଁ ସେତେବେଳେ ପତଞ୍ଜଳିର ଏହି ଦୁଇ ଔଷଧ ଅବ୍ୟର୍ଥ ଔଷଧ ଭାବେ କାମ ଦେଇଥାଏ। ବର୍ତ୍ତମାନ ପତଞ୍ଜଳି ପ୍ରମାଣିତ କରିଛି ଯେ, ଏପରି କିଛି ରୋଗ ନାହିଁ ଯାହାକି ପତଞ୍ଜଳି ଦ୍ୱାରା ପ୍ରସ୍ତୁତ ଔଷଧରେ ନିରୋଗ ହେବାର ସମ୍ଭାବନା ଅଧିକ। ଏହି ଦୁଇଟି ଔଷଧ ମଣିଷ ଶରୀର ପାଇଁ ଅବ୍ୟର୍ଥ।

## ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ୍: ଯାତ୍ରା ହେବ ସହଜ



ନୂଆଦିଲ୍ଲୀ:ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ। ତେବେ ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ – ହାୱଡ଼ା ଟ୍ରାକରେ ଗଡ଼ିବ ବୋଲି ସୂଚନା ମିଳିଛି। ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀ ଆରାମକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି। ଭାରତୀୟ ରେଳବାଇ ଦୀର୍ଘ ଦୂରତା ଯାତ୍ରାକୁ ହ୍ରାସ ପାଇଁ ଯୋଜନା ପ୍ରସ୍ତୁତ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରିମିୟମ୍ ସ୍ଲିପର ସେବା ଦିଲ୍ଲୀ-ହାୱଡ଼ା ରୁଟରେ ଆରମ୍ଭ ହେବ, ଯାହା ଯାତ୍ରୀମାନଙ୍କୁ ଏକ ଆଧୁନିକ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ଦିଲ୍ଲୀରୁ ହାୱଡ଼ା ପର୍ଯ୍ୟନ୍ତ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ୧୪୪୯ କିଲୋମିଟର ଦୂରତା ଅତିକ୍ରମ କରିବ। ଏହି ଟ୍ରେନ ମାଧ୍ୟମରେ ଏହି ଯାତ୍ରା ପନ୍ଦର ଘଣ୍ଟାରୁ କମ୍ ସମୟ ମଧ୍ୟରେ ସମାପ୍ତ ହେବ। ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଏକ ଅର୍ଦ୍ଧ-ହାଇ-ସ୍ପିଡ୍ କ୍ଷମତା ପ୍ରଦାନ କରେ, ଯାହା ୧୬୦ କିମି/ଘଣ୍ଟା ପର୍ଯ୍ୟନ୍ତ ବେଗରେ ଗତି କେ। ଯାତ୍ରୀ ସୁବିଧାଗୁଡ଼ିକରେ ସ୍ୱୟଂଚାଳିତ ପ୍ଲଗ୍ ଦ୍ୱାର, ପ୍ରଶସ୍ତ ଗ୍ୟାଙ୍ଗୱେ, ଉପର ବର୍ଥକୁ ପ୍ରବେଶ କରିବା ପାଇଁ ଏରଗୋନୋମିକ୍ ସିଡ଼ି ଏବଂ ଆଲୋକ, ଏୟାର କଣ୍ଡିସନିଂ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଏକ କେନ୍ଦ୍ରୀୟ କୋଚ୍ ମନିଟରିଂ ସିଷ୍ଟମ ରହିଛି । ଏଥିସହ ଅନବୋର୍ଡ ୱାଇ-ଫାଇ ଏବଂ ସିସି ଟିଭି ନିରୀକ୍ଷଣ ସୁବିଧା ଉପଲବ୍ଧ ହେବ । ଯାତ୍ରୀମାନଙ୍କ ପାଇଁ ସୁଗମ ଶୌଚାଳୟ ମଧ୍ୟ ପ୍ରଦାନ କରାଯିବ । ଏକ ଜରୁରୀକାଳୀନ ଟକ୍-ବ୍ୟାକ୍ ୟୁନିଟ୍ ଯାତ୍ରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଟ୍ରେନ ପରିଚାଳକ କିମ୍ବା ଲୋକୋ ପାଇଲଟ୍ ସହିତ ସିଧାସଳଖ ଯୋଗାଯୋଗ କରିବାକୁ ଅନୁମତି ମିଳିବ। ସୂଚନାନୁସାରେ, ଡିସେମ୍ବର ୨୦୨୫ ସୁଦ୍ଧା ନଅଟି ଅତିରିକ୍ତ ୧୬ କୋଚ ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ନିର୍ମାଣ କରିବାକୁ ଯୋଜନା ହୋଇଛି।

## ହାସିନାଙ୍କ ବିରୋଧରେ ନୋଟିସ୍ ପାଇଁ ବାଂଲାଦେଶର ଆବେଦନ



ନୂଆଦିଲ୍ଲୀ: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସେଖ୍ ହାସିନାଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି କରିବା ଲାଗି ବାଂଲାଦେଶ ପୁଲିସ ଇଣ୍ଟରପୋଲକୁ ଆବେଦନ କରିଛି। ହାସିନାଙ୍କ ସମେତ ୧୧ ଜଣଙ୍କ ବିରୋଧରେ ନୋଟିସ ଜାରି ପାଇଁ ଆବେଦନ କରାଯାଇଛି। ଏମାନେ ସମସ୍ତେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ଭାଙ୍ଗିବାକୁ ଷଡ଼୍‌ଯନ୍ତ୍ର କରୁଥିବା ନେଇ ଅଭିଯୋଗ କରାଯାଇଛି। ନିକଟରେ ବାଂଲାଦେଶ ପୁଲିସ ପକ୍ଷରୁ ହାସିନା ଏବଂ ଅନ୍ୟ ୭୨ ଜଣଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ଏମାନେ ଦେଶରେ ଗୃହଯୁଦ୍ଧ ଯୋଜନା କରୁଥିବା ଏବଂ ଅନ୍ତରୀଣ ସରକାରରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଦର୍ଶାଇ ଏହି ମାମଲା ରୁଜୁ ହୋଇଥିଲା। ହାସିନାଙ୍କ ବିରୋଧରେ ୧୦୦ରୁ ଅଧିକ ମାମଲା ରୁଜୁ ହୋଇଛି। ଗଣହତ୍ୟା ଏବଂ ଦୁର୍ନୀତି ଭଳି ମାମଲା ତାଙ୍କ ନାମରେ ରହିଛି।

# ବାଣିଜ୍ୟ

EPFO

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଅର୍ଥାତ ଇପିଏଫ୍‌ଓରେ ଖୁବଶୀଘ୍ର ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। ଯାହା ପରେ ଟଙ୍କା ଉଠାଇବା ସହଜ ହୋଇଯିବ। ଏ ବିଷୟରେ ସୂଚନା ଦେଇ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି ଯେ ଇପିଏଫ୍‌ଓର ନୂତନ ସଂସ୍କରଣ ଆସନ୍ତା ମାସ ଅର୍ଥାତ ମେ-ଜୁନରୁ ଆରମ୍ଭ ହୋଇପାରେ। ଏହା ପରେ, ୯ କୋଟିରୁ ଅଧିକ ଆକାଉଣ୍ଟଧାରୀ ଏହି ଅପଡେଟର ଲାଭ ପାଇବେ। ଶ୍ରମ ମନ୍ତ୍ରୀ କହିଛନ୍ତି ଯେ ନୂତନ ପ୍ଲାଟଫର୍ମରେ ଡିଜିଟାଲ ସଂଶୋଧନ, ସ୍ୱୟଂଚାଳିତ ଦାବି ସମାଧାନ ଏବଂ ଏଟିଏମ୍‌ରୁ ଟଙ୍କା ଉଠାଣର ସୁବିଧା ରହିବ। ଏହା ସହିତ ପ୍ରକ୍ରିୟାଟି ସହଜ ଏବଂ ଦ୍ରୁତ ହେବ। ଏହା ପରେ, ଇପିଏଫ୍‌ଓ ଆକାଉଣ୍ଟଧାରୀଙ୍କୁ ଦାବି ପାଇଁ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ କିମ୍ବା ଲମ୍ବା ଫର୍ମ ପୂରଣ କରିବାକୁ ପଡିବ ନାହିଁ। ଇପିଏଫ୍‌ଓ ୩.୦ ସଂସ୍କରଣ ସହିତ, ସେବାଗୁଡ଼ିକ ପୂର୍ବ ଅପେକ୍ଷା ବହୁତ ସହଜ ହୋଇଯିବ ଏବଂ ଏହାକୁ ଏକ ଦୃଢ଼ ଆଇଟି ବ୍ୟବସ୍ଥା ସହିତ କାର୍ଯ୍ୟକାରୀ କରାଯିବ। ପେନଶନ କିମ୍ବା ଉଠାଣ ସୂଚନା ସହଜରେ ଦେଖିବା ସହିତ, ଆକାଉଣ୍ଟଧାରୀମାନେ ଓଟିପି ଯାଞ୍ଚ ମାଧ୍ୟମରେ ସେମାନଙ୍କର ତଥ୍ୟ ଅପଡେଟ କରିବାର ସୁବିଧା ମଧ୍ୟ ପାଇବେ।

## ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ନୂଆ ଜୋନାଲ କାର୍ଯ୍ୟାଳୟ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱରରେ ଏହାର ନୂତନ ଜୋନାଲ ଅଫିସ ପରିସର ଉଦ୍‌ଘାଟନ କରିଛି। ଭୁବନେଶ୍ୱର ଜୋନ୍‌ରେ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ନୂତନ ଜୋନାଲ କାର୍ଯ୍ୟାଳୟ ପୂର୍ବ ଭାରତରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଗ୍ରାହକଙ୍କ ପାଖରେ ପହଂଚିବା ପାଇଁ ବ୍ୟାଙ୍କର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନୂଆ ଜୋନାଲ ଅଫିସ ଅଧୀନରେ ସମ୍ବଲପୁର, ରାଂଚି, ଜାମସେଦପୁର, କଟକ ଓ ଭୁବନେଶ୍ୱରର ୫ଟି ଆଂଚଳିକ କାର୍ଯ୍ୟାଳୟ ଏବଂ ୩୩୭ ଶାଖା ରହିଛି। ଏହି ଶାଖାଗୁଡ଼ିକ ମଧ୍ୟରୁ ପ୍ରାୟ ୬୭% ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଥିବାରୁ ଭୁବନେଶ୍ୱର ଜୋନ୍ ବ୍ୟାଙ୍କିଙ୍ଗ୍ ସେବାରେ ପ୍ରବେଶ କରିବା ଏବଂ ଆର୍ଥିକ ଅ'ର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଭଲ ସ୍ଥିତିରେ ରହିଛି। ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ ଚାନ୍ଦ ଏବଂ ବ୍ୟାଙ୍କ ଅଫ୍ ବରୋଦାର ନିର୍ଦ୍ଦେଶକ (ଆର୍‌ବିଆଇ ନୋମିନି) ମନୋରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ଆଇଏଏସ୍ ଏମ୍ ନାଗାରାଜୁ ଏହି ନୂତନ ଜୋନାଲ୍ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସେମାନଙ୍କ ସହ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ମୂଲ୍ୟବାନ ଗ୍ରାହକମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନ ଅବସରରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି ଯେ, 'ବ୍ୟାଙ୍କ ଅଫ୍ ବରୋଦାରେ ଆମେ ସମଗ୍ର ଦେଶରେ ଉଦୀୟମାନ ଅଂଚଳ ଏବଂ ଉଚ୍ଚ ସମ୍ଭାବ୍ୟ ଭୌଗୋଳିକ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସେବାର ସମ୍ପ୍ରସାରଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଭୁବନେଶ୍ୱର ଜୋନରେ ନୂତନ ଜୋନାଲ କାର୍ଯ୍ୟାଳୟର ଶୁଭାରମ୍ଭ ବ୍ୟାଙ୍କ ପାଇଁ ଓଡ଼ିଶା ଓ ଝାଡ଼ଖଣ୍ଡର ରଣନୈତିକ ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ଏହା ଏହି ପ୍ରମୁଖ ବଜାରଗୁଡ଼ିକରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ବ୍ୟାଙ୍କିଙ୍ଗ୍ ସମାଧାନକୁ ଅଧିକ ଦକ୍ଷତାର ସହ ପ୍ରଦାନ କରିବାର ଆମର ଦକ୍ଷତା ବୃଦ୍ଧି କରିବ।

## ଉପଗ୍ରହ ଟୋଲ୍ ବ୍ୟବସ୍ଥା ଲାଗୁହେବାରେ ବିଳମ୍ବ

ନୂଆଦିଲ୍ଲୀ: ଆସନ୍ତା ମେ' ୧ରୁ ଦେଶରେ ଉପଗ୍ରହ ଟୋଲ ବ୍ୟବସ୍ଥା ଲାଗୁ ହେବନାହିଁ। କେନ୍ଦ୍ର ସରକାର ଏହା ସ୍ପଷ୍ଟ କରିଛନ୍ତି। ନୂଆ ଏଏନ୍‌ପିଆର-ଫାସ୍‌ଟ୍ୟାଗ୍ ଭିତ୍ତିକ ବାଧାହୀନ ଟୋଲ୍ ବ୍ୟବସ୍ଥାକୁ ଦେଶର କିଛି ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜାରେ ଲାଗୁ କରାଯିବ। ଏଏନ୍‌ପିଆର ହେଉଛି ସ୍ୱୟଂକ୍ରିୟ ନମ୍ବର ପ୍ଲେଟ୍ ଚିହ୍ନଟ ବ୍ୟବସ୍ଥା। ଯେଉଁଥିରେ ଗାଡ଼ିର ନମ୍ବର ପ୍ଲେଟ୍ ଚିହ୍ନଟ କରିବା ସହିତ ଫାସ୍‌ଟ୍ୟାଗ୍‌ରୁ ସ୍ୱୟଂକ୍ରିୟ ଭାବେ ଟୋଲ କଟିଯିବ। ଏହି ବ୍ୟବସ୍ଥାରେ ଗାଡ଼ିକୁ ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବନି। କୌଣସି ଗାଡ଼ି ଯଦି ସେ ନିୟମକୁ ପାଳନ କରିବ ନାହିଁ, ତେବେ ଇ-ନୋଟିସ୍ ପଠାଯିବ ଓ ଫାସ୍‌ଟ୍ୟାଗ୍‌କୁ ବ୍ଲକ୍ କରାଯିବ। ଏହି ବ୍ୟବସ୍ଥାର ପରୀକ୍ଷଣ ସଫଳ ହେଲେ ତାହାକୁ ଦେଶବ୍ୟାପୀ ଲାଗୁ କରିବା ବିଷୟରେ ବିଚାର କରାଯିବ।

## ଜିଓର ଧମାକାଦାର ପ୍ଲାନ୍

ନୂଆଦିଲ୍ଲୀ: ଜିଓ ଏବେ ଧମାକାଦାର ପ୍ଲାନ୍ ନେଇ ଆସିଛି। ୨୦୨୫ ଟଙ୍କାରେ ୨୦୦ ଦିନର ବୈଧତା ସହିତ ଏହି ଦୀର୍ଘକାଳୀନ ଯୋଜନାରେ ଅନେକ ସୁବିଧା ଉପଲବ୍ଧ। ଯେଉଁଥିରେ ମାଗଣା ଏସ୍‌ଏମ୍‌ଏସ୍ ଏବଂ ଓଟିଟି ସବସ୍କ୍ରିପସନ ମଧ୍ୟ ରହିଛି। ଜିଓର ଏହି ଯୋଜନାରେ ଆପଣଙ୍କୁ ୨୦୦ ଦିନର ବୈଧତା ମିଳିବ। ୨ ମାସରୁ ଅଧିକ ସମୟ ପାଇଁ ଥିବା ଏହି ଯୋଜନା ମୋଟ ୫୦୦ ଜିବି ଡାଟା ପ୍ରଦାନ କରେ। ଏଥିରେ ଆପଣ ଦୈନିକ ୨.୫ ଜିବି ହାଇ ସ୍ପିଡ ୫ଜି ଡାଟା ବ୍ୟବହାର କରିବାର ସୁଯୋଗ ପାଇବେ। ଏହା ବ୍ୟତୀତ, ଆପଣ ମାଗଣାରେ ଅସୀମିତ ଭଏସ କଲିଂ ଏବଂ ପ୍ରତିଦିନ ୧୦୦ ଏସ୍‌ଏମ୍‌ଏସ୍ ପାଇପାରିବେ। ଆପଣ କୌଣସି ବାଧା ବିନା ଏସ୍‌ଏମ୍‌ଏସ୍‌ରେ ଚାଟ କରିପାରିବେ। ଏହି ଯୋଜନାରେ ଆପଣ ସମ୍ପୂର୍ଣ୍ଣ ମନୋରଞ୍ଜନ ପାଆନ୍ତି। ଜିଓହଟ୍‌ଷ୍ଟାର ସବସ୍କ୍ରିପସନ ୯୦ ଦିନ ପାଇଁ ଉପଲବ୍ଧ। ଆପଣ ଜିଓ କ୍ଲାଉଡ ଷ୍ଟୋରେଜକୁ ମଧ୍ୟ ଆକ୍ସେସ ପାଇପାରିବେ। ଜିଓର ଏହି ପ୍ଲାନ ୮୪ ଦିନର ବୈଧତା ସହିତ ଆସିଥାଏ। ଏହି ଯୋଜନାରେ ଆପଣଙ୍କୁ ମୋଟ ୧୬୮ ଜିବି ଡାଟା ମିଳିବ। ଯେଉଁଥିରୁ ଆପଣ ପ୍ରତିଦିନ ୨ଜିବି ଡାଟା ବ୍ୟବହାର କରିପାରିବେ।ଜିଓ ତାର ଗ୍ରାହକଙ୍କ ସୁବିଧା ପାଇଁ ଅନେକ ଯୋଜନା ପ୍ରଦାନ କରେ। ଯେଉଁଥିରେ ଆପଣ ଆହୁରି ଅନେକ ସୁବିଧା ପାଇବେ। ଏଥିନେଇ ଜିଓର ଅଫିସିଆଲ ୱେବସାଇଟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି।

## ଅର୍ଥନୀତିରେ ଜର୍ମାନୀ, ଜାପାନକୁ ଟପିବ ଭାରତ

ନୂଆଦିଲ୍ଲୀ: ଆସନ୍ତା ୩ ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ। ଜର୍ମାନୀ ଓ ଜାପାନକୁ ଟପିଯିବ। ଏଥିସହିତ ୨୦୪୭ ମସିହା ସୁଦ୍ଧା ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ବୋଲି ନିତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ୍ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସୁବ୍ରମଣ୍ୟମ୍ ଏହା ମଧ୍ୟ କହିଛନ୍ତି ଯେ ଭାରତ ବିଶ୍ୱର ଶିକ୍ଷା କେନ୍ଦ୍ରରେ ପରିଣତ ହୋଇପାରିବ। ଅନ୍ୟାନ୍ୟ ପ୍ରସଙ୍ଗ ସହିତ ସବୁଠୁ ବଡ଼ ସୁବିଧା ହେଉଛି ଏହାର ଗଣତନ୍ତ୍ର। ସଂପ୍ରତି ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାବେ ପରିଗଣିତ ହେଉଛି। ଆସନ୍ତାବର୍ଷ ଶେଷବେଳକୁ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବ। ତାହାର ବର୍ଷକ ପରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ ବୋଲି ସୁବ୍ରମଣ୍ୟମ କହିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ତଥ୍ୟ ଅନୁଯାୟୀ, ଭାରତୀୟ ଅର୍ଥନୀତିର ଆକାର ବର୍ତ୍ତମାନ ୪.୩ ଟ୍ରିଲିଅନ ଡଲାର ରହିଛି। ୨୦୪୭ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୩୦ ଟ୍ରିଲିଅନ ଡଲାର ହେବ ବୋଲି ସୁବ୍ରମଣ୍ୟମ୍ କହିଛନ୍ତି। ନିମ୍ନ ଆୟବର୍ଗର ଦେଶ ତୁଳନାରେ ମଧ୍ୟମ ଆୟବର୍ଗର ଦେଶ ଭିନ୍ନ ସମସ୍ୟା ଦେଇ ଗତି କରନ୍ତି। ଗରିବଙ୍କୁ ଖାଦ୍ୟ କିମ୍ବା ବସ୍ତ୍ରହୀନଙ୍କୁ ବସ୍ତ୍ର ଯୋଗାଇବା ନୁହେଁ ବରଂ କିପରି ଜ୍ଞାନ ଅର୍ଥନୀତିରେ ପରିଣତ ହେବେ ତାହା ମଧ୍ୟମ ଆୟବର୍ଗର ଅର୍ଥନୀତି ଗୁଡ଼ିକର ସମସ୍ୟା ବୋଲି ସେ କହିଛନ୍ତି। ବିଶ୍ୱ ଜନସଂଖ୍ୟା ସଂକୁଚିତ ହେବା ଭଳି ସମସ୍ୟା ବିଶ୍ୱ କେବେ ସମ୍ମୁଖୀନ ହୋଇନାହିଁ। ତାଙ୍କ ମତରେ ଭାରତ ୧୫ ହଜାର ନର୍ସ ଏବଂ ଜର୍ମାନୀ ୨୦ ହଜାର ସ୍ୱାସ୍ଥ୍ୟ କର୍ମୀ ଭାରତରୁ ନେଉଛନ୍ତି। କାରଣ ସେମାନଙ୍କ ପାଖରେ ଆବଶ୍ୟକ ସଂଖ୍ୟକ ଲୋକ ନାହାନ୍ତି ଏବଂ ପାରିବାରିକ ବ୍ୟବସ୍ଥା ସେଠାରେ ଭାଙ୍ଗି ଯାଇଛି। ବିଶ୍ୱକୁ କାର୍ଯ୍ୟ କରୁଥିବା ବୟସ ବର୍ଗର ଲୋକ ଯୋଗାଇବା ଭାରତ ଅବ୍ୟାହତ ରଖିପାରିବ। ଏହା ହେଉଛି ଭାରତର ସବୁଠୁ ବଡ଼ ଶକ୍ତି ବୋଲି ସୁବ୍ରମଣ୍ୟମ୍ କହିଛନ୍ତି।

## ପିଆଜିଓରେ 'ଏପ୍ରିଲିଆ ଟୁନୋ ୪୫୭' ଡେଲିଭରି ଆରମ୍ଭ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଇଟାଲୀୟ ପିଆଜିଓ ଗ୍ରୁପର ୧୦୦% ସହାୟକ କମ୍ପାନୀ ଏବଂ ପ୍ରତିଷ୍ଠିତ ଭେସ୍ପା ଏବଂ ସ୍ପୋର୍ଟି ଏପ୍ରିଲିଆ ରେଞ୍ଜର ଦୁଇଚକିଆ ଯାନର ନିର୍ମାତା ପିଆଜିଓ ଭେଇକିଲ୍ସ ପ୍ରାଇଭେଟ୍ ଲିମିଟେଡ୍, ଆନୁଷ୍ଠାନିକ ଭାବରେ ଏହାର ବହୁ ପ୍ରତୀକ୍ଷିତ ନେକେଡ୍ ପରଫର୍ମାନ୍ସବାଇକ୍, ଭୁବନେଶ୍ୱର ପାଇଁ ଏପ୍ରିଲିଆ ଟୁନୋ ୪୫୭ ପ୍ରଚଳନ କରିଛି। ପ୍ରି-ବୁକିଂ ପାଇଁ ଏପ୍ରିଲିଆ ଟୁନୋ ୪୫୭ ଏକ ଅପୂର୍ବ ପ୍ରତିକ୍ରିୟା ପାଇଛି ଏବଂ ଏବେ ଭୁବନେଶ୍ୱରର ଗ୍ରାହକମାନଙ୍କ ପାଇଁ ଆପୋଲୋ ହସ୍ପିଟାଲ ନିକଟ ଗଜପତି ନଗରର ହିନ୍ଦୁସ୍ତାନ ହ୍ୱିଲ୍ସରେ ଟେଷ୍ଟ ରାଇଡ୍ ଏବଂ ଡେଲିଭରି ପାଇଁ ଉପଲବ୍ଧ ହେବ। ଏପ୍ରିଲିଆ ଟୁନୋ ୪୫୭ ହେଉଛି ଏପ୍ରିଲିଆ ୪୫୭ର ସିବଲିଂଗ ଯାହାର ଶ୍ରେଣୀରେ ସର୍ବୋତ୍ତମ ପାୱାର-ଟୁ-ୱେଟ୍ ଅନୁପାତ ଅଛି। ଏହା ଏକ ତରଳ-ଥଣ୍ଡା, ସମାନ୍ତରାଳ ଆଗ ଟ୍ୱିନ୍-ସିଲିଣ୍ଡର ଇଞ୍ଜିନ୍ ଦ୍ୱାରା ପରିଚାଳିତ ଯାହା ଡବଲ କ୍ୟାମଶାଫ୍ଟ ଟାଇମିଂ ଏବଂ ପ୍ରତି ସିଲିଣ୍ଡର ପାଇଁ ଚାରୋଟି ଭଲଭ୍ ସହିତ କାର୍ଯ୍ୟ କରେ। ଏହା ୯,୪୦୦ ଆରପିଏମ୍‌ରେ ୩୫ କେଡବ୍ଲୁ(୪୭.୬ ଏଚ୍‌ପି) ର ସର୍ବାଧିକ ପାୱାର ଆଉଟପୁଟ୍ ଏବଂ ୬,୭୦୦ ଆରପିଏମରେ ୪୩.୫ ଏନ୍‌ଏମ୍‌ର ଟର୍କ ବିକଶିତ କରେ, ଯାହାର ୮୨% ପ୍ରତିଶତ ୩,୦୦୦ ଆର୍‌ପିଏମ୍‌ରେ ଉପଲବ୍ଧ। ଟୁନୋ ୪୫୭ ଏକ ସମ୍ପୂର୍ଣ୍ଣ ନୂତନ ଡିଜାଇନ୍। ଏଥିରେ, ଆରୋହୀ ସର୍ବୋତ୍ତମ ଇଞ୍ଜିନ୍ ପରିଚାଳନା ଏବଂ ଟ୍ରାକ୍ସନ୍ ନିୟନ୍ତ୍ରଣ ସେଟିଂସ୍ ଉପଭୋଗ କରିବା ପାଇଁ କେବଳ ସେମାନଙ୍କର ଚଲାଇବା ଶୈଳୀ କିମ୍ବା ପରିସ୍ଥିତି ପାଇଁ ଉପଯୁକ୍ତ ମୋଡ୍ ଚୟନ କରନ୍ତି। ପିଆଜିଓ ଯାନବାହନ ପ୍ରାଇଭେଟ୍ ଲିମିଟେଡ୍‌ର ୨-ଚକିଆ ଘରୋଇ ବ୍ୟବସାୟ (ଓଉର)ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଅଜୟ ରଘୁବଂଶୀ କହିଛନ୍ତି, 'ଆମେ ଏପ୍ରିଲିଆ ଟୁନୋ ୪୫୭ ହେଉଛି ଏପ୍ରିଲିଆ ୪୫୭ର ନେକେଡ୍ ସିବଲିଂଗ ଯାହାର ମିଳିଥିବା ପ୍ରତିକ୍ରିୟାରେ ସେ ଅଭିଭୂତ। ଆମେ ଏବେ ଭୁବନେଶ୍ୱର ଏବଂ ଏହାର ଆଖପାଖରେ ସମସ୍ତ ଉତ୍ସାହୀ ଆରୋହୀଙ୍କ ପାଇଁ ଏହାକୁ ଆଣି ଆନନ୍ଦିତ। ଆମେ ନିଶ୍ଚିତ ଯେ ମୋଟରସାଇକେଲର ପ୍ରଦର୍ଶନ ଏବଂ ଶୈଳୀର ଅନନ୍ୟ ମିଶ୍ରଣ ମୋଟରସାଇକେଲିଂ ଉତ୍ସାହୀମାନଙ୍କ ପାଇଁ ଏକ ଆଡ୍ରେନାଲିନ୍-ଭରା ଯାତ୍ରା ପ୍ରଦାନ କରିବ। ଆମର ବିକ୍ରୟ ପରବର୍ତ୍ତୀ ସମର୍ଥନ ସହିତ ବୁକିଂ ଏବଂ ପରୀକ୍ଷା ଯାତ୍ରା ଏବେ ଗ୍ରାହକମାନଙ୍କ ପାଇଁ ଖୋଲା ଅଛି, ଯାହା ମାଲିକାନା ଅଭିଜ୍ଞତାରେ ବିପ୍ଲବ ଆଣିବ।' ଏପ୍ରିଲିଆ ଇଣ୍ଡିଆ ଏହାର ମୋଟରସାଇକେଲ ପାଇଁ ଏହାର ବିକ୍ରୟ ପରବର୍ତ୍ତୀ ଏବଂ ସେବା ଭିତ୍ତିଭୂମି ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ ଟୁନୋ ୪୫୭ ପାଇଁ କଷ୍ଟମାଇଜ୍ଡ ସମର୍ଥନ ପ୍ରଦାନ କରିବ। ଏହାର ଶୋ'ରୁମଗୁଡ଼ିକରେ ପିଆଜିଓ ଦ୍ୱାରା ନିଜସ୍ୱ ଭାବରେ ବିକଶିତ ଏକ ଶିଳ୍ପ-ପ୍ରଥମ, ସ୍ୱୟଂ-ନିର୍ଦ୍ଦେଶିତ ଡାଇଗ୍ନୋସିସ୍ ଟୁଲ୍ ପ୍ରଚଳନ କରିଛି। ଏପ୍ରିଲିଆ ଟୁନୋ ୪୫୭ ଦୁଇଟି ରଙ୍ଗ ପ୍ରକାରରେ ଉପଲବ୍ଧ - ପିରାନହା ରେଡ୍ ଏବଂ ପୁମା ଗ୍ରେ। ପିରାନହା ରେଡ୍ ଲିଭରୀରେ ଏପ୍ରିଲିଆର ଇତିହାସର କ୍ଲାସିକ୍ ରଙ୍ଗ - କଳା ଏବଂ ଲାଲ ରହିଛି ଯାହା ଟୁନୋ ୪୫୭ର ସ୍ପୋର୍ଟି ପ୍ରକୃତିକୁ ଉଜ୍ଜ୍ୱଳ କରିଥାଏ। ପୁମା ଗ୍ରେ ସଂସ୍କରଣରେ ଅଧିକ ସଂକ୍ଷିପ୍ତ ରଙ୍ଗ, ଧୂସର ଏବଂ ଧଳା ରଙ୍ଗ ରହିଛି, ଯାହା ଟୁନୋ ୪୫୭କୁ ଅଧିକ ସହରୀ ଲୁକ୍ ପ୍ରଦାନ କରିଥାଏ।

## ଟାରିଫ ୱାର ସତ୍ତ୍ୱେ ଆର୍ଥିକ ମାନ୍ଦାବସ୍ଥା ସମ୍ଭାବନା ନାହିଁ : ଆଇଏମ୍‌ଏଫ୍

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆରମ୍ଭ ଟାରିଫ୍ ଯୁଦ୍ଧ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ବଡ଼ ଧରଣର ବାଧା ସୃଷ୍ଟି କରିଛି । ଏହାସତ୍ତ୍ୱେ ବିଶ୍ୱ ଅର୍ଥବ୍ୟବସ୍ଥାରେ ମାନ୍ଦାବସ୍ଥା ସମ୍ଭାବନା ନାହିଁ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭା ଏହା ପ୍ରକାଶ କରିଛନ୍ତି । ଜର୍ଜିଭା ଆହୁରି କହିଛନ୍ତି ଯେ, ସମ୍ପ୍ରତି ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ସୃଷ୍ଟି ହୋଇଥିବା ବାଧାଗୁଡ଼ିକ ଅର୍ଥବ୍ୟବସ୍ଥାକୁ ମହଙ୍ଗା ପଡ଼ିବ। ଆସନ୍ତା ସପ୍ତାହରେ ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ୍‌ର ସ୍ପ୍ରିଙ୍ଗ୍ ମିଟିଂ ଥିବାବେଳେ ସାମ୍ବାଦିକମାନଙ୍କୁ ଉଦ୍‌ବୋଧନ ଦେଇ ଆଇଏମ୍‌ଏଫ୍ ମୁଖ୍ୟ କହିଛନ୍ତି ଯେ, ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିରେ ହ୍ରାସ ଦେଖାଦେବ କିନ୍ତୁ ଏହା ସେତେମାତ୍ରାରେ ଖସିବ ନାହିଁ । ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ସମଗ୍ର ବିଶ୍ୱ ବଜାରରେ ଦେଖାଦେଇଥିବା ଅସ୍ଥିରତାକୁ ନେଇ ଜର୍ଜିଭା କହିଛନ୍ତି ଯେ, ବାଣିଜ୍ୟିକ ବାଧକଗୁଡ଼ିକ ସର୍ବଦା ଅର୍ଥବ୍ୟବସ୍ଥାଗୁଡ଼ିକ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥାଏ।



ନୂଆଦିଲ୍ଲୀ: ରବିବାର ଆଇପିଏଲ୍ ୨୦୨୫ରେ, ଡବଲ ହେଡରର ପ୍ରଥମ ମ୍ୟାଚ ମୁଲାନପୁର କ୍ରିକେଟ ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯାଉଛି। ଚଳିତ ସିଜିନରେ ଏହି ଗ୍ରାଉଣ୍ଡରେ ଖେଳାଯିବାକୁ ଏହା ଶେଷ ମ୍ୟାଚ, ଏହା ପରେ ପଞ୍ଜାବ ଧର୍ମଶାଳାରେ ଏହାର ଘରୋଇ ମ୍ୟାଚ ଖେଳିବ। ଏହାପୂର୍ବରୁ, ଦଳର ମାଲିକାଣୀ ପ୍ରୀତି ଜିଣ୍ଟା ଅସୁସ୍ଥ ହୋଇପଡ଼ିଥିବା ନେଇ ସେ ସୂଚନା ଦେଇଛନ୍ତି। ଘରୋଇ ଷ୍ଟାଡିୟମରେ ଖେଳାଯାଉ କିମ୍ବା ବାହାରେ ଖେଳାଯାଉ, ପଂଜାବ କିଙ୍ଗ୍ସର ମାଲିକାଣୀ ଆୟର ଏବଂ ଦଳକୁ ସମର୍ଥନ କରିବା ପାଇଁ ପ୍ରତ୍ୟେକ ମ୍ୟାଚରେ ଯୋଗ ଦିଅନ୍ତି। ସେ ଗତ ମ୍ୟାଚରେ ବେଙ୍ଗାଲୁରୁରେ ମଧ୍ୟ ଉପସ୍ଥିତ ଥିଲେ, ଯେଉଁଠାରେ ବର୍ଷା ପ୍ରଭାବିତ ମ୍ୟାଚରେ ପଞ୍ଜାବ ୫ ୱିକେଟରେ ଜିତିଥିଲା। ରବିବାର ମ୍ୟାଚ ପୂର୍ବରୁ, ପ୍ରୀତି ଏକ ପୋଷ୍ଟ ମାଧ୍ୟମରେ କହିଥିଲେ ଯେ ତାଙ୍କୁ ଜ୍ୱର ହୋଇଛି। ସେ କହିଛନ୍ତି ଯେ ଏହା ପଛରେ କାରଣ ହେଉଛି ଟୁର୍ଣ୍ଣାମେଣ୍ଟର ଗହଳି, ଗରମ ପାଗ ଏବଂ ହୋଟେଲର ବାରମ୍ବାର ପରିବର୍ତ୍ତନ। ପଞ୍ଜାବ କିଙ୍ଗ୍ସର ସହ-ମାଲିକ ଲେଖିଛନ୍ତି, 'ମୁଁ ନିଶ୍ଚିତ ଯେ ଏତେ ବ୍ୟସ୍ତବହୁଳ ଯାତ୍ରା, ଅତ୍ୟଧିକ ଗରମ ଏବଂ ଏୟାର କଣ୍ଡିସନିଂ ଏବଂ ନିରନ୍ତର ହୋଟେଲ ରୁମ ପରିବର୍ତ୍ତନ କରିବା ଯୋଗୁଁ ଜ୍ୱର ହୋଇଛି। ଯେତେବେଳେ ଆପଣ ଅସୁସ୍ଥ ଥିବେ ଏବଂ ରାତିସାରା ଶୋଇ ନଥିବେ ସେତେବେଳେ ଏହା କେବେ ମଜାଦାର ନୁହେଁ। ଧନ୍ୟବାଦ ଯେ ମା ମୋତେ ଏବଂ କାଲିର ଖେଳ ଦେଖିବାକୁ ଆସୁଛନ୍ତି। ଆଶା କରୁଛି ମୁଁ ମୁଲାନପୁର ଷ୍ଟାଡିୟମରେ ପହଞ୍ଚିପାରିବି।

୩୭ତମ ମ୍ୟାଚ୍ | ପଞ୍ଜାବ କିଙ୍ଗସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

# ଆର୍‌ସିବି ୭ୱିକେଟ୍‌ରେ ବିଜୟୀ



ଚଣ୍ଡିଗଡ଼: ରବିବାର ଆଇପିଏଲ୍‌ର ୩୭ତମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହିତ ପଞ୍ଜାବ କିଙ୍ଗସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଆର୍‌ସିବି ୭ୱିକେଟରେ ବିଜୟୀ ହୋଇଛି। ଏଥିସହ ଦଳ ଦୁଇ ଦିନ ତଳେ ପଞ୍ଜାବଠୁ ହାରିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛି। ଆର୍‌ସିବି ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ୍ ୬ୱିକେଟ ହରାଇ ୧୫୭ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳର କୌଣସି ବ୍ୟାଟର ବଡ଼ ସ୍କୋର କରି ପାରି ନ ଥିଲେ। ତେବେ ଖେଳ ଆରମ୍ଭରୁ ଦୁଇ ଓପନର ପ୍ରଭସିମରନ୍ ଓ ପ୍ରିୟାଂଶ ଆର୍ଯ୍ୟ ଧୂଆଁଧାର ଆରମ୍ଭ କରିଥିଲେ । ପାଞ୍ଚମ ଓଭରରେ ଦଳ ୪୨ ରନ୍ କରିଥିଲା । ହେଲେ କୃଣାଳ ପାଣ୍ଡ୍ୟା ଘାତକ ବୋଲିଂ କରି ଆରସିବିକୁ ପ୍ରଥମ ବ୍ରେକ୍ ଦେଇଥିଲେ । ସେ ପ୍ରିୟାଂଶ ଆର୍ଯ୍ୟଙ୍କୁ ୨୨ ରନ୍‌ରେ ଆଉଟ୍ କରିଥିଲେ । ପରେ ପ୍ରଭସିମରନଙ୍କୁ ୩୩ ରନରେ ଶିକାର କରିନେଇଥିଲେ। ଏହାପରେ ପଞ୍ଜାବର ବ୍ୟାଟିଂ ଲାଇନ-ଅପ୍ ତାସ୍‌ର ଘର ପରି ଭୁଶୁଡ଼ି ପଡ଼ିଥିଲା। ଅଧିନାୟକ ଶ୍ରେୟାସ ଆୟର ମାତ୍ର ୬ରନ୍ କରିଥିଲେ। ସେହିପରି ୱିକେଟକିପର ଯୋଶ ଇଙ୍ଗିଲ୍ସ ୨୯, ନେହାଲ ୱାଧରା ୫, ଶଶାଙ୍କ ସିଂ ୩୧, ଷ୍ଟୋନିସ୍ ୧, ମାର୍‌କୋ ଜାନସେନ୍ ୨୫ ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ କ୍ରୁଣାଲ ପାଣ୍ଡ୍ୟା ୨, ରୋମାରିଓ ସଫର୍ଡ ୧ ଓ ସୂୟାଶ ଶର୍ମା ୨ଟି ୱିକେଟ ଅକ୍ତିଆର କରିଥିଲେ। ୧୫୮ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ବେଙ୍ଗାଲୁରୁକୁ ପ୍ରଥମ ଓଭରରେ ହିଁ ଫିଲିପ ସଲ୍ଟ(୧)ଙ୍କ ରୂପେ ଝଟକା ଲାଗିଥିଲା। ଏହା ପରେ ବିରାଟ କୋହଲି ଓ ଦେବଦତ୍ତ ପାଡିକଲ ଇନିଂସ ସମ୍ଭାଳିଥିଲେ। ଉଭୟ ଦମଦାର ବ୍ୟାଟିଂ କରି ଆବଶ୍ୟକ ହାରରେ ରନ ସଂଗ୍ରହ କରିଥିଲେ। ଉଭୟ ଦ୍ୱିତୀୟ ୱିକେଟ୍‌ରେ ୧୦୩ ରନ ଯୋଡ଼ି ବେଙ୍ଗାଲୁରୁର ବିଜୟ ନିଶ୍ଚିତ କରିଥିଲେ। ପାଡିକଲ ୩୫ ବଲରୁ ୫ ଚୌକା ଓ ୪ ଛକା ସହ ୬୧ ରନ କରିଥିଲେ। ଏହା ପରେ ଅଧିନାୟକ ରଜତ ପାଟିଦାର ୧୨ ରନ କରି ଆଉଟ୍ ହୋଇଥିଲେ। ଦଳ ବିଜୟରେ ବାକି ଔପଚାରିକତା ପୂରା କରିଥିଲେ ବିରାଟ କୋହଲି। କୋହଲି ୫୪ ବଲରୁ ୭ ଚୌକା ଓ ୧ ଛକା ସହ ୭୩ ରନରେ ଅପରାଜିତ ଥିଲେ। ଜିତେଶ ଶର୍ମା ଦଳ ପାଇଁ ବିଜୟ ସୂଚକ ଛକା ମାରିଛନ୍ତି। ଉଲ୍ଲେଖନୀୟ ବେଙ୍ଗାଲୁରୁ ଏ ପର୍ଯ୍ୟନ୍ତ ଜିତିଥିବା ୫ଟି ମ୍ୟାଚ୍ ଅନ୍ୟ ଗ୍ରାଉଣ୍ଡରେ ଜିତିଥିବା ବେଳେ ନିଜ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ୩ଟି ମ୍ୟାଚ୍ ହାରିଛି। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୧, ହରପ୍ରୀତ୍ ବ୍ରାର ୧, ଚହଲ ୧ଟି ୱିକେଟ ଅକ୍ତିଆର କରିଥିଲେ।

୩୮ତମ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ

# ମୁମ୍ବାଇ ଇଣ୍ଡିଆନ୍ସ ୯ୱିକେଟ୍‌ରେ ବିଜୟୀ



ମୁମ୍ବାଇ : ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୩୮ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗସ୍ ( ସିଏସକେ) ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇ ଏହାକୁ ୯ୱିକେଟରେ ଜିତି ନେଇଛି। ମୁମ୍ବାଇ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ଦଳ ପକ୍ଷରୁ ରାଚିନ ରବୀନ୍ଦ୍ର ଓ ସାଇକ୍ ରଶିଦ୍ ବ୍ୟାଟିଂ ଓପନ କରିଥିଲେ । କିନ୍ତୁ ରାଚିନ ମାତ୍ର ୫ ରନ କରି ଆଉଟ ହୋଇଥିଲେ। ତେବେ ରଶିଦ ଓ ଆୟୁଷ ମାହାତ୍ରେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା। ରଶିଦ ୧୯ ରନ ଓ ମାହାତ୍ରେ ୩୨ ରନ କରିଥିଲେ । ଏହାପରେ ରବିନ୍ଦ୍ର ଜାଦେଜା ଓ ଶିବମ ଦୁବେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ହୋଇଥିଲା। ଜାଡେଜା ୫୩ ରନ କରିଥିବାବେଳେ ଦୁବେ ୫୦ ରନ କରିଥିଲେ। ଚେନ୍ନାଇ ୫ୱିକେଟ ହରାଇ ୧୭୬ରନ୍ କରିଥିଲା। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମରା ୨ଟି ୱିକେଟ ନେଇଥିବାବେଳେ ଦିପକ ଚହର, ଅଶ୍ୱିନୀ କୁମାର ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୧୭୭ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ପାଳି ଆରମ୍ଭ କରିଥିଲେ ହିଟ୍‌ମ୍ୟାନ୍ ରୋହିତ ଶର୍ମା ଓ ରିଆନ୍ ରିକ୍‌ଲେଟନ। ଦୁହେଁ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିଲେ। ରିକ୍‌ଲେଟନ ୨୪ରନ୍ କରି ଆଉଟ୍ ହୋଇଯାଇଥିଲେ। କିନ୍ତୁ ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ ଆଗରେ ଚେନ୍ନାଇ ବୋଲର ହାର ମାନିଥିଲେ। ଉଭୟେ ଧୂଆଁଧାର ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ରୋହିତ ୪୫ବଲରୁ ୬ଛକା ଓ ୪ ଚୌକା ବଳରେ ୭୬ରନ୍ କରି ଫର୍ମକୁ ଫେରିଥିଲେ। ସେହିପରି ସୂର୍ଯ୍ୟକୁମାର ଯାଦବ ୫ଛକା, ୬ଚୌକା ବଳରେ ୩୦ବଲରୁ ୬୮ରନ୍ କରି ଅପରାଜିତ ଥିଲେ। ଚେନ୍ନାଇ ପକ୍ଷରୁ ଏକମାତ୍ର ବୋଲର ରବିନ୍ଦ୍ର ଜାଡେଜା ୧ୱିକେଟ ପାଇଥିଲେ।

ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଚାମ୍ପିୟନସିପ ଉଦ୍‌ଯାପିତ

# ଡ୍ରାଗନ ଯୁବକ ସଙ୍ଘ ଚାମ୍ପିଅନ୍




ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଆସୋସିଏସନ, ଓଡିଶାର ସହଯୋଗରେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟ - 'ମୁଖ୍ୟମନ୍ତ୍ରୀ କପ' ର ଫାଇନାଲ ମ୍ୟାଚରେ ଫିଉଚର ଷ୍ଟାର ସ୍ପୋର୍ଟସକୁ ଡ୍ରାଗନ ଯୁବକ ସଙ୍ଘ ୨-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଡ୍ରାଗନ ଦଳ ତରଫରୁ ହେମଓନୟାଲ ବାସ୍କେ ଓ ବଂକିମ ବାସ୍କେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ଫିଉଚର ଷ୍ଟାରର ଧିରେନ ହାଁସଦା ଏକମାତ୍ର ଗୋଲ କରିଥିଲେ। ଉତ୍କଳମଣୀ ବେହେରା ମ୍ୟାଚ ରେଫେରି ଏବଂ ବାପୁନ କୁମାର ମହାନ୍ତ, ରବୀନ୍ଦ୍ର ନାଥ ଟୁଡୁ, ସମ୍ରାଟ ହେମ୍ବ୍ରମ, ରତ୍ନାକର ସୋରେନ, ଶାନ୍ତନୁ କୁମାର ନାୟକ ଓ ଯୁଗ ସେଙ୍ଗେଲ ସୋରେନ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରକାଶ ସୋରେନ, ସ୍ୱତନ୍ତ୍ର ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ରେଶମ ବୋର୍ଡର ଅଧ୍ୟକ୍ଷ ସଂଜୀବ ମହାନ୍ତି ଯୋଗ ଦେଇ ଯୁବ ପ୍ରତିଭା ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ଅସିତ ପତି, ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ମୟୁରଭଞ୍ଜ ଏଥଲେଟକ ଏସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର ମହାନ୍ତି, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ ଓ ପ୍ରସନ୍ନଜିତ ମହାନ୍ତି ଉପସ୍ଥିତ ଥିଲେ। ଉଭୟ ଦଳକୁ ମୁଖ୍ୟମନ୍ତ୍ରୀ କପ ଟ୍ରଫି ପ୍ରଦାନ କରାଯାଇଥିଲା। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ମୟୁରଭଞ୍ଜ ଜିଲ୍ଲା ପାଇଁ ଖେଳାଳି ଚୟନ କରାଯାଇଛି। ଚୟନକର୍ତ୍ତା ଭାବେ ଯୋଗ ଦେଇ ପୂର୍ବତନ ଫାଓ ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି ଓ ଫୁଟବଲ କୋଚ ଅବନୀ ମୋହନ ମହାନ୍ତି ଖେଳାଳି ଚୟନ କରୁଥିଲେ।

# ରାଜ୍ୟରେ ଖୋଲିଲା ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଜ୍ୟରେ ଖୋଲିଲା ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟର। ୩୦ ଜିଲ୍ଲାର ସ୍କୁଲରେ ଖୋଲିଲା ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟର। ଯେଉଁଠି ସେଣ୍ଟର ହୋଇଛି ପୂର୍ବରୁ ସେଠାରେ ଭିତ୍ତିଭୂମି ରହିଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଯୋଜନାରେ ପ୍ରତ୍ୟେକ ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଣ୍ଟରର ଉଦଘାଟନ ଆଭାଷୀ ମାଧ୍ୟମରେ କରାଯାଇଛି। ରାଜ୍ୟ ସ୍ତରୀୟ, ସର୍ବଭାରତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ପୂର୍ବତନ ଖେଳାଳୀମାନେ ପ୍ରଶିକ୍ଷକ ରହିବେ। ଫଳରେ ଖେଳାଳି କ୍ରୀଡ଼ାକୁ କ୍ୟାରିଅର କରିପାରିବେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ ଖେଲୋ ଇଣ୍ଡିଆ ସେଣ୍ଟରର ନିର୍ମାଣ କରାଯାଇଛି। କ୍ରୀଡ଼ାବିତମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ବିଭିନ୍ନ କ୍ରୀଡ଼ା ଯଥା ଫୁଟବଲ୍, ଭଲିବଲ୍, ହକି, ଆଥଲେଟିକ୍ସ, ଖୋଖୋ, କବାଡ଼ି ଆଦି ନିମନ୍ତେ ସୁଦୃଢ଼ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାର ସୁବିଧା ଖେଳାଳିମାନଙ୍କୁ ପ୍ରଦାନ କରାଯିବ। ଏଥିସହିତ ଏହି ଖେଲୋ ଇଣ୍ଡିଆ ସେଣ୍ଟର ଗୁଡ଼ିକର ଉପଯୁକ୍ତ ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ମଧ୍ୟ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।

# ୨୫ରୁ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁରର ମା' ମଙ୍ଗଳା ମିନି ଷ୍ଟାଡିୟମଠାରେ ମା' ମଙ୍ଗଳା ଯୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଛି ୨ୟ ବାର୍ଷିକୀ ଜିଲ୍ଲାସ୍ତରୀୟ ତୁଷାରକାନ୍ତି ମହାନ୍ତି ସ୍ମାରକୀ ଟ୍ୱେଣ୍ଟି କାକଟପୁର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏକ ପ୍ରେସମିଟ ସ୍ଥାନୀୟ ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୨୫ରୁ ଉଦଘାଟିତ ହୋଇ ମେ ୪ ତାରିଖରେ ଉଦଯାପନ ହେବବୋଲି କ୍ଲବର ସଭାପତି ଟୁଲୁ ଗୋଛାୟତ ପ୍ରକାଶ କରିଛନ୍ତି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେବେ। ଚମ୍ପିୟାନ ଦଳକୁ ୨୦ ହଜାର ଟଙ୍କା ଏବଂ ରନର୍ସ ଦଳକୁ ୧୫ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବା ସହିତ ସମସ୍ତ ଖେଳାଳି ରଙ୍ଗୀନ ଡ୍ରେସ ପରିଧାନ କରି ହ୍ୱାଇଟ ଡ଼ିଉଜ ବଲରେ ଖେଳିବେ ବୋଲି ଆୟୋଜକ କ୍ଲବର ସମ୍ପାଦକ ଦୟାନିଧି ଗୋଛାୟତ ସୂଚନା ଦେଇଛନ୍ତି। ଆୟୋଜକ କ୍ଲବର ଉପଦେଷ୍ଟା କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ,ପ୍ରଦୀପ କୁମାର ପଣ୍ଡା, ପ୍ରେମାନନ୍ଦ ଗୋଛାୟତ, କ୍ରୀଡା ସମ୍ପାଦକ ଧିରେନ ଚାନ୍ଦ, ଶୁଭେନ୍ଦୁ ସେନାପତି, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ଇ-ଲିଗ୍ ଟୁର୍ଣ୍ଣାମେଣ୍ଟ : କଟକ କୋଲ୍ଟସ୍ ବିଜୟୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରବିବାର ଇ-ଲିଗ୍ ଟୁର୍ଣ୍ଣାମେଣ୍ଟ ବିଏସ୍‌ଏନ୍‌ଏଲ୍ ଓ କଟକ କୋଲ୍ଟସ୍ ମଧ୍ୟରେ ବରୁଣେଇର କେ.ଟି. ଗ୍ଲୋବାଲ୍ ସ୍କୁଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ବିଏସ୍‌ଏନ୍‌ଏଲ୍ ପ୍ରଥମେ ବ୍ୟାଟିଂ କରିଥିଲା। ଅଧିନାୟକ ଟୁକୁନା ସାହୁ ମାତ୍ର ୪୧ ବଲ୍‌ରୁ ଆକ୍ରମଣାତ୍ମକ ୫୦ ରନ୍ କରିଥିଲେ। ତାଙ୍କୁ ପୁରୁଷୋତ୍ତମ ପ୍ରଧାନ (୩୦), ଆୟୁଷଜିତ୍ ମହାନ୍ତି (୧୫) ଏବଂ ବାଦଲ ଭୋଳ (୧୫) ଭଲ ସମର୍ଥନ କରିଥିଲେ। ବିଏସ୍‌ଏନ୍‌ଏଲ୍ ନିର୍ଦ୍ଧାରିତ ୪୦ ଓଭରର ୩୦.୨ରେ ୧୪୦ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। କଟକ କୋଲ୍ଟସ୍ ପାଇଁ, ସ୍ୱାଧୀନ ପାତ୍ର ସବୁଠାରୁ ସଫଳ ବୋଲର ଥିଲେ ଏବଂ ମାତ୍ର ୧୭ ରନ୍ ଦେଇ ୪ ୱିକେଟ୍ ନେଇଥିଲେ। ବିକ୍ରମ ସାମଲ (୨୫ ରନ୍ ଦେଇ ୩), ଦିବ୍ୟାଂଶୁ ନାୟକ (୮ ରନ୍ ଦେଇ ୧) ଏବଂ ସୋମାଶିଷ ବାରିକ (୧୯ ରନ୍ ଦେଇ ୧) ଅନ୍ୟ ସଫଳ ବୋଲର ଥିଲେ। ବିଜୟ ପାଇଁ ୧୪୧ ରନ ଆବଶ୍ୟକ କରୁଥିବା ବେଳେ, କଟକ କୋଲ୍ଟସ ଇନିଂସ ପ୍ରାରମ୍ଭିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ମାତ୍ର ୭ ରନରେ ପ୍ରଥମ ଦୁଇଟି ୱିକେଟ ହରାଇଥିଲେ। ସ୍ୱାଧିନ ପାତ୍ର ୪୦ ରନ କରିଥିଲେ। ତାଙ୍କ ବିଦାୟ ପରେ ୱିକେଟର ଝଡ଼ ହୋଇଥିଲେ ମଧ ମଧ୍ୟକ୍ରମ ବ୍ୟାଟସମ୍ୟାନ ବାଦଲ ମଲ୍ଲିକ (ଅପରାଜିତ ୩୫) ତାଙ୍କର ନର୍ଭସକୁ ସମ୍ଭାଳି ରଖି ୩୬.୪ ଓଭରରେ ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଇଥିଲେ। ବିକ୍ରମ ସାମଲ (୧୦) ଏବଂ ଦିବ୍ୟାଂଶୁ ନାୟକ (୧୦) ଏହି ରାସ୍ତାରେ ଉପଯୋଗୀ ଅବଦାନ ରଖିଥିଲେ। ବିଏସଏନଏଲ ପକ୍ଷରୁ, ବାଦଲ ଭୋଳ ୨୮ ରନ ଦେଇ ୪ ୱିକେଟ ନେଇଥିଲେ। ସେହିପରି ରାକେଶ ବିଶ୍ୱାଲ ୨, ସୁମିତ ମହାରଣା ୨ ଏବଂ ଟୁକୁନା ସାହୁ ୧ୱିକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ, ସ୍ୱାଧିନ ପାତ୍ରଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା।




## ବୈଭବଙ୍କ ପ୍ରଶଂସକ ପାଲଟିଲେ ପିଚାଇ



ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍‌ସର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ସବୁଠାରୁ କମ ବୟସରେ ଡେବ୍ୟୁ କରି ଇଣ୍ଡିଆନ ପ୍ରିମିୟର ଲିଗ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛନ୍ତି। ବୈଭବ ମାତ୍ର ୧୪ ବର୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଡେବ୍ୟୁ କରିଥିଲେ। ହେଲେ ମଇଦାନରେ ତାଙ୍କର ବ୍ୟାଟିଂ ଅନେକଙ୍କୁ ଚକିତ କରିଥିଲା। ଏହି କ୍ରମରେ ବୈଭବଙ୍କ ଡେବ୍ୟୁକୁ ଗୁଗୁଲ ସିଇଓ ସୁନ୍ଦର ପିଚାଇ ଦେଖିବା ପରେ ତାଙ୍କର ବଡ଼ ପ୍ରଶଂସକ ପାଲଟିଛନ୍ତି। ପିଚାଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, ଆଇପିଏଲ୍‌ରେ ଜଣେ ୮ମ ଶ୍ରେଣୀର ପିଲାକୁ ଖେଳୁଥିବାର ଦେଖିବାକୁ ପାଇଲି। ତେବେ ବୈଭବ ତାଙ୍କର ପ୍ରଥମ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମ ବଲ୍‌ରେ ସେ ଛକା ମାରିଥିଲେ। ପରେ ଏହି ବାମହାତୀ ବ୍ୟାଟସମ୍ୟାନ ମାତ୍ର ୨୦ ବଲ୍‌ରେ ୩୪ ରନ୍‌ର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ, ଯେଉଁଥିରେ ୩ ଛକା ଏବଂ ୨ଟି ଚୌକା ସାମିଲ ଥିଲା।

# ଉତ୍କଳ ଆଲୁମିନା ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା: କଳାହାଣ୍ଡି ଚାମ୍ପିଅନ୍



ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ ତରଫରୁ ଏକ ଦିବସୀୟ ଷ୍ଟେକହୋଲ୍ଡର ବନ୍ଧୁତବପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା-୨୦୨୫ ଆୟୋଜିତ ହୋଇଯାଇଅଛି। ସ୍ଥାନୀୟ ଓଷାପଡ଼ା ସ୍ଥିତ ଟାଉନସିପ ଖେଳ ପଡ଼ିଆ ଠାରେ ଆୟୋଜିତ ଏହି ଦିବାରାତ୍ର କ୍ରିକେଟ୍ ପ୍ରତିଯୋଗିତାରେ ଜିଲ୍ଲାପାଳ ଏକାଦଶ ରାୟଗଡ଼ା, କଳାହାଣ୍ଡି ଜିଲ୍ଲା ପ୍ରଶାସନ ସମେତ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ(ପୋଲିସ) ଏକାଦଶ, ସିଆରପିଏଫ୍ ଏବଂ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ(ଉତ୍କଳ ଆଲୁମିନା ଏବଂ ଆଦିତ୍ୟ ଆଲୁମିନା) ମିଶ୍ରିତ ଦୁଇଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ହିଣ୍ଡାଲକୋ ଏକାଦଶ ସହ ସିଆରପିଏଫ୍ ଦଳର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ ଆୟୋଜକ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬୭ରନ୍ ହାସଲ କରିଥିବା ସ୍ଥଳେ ସିଆରପିଏଫ୍ ଦଳ ହିଣ୍ଡାଲକୋ ଏକାଦଶକୁ ପରାସ୍ତ କରି ବିଜୟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ହିଣ୍ଡାଲକୋ ଏକାଦଶ (ବରିଷ୍ଠ )ସହ ଜିଲ୍ଲାପାଳ ଏକାଦଶର ମ୍ୟାଚ୍ ଆୟୋଜିତ ହୋଇଥିଲା। ଉକ୍ତ ମ୍ୟାଚରେ ପ୍ରଥମେ ଟସ୍ ଜିତି ଆୟୋଜକ ହିଣ୍ଡାଲକୋ ବରିଷ୍ଠ ଦଳ ୪ବିକେଟ୍ ହରାଇ ବିଶାଳ ୯୮ ସ୍କୋର ହାସଲ କରିଥିବା ବେଳେ ଜିଲ୍ଲାପାଳ ଏକାଦଶ ରାୟଗଡା ଦଳ ୩ ୱିକେଟ୍ ବିନିମୟରେ ସଫଳତାର ସହ ଏହି ସ୍କୋର ଅତିକ୍ରମ କରିଥିଲେ। ତୃତୀୟ ମ୍ୟାଚ୍‌ରେ ରାୟଗଡ଼ା ଏସପି ଦଳ ବନାମ କଳାହାଣ୍ଡି ଜିଲ୍ଲା ପ୍ରଶାସନ ମଧ୍ୟରେ ଆୟୋଜିତ ହୋଇଥିଲା। ଉକ୍ତ ମ୍ୟାଚରେ ଉଭୟ ଦଳ ଭଲ ପ୍ରଦର୍ଶନ କରିଥିଲେ ହେଁ କଳାହାଣ୍ଡି ଏକାଦଶ ଦଳ ରାୟଗଡ଼ା ଏସପି ଏକାଦଶ ଦଳକୁ ପରାସ୍ତ କରିଥିଲା। ଅନୁରୂପ ଭାବେ ପୁଣି ସିଆରପିଏଫ୍ ଏକାଦଶ ଓ ଜିଲ୍ଲାପାଳ ଏକାଦଶ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିବା ବେଳେ ଜିଲ୍ଲାପାଳ ଏକାଦଶ ୧୧୪ ବିଶାଳ ଲକ୍ଷ୍ୟ ସିଆରପିଏଫ୍ ଦଳକୁ ଦେଇଥିଲା। ତେବେ ସିଆରପିଏଫ୍ ଏକାଦଶ ସମସ୍ତ ୱିକେଟ୍ ହରାଇ ମାତ୍ର ୪୭ରନ କରି ୬୭ ରନରେ ପରାଜୟ ହୋଇଥିଲା। ଶୀର୍ଷ ମ୍ୟାଚ୍ କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ଓ ଜିଲ୍ଲାପାଳ ଏକାଦଶ ମଧ୍ୟରେ ଲଢ଼େଇ ହୋଇଥିବାବେଳେ ମ୍ୟାଚ୍ ଖୁବ୍ ରୋମାଞ୍ଚିତ ହୋଇଥିଲା । ଉକ୍ତ ମ୍ୟାଚ୍ ୧୨ବିଶିଷ୍ଟ ହେବା ସହ ପ୍ରଥମେ ଟସ୍ ଜିତି ଜିଲ୍ଲାପାଳ ଏକାଦଶ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କିନ୍ତୁ ପୂର୍ବ ମ୍ୟାଚରେ ଭଲ ପ୍ରଦର୍ଶନ କରି ଆସୁଥିବାବେଳେ ଶୀର୍ଷ ମ୍ୟାଚରେ କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ଦଳ, ଜିଲ୍ଲାପାଳ ଏକାଦଶକୁ ବୃହତ୍ ସ୍କୋର ପୂର୍ବରୁ ରୋକିବାରେ ସକ୍ଷମ ହୋଇଥିଲା। କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ବୋଲାରଙ୍କ ଘାତକ ବୋଲିଂ ଯୋଗୁଁ ଅଳ୍ପ ସମୟ ବ୍ୟବଧାନ ନିରବିଚ୍ଛିନ୍ନ ୱିକେଟ୍ ପଡ଼ିବାରୁ ଜିଲ୍ଲାପାଳ ଏକାଦଶ ଦଳ ମାତ୍ର ୫୪ରନ୍ କରି ଅଲ୍ ଆଉଟ୍ ହୋଇ ପାଭେଲିଆନକୁ ଫେରିଥିଲେ। ପରବର୍ତୀ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ଦଳ ବ୍ୟାଟିଂ କରିବାକୁ ଆସିଥିବା ବେଳେ ୪ ୱିକେଟ ହରାଇ ଏହି ସ୍କୋର ହାସଲ କରିଥିଲେ। ଶୀର୍ଷ ମ୍ୟାଚରେ କଳାହାଣ୍ଡି ଏକାଦଶ ଦଳ ସହଜ ଭାବେ ବିଜୟୀ ହୋଇ ଷ୍ଟେକହୋଲ୍ଡର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତାରେ ଚମ୍ପିୟାନ ହୋଇଛି। ଅନ୍ୟାକ୍ଷରେ ଏହି ଶୀର୍ଷ ମ୍ୟାଚରେ ଖେଳାଳିଙ୍କୁ ଉତ୍ସାହିତ ନିମନ୍ତେ ମୁଖ୍ୟ ଅତଥିଭାବେ ଭାବେ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର (ଭା. ପ୍ର. ପୁ. ସେ,) ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରାୟଗଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେକ୍ ଆଲେନୂର, କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ରମେଶ କୁମାର ପାଢ଼ୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ମିଶ୍ର, ଆଦିତ୍ୟ ବିର୍ଲା ରିଫେନେରୀ କାରଖାନା ମୁଖ୍ୟ ମଜହର ବେଗ, କର୍ପୋରେଟ କମ୍ୟୁନିକେସନ ଉପାଧ୍ୟକ୍ଷ ଡଃ. ବିଭୁଦତ୍ତ ମହାପାତ୍ର, ମାନବ ସମ୍ବଳ ବିକାଶ ପ୍ରମୁଖ ବିଜୟ କୁମୁରା, କୌଶିକ ଶରଣ ମିଶ୍ର, ଭିପି, ଆଦିତ୍ୟ ରିଫାଇନାରୀ ସମେତ କମ୍ପାନୀର ଅନ୍ୟ ବରିଷ୍ଠ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଉକ୍ତ ବନ୍ଧୁତ୍ୱପୂର୍ଣ୍ଣ ଷ୍ଟେକ୍ ହୋଲ୍ଡର କ୍ରିକେଟ୍ ପ୍ରତିଯୋଗିତା ୨୦୨୫ କର୍ପୋରେଟ ଅଫେୟର ଓ ଲୋକ ସମ୍ପର୍କ ବିଭାଗ ସାଧାରଣ ପରିଚାଳକ ପିତାମ୍ବର ବେହେରା ଏବଂ କମ୍ପାନୀର କ୍ରୀଡା ସମିତିର ସଦସ୍ୟ ମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।



କଞ୍ଚାଲଙ୍କା କେବଳ ଖାଦ୍ୟକୁ ମସଲାଦାର କରିଥାଏ ନାହିଁ, ଏହାକୁ ଖାଇବାର ଅନେକ ଲାଭ ଅଛି, ଯାହା ଆଜିକାଲି ଲୋକମାନେ ଜାଣି ନାହାନ୍ତି । ଯଦି ଖାଦ୍ୟରେ ଲଙ୍କାର ମସଲା ନଥାଏ ତେବେ ଖାଦ୍ୟର ସ୍ୱାଦ ବିଗିଡ଼ିଯାଏ । ତଥାପି ଆୟୁର୍ବେଦରେ ସୀମିତ ପରିମାଣରେ ଲଙ୍କା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ । ଯଦି ଗୋଟିଏ କଞ୍ଚାଲଙ୍କା ନିୟମିତ ସେବନ କରାଯାଏ, ତେବେ ଏହା ବହୁତ ଲାଭଦାୟକ । ଆୟୁର୍ବେଦ କହେ ଯେ, ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଲଙ୍କା କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରେ ନାହିଁ, ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭଲ । କଞ୍ଚାଲଙ୍କା ଖାଇବାର ଅନେକ ଲାଭ ଅଛି । କଞ୍ଚାଲଙ୍କାରେ ଭିଟାମିନ୍ ଏ, ସି, କେ ଏବଂ ଫାଇଟୋନ୍ୟୁଟ୍ରିଏଣ୍ଟ ମିଳିଥାଏ । କଞ୍ଚାଲଙ୍କାରେ ବିଟା କ୍ୟାରୋଟିନ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ମିଳିଥାଏ । ଏହାକୁ ଖାଇବା କରିବା ଦ୍ୱାରା ଡାଇବେଟିସ୍ ବା ମଧୁମେହ ନିୟନ୍ତ୍ରଣ ହୋଇଥାଏ ଏବଂ ପାଚନ କ୍ରିୟା ଶକ୍ତିଶାଳୀ ହୋଇଥାଏ । ଏହା ହୃଦରୋଗ, ମୁଣ୍ଡବିନ୍ଧା, ଥକ୍କାପଣ ଏବଂ ଅନିଦ୍ରା ଦୂର କରିବା ସହିତ ଶରୀରକୁ ବିଷମୁକ୍ତ କରିବାରେ ମଧ୍ୟ ସାହାଯ୍ୟ କରେ । କଞ୍ଚାଲଙ୍କା ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।





# ଓଟିଟି ଦୁନିଆରେ ଭୂମିଙ୍କ ଏଣ୍ଟ୍ରି

ବଡ଼ ପରଦା ପରେ ଓଟିଟି ଦୁନିଆରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି ଅଭିନେତ୍ରୀ ଭୂମି ପେଡ୍‌ନେକର । ଖୁବ୍‌ଶୀଘ୍ର ୱେବ୍ ସିରିଜ୍ 'ଦ ରୟାଲ୍ସ'ରେ ସେ ନଜର ଆସିବେ । ତେବେ ପ୍ରଥମ ଥର ଭୂମିଙ୍କୁ ଓଟିଟି ଅଫର ମିଳିନାହିଁ । ଏହା ପୂର୍ବରୁ ମଧ୍ୟ ଅନେକ ଓଟିଟି ପ୍ରୋଜେକ୍ଟ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ଭୂମି କହିଛନ୍ତି, ଓଟିଟି ଡେବ୍ୟୁ ପାଇଁ ମୋତେ ଅନେକ ୱେବ୍ ସିରିଜ୍ ଅଫର ମିଳିଥିଲା । ସବୁର ପଟ୍ଟକଥା ମଧ୍ୟ ମୁଁ ପଢ଼ିଥିଲି । କିନ୍ତୁ ସବୁ ପ୍ରତ୍ୟାଖ୍ୟାନ କରିଦେଇଥିଲି । ତେବେ, ପରେ ସେ ସବୁ ପ୍ରୋଜେକ୍ଟ ସଫଳ ହେଲା । ସବୁଠୁ ବଡ଼ କଥା ହେଉଛି, ସେହି ପ୍ରୋଜେକ୍ଟ ସବୁରେ ସେଭଳି ନିବିଡ଼ତା ମୁଁ ଅନୁଭବ କରିନଥିଲି, ଯାହା 'ଦ ରୟାଲ୍ସ'ର କାହାଣୀ ପଢ଼ିବା ପରେ ହେଲା । ସେଥିପାଇଁ ମୁଁ ରାଜି ହୋଇଗଲି । 'ଦ ରୟାଲ୍ସ' ଏକ ରୋମାଣ୍ଟିକ୍-କମେଡ଼ି ୱେବ୍ ସିରିଜ୍ । ଏ ଧରଣର ଫିଲ୍ମ ଭୂମିଙ୍କର ସବୁଠୁ ପ୍ରିୟ । ଏଥିରେ ତାଙ୍କ ସହ ପ୍ରମୁଖ ଭୂମିକାରେ ନଜର ଆସିବେ ଈଶାନ ଖଟ୍ଟର । ଏମାନଙ୍କ ସହିତ ଜୀନତ ଅମାନ, ସାକ୍ଷୀ ତନୱର, ନୋରା ଫତେହି, ଡିନୋ ମୋରିଆ, ମିଳିନ୍ଦ ସୋମନ, ଚଙ୍କି ପାଣ୍ଡେ ପ୍ରମୁଖ ଅଭିନୟ କରିଛନ୍ତି । ଆସନ୍ତା ମେ' ୯ ତାରିଖରେ ନେଟ୍‌ଫ୍ଲିକ୍ସରେ ଶୋ'ର ପ୍ରିମିୟର ହେବ ।



## ଗ୍ରୀଷ୍ମ ଋତୁରେ ଉଜ୍ଜ୍ୱଳ ଓ ଚମକଦାର ତ୍ୱଚା ଚାହୁଁଥିଲେ...

## ଆପଣାନ୍ତୁ ଏହି ଉପାୟ



*ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ସୂର୍ଯ୍ୟକିରଣ, ଗରମ, ଧୂଳି ଏବଂ ଝାଳ ଯୋଗୁଁ ଅନେକ ଚର୍ମ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇଥାଏ । ଲୋକମାନେ ବ୍ରଣ, ସନବର୍ଣ୍ଣ, ରାସେସ୍ ଏବଂ ଟ୍ୟାନିଂ ଭଳି ଚର୍ମ ସମ୍ବନ୍ଧୀୟ ସମସ୍ୟାରେ କଷ୍ଟ ପାଆନ୍ତି । ଏପରି ପରିସ୍ଥିତିରେ ଲୋକମାନେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ପ୍ରକାରର ସ୍କିନ କେୟାର୍ ଏବଂ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତି । କିନ୍ତୁ ଏଥିରେ କ୍ଷତିକାରକ କେମିକାଲ୍ ଥାଏ, ଯାହା ତ୍ୱଚାକୁ କ୍ଷତି ପହଞ୍ଚାଇପାରେ । ତେଣୁ ଗ୍ରୀଷ୍ମ ଋତୁରେ ତ୍ୱଚାକୁ ସୁସ୍ଥ ଏବଂ ଚମକଦାର ରଖିବା ପାଇଁ ଆପଣ କିଛି ପ୍ରାକୃତିକ ଜିନିଷ ବ୍ୟବହାର କରିପାରିବେ ।*

### ଆଲୋଭେରା

ଆଲୋଭେରା ଆମ ସ୍କିନକୁ ଥଣ୍ଡା ଏବଂ ମଇଶ୍ଚରାଇଜ୍ ରଖିଥାଏ । ଏହା ସ୍କିନକୁ ଜ୍ୱଳନ ଏବଂ ସନବର୍ଣ୍ଣରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି ଯାହା ବ୍ରଣ, ଦାଗ, ପିଗ୍ମେଣ୍ଟେସନ୍ ଏବଂ ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରିପାରେ । ନିୟମିତ ଭାବରେ ମୁହଁରେ ଆଲୋଭେରା ଲଗାଇବା ଦ୍ୱାରା ତ୍ୱଚା କୋମଳ ଏବଂ ଉଜ୍ଜ୍ୱଳ ହୋଇଥାଏ । ତେବେ ଆସନ୍ତୁ ଜାଣିବା କିପରି ବ୍ୟବହାର କରିବେ ଆଲୋଭେରା ।

### ଆଲୋଭେରା ଏବଂ ମୁଲତାନି ମାଟି

ଆପଣ ଆଲୋଭେରାକୁ ମୁଲତାନି ମିଟି ସହ ମିଶାଇ ମୁହଁରେ ଲଗାଇପାରିବେ । ଏକ ପାତ୍ରରେ ୨ ଚାମଚ ମୁଲତାନି ମିଟି ନିଅନ୍ତୁ । ଏଥିରେ ୨ ଚାମଚ ତାଜା ଆଲୋଭେରା ଜେଲ୍ ଭଲ ଭାବରେ ମିଶାଇଦିଅନ୍ତୁ । ଏବେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ ଏବଂ ଶୁଖିବା ପାଇଁ ଛାଡି ଦିଅନ୍ତୁ । ପ୍ରାୟ ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ବ୍ରଣ, ଦାଗ, ସନବର୍ଣ୍ଣ ଏବଂ ଟ୍ୟାନିଂ ସମସ୍ୟାରୁ ମୁକ୍ତି ଦିଏ ।

### ଆଲୋଭେରା ଏବଂ ଗୋଲାପ ଜଳ

ଆପଣ ଆଲୋଭେରାକୁ ଗୋଲାପ ଜଳ ସହିତ ମିଶାଇ ଆପଣଙ୍କ ମୁହଁରେ ଲଗାଇପାରିବେ । ଏକ ପାତ୍ରରେ ଗୋଟିଏ ଚାମଚ ତାଜା ଆଲୋଭେରା ଜେଲ୍ ନିଅନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ମିଶାଇ ଭଲ ଭାବରେ ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ କିଛି ସମୟ ପାଇଁ ଛାଡି ଦିଅନ୍ତୁ । ପ୍ରାୟ ୧୫ ମିନିଟ୍ ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ଚର୍ମକୁ ନରମ ଏବଂ ଚମକଦାର କରିବ ।

### ଆଲୋଭେରା ଏବଂ ଲେମ୍ବୁ

ଗ୍ରୀଷ୍ମ ଋତୁରେ ସତେଜ ଏବଂ ଚମକଦାର ତ୍ୱଚା ପାଇବା ପାଇଁ ଆପଣ ଆଲୋଭେରାରେ ଲେମ୍ବୁ ମିଶାଇ ଆପଣଙ୍କ ମୁହଁରେ ଲଗାଇପାରିବେ । ଲେମ୍ବୁରେ ସାଇଟ୍ରିକ୍ ଏସିଡ୍ ଥାଏ, ଯାହା ଚର୍ମରୁ ଦାଗ ଦୂର କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ ଏହା ଚର୍ମର ରଙ୍ଗ ଉନ୍ନତ କରିବାରେ ମଧ୍ୟ ସାହାଯ୍ୟ କରେ । ଏକ ପାତ୍ରରେ ୨ ଚାମଚ ତାଜା ଆଲୋଭେରା ଜେଲ୍ ନିଅନ୍ତୁ । ଏଥିରେ ଗୋଟିଏ ଚାମଚ ଲେମ୍ବୁ ରସ ମିଶାନ୍ତୁ । ଏବେ ଏହି ମିଶ୍ରଣକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ ପ୍ରାୟ ୧୦ ମିନିଟ୍ ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ମୁହଁରେ ଏକ ନ୍ୟାଚୁରାଲ୍ ଗ୍ଲୋ ଆଣିବ ।

### ଆଲୋଭେରା ଏବଂ କାକୁଡି

ଆପଣ ଗ୍ରୀଷ୍ମ ଋତୁରେ କାକୁଡି ସହିତ ଆଲୋଭେରା ମଧ୍ୟ ଲଗାଇପାରିବେ । କାକୁଡି ତ୍ୱଚାକୁ ଶୀତଳତା ଏବଂ ସତେଜତା ପ୍ରଦାନ କରେ । ଏହା ବ୍ୟତୀତ ଏହା ଟ୍ୟାନିଂ ଏବଂ ଦାଗ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ । ଏଥିପାଇଁ ଏକ ପାତ୍ରରେ ଏକ ଚାମଚ ଆଲୋଭେରା ଜେଲ୍ ନିଅନ୍ତୁ । ଏଥିରେ ଗୋଟିଏ ଚାମଚ କାକୁଡି ରସ ମିଶାଇଦିଅନ୍ତୁ । ଏବେ ଏହାକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ କିଛି ସମୟ ପାଇଁ ଛାଡିଦିଅନ୍ତୁ । ପ୍ରାୟ ୧୫ ମିନିଟ୍ ପରେ, ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ଚର୍ମକୁ ନରମ ଏବଂ ଚମକଦାର କରିବ ।

# ସବୁଠୁ ବୟସ୍କ ପେଙ୍ଗୁଇନ୍

ବେଳେବେଳେ ଅନେକ ପ୍ରାଣୀ ସେମାନଙ୍କର ସାଧାରଣ ଜୀବନକାଳଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିରହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି । ଏହିପରି ଏକ ପ୍ରାଣୀ ନିକଟରେ ଚର୍ଚ୍ଚାରେ ରହିଛି, ଯାହା ନିଜ ପ୍ରଜାତିର ଅନ୍ୟ ପ୍ରାଣୀଙ୍କ ଅପେକ୍ଷା କେବଳ ବର୍ଷେ କିମ୍ବା ୨ ବର୍ଷ ନୁହେଁ ବରଂ ୨ରୁ ୩ଗୁଣା ଅଧିକ ସମୟ ବଞ୍ଚି ରେକର୍ଡ ସୃଷ୍ଟି କରିଛି । ଗତ ୧୬ ତାରିଖରେ ବିଶ୍ୱର ସବୁଠାରୁ ବୟସ୍କ ହମ୍ ବୋଲ୍ଟଟ ପେଙ୍ଗୁଇନ୍ ସ୍ନେବ ନିଜର ୩୭ତମ ଜନ୍ମଦିନ ପାଳନ କରି ରେକର୍ଡ କରିଛି । ଏହି ଅବସରରେ ସ୍ନେବ ଥିବା ଇଂଲଣ୍ଡର କର୍ନୱାଲ ଅନ୍ତର୍ଗତ ହାୟଲେସ୍ଥିତ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ବରଫ ଏବଂ ମାଛରେ ତିଆରି ଏକ କେକ୍ କରାଯାଇଥିଲା । ସାଧାରଣତଃ ଏକ ହମ୍‌ବୋଲ୍ଟଟ ପ୍ରଜାତିର ପେଙ୍ଗୁଇନ୍‌ଙ୍କ ଆୟୁ ସାଧାରଣତଃ ୧୦ରୁ ୧୫ ବର୍ଷ ହୋଇଥିବା ବେଳେ ସ୍ନେବର ବର୍ତ୍ତମାନର ବୟସ ଏହାଠାରୁ ପ୍ରାୟ ୩ ଗୁଣା ଅଧିକ । ୧୯୮୮ ମସିହାରୁ ଏହି ପେଙ୍ଗୁଇନ୍‌ଟି ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ରହିଆସୁଛି । ସ୍ନେବର ଯତ୍ନ ନେଉଥିବା ପ୍ରାଣୀ ଉଦ୍ୟାନର କର୍ମଚାରୀମାନେ କହିଛନ୍ତି, ସାରା ବିଶ୍ୱରୁ ସଂଗୃହୀତ ରେକର୍ଡ ଅନୁଯାୟୀ ସ୍ନେବ ହେଉଛି ନିଜ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍ । ତେବେ ବୃଦ୍ଧାବସ୍ଥାରେ ଥିଲେ ମଧ୍ୟ ସ୍ନେବ ସଂପୂର୍ଣ୍ଣ ଭାବେ ସୁସ୍ଥ ଥିବା ସହ ଠିକ୍ ଭାବେ ଚାଲି ପାରୁଛି ବୋଲି ସେମାନେ କହିଛନ୍ତି । ସ୍ନେବ ହମ୍‌ବୋଲ୍ଟଟ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହୋଇଥିବା ବେଳେ ଏବେ ମଧ୍ୟ ଏହା ବିଶ୍ୱର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହେବାର ରେକର୍ଡକୁ ହାସଲ କରିପାରିନାହିଁ । ଏହି ଅନନ୍ୟ ରେକର୍ଡ ଦକ୍ଷିଣ ଆଫ୍ରିକାର ଏକ ପେଙ୍ଗୁଇନ୍ ? ନାମରେ ରହିଛି, ଯାହାର ମୃତ୍ୟୁ ୨୦୨୩ରେ ହୋଇଥିଲା । ସ୍ନେବ ୧୯୮୮ରେ ଇଂଲଣ୍ଡର ସରେରେ ଜନ୍ମ ହୋଇଥିଲା । ଏହାପରେ ସ୍ନେବକୁ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତରିତ କରାଯାଇଥିଲା ।




# ସାଇବାବାଙ୍କୁ ଦର୍ଶନ କଲେ ଶିଳ୍ପା

ବଲିଉଡର ଫିଟନେସ କୁଇନ ବୋଲାଉଥିବା ଶିଳ୍ପା ସେଟ୍ଟୀ ନିଜ ପରିବାର ସହିତ ସିରିଡିରେ ପହଞ୍ଚିଛନ୍ତି । ସିରିଡିରେ ପହଞ୍ଚି ସାଇବାବାଙ୍କୁ ଦର୍ଶନ କରି ଭକ୍ତିରେ ଲୀନ ହୋଇଛନ୍ତି । ଶିଳ୍ପଙ୍କ ଫଟୋ ଏବେ ଭାଇରଲ ହେବାରେ ଲାଗିଛି । ଶିଳ୍ପା ସେଟ୍ଟୀ ଫଟୋକୁ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି । ଫଟୋରେ ଶିଳ୍ପା ସାଇବାବାଙ୍କୁ ପୂଜା କରି ଭକ୍ତିରେ ଲୀନ ଥିବା ଦେଖିବାକୁ ମିଳିଛନ୍ତି । ଶିଳ୍ପାଙ୍କ ସହିତ ସ୍ୱାମୀ ରାଜ କୁନ୍ଦ୍ରା, ଝିଅ ଏବଂ ମା' ମଧ୍ୟ ନଜର ଆସିଛନ୍ତି । ଅଭିନେତ୍ରୀ ଫଟୋ ସେୟାର କରି ଲେଖିଛନ୍ତି, 'ଶାନ୍ତି, ଆଶୀର୍ବାଦ ଏବଂ ସୁରକ୍ଷାରେ... ଓମ ସାଇ ରାମ' । ଫଟୋ ଦେଖିବା ପରେ ଫ୍ୟାନ୍ସ ବହୁତ ଭଲ ପାଉଛନ୍ତି । ଫଟୋରେ ଶିଳ୍ପା ସେଟ୍ଟୀ ଟ୍ରାଡିସନାଲ ଲୁକରେ ଦେଖିବାକୁ ମିଳିଛନ୍ତି । ପିଙ୍କ କଲରର ସୁଟ୍ ପିନ୍ଧିଥିବା ବେଳେ ଲାଇଟ୍ ମେକଅପ୍ କରିଛନ୍ତି । ସେହିପରି ରାଜ କୁନ୍ଦ୍ରା ହଳଦିଆ ରଙ୍ଗର କୁର୍ତ୍ତା ପିନ୍ଧିଥିଲେ । ରାଜ କୁନ୍ଦ୍ରା କୁନି ଝିଅକୁ ଧରିଥିବା ନଜର ଆସିଛନ୍ତି । ଫଟୋରେ ୩ ଜଣ ଯାକ ସାଇବାବାଙ୍କ ଆଶୀର୍ବାଦ ନେବା ସହିତ ପ୍ରସାଦ ଚଢ଼ାଉଥିବାର ନଜର ଆସିଛନ୍ତି ।



# ପୁଣି ମେ' ୯ରେ ରିଲିଜ ହେବ ଦୀପିକାଙ୍କ 'ପିକୁ'

ବଲିଉଡ କଳାକାର ଦୀପିକା ପାଦୁକୋନ, ଇରଫାନ ଖାନ ଏବଂ ଅମିତାଭ ବଚ୍ଚନଙ୍କ ଚମତ୍କାର ଫିଲ୍ମ 'ପିକୁ' ରିଲିଜ୍ ହେବାର ୧୦ବର୍ଷ ପୂରଣ ହେବାକୁ ଯାଉଛି । ଏହି ଅବସରରେ ଫିଲ୍ମଟି ପୁଣି ଥରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି । ଦୀପିକା ପାଦୁକୋନ ନିଜେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫିଲ୍ମର ପୁନଃ ରିଲିଜ୍ ନେଇ ଘୋଷଣା କରିଛନ୍ତି । ଏହି ଘୋଷଣା ସହିତ, ଅଭିନେତ୍ରୀ ଦିବଂଗତ ଅଭିନେତା ଇରଫାନ ଖାନଙ୍କୁ ମନେ ପକାଇ ଭାବପ୍ରବଣ ହୋଇଥିବା ଦେଖାଯାଇଛି । ଦୀପିକା ପାଦୁକୋନ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରି ପିକୁର ପୁନଃ ମୁକ୍ତିଲାଭ ଘୋଷଣା କରିଛନ୍ତି । ଏହି ଭିଡିଓରେ, ଅଭିନେତ୍ରୀ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସହ ନଜର ଆସିଛନ୍ତି । ଏହି ସମୟରେ, ବିଗ୍ ବି 'ପିକୁ'ରେ ତାଙ୍କ ଚରିତ୍ର ଭାସ୍କରଙ୍କ ଯାତ୍ରା ବିଷୟରେ କଥା ହେଉଥିବାର ଦେଖାଯାଉଛି । ଏହା ପରେ, ଭିଡିଓରେ ଫିଲ୍ମର କିଛି ଦୃଶ୍ୟ ସେୟାର କରାଯାଇଛି । ଏହି ଭିଡିଓ ସହିତ ଦୀପିକା କ୍ୟାପସନରେ ଲେଖିଛନ୍ତି, 'ଏକ ଫିଲ୍ମ ଯାହା ସବୁବେଳେ ମୋ ହୃଦୟରେ ରହିବ । ପିକୁ ମେ' ୯, ୨୦୨୫ରେ ଏହାର ୧୦ତମ ବାର୍ଷିକୀ ପାଳନ କରିବା ପାଇଁ ସିନେମା ହଲକୁ ଫେରିବ । ଇରଫାନ, ଆମେ ତୁମକୁ ମନେ ପକାଉଛୁ ! ଏବଂ ପ୍ରତ୍ୟେକ ଥର ତୁମ ବିଷୟରେ ଭାବୁଛୁ ।'




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବିଶ (୧୧ସାହି) ମଳିକ ସମାଜର ୩ ଦିନ ଧରି କୁଲେଇ ଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତବର୍ଷ ପରି ଚଳିତ ବର୍ଷ ୧୮ରୁ ୨୦ ତାରିଖ ତିନିଦିନ ଧରି ବ୍ଲକର ଗେଙ୍ଗୁଟିଆ ପଞ୍ଚାୟତ ଅଧିନସ୍ଥ କୁଲେଇ ସାତ ଘରିଆ ଠାରେ ବୈଠକ ଅନୁଷ୍ଠିତ କରାଯାଇ ସମାଜର ଅଗ୍ରଗତି, ପରସ୍ପର ସୁସମ୍ପର୍କ ରଖିବା, ବିପଦ ଆପଦରେ ସହାୟକ ହେବା, ସମାଜର ନୀତି ନିୟମ ଅନୁସାରେ ପ୍ରତ୍ୟେକ କାର୍ଯ୍ୟ ସଠିକ୍ ଭାବେ ପରିଚାଳିତ କରିବା ଆଦି ଅନ୍ୟ କେତେକ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ। ଅନୁଷ୍ଠିତ ବୈଠକରେ ହେଡ ବେହେରା ଗଣେଶ ମଳିକ, ସମାଜର ସଭାପତି ଜଗନ୍ନାଥ ମଳିକ, ସମ୍ପାଦକ ପ୍ରଭାତ ମଳିକ, ଅସ୍ଥାୟୀ ସଭାପତି ଅଚ୍ୟୁତାନନ୍ଦ ମଳିକ, ଉପଦେଷ୍ଟା ସଦସ୍ୟ କାଳନ୍ଦୀ ଚରଣ ମଳିକ, ସନିଆ ମଳିକ, ଦିଲ୍ଲୀପ ମଳିକ, ଭରତ ମଳିକ, ନାଥ ମଳିକ, ରାମ ମଳିକ, ମାର୍କଣ୍ଡ ମଳିକ, ସୁବାସ ମଳିକ, ବାଉରୀ ମଳିକ, ଦୀନବନ୍ଧୁ ମଳିକ, ମକୁନ୍ଦ ମଳିକ, ବିଦେଶୀ ମଳିକ, ମଧୁ ମଳିକ, ବୁଦ୍ଧିଆ ମଳିକ, ସୁଶାନ୍ତ ମଳିକ, ଯତୀନ ମଳିକଙ୍କ ସମେତ ସମାଜର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ତିନିଦିନ ଧରି ଚାଲିଥିବା ବୈଠକରେ ଭାବ ଆଦାନ ପ୍ରଦାନ କରି ବୈଠକ ସମାପନ କରିଥିଲେ।

## ଜେଇଇ ମେନ୍ ପରୀକ୍ଷାରେ ୨ଛାତ୍ର କୃତକାର୍ଯ୍ୟ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗରୁ ୨ଜଣ ଛାତ୍ର ସର୍ବଭାରତୀୟ ଜେଇମେନ-୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ର ସୌମ୍ୟରଂଜନ ମହାନ୍ତି ୯୪.୧୮ ପ୍ରତିଶତ ଓ ପୀୟୁଷ କୁମାର କର ୮୫.୮ ପ୍ରତିଶତ ନମ୍ବର ରଖି ଏହି ସଫଳତା ପାଇଛନ୍ତି। ବାହାବଳପୁର ଗ୍ରାମର ଅରୁଣ କୁମାର ମହାନ୍ତି ଓ ସ୍ମିତାରାଣୀ ମହାନ୍ତିଙ୍କ ପୁତ୍ର ସୌମ୍ୟ ରଂଜନ ହୋଇଥିବା ବେଳେ ପୀରହାଟ କରସାହି ଗ୍ରାମର ସ୍ୱର୍ଗତ ସରୋଜ କୁମାର କର ଓ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ପୁଅ ପୀୟୁଷ ବୋଲି ଜଣା ପଡ଼ିଛି। ସୌମ୍ୟରଂଜନ ଭବିଷ୍ୟତରେ ପଦାର୍ଥବିଜ୍ଞାନ ଓ ପୀୟୁଷ କମ୍ପ୍ୟୁଟର ବିଜ୍ଞାନରେ ଉଚ୍ଚଶିକ୍ଷା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସଫଳତା ପରେ କଲେଜର ଅଧକ୍ଷ




ଦୀନବନ୍ଧୁ ଗାହାଣ ଏବଂ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନେ ଛାତ୍ର ଦୁଇଜଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର କାମନା କରିଛନ୍ତି।

# ବିଦ୍ୟାଳୟ ପରିସରରେ ବିପଦସଙ୍କୁଳ ଗୃହ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧିନରେ ଥିବା ବିଷମପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ଗୃହ ଦୀର୍ଘ ଦିନ ହେଲା ରହିଛି। ଏହି ଗୃହ କୋମଳମତୀ ଛାତ୍ର ଛାତ୍ରୀ ସର୍ବୋପରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଜୀବନପ୍ରତି ବିପଦର ଆଶଙ୍କା ସୃଷ୍ଟି କରିଛି। ଏହି ଗୃହକୁ ଭଙ୍ଗାଯିବା ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶପାଇଛି। ଜମରା ଗ୍ରାମପଂଚାୟତ ବିଷମପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗତ ୧୯୬୩ମସିହାରେ ସ୍ଥାପନ କରାଯାଇ ଥିଲା। ଏହି ବିଦ୍ୟାଳୟରେ ୫ଟି ଶ୍ରେଣୀ ରହିଛି। ୫ଟି ଶ୍ରେଣୀରେ ୩୦ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଏହି ୫ଟି ଶ୍ରେଣୀ ନିମନ୍ତେ ମାତ୍ର ଗୋଟିଏ ଶ୍ରେଣୀ କକ୍ଷ ରହିଛି। ୫ଟି ଶ୍ରେଣୀ ନିମନ୍ତେ ୨ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ତେବେ ଶ୍ରେଣୀଗୃହ ଅଭାବ ଜନିତ କାରଣରୁ ଶିକ୍ଷୟିତ୍ରୀ ଦ୍ୱୟ ଶିକ୍ଷା ପ୍ରଦାନରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ବିଦ୍ୟାଳୟ ପରିସରରେ ୨ଟି ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି। ବିଦ୍ୟାଳୟ ପରିସରରେ ଦୀର୍ଘ ବର୍ଷ ହେଲା ବିପଦ ସଙ୍କୁଳ ଅବସ୍ଥାରେ ଏକ ଜରାଜୀର୍ଣ୍ଣ ଗୃହ ରହିଛି। ଏହି ଗୃହର କାନ୍ଥ ଓ ଛାତ ଫାଟି ଯାଇଛି। ଗୃହରୁ ବହୁ ସମୟରେ ଦଲା ଦଲା ସିମେଂଟ ଗୋଡି ପଡୁଥିବାର ଅଭିଯୋଗ ହୋଇଛି। ଏପରିକି ଏକାଧିକବାର ଛାତ୍ର ଛାତ୍ରୀଙ୍କ ଉପରେ ଏହା ପଡିଥିବାର ନଜିର ରହିଛି। ଅପରପକ୍ଷରେ ଏହି ଗୃହରେ ବିରାଟ ବିରାଟ ବରଗଛ ସୃଷ୍ଟି ହୋଇଛି। ଏହି ଗୃହ ଓ କାନ୍ଥରେ ବିଷାକ୍ତ ସାପ ରହୁଥିବାର ଅଭିଯୋଗ ହୋଇଛି। ଏହି ବିପଦ ସଙ୍କୁଳ ଗୃହକୁ ଭାଙ୍ଗିବା ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରାଯାଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିପଦ ସଙ୍କୁଳ ଗୃହକୁ ଭଙ୍ଗାଯିବା ନିମନ୍ତେ ଅଭିଭାବକ ମହଲରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଅଭିଭାବକମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଲବଣ ସତ୍ୟାଗ୍ରହ ପୀଠର ସମାରୋହ ପାଇଁ ପ୍ରସ୍ତୁତି ବୈଠକ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ କୁହୁଡି ଠାରେ ଆସନ୍ତା ମେ ୨୧ ତାରିଖ ଦିନ ପାଳିତ ହେବାକୁ ଥିବା '୯୫ ତମ' ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ କୁହୁଡି ସ୍ଥିତ ଲବଣ ସତ୍ୟାଗ୍ରହ ସ୍ୱାମୀ ଜି ପୂର୍ଣ୍ଣାନନ୍ଦ ସ୍ମୃତି ବିଦ୍ୟାପୀଠ ଠାରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ସମାରୋହରେ ପ୍ରତ୍ୟୁଷରୁ ପ୍ରଭାତ ଫେରି, ଗଣ ଦୌଡ଼, ସ୍ମୃତିସ୍ତମ୍ଭ ନିକଟରେ ଶ୍ରଦ୍ଧା ସୁମନ ଅର୍ପଣ, ବନ୍ଦେ ମାତରଂ, ବନ୍ଦେ ଉତ୍କଳ ଜନନୀ ଗାନ, ବିଶେଷ ବ୍ୟକ୍ତି ଓ ସ୍ୱାଧୀନତା ସଂଗ୍ରାମୀ ଦାୟଦମାନଙ୍କୁ ସମ୍ବର୍ଦ୍ଧନା, ସ୍ମରଣିକା ଉନ୍ମୋଚନ, ଆଲୋଚନା ଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ମହାସମାରୋହରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ଉପଦେଷ୍ଟା ମହେଶ୍ୱର ନାୟକ, ପ୍ରମୋଦ କୁମାର ନାୟକ, ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ, ଭୋଳାନାଥ ସ୍ୱାଇଁ, ଅର୍ଜୁନ ମଲ୍ଲିକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଶଙ୍କର ମିଶ୍ର, କ୍ଷେତ୍ରବାସୀ ଦାସ, ଗୋବିନ୍ଦ ସ୍ୱାଇଁ, ସତ୍ୟବ୍ରତ ଲେଙ୍କା, କ୍ଷୀରୋଦ ମହାନ୍ତି, ବନବିହାରୀ ଗ୍ରହାଚାର୍ଯ୍ୟ, ଶ୍ରୀଧର ନାୟକ, ଦେବ ନାୟକ, ହେମନ୍ତ ମଲ୍ଲ, ପବିତ୍ର ସ୍ୱାଇଁ, ରବୀନ୍ଦ୍ର ମହାନ୍ତି ହରିହର ସ୍ୱାଇଁ, ବାଇଧର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୂର୍ବତନ ସରପଞ୍ଚ ବସନ୍ତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ପଞ୍ଚାୟତର ପୂର୍ବତନ ସରପଞ୍ଚ, ବିଏନଏମଏ କଲେଜର ପ୍ରତିଷ୍ଠାତା ସଦସ୍ୟ, ଓଡ଼ିଶା ରାଜ୍ୟ ନାରୀକେଳ ନିଗମର ପୂର୍ବତନ ଅଧକ୍ଷ, ବିରଞ୍ଚି ନାରାୟଣ ମନ୍ଦିର ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟୀ ସ୍ୱର୍ଗତ ବସନ୍ତ କୁମାର ନାୟକଙ୍କୁ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରବିବାର ପୂର୍ବାହ୍ନ ସ୍ୱର୍ଗତ ନାୟକଙ୍କ ବାସଭବନ ପାଳିଆ ଗ୍ରାମରେ ଅଧାପକ ଡ. ବିଶ୍ୱରଂଜନ ଦାସଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ଭରତ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ପବିତ୍ର ପାଣିଗ୍ରାହୀ, ତିହିଡ଼ି ଲେଖକ ସାମ୍ମୁଖ୍ୟ ସଭାପତି ଭଗବାନ ଚନ୍ଦ୍ର ନାୟକ, ପୂର୍ବତନ ଚାନ୍ଦବାଲି ବ୍ଲକ ଅଧକ୍ଷ ପ୍ରତାପ ଧଳ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ସାମ୍ବାଦିକ ରାମନାରାୟଣ ନାୟକ, ରାଜ୍ୟ ବିଜେଡି ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଡ. ବ୍ୟୋମକେଶ ରାୟ, ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ବିଜେଡି ନେତା ଡା. ସଂଜୟ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ସ୍ୱାଧୀନତା ସଂଗ୍ରାମୀ ବୈଲୋଚନ ଜେନା, ସରପଞ୍ଚ ଯଶୋଦା ମଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲେଇ, ବିଜେଡି ନେତା ସୁରେନ୍ଦ୍ର ନାୟକ, ହରେକୃଷ୍ଣ ଜେନା, ହରିହର ମଲିକ, ନରହରି ନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବସନ୍ତ ନାୟକ ଜଣେ ସାହିତ୍ୟ ଓ ସଂସ୍କୃତି ସମ୍ପନ୍ନ ମଣିଷ ଥିଲେ ବୋଲି କହିଥିଲେ। ଶିକ୍ଷାବିତ୍ ଅଶ୍ୱିନି ମହାନ୍ତି ରାମଧୁନ କରିଥିବା ବେଳେ ପ୍ରବଚିକା ବିଶ୍ୱମୈତ୍ରୀ ନାୟକ ବେଦପାଠ କରିଥିଲେ। ସ୍ୱର୍ଗତ ନାୟକ ସୁପୁତ୍ର ଗୌତମ ନାୟକ କୃତଜ୍ଞତା ଜ୍ଞାପନ କରିଥିଲେ। ପୁତ୍ର ସୁଧନବା ନାୟକ, ଶାନ୍ତନୁ ନାୟକ, ପୂର୍ବତନ ସରପଞ୍ଚ ଅର୍ଚ୍ଚନା ନାୟକ, ଦୀପ୍ତିରେଖା ନାୟକ, ନିବେଦିତା ନାୟକ, ଅରବିନ୍ଦ ମଲ୍ଲିକ, ବିଶ୍ୱରଂଜନ ନାୟକ, ପ୍ରଶାନ୍ତ ପଲେଇ, ଭରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ କନଭେନସନ୍ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ କନଭେନସନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ବାସ ଭବନରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତମାସ ୨୯ତାରିଖ ପୂର୍ବାହ୍ନ ୧୦ଟାରେ କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ସିଟୁ କାର୍ଯ୍ୟାଳୟରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ କନଭେନସନ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ୪ଟି ଶ୍ରମକୋର୍ଡର ପ୍ରତ୍ୟାହାର ଓ ଶ୍ରମିକ କଲ୍ୟାଣ ବୋର୍ଡର ରାଜନୀତିକରଣ ପ୍ରତିବାଦରେ ଆଗାମୀ ମଇ ମାସ ୨୦ତାରିଖରେ ଧର୍ମଘଟ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରଥମେ କମ୍ରେଡ ଦିବାକର ନାୟକଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସିଟୁର ଜଗତଜୀବନ ଦାଶ, ଆଇଏନ୍‌ଟିୟୁସିର ବାବାଜୀ ଧଳ, ଶ୍ରମିକ ନେତା ଫକୀର ଚରଣ ଖଟୁଆ, ବସନ୍ତ କୁମାର ସେଠୀ, ବସନ୍ତ ମଲ୍ଲିକ, ଏଲିନା ସାମନ୍ତରାୟ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ଶ୍ରମିକ ନେତା ମାଧବ ଦାସ, ଆଇଏନଟିୟୁସି ସଂଯୋଜକ ପ୍ରକାଶ ଚନ୍ଦ୍ର ମହାନ୍ତି, ଆଶା ଓ ଅଙ୍ଗନୱାଡ଼ି ସଂଘ ନେତ୍ରୀ ସୋହାନା ବେଗମ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଢେଙ୍କାନାଳ ଯୋଗ ଜିଲ୍ଲାର ବାର୍ଷିକ ଉତ୍ସବ ପାଳିତ



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଭାରତୀୟ ଯୋଗ ସଂସ୍ଥାନର ସ୍ଥାପନା ଦିବସ ଓ ଢେଙ୍କାନାଳ ଯୋଗ ଜିଲ୍ଲାର ବାର୍ଷିକ ଉତ୍ସବ ଜିଲ୍ଲା ମୁଖ୍ୟ ଷ୍ଟାଡିୟମ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗଞ୍ଜାମ ଯୋଗ ଜିଲ୍ଲାର ଉପଦେଷ୍ଟା ଗଣେଷ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁ ଯୁଗରେ କିପରି ଯୋଗକୁ ପ୍ରାଧାନ୍ୟ ଦିଆଯାଇଥିଲା ସମସ୍ତ ଯୋଗାର୍ଥୀଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଏଥିରେ ଢେଙ୍କାନାଳ ଯୋଗ ଜିଲ୍ଲାର ଜିଲ୍ଲା ପ୍ରଧାନ, ଉପ ପ୍ରଧାନ, ଜିଲ୍ଲା ମନ୍ତ୍ରୀ, କ୍ଷେତ୍ର ପ୍ରଧାନ, ମନ୍ତ୍ରୀ ସଂଗଠନ ମନ୍ତ୍ରୀ, କେନ୍ଦ୍ର ପ୍ରମୁଖ, ଉପପ୍ରମୁଖ ଓ ଶତାଧିକ ସାଧକ ସାଧିକା ଉପସ୍ଥିତ ଓମ୍‌କାର ଧ୍ୱନି, ଗାୟତ୍ରୀ ମନ୍ତ୍ର, ଆସନ ପ୍ରାଣାୟମ, ଧ୍ୟାନ କରାଯାଇ ସଂଗୀତ ଗାନ କରାଯାଇଥିଲା। ଏହି ସମାରୋହକୁ ଅତି ଧୁମ୍‌ଧାମ୍‌ରେ ପାଳନ କରାଯାଇ ଶାନ୍ତି ପାଠ କରାଯାଇ ଶେଷ କରାଯାଇଥିଲା।

## ଡ. ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗ୍ରାମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ଡଃ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଡଃ ଦେବେନ୍ଦ୍ର ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନାଲମ ଗ୍ରାମ ପୁରୁଣା ସାହି କୋଠଘର ଠାରେ ରବିବାର ଆୟୋଜିତ ଶିବିରରେ ସ୍ୱର୍ଗତଃ ଦେବେନ୍ଦ୍ର ପ୍ରଧାନଙ୍କ ସହଧର୍ମିଣୀ ବସନ୍ତ ମଞ୍ଜରୀ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପରେ ଅନୁଗୋଳ ରକ୍ତ ଭଣ୍ଡାର କର୍ମଚାରୀ ଙ୍କ ଦ୍ୱାରା ୯୦ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା। ଉକ୍ତ ଶିବିରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କ ସହଧର୍ମିଣୀ ମୃଦୂଳା ଠାକୁର, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, ପାଳଲହଡ଼ା ବିଧାୟକ ଆଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଉତ୍ସାହିତ କରିଥିଲେ। ଉକ୍ତ ଶିବିରକୁ ସୌମେନ୍ଦ୍ର ପ୍ରଧାନ ଓ ବିକାଶ ପ୍ରଧାନ ସଂଯୋଜନା କରିଥିଲେ।

# ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ



ବେତନଟୀ, (ଭାସ୍କର ନ୍ୟୁଜ): ଯୁବତୀଙ୍କୁ ବିବାହର ପ୍ରତିଶୃତି ଦେଇ ବାରମ୍ବାର ଦୁଷ୍କର୍ମ କରିବା ତଥା ଚଞ୍ଚକତା ପୂର୍ବକ ଗର୍ଭପାତ କରାଇବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଉଛି ବାରମାଇଲ ସ୍ଥିତ କଲରାଫୁଲିଆ ଗ୍ରାମର ବାପି ଓରଫ ମାଧବେନ୍ଦୁ ବେହେରା। ସୂଚନା ମୁତାବକ ଏତଲାକାରିଣୀ ବାରିପଦା ଅଞ୍ଚଳର ପୀଡିତା ଯୁବତୀଙ୍କ ଅଭିଯୋଗ ମୁତାବକ ମନସା ପୂଜା କରିବାକୁ ଯାଇଥିବା ସମୟରେ ବାପିଙ୍କ ସହିତ ପରିଚୟ ହୋଇଥିଲା। ବାପି ଯୁବତୀଙ୍କୁ ପ୍ରେମ ନିବେଦନ କରିବା ସହିତ ବିବାହର ପ୍ରତିଶୃତି ମଧ୍ୟ ଦେଇଥିଲା। ଏପରିକି ବାପି ନିଜର ମା, ଭଉଣୀ, ଭିଣୋଇ ଏବଂ ପରିବାର ବର୍ଗଙ୍କ ସହିତ ଚିହ୍ନା ପରିଚୟ କରାଇ ବିବାହ କରିବ ବୋଲି ମଧ୍ୟ କହିଥିଲା। ଇତି ମଧ୍ୟରେ ଯୁବତୀଙ୍କ ଠାରୁ ଅନଲାଇନ ଓ ହାତାହାତି ପର୍ଯ୍ୟାୟକ୍ରମେ ପାଖାପାଖି ପାଞ୍ଚଲକ୍ଷ ଟଙ୍କା ନେଇଥିବା ବେଳେ ବାରିପଦାର ଏକ ବ୍ୟାଙ୍କରୁ ବାପି ନେଇଥିବା ୮ଲକ୍ଷ ଟଙ୍କାର ଋଣ କାରବାରରେ ପୀଡିତା ଯୁବତୀ ଗ୍ୟାରେଣ୍ଟର ମଧ୍ୟ ରହିଛନ୍ତି। ଇତି ମଧ୍ୟରେ ଉଭୟ ଅଭିଯୁକ୍ତ ଓ ପୀଡିତା ପରସ୍ପରଙ୍କ ଘରକୁ ଯିବା ଆସିବା କରିବାରେ ଲାଗିଥିଲେ। ବାପି ଯୁବତୀଙ୍କୁ ପୁରୀ ନେଇ ଜଗନ୍ନାଥଙ୍କ ସମ୍ମୁଖରେ ବିବାହ କଲା ବୋଲି କହି ହୋଟେଲରେ ଦୁଷ୍କର୍ମ କରିଥିଲା। ବିବାହ ପାଇଁ ପୀଡିତା ଜିଦ ଧରୁଥିବା ବେଳେ ବିବାହ ହୋଇସାରିଛି କହି ପୀଡିତାଙ୍କ ଇଚ୍ଛା ବିରୁଦ୍ଧରେ ବାରମ୍ବାର ଦୁଷ୍କର୍ମ କରି ଗର୍ଭବତୀ ମଧ୍ୟ କରିଦେଇଥିଲା। ଏହା ପରେ ଚଞ୍ଚକତା କରି ଗର୍ଭପାତ ମଧ୍ୟ କରିଥିବା ନେଇ ପୀଡିତା ଜଣକ ଏତଲାରେ ଦର୍ଶାଇଛନ୍ତି। ଏନେଇ ପୀଡ଼ିତାଙ୍କ ଏତଲା କ୍ରମେ ବେତନଟୀ ପୁଲିସ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆଠମଲ୍ଲିକ ବିଜେପିର କର୍ମୀ ସମ୍ମିଳନୀ

ଆଠମଲ୍ଲିକ, (ଭାସ୍କର ନ୍ୟୁଜ): ଆଜି ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ରେ ବିଜେପି ଦଳର ସକ୍ରିୟ ସଦସ୍ୟ ମାନଙ୍କୁ ନେଇ ଶନିବାର ଅପରାହ୍ନରେ ଆଠମଲ୍ଲିକ କଲ୍ୟାଣୀ ମଣ୍ଡପ ଠାରେ ସକ୍ରିୟ ସଦସ୍ୟଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କୁ ଆଠମଲ୍ଲିକ ବିଜେପି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ,ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର୍ ପ୍ରଧାନ, ଅମିୟ ତ୍ରିପାଠୀ, ଚୌଧୁରୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣ କରି ଯୋଜନା ଗୁଡିକ ଘରେ ଘରେ ପହଞ୍ଚାଇବା ପାଇଁ ସକ୍ରିୟ ସଦସ୍ୟ ମାନଙ୍କୁ ଉକ୍ତ ସମ୍ମିଳନୀ ରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ୍ ଗଡନାୟକ୍, ସମ୍ବଲପୁର ସାଂସଦଙ୍କ ଏନ୍.ଏସି ପ୍ରତିନିଧି ସନ୍ତୋଷ କୁମାର ହୋତା, ସରୋଜ ସାହୁ, ପ୍ରଦୀପ ପ୍ରଧାନ, ବିଶ୍ୱଜିତ୍ ମିଶ୍ର, ଅର୍ଜୁନ ସାହୁ, ପରେଶ୍ ଚନ୍ଦ୍ର ଦେଓ, ଚିତ୍ତରଞ୍ଜନ ମେହେର, ପ୍ରକାଶ ଡାଙ୍ଗ, ଅଲେଖ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭବାନୀ ପ୍ରସାଦ ଜ୍ୟୋତିଷରାଏ ମଞ୍ଚ ପରିଚାଳନା କରିଥିବା ବେଳେ ନିର୍ବାଚନ ମଣ୍ଡଳୀର ସଂଯୋଜକ ଅଲେଖ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରିଶେଷରେ ରାତିରେ କେନ୍ଦମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ବାଲାଙ୍ଗୀର ବିଭିନ୍ନ ପ୍ରକଳ୍ପ ଉଦଘାଟନ କାର୍ଯ୍ୟକ୍ରମରୁ ତାଳଚେର ଫେରିବା ବାଟରେ ଆଠମଲ୍ଲିକ ବ୍ଲକର କିଆକଟା, କନ୍ଧପଡା, ମାଧପୁର, ଆଠମଲ୍ଲିକରେ ବ୍ଲକର ସମସ୍ତ କର୍ମୀଙ୍କୁ ଭେଟି କର୍ମୀମାନଙ୍କ ସୁବିଧା ଅସୁବିଧା ବୁଝିଥିଲେ ଏବଂ ଆସନ୍ତା ମେ ମାସରେ ଆଠମଲ୍ଲିକ ଗସ୍ତ ରେ ଆସି ସ୍ଥନୀୟ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

## ବେକରେ ରସି ଦେଇ ଯୁବତୀଙ୍କ ଆତ୍ମହତ୍ୟା

ଲହୁଣୀପଡା, (ଭାସ୍କର ନ୍ୟୁଜ): ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ବନ୍ଧବେର୍ଣା ଗ୍ରାମର ମଧୁ କୁଅଁରଙ୍କ ଝିଅ ପ୍ରିୟଙ୍କା କୁଅଁର (୧୯) ନିକଟସ୍ଥ ରାଇକଳା ପୋଷ ଗ୍ରାମର ରାଜେନ୍ଦ୍ର ନାଏକ ସହିତ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରହିଥିଲା। ଗତ ଡିସେମ୍ବର ୫ ତାରିଖ ଦିନ ସେମାନେ କୋର୍ଟ ମ୍ୟାରେଜ କରି ଘରକୁ ଆସିଥିଲେ। କିନ୍ତୁ ରାଜେନ୍ଦ୍ରର ପରିବାର ଲୋକ କୋର୍ଟ ମ୍ୟାରେଜକୁ ବିଶ୍ୱାସ କରି ନ ଥିଲେ କି ତାଙ୍କୁ ବୋହୂ ରୂପରେ ମଧ୍ୟ ସ୍ୱୀକାର କରି ନଥିଲେ। ଫଳରେ ରାଜେନ୍ଦ୍ର ନାଏକ ଓ ପ୍ରିୟଙ୍କା କୁଅଁର କାମ କରିବା ପାଇଁ ବାଙ୍ଗାଲୁରୁ ପଳାଇ ଯାଇଥିଲେ। ପ୍ରିୟଙ୍କା କୁଅଁର ଯୁକ୍ତଦୁଇ ଶ୍ରେଣୀରେ ପାଠ ପଢୁ ଥିବାରୁ ପରୀକ୍ଷା ଦେବା ପାଇଁ ଘରକୁ ଆସିଥିଲେ। ରବିବାର ଦିନ ଘରେ କେହି ନଥିବାର ସୁଯୋଗ ନେଇ ପ୍ରିୟଙ୍କା ଘର ଭିତରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଦେଇଛି। କୋର୍ଟମ୍ୟାରେଜ କରିଲା ପରେ ମଧ୍ୟ ରାଜେନ୍ଦ୍ର ଘର ପରିବାର ଲୋକ ସ୍ୱୀକାର ନ କରିବାରୁ ଲଜ୍ୟା ଓ ମାନସିକ ଯନ୍ତ୍ରଣା ସହି ନ ପାରି ମୋ ଝିଅ ପ୍ରିୟଙ୍କା ଆତ୍ମହତ୍ୟା କରି ଦେଇଛି ବୋଲି ପ୍ରିୟଙ୍କାର ମା' ଉମା କୁଅଁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଖବରପାଇ ଲହୁଣୀପଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବଣେଇ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସରେ ରଖାଯାଇଛି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।

## ପ୍ରଧାନଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ମଞ୍ଜୁରୀରୋଡ ନିକଟ ଦେଓପଦା କୌଶଲ୍ୟା ରାଉତ ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ସାହୁ ଓ ଶିକ୍ଷା କର୍ମଚାରୀ ଶ୍ରୀଧର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ରବିବାର ପ୍ରଦାନ କରାଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ସୁଦର୍ଶନ ସେଠୀ, ସମୀର କୁମାର ଚୌଧୁରୀ, ଭଗବାନ ପ୍ରଧାନ, କୈଳାସ ଚନ୍ଦ୍ର ଯେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବଳ ଚରଣ ପତ୍ରୀ, ଓଷ୍ଟା ବ୍ଲକ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଡଃ ଶଶଧର ସାହୁ, ଦେବେନ୍ଦ୍ର କୁମାର ଜେନା, ମଧୁସୂଦନ ମହାନ୍ତି, ଅରୁଣ କୁମାର ବେହୁରିଆ, ଶିକ୍ଷା ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ବାରିକ, ଶିକ୍ଷାବିତ ହରିହର ପ୍ରସାଦ ରାଉତ, ବିଶ୍ୱନାଥ ସାହୁ, ଅକ୍ଷୟ କୁମାର ମହାପାତ୍ର, ସରୋଜ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଓ ଶିକ୍ଷା କର୍ମଚାରୀ ଶ୍ରୀ ବାରିକଙ୍କ ଆଦର୍ଶ ଗୁଣାବଳୀର ଆଲୋକପାତ କରିବା ସହ ସେମାନଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀ ମାଧ୍ୟମିକ ପ୍ରଧାନଶିକ୍ଷକ ସଂଘ, ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭ ଉତ୍ସବକୁ ଶ୍ରୀ ଦାଶ ଓ ସରୋଜିନି ସାହୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସାହୁ ସ୍ୱାଗତ ଭାଷଣ, ସୁଷମାରାଣୀ ସେନାପତି ଅତିଥି ପରିଚୟ ଓ ମନୋରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଶାନ୍ତ ତରାଇଙ୍କୁ ବିପନ୍ନବନ୍ଧୁ ରତ୍ନ ସମ୍ମାନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଅରୋହିକଣା ଗ୍ରାମର ସମାଜସେବୀ ସୁଶାନ୍ତ କୁମାର ତରାଇଙ୍କୁ କଳିଙ୍ଗ ସଡକ ବିପନ୍ନ ବନ୍ଧୁ ରତ୍ନ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ରାଷ୍ଟ୍ରୀୟ ପୂଜ୍ୟପୂଜା ପରିଷଦ, କଟକ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ସଭାପତି ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ପୋଲିସ ଆଇ.ଜି. ରାଜକିଶୋର ଦାଶ ମୁଖ୍ୟଅତିଥି, ବିଶିଷ୍ଟ ସାରସ୍ୱତ ସାଧକ ଡ. ବାବାଜୀ ଚରଣ ପଟ୍ଟନାୟକ ବରେଣ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ସଂସଦର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ପ୍ରମୁଖ



ଯୋଗଦେଇ ସମାଜସେବୀ ତରାଇଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ କଳିଙ୍ଗ ସଡକ ବିପନ୍ନ ବନ୍ଧୁ ରତ୍ନ ସମ୍ମାନ-୨୦୨୫ ରେ ସମ୍ମାନିତ କରିଥିଲେ। ଏହି ସମ୍ମାନ ପାଇବା ପରେ ତରାଇଙ୍କୁ ବିଭିନ୍ନ ସ୍ଥାନରୁ ପ୍ରଶଂସାର ସୁଅ ଛୁଟିଛି।

# ବେତନଟୀରେ ମାଗଣା ସ୍ୱାସ୍ଥ୍ୟ ଶିବିର



ବେତନଟୀ, (ଭାସ୍କର ନ୍ୟୁଜ): ଆସ୍ଥା ସ୍ୱାସ୍ଥ୍ୟ ଓ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ମୟୂରଭଞ୍ଜ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଏସୋସିଏସନର ମିଳିତ ସହଯୋଗରେ ବେତନଟୀ ଠାରେ ସ୍ନାୟୁ ଓ ମାନସିକ ରୋଗ ସମ୍ପର୍କୀତ ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଆଜି ଉଦଘାଟନ କଲେ ବିଧାୟକ ସନାତନ ବିଜୁଳି। ମଣ୍ଡଳ ସଭାପତି ଜୀବନ କୁମାର ପରିଡାଙ୍କ ସଂଯୋଜନାରେ ଆୟୋଜିତ ମାଗଣା ସ୍ୱାସ୍ଥ୍ୟଶିବିରରେ ସ୍ନାୟୁରୋଗ ବିଶେଷଜ୍ଞ ଡ. ପ୍ରଦୀପ ନାୟକ, ଡ. ଚୂନୁରାମ ସୋରେନ, ଡ.ରଶ୍ମିତା ବେହେରା ଓ ପୂର୍ବତନ ବିଧାୟକ ଡ. ବୁଢାନ ମୁର୍ମୁ ପ୍ରମୁଖ ବିଶେଷଜ୍ଞ ଦଳ ମାନସିକ ରୋଗର ଚିହ୍ନଟ ଓ ଏହାର ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୧୫ ପ୍ରକାର ସ୍ନାୟୁ ଓ ମାନସିକ ରୋଗର ଚିହ୍ନଟ ସାଙ୍ଗକୁ ଏହାର ନିରାକରଣ ନିମନ୍ତେ ମାଗଣାରେ ଔଷଧ ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ଆସ୍ଥା ସ୍ୱାସ୍ଥ୍ୟ ଓ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ସଞ୍ଜୟ କୁମାର ଡଗରା, ବଟକୃଷ୍ଣ ଘୋଷ, ବିକାଶ ଚନ୍ଦ୍ର ମହାନ୍ତଙ୍କ ସମେତ ଅନ୍ୟମାନେ ଯୋଗଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଏସୋସିଏସନ ପକ୍ଷରୁ ସରୋଜ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ଅମୀୟ ମହାପାତ୍ର, ନରେଶ ଅଗ୍ରୱାଲ, ପ୍ରମୋଦ ମହାନ୍ତ, ବସନ୍ତ ମହାନ୍ତଙ୍କ ସମେତ ଏସୋସିଏସନର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସଦସ୍ୟଗଣ ଯୋଗଦେଇ ସ୍ୱାସ୍ଥ୍ୟଶିବିର ପରିଚାଳନାରେ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ୬୨ଜଣ ନିଜର ନାମ ପଞ୍ଜୀକରଣ କରାଇବା ସହିତ ସ୍ନାୟୁ ଓ ମାନସିକ ରୋଗ ସମ୍ପର୍କୀତ ରୋଗ ଚିହ୍ନଟ ସାଙ୍ଗକୁ ଔଷଧ ପ୍ରଦାନ କରାଯାଇଥିଲା। ବିଶେଷଜ୍ଞ ଡାକ୍ତର ଔଷଧ ସେବନ ଏବଂ ରୋଗ ନିରାକରଣ ସମ୍ପର୍କୀତ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ତେବେ ସ୍ନାୟୁ ଓ ମାନସିକ ରୋଗର ଚିକିତ୍ସା ପାଇଁ ସ୍ଥାନୀୟ ଅଞ୍ଚଳବାସୀ କଟକ, ଭୁବନେଶ୍ୱର ନଚେତ ପଡୋଶୀ ଝାଡଖଣ୍ଡର ରାଞ୍ଚି ଉପରେ ନିର୍ଭରଶୀଳ ରହୁଥିବା ବେଳେ ବେତନଟୀରେ ଏଭଳି ସ୍ନାୟୁ ଓ ମାନସିକ ରୋଗ ସମ୍ପର୍କୀତ ମାଗଣା ଚିକିତ୍ସା ଶିବିର ଅଞ୍ଚଳବାସୀଙ୍କ ପାଇଁ ବେଶ ଉପାଦେୟ ସାବ୍ୟସ୍ତ ହୋଇଛି। ଏହି କାର୍ଯ୍ୟକ୍ରମକୁ ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ, ପୂର୍ବତନ ବ୍ଲକ ଉପାଧକ୍ଷା ଅମ୍ବିକା ବାରିକ, ଯୁବ ସଗଠକ ଚନ୍ଦ୍ର ଶେଖର ବେରା, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଜେପିର ସକ୍ରିୟ ସଦସ୍ୟ ସମ୍ମିଳନୀ

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀର ସକ୍ରୀୟ ସଦସ୍ୟ ସମ୍ମିଳନୀ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଆଳି ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ଅନନ୍ତ ରଥଙ୍କ ସଂଯୋଜନାରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ଆଳି ବିଧାନସଭା ନେତା ତଥା ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକାର ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଭକ୍ତବନ୍ଧୁ ମିଶ୍ର, ୧ନଂ ଜୋନ ସଭାପତି ସରୋଜ କର, ୨ନଂ ଜୋନର କଳ୍ପତରୁ ଦାସ, ୩ନଂ ଜୋନର ରତିକାନ୍ତ ମହାନ୍ତି, ୪ନଂ ଜୋନର ତପନ ପରିଡା, ୨୭ନଂ ଜୋନର ଅର୍ଜୁନ ମଲିକ, ୨୮ ନଂ ଜୋନର ପ୍ରକାଶ ଚନ୍ଦ୍ର ନାୟକ, ୨୯ନଂ ଜୋନର ଦିଲ୍ଲୀପ କୁମାର ପରିଡା, ଅନୁସୂଚିତ ଜନଜାତି ଜିଲ୍ଲା ଉପସଭାପତି ପ୍ରବେଶନ ମଲିକ, ବରିଷ୍ଠ ନେତ୍ରୀ ଜିତା ଦାସ, ଶରତ ଜଗଦେବ ଉପସ୍ଥିତ ଥିଲେ। ନିର୍ବାଚନ ସଫଳତା ଓ ସଂଗଠନ ବିସ୍ତାର, ଭାରତୀୟ ରାଜନୀତିରେ ବିଜେପି ଦ୍ୱାରା ଆସିଥିବା ପରିବର୍ତ୍ତନ, ପ୍ରଧାନମନ୍ତ୍ରୀ ରୂପେ ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଦିଗରେ ୧୧ ବର୍ଷର ଯାତ୍ରା ଉପରେ ବକ୍ତା ମାନେ ଆଲୋଚନା କରିଥିଲେ। ପ୍ରତ୍ୟକ ବୁଥରେ କେମିତି ସକ୍ରୀୟ ସଦସ୍ୟ ନିର୍ମାଣ ହେବ ଏବଂ ବିଜେପି ସରକାରଙ୍କ ୧୫୦ରୁ ଉର୍ଦ୍ଧ୍ୱ ଲୋକାଭିମୁଖୀ ଯୋଜନା କିପରି ଲୋକଙ୍କ ପାଖରେ ପହଂଚିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସମ୍ମିଳନିକୁ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା ପରିଚାଳନା କରିଥିବା ବେଳେ ନିର୍ବାଚନ ମଣ୍ଡଳୀ ର ସମସ୍ତ ସକ୍ରୀୟ ସଦସ୍ୟ ଉପସ୍ଥିତ ଥିଲେ।



ନବରଙ୍ଗପୁର, (ଭାସ୍କର ନ୍ୟୁଜ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ସରକାରଙ୍କ ମାନ୍ୟବର କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ଆଭାଶି ମାଧମରେ ନବରଙ୍ଗପୁର ର ଭାମିନୀ ବିଦ୍ୟାଳୟ ଠାରେ ଏଥେଲେଟିକ କ୍ରୀଡା ନିମନ୍ତେ ଖେଳ ଇଣ୍ଡିଆ ସେଣ୍ଟର୍ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ର ପ୍ରତ୍ୟେକ ସେଣ୍ଟର୍ କୁ ପ୍ରତିବର୍ଷ ସରକାର ୫ଲକ୍ଷ ଟଙ୍କାର ଅନୁଦାନ ରାଶି ଦେବେ ବୋଲି ଘୋଷଣା କରିଥିଲେ। ଉକ୍ତ ଅଭାସି ଉଦ୍ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ୍ (ରାଜସ୍ୱ), ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଯଦୁମଣି ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସମୀର କୁମାର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ. ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ ସମେତ ଭାମୀନି ବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀଙ୍କ କର୍ମଚାରୀ ନିରଞ୍ଜନ ନାୟକ ସହଯୋଗ କରିଥିଲେ।

## ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କାର୍ଯ୍ୟ

ଗୋପ, (ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତି ନିମନ୍ତେ ସରକାର ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ଯାତାୟତର ସୁବିଧା ନିମନ୍ତେ ପୂର୍ବ ସରକାର ବିଭିନ୍ନ ନଦୀ ଉପରେ ବିଜୁ ସେତୁ ନିର୍ମାଣ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଥିଲେ। ଏଥି ନିମନ୍ତେ କୋଟିକୋଟି ଟଙ୍କା ବ୍ୟୟ ବରାଦ ମଧ୍ୟ କରିଛନ୍ତି। ସରକାରଙ୍କ ନିୟମାନୁଯାୟୀ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲାଗିବା। ମାତ୍ର ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବିନା ସୂଚନା ଫଳକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଛି କୋଟି କୋଟି ଟଙ୍କାର ବିଜୁ ସେତୁ କାର୍ଯ୍ୟ। ଅନ୍ୟପକ୍ଷରେ ବିଜୁ ସେତୁ ନିର୍ମାଣରେ ବ୍ୟାପକ ଅନିୟମିତତା କୁ ବିରୋଧ କରୁଛନ୍ତି ଗ୍ରାମବାସୀ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅଧାଧୁନ୍ଦୁ ମେଣ୍ଟରେ ଚାଲିଥିବା ଏହି କାର୍ଯ୍ୟ ସମୟରେ ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ଫାଇଦା ନେଉଛନ୍ତି ଠିକାଦାର। ନିମ୍ନମାନର କାର୍ଯ୍ୟକୁ ନେଇ ସେତୁ ଗୁଣବତ୍ତାକୁ ନେଇ ଆଶଙ୍କା ଦେଖାଦେଇଛି ଗୋପ ବ୍ଲକ ବନ୍ତଳିଗ୍ରାମ ପଞ୍ଚାୟତର ଶାଗେଣା ଗ୍ରାମବାସୀ। ଅଭିଯୋଗ ଉଠିଛି ଯେ ରାତାରାତି କାର୍ଯ୍ୟ ଚାଲୁଛି କିନ୍ତୁ ଦିନରେ ବନ୍ଦ ରହୁଛି। ଏ ନେଇ କାରଣ ରଖିଛନ୍ତି ଗ୍ରାମବାସୀ ମାନେ। ଦିନରେ ଚାଲିଲେ ନିମ୍ନମାନର କାର୍ଯ୍ୟକୁ ଦେଖି ଗ୍ରାମବାସୀମାନେ ବିରୋଧ କରିପାରନ୍ତି। ଯାହାକୁ ନେଇ ଏବେ ଠିକାଦାର ଜଣକ ରାତିରେ ଲୁଚି ଲୁଚି କାର୍ଯ୍ୟ କରୁଛନ୍ତି। ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ସମ୍ପୂର୍ଣ୍ଣ ଭାବେ ସୁହାଉଛି। ଯଦ୍ୱାରା ଠିକାଦାର ଜଣକ ନିମ୍ନମାନର ରଡ, ସିମେଣ୍ଟ ଲଗାଇ କାର୍ଯ୍ୟ କରୁଛନ୍ତି। ଯେଉଁ ରଡ ବ୍ୟବହୃତ ହେଉଛି ତାହା ସରକାରଙ୍କ ଦ୍ୱାରା ପ୍ରମାଣିକୃତ ବୋଲି ଯେତେ କହିଲେ ବି ବାହାରେ ପଡି ରହିଥିବା ଏହି ରଡ ଗୁଡ଼ିକ ମାସେ ଦୁଇ ମାସ ମଧ୍ୟରେ କଳଙ୍କି ଲାଗି ଯାଉଥିବା ନେଇ ଅଭିଯୋଗ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଏହି ସେତୁ କାର୍ଯ୍ୟ କୁ ତନଖି କରିବାକୁ ଆସୁଥିବା ଯନ୍ତ୍ରୀ ଓ ଠିକାଦାର କେବେ ଆସି କେବେ ଯାଉଛନ୍ତି ତାହାର କେହି ଜେ ପାଉନାହାନ୍ତି। ଏ ନେଇ ଗ୍ରାମବାସୀ ମାନେ ଗ୍ରାମ୍ୟଉନ୍ନୟନ ବିଭାଗର ନିମାପଡା ସବଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲେଖିତ ଅଭିଯୋଗ ଦେବା ସତ୍ତ୍ୱେ ମଧ୍ୟ କେହି ଏହାର ତଦନ୍ତ କଲେ ନାହିଁ କିମ୍ବା ଏହି କାର୍ଯ୍ୟ କିପରି ହେବ ତାହାର ସୂଚନା ଫଳକ ମଧ୍ୟ ଲଗାଇଲେ ନାହିଁ। ଯଦ୍ୱାରା ସେତୁ ନିର୍ମାଣ ଜନିତ କାର୍ଯ୍ୟର ସୂଚନା ନଥିବାରୁ ଏହି କାର୍ଯ୍ୟର ତନଖି କରିପାରୁନାହାନ୍ତି ଗ୍ରାମବାସୀ। ସୂଚନାଯୋଗ୍ୟ ଯେ, ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଜୁ ସେତୁ ଯୋଜନାରେ ଗୋପ ବ୍ଲକ ବନ୍ତଳୀଗ୍ରାମ ପଞ୍ଚାୟତର ଶାଗେଣା ଠାରେ ନୂଆନଇ ନଦୀ ଉପରେ ତତ୍କାଳିନ ନିମାପଡା ବିଧାୟକ ତଥା ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ୨୦୨୪ ମସିହା ଫେବୃୟାରୀ ୨୫ତାରିଖ ରେ ୧୯କୋଟି ଟଙ୍କା ମଞ୍ଜୁର କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଲକ୍ଷ୍ୟ ରହିଥିଲା ଆସନ୍ତା ସେପ୍ଟେମ୍ବର ମାସ ୨୦୨୫ ମସିହାରେ ଏହାର କାର୍ଯ୍ୟ ସରିବ। ମାତ୍ର କାର୍ଯ୍ୟ ଯେପରି ଚାଲିଛି ତାହା ଏହି ନିର୍ମାଣ କ୍ଷେତ୍ର ହେବାର ଅବଧି ଭିତରେ ସରିବ ନାହିଁ ବୋଲି ଜଣାପଡୁଛି। ଯାହାକୁ ନେଇ ଏବେ ଶାଗେଣା ଗ୍ରାମର ସାଧୁ ବିଶ୍ୱାଳ, ବାବୁଲି ସ୍ୱାଇଁ ଓ ସୂଚନାଧିକାର କର୍ମୀ ସୁଦର୍ଶନ ମିଶ୍ର କହିଛନ୍ତି ଯେ ଆମେ ମାନେ ଭିଜିଲାନ୍ସର ଦ୍ୱାରସ୍ଥ ହେବୁ। ଏ ନେଇ ଦାୟିତ୍ୱରେ ଥିବା କୋଣାର୍କ ଡିଭିଜନର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ନବୀନ କୁମାର ବେହେରା କହିଛନ୍ତି ଯେ ସମସ୍ତ କାର୍ଯ୍ୟ ଠିକ୍ ଚାଲିଛି। କର୍ମଚାରୀ ଅଭାବରୁ ଆମେ ସମସ୍ତ କାର୍ଯ୍ୟକୁ ପର୍ଯ୍ୟାୟ କ୍ରମେ ଦେଖୁଛୁ। ମାତ୍ର ବାରମ୍ବାର ଅଭିଯୋଗ ହେଲେ ବି ଏହି କାର୍ଯ୍ୟ ପ୍ରତି କୋଣାର୍କ ନିର୍ବାହୀଯନ୍ତ୍ରୀଙ୍କ ସାମାନ୍ୟତମ ଦୃଷ୍ଟି ପଡୁନି। ନିମ୍ନମାନର କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟକୁ ନେଇ ଗ୍ରାମବାସୀ ଭିଜିଲାନ୍ସ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ସଫେଇ କର୍ମଚାରୀଙ୍କ ମୃତ୍ୟୁ ପରେ ଘରୁ ବାହାରିଲା ଟଙ୍କା ଓ ସୁନା

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ମୃତ୍ୟୁ ପରେ ସେ ରହୁଥିବା ଘରୁ ବାହାରିଲା ପୁଳା ପୁଳା ଟଙ୍କା ଓ ସୁନା। ଘଟଣାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ, ପଡୋଶୀ ଓ ସ୍ଥାନୀୟ ଲୋକେ ଏହାଦେଖି ବେସ ଆଶ୍ଚର୍ଯ୍ୟ ହୋଇଯାଇଥିବା ବେଳେ ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ବର୍ଷ ଧରି ଡମ୍ବରୁ ଗରଡା ନାମକ ବ୍ୟକ୍ତି ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ସରକାରୀ ଚାକିରିଆ ହୋଇଥିବା ବେଳେ ଏକା ହିଁ ରହୁଥିଲେ। ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ସେ ବିବାହ କରିନଥିବା ସହ ତାଙ୍କର ସେମିତି କେହି ସମ୍ପର୍କୀୟ ମଧ୍ୟ ନଥିଲେ। ନୀତିଦିନ ବ୍ୟକ୍ତ ସାଇକେଲ ଯୋଗେ ଚିକିତ୍ସାଳୟକୁ ଯାଇ ନିଜ କାର୍ଯ୍ୟ କରି ଫେରୁଥିବା ବେଳେ ଅତି ସାଧାରଣ ଭାବେ ଜୀବନ ଅତିବାହିତ କରୁଥିଲେ। ଏପରିକି ଲୋକଙ୍କ ସହ ତାଙ୍କ ସମ୍ପର୍କ ମଧ୍ୟ ସାଧାରଣ ଥିଲା ଓ ସେ ରହୁଥିବା ଘରେ ବିଜୁଳି ସଂଯୋଗ ମଧ୍ୟ ନଥିଲା। ତେବେ ହଠାତ ଦୁଇଦିନ ପୂର୍ବେ ତାଙ୍କର ଛାତିରେ ଯନ୍ତ୍ରଣା ହେଉଥିବାରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଦୂରରେ ଥିବା ତାଙ୍କର କିଛି ସମ୍ପର୍କୀୟ ଏବିଷୟରେ ଖବର ପାଇ ଆସିବା ପରେ ପୋଲିସ ସହାୟତାରେ ତାଙ୍କ ଘରର ଯାଞ୍ଚ ମଧ୍ୟ କରିଥିଲେ। ଏହି ସାମୟ ରେ ଘରଟି ବେସ ଅପରିଷ୍କାର ଥିବା ବେଳେ ଘରର ବିଭିନ୍ନ ସ୍ଥାନରୁ ପୁଳା ପୁଳା ଟଙ୍କା ଓ ସୁନା ଦେଖିବାକୁ ମିଳିଥିଲା। ପ୍ରାୟ ଗୋଟିଏ ବ୍ୟାଗରୁ ଅଧିକ ଟଙ୍କା ଓ କିଛି ସୁନା ଘର ମଧ୍ୟ ମିଳିଥିବା ପଡୋଶୀଙ୍କ କହିବା ଅନୁଯାୟୀ ପାଖାପାଖି ୮ରୁ ୧୦ ଲକ୍ଷ ଟଙ୍କା ଘର ମଧ୍ୟ ମିଳିଥିଲା। ଉକ୍ତ ଟଙ୍କା ଗୁଡିକୁ ତାଙ୍କ ସମ୍ପର୍କୀୟ ମାନଙ୍କୁ ପ୍ରଦାନ ସହ ମର ଶରୀରକୁ ମଧ୍ୟ ହସ୍ତାନ୍ତର କରାଯାଇଥିବା ଜଣା ପଡିଥିବା ବେଳେ ଜଣେ ସଫେଇ କର୍ମଚାରୀଙ୍କ ଘରୁ ଏତେ ପରିମାଣର ଟଙ୍କା କେମିତି ଆସିଲା ତାହାକୁ ନେଇ ସବୁ ବେସ ଆଶ୍ଚର୍ଯ୍ୟ ହୋଇ ପଡିଛନ୍ତି।

## ଥାନା ପରିସରରେ ଜବତ ଗାଡ଼ି ଭର୍ତ୍ତି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ପରିସରରେ ଜବତ ଗାଡିରେ ଭର୍ତ୍ତି ହୋଇଛି। ପ୍ରତିଦିନ ଜବତ ଗାଡି ସଂଖ୍ୟା ବୃଦ୍ଧି ପାଉଛି। ବିଶେଷ କରି ଜବତ ହୋଇଥିବା ବଡ ଟ୍ରକ, ହାଇଓ୍ୱା ଭଳି ଭାରି ଯାନ ସହ ଟ୍ରାକ୍ଟର ଆଦି ଯାନ ଥାନାର କ୍ଷୁଦ୍ର ପରିସରକୁ ଆଚ୍ଛାଦିତ କରି ପକାଇଛି। ଏହି ସମସ୍ତ ଜବତ ଗାଡି ବ୍ୟତୀତ ଏବେ ବହୁଳ ମାତ୍ରା ଜବତ ହେଉଥିବା ବାଲି ଗାଡିଗୁଡିକ ଥାନାରୁ ଖଲାସ ହେବା ସମୟରେ ବାଲି ଢାଳିଦେଇ ଯାଉଥିବାରୁ ଥାନା ପରିସର ଏବେ ବାଲୁକାସ୍ତୁପରେ ପରିଣତ ହୋଇଛି। କାରଣ ଜବତ ବାଲି ବୋଝେଇ ଗାଡି ନ୍ୟାୟାଳୟରୁ



ଖଲାସ ପାଇଁ ନ୍ୟାୟାଳୟରୁ ହାସଲ କରୁଥିବା ଆଦେଶରେ ବୋଝେଇ ହୋଇଥିବା ବାଲି ନେବାକୁ ବାରଣ ରହିଛି। ଫଳରେ ଜବତ ବାଲି ବୋଝେଇ ଗାଡିଗୁଡିକ ଥାନା ଛାଡିବା ସମୟରେ ବାଲି ଢାଳିଦେଇ ଯାଉଥିବାରୁ ଦିନକୁ ଦିନ ବାଲି ପରିମାଣ ବୃଦ୍ଧି ପାଉଥିବା ଚିନ୍ତାଜନକ ହୋଇଛି। ଏହି ସମସ୍ୟା ନିରାକରଣ ପାଇଁ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଜେପିର ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ଆଜି ଅପରାହ୍ନରେ ନିଶ୍ଚିନ୍ତକୋଇଲି ତହସିଲ ଛକସ୍ଥିତ କାର୍ଯ୍ୟାଳୟ ପରିସରରେ ବିଜେପିର ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୂତ କରାଯିବା ନିମନ୍ତେ କାର୍ଯ୍ୟକର୍ତାମାନେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆୟୋଜିତ ସମ୍ମିଳନୀରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପି ଯୁବନେତା ସୁମନ୍ତ କୁମାର ଘଡାଇ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କାର୍ଯ୍ୟକାରୀ କରିଥିବା ଲୋକାଭିମୂଖି ଯୋଜନା ଗୁଡିକର ସଫଳ ରୂପାୟନ କରିବା ସହ ଏହି ଯୋଜନା ଗୁଡିକୁ ଲୋକଙ୍କ ନିକଟରେ ପହଂଚାଇବାକୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କର୍ମୀମାନେ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ମଜବୂତ କରିବା ସହ ଲୋକଙ୍କ ସେବକ ହିସାବରେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ନଗସପୁର ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରା, ସଂଯୋଜକ ରଶ୍ମିରଞ୍ଜନ ମହାପାତ୍ର, ସିପୁନା ମଲିକ, ଅସୁରେଶ୍ୱର ମଣ୍ଡଳ ସଭାପତି ପ୍ରଭାତ ମଲିକ, ସଂଯୋଜକ ଅକ୍ଷୟ କୁମାର ସିଂ, ସତ୍ୟବାନ ମଲିକ, ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତି ହରପ୍ରସାଦ ପୃଷ୍ଟି, ସଂଯୋଜକ ମଳୟ କୁମାର ଘଡେଇ, ସଞ୍ଜୟ କୁମାର ନାୟକ, କୁସୁପୁର ମଣ୍ଡଳ ସଭାପତି ସଞ୍ଜୟ କୁମାର ପଣ୍ଡା, ସଂଯୋଜକ ପ୍ରକାଶ ଚନ୍ଦ୍ର ସାହୁ, ଅଜୟ କୁମାର ମହାପାତ୍ର, ମାହାଙ୍ଗା ମଣ୍ଡଳ ସଭାପତି ରବିନ୍ଦ୍ର କୁମାର ସାହୁ, ସଂଯୋଜକ ଧରଣୀଧର ସ୍ୱାଇଁ, ଜିତେନ୍ଦ୍ର ତ୍ରିପାଠୀ, ଜୟପୁର ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ବାରିକ, ସଂଯୋଜକ କରୁଣାକର ସେଠୀ, ଭଦ୍ରେଶ୍ୱର ମଣ୍ଡଳ ସଭାପତି ମହୋନ୍ଦ୍ର ବାରିକ, ସଂଯୋଜକ ସ୍ୱପ୍ନଜିତ ସାମଲ, ପ୍ରଦୀପ୍ତ ସ୍ୱାଇଁ, ବରିଷ୍ଠ ବିଜେପି ନେତା ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ କାର୍ଯ୍ୟକର୍ତ୍ତା ଯୋଗଦାନ କରି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ମିଥ୍ୟା ବିଲ କରି ଲକ୍ଷାଧିକ ଟଙ୍କା ହଡ଼ପ

### ଦୁଇଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ କରିବାକୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ପୂର୍ବରୁ କାର୍ଯ୍ୟ ନହୋଇ ମିଥ୍ୟା ବିଲ କରାଯାଇ ଟଙ୍କା ହଡପର ଅନେକ ଅଭିଯୋଗ ହେବାର ନଜିର ରହିଛି। ତୃଣମୂଳସ୍ତରରେ ବିକାଶ ପହଞ୍ଚାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରଶାସନିକ ସ୍ତରରେ କିଛି ଦୁର୍ନୀତିଗ୍ରସ୍ତ ଅଫିସର ଯୋଗୁଁ ସରକାର ବଦନାମ ହେଉଥିବାର ଦେଖିବାକୁ ମିଳୁଛି। ଏଭଳି ଏକ ସଂଗୀନ ଅଭିଯୋଗ ଆଳି ବ୍ଲକ ନୂଆପଡା ପଞ୍ଚାୟତରୁ ଆସିଛି। ଅଭିଯୋଗ ସୂତ୍ରରୁ ପ୍ରକାଶ ନୂଆପଡା ପଞ୍ଚାୟତର ରିଙ୍ଗବନ୍ଧ ରାସ୍ତା ଠାରୁ ହରେକୃଷ୍ଣ ରାଉତଙ୍କ ଘର ନିକଟକୁ ଫେବର ଟାଇଲ କାର୍ଯ୍ୟ ନହୋଇ ଗତ ୧୩ ଫେବୃଆରୀରେ ଉକ୍ତ କାର୍ଯ୍ୟ ପାଇଁ ୧ ଲକ୍ଷ ୪୧ ହଜାର ୮ଶହ ୩୬ ଟଙ୍କା ସେ ସମୟର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କପୁରା ହେମରମଙ୍କ ନାମରେ ବ୍ୟୟବରାଦ ଅନୁମୋଦନ ହୋଇ ଟଙ୍କା ଆତ୍ମସାତ କରାଯାଇଥିଲା। ପଞ୍ଚାୟତ ପ୍ରତିନିଧି ଓ ସରକାରୀ ଯନ୍ତ୍ରୀଙ୍କ ଦସ୍ତଖତରେ ସରପଞ୍ଚ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରା ନଯାଇ ମିଥ୍ୟା ବିଲ କରି ଟଙ୍କା ଉଠାଇଥିବା ଜଣା ପଡିବା ପରେ ତରବରିଆ ଭାବେ ଅତି ଚତୁରତାର ସହ ଅଧାପନ୍ତରିଆ କାର୍ଯ୍ୟ କରି ଛାଡ଼ି ଚାଲିଯାଇଥିଲେ। କାର୍ଯ୍ୟ ହେବା ପୂର୍ବରୁ ସରପଞ୍ଚଙ୍କ ପ୍ରତିନିଧି କାର୍ଯ୍ୟ ସମ୍ପୂର୍ଣ କରି ଦେବାକୁ କହି ୯୦ ବର୍ଷୀୟ ବୃଦ୍ଧ ହରେକୃଷ୍ଣଙ୍କ ପାଖରୁ ୮୦୦୦ ଟଙ୍କା ନେଇ କାର୍ଯ୍ୟ ସମ୍ପନ୍ନରେ ବିଳମ୍ବରେ ହେବାରୁ ପଚାରିବାରୁ ସେ ତାଙ୍କୁ ନାଲି ଆଖି ଦେଖାଉଥିବା



ମଧ ହରେକୃଷ୍ଣ ମତ ପ୍ରକାଶ କରିଛନ୍ତି। ପରେ ଏହି ଦୁର୍ନୀତି ପ୍ରଘଟ ହେବା ପରେ ହରେକୃଷ୍ଣଙ୍କ ବଡ ପୁଅ ପ୍ରମୋଦ କୁମାର ରାଉତ ଏ ନେଇ ପୂର୍ବ ମାସ ମାର୍ଚ୍ଚ ୧୭ତାରିଖରେ ଅନଲାଇନ ମେଲ ଜରିଆରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଥିଲେ। ଉପଜିଲ୍ଲାପାଳ ମହୋଦୟ ଏହାର ଶୁଣାଣି କରି ଏହି ଅସମ୍ପୂର୍ଣ କାର୍ଯ୍ୟକୁ ଦୁଇଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠେ ଯଦି ବିନା ଫଳକରେ କାର୍ଯ୍ୟ ନ ହୋଇ ବିଲ ପାସ ହୋଇପାରୁଛି ତା'ହେଲେ ପଞ୍ଚାୟତର ଅନ୍ୟ କାର୍ଯ୍ୟ ନେଇ ସ୍ଥିତି କଣ ଥିବ? ଅଞ୍ଚଳବାସୀଙ୍କ କହିବା ଅନୁସାରେ ପଞ୍ଚାୟତର ବିକାଶ କାର୍ଯ୍ୟ ପରିବର୍ତ୍ତେ ବିନାଶ ହେଉଥିବା ଜଣାପଡୁଛି ଏବଂ ଅନ୍ୟ କାର୍ଯ୍ୟର ମଧ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

## ବାରିପଦା ଗସ୍ତରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସ





ବାରିପଦା, (ଭାସ୍କର ନ୍ୟୁଜ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଦୁଇଦିନିଆ ମୟୁରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଦାସ ସର୍କିଟ ହାଉସରୁ ବାହାରି ବାରିପଦା ଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ଏହାପରେ ସେ ତକତପୁର ସ୍ଥିତ ଏକ କର୍ମୀ ସମ୍ମିଳନୀର ଯୋଗ ଦେଇଥିଲେ। ମୟୁରଭଞ୍ଜ ପୂର୍ବର ସାଙ୍ଗଠନିକ ବୈଠକରେ ଉଦବୋଧନ ଦେଇ ବାରିପଦାରେ ବନ୍ଦ ହୋଇ ପଡିଥିବା ସ୍ପିନିଙ୍ଗ ମିଲ, ଆୟୁର୍ବେଦିକ କଲେଜ, ହୋମିଓପାଥିକ କଲେଜ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସହରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଆଡିବନ୍ଧ ନିର୍ମାଣ କିପରି ହୋଇପାରିବ ସେ ନେଇ ବିଭିନ୍ନ ରାଜନୈତିକ ସମସ୍ୟାଗୁଡ଼ିକ ବିଧାନସଭାରେ ଉପସ୍ଥାପିତ କରିବାର ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ କଂଗ୍ରେସ ଦଳ କିପରି ସୁଦୃଢ ହେବ ଓ ଜିଲ୍ଲା ପରିଷଦ ନିର୍ବାଚନରେ କିପରି ଦଳୀୟ ପ୍ରାର୍ଥୀମାନେ ବିଜୟ ଲାଭ କରିବ ସେ କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଉକ୍ତ ଦାସ ଦିପହରରେ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଆଗାମୀ ଦିନରେ କଂଗ୍ରେସ ଦଳର ଆଭିମୁଖ୍ୟ କ'ଣ ରହିବ ଓ ଦଳ କିପରି ସଂଖ୍ୟାଗରିଷ୍ଠ ଲାଭ କରିବ ଓ ସଂଗଠନ କିପରି ଆଗକୁ ବଢିପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ମୟୁରଭଞ୍ଜ ଜିଲ୍ଲାରେ ଦୁଇଦିନ ଧରି ଦାସ କର୍ମକର୍ତ୍ତାମାନଙ୍କ ସହ ସଂଗଠନ ମଜବୁତ କିପରି ହେବ ଆଲୋଚନା କରିସାରି ଭୁବନେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ। ବାରିପଦା କଂଗ୍ରେସ ସଭାରେ ପୂର୍ବତନ ସାଂସଦ ଶୁଶିଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପ୍ରକାଶ କର ମହାପାତ୍ର, ପ୍ରଭାସ କର ମହାପାତ୍ର, ବିଜନ ଦାସ, ହେମନ୍ତ ଦାସ, ନିରୋଜ ଦାସ, ବାରିପଦା ଟାଉନ୍ ଶାନ୍ତନୁ, କେନ୍ଦୁଝର ପୂର୍ବତନ ସାଂସଦ ଜସବନ୍ତ ଲାଗୁରୀ, ପ୍ରଭିରୀ ନଳିନୀ ମହାନ୍ତି ବାସୁଦେବପୁର ବିଧାୟକ ଅଶୋକ ଅରୋବିନ୍ଦ ଦାସ, ମିନକେତନ ବେହେରା, ମୟୁରଭଞ୍ଜ ପଶ୍ଚିମ ସଭାପତି ଭୁବନ ସାହୁଙ୍କ ସହ ବାଙ୍ଗିରିପୋଷି, ମୋରଡା, ବଡ଼ସାହି କରଞ୍ଜିଆ, ବାରିପଦା, ଉଦଳା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଯୋଗେଶ ଅଗରୱାଲ, ମହିଳା କଂଗ୍ରେସ ସଭାପତି ସୁସ୍ମିତା ଘୋଷାଲ, ଛାତ୍ର କଂଗ୍ରେସ ସଭାପତି ମତି ପ୍ରକାଶ ଦାସ, ପଞ୍ଚାୟତ ପରିଷଦ ସଭାପତି ଶିବାନନ୍ଦ ଦାସଙ୍କ ସହ ଅନେକ କଂଗ୍ରେସର ପୁରୁଖା ନେତାମାନଙ୍କୁ ଦେଖିବାକୁ ମିଳିଥିଲା।

## ନୂତନ ରାସନ କାର୍ଡ ପ୍ରସ୍ତୁତି ନିମନ୍ତେ ଇ-କେୱାଇସି ଯାଞ୍ଚ ଜରୁରି

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ରାସନ କାର୍ଡ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ ପ୍ରସ୍ତୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ ପ୍ରସ୍ତୁତି ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ନିହାତି ଜରୁରୀ ଅଟେ। ଏଣୁ ଜିଲ୍ଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେୱାଇସି ଯାଞ୍ଚ କରାଇ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ରହିଛି ଯେପରି କୌଣସି ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବାରୁ ବଞ୍ଚିତ ନହୁଅନ୍ତି।

## ବାଇକ୍ ଉପରେ ଚଢ଼ିଗଲା ଯାତ୍ରାପାର୍ଟି ଟ୍ରକ





କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆ ନିକଟସ୍ଥ ଜୀବନବୀମା କାର୍ଯ୍ୟାଳୟ ସମ୍ମୁଖରେ ଏକ ଯାତ୍ରାପାର୍ଟି ଟ୍ରକ ଏକ ବାଇକ ଉପରେ ଚଢିଯାଇଛି। ବାଇକ ଉପରେ ବସିଥିବା ଯୁବକ ଜଣକ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କିନ୍ତୁ ସେ ଆହତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଯୁବକ ଜଣକ ହେଉଛନ୍ତି ଛାଣ୍ଟୁଣିଆ ଗ୍ରାମର ଖଗେଶ୍ୱର ସାହୁ (୩୮)। ସେହିପରି ଟ୍ରକଟି ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଉପରେ ମାଡି ଯାଇ ଥାନ୍ତା। ସେ ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ତାଙ୍କ ସାଇକେଲଟି ଭାଙ୍ଗି ଚୁରମାର ହୋଇଯାଇଛି। ଏଥିସହ ନିକଟରେ ଥିବା ଉଦୟନଗର ଗ୍ରାମର ନରେନ୍ଦ୍ର ପାଣିଙ୍କ ଏକ ଷ୍ଟେସନାରୀ ଦୋକାନ ଉପରେ ଟ୍ରକ ଚଢି ଯାଇଥିଲା। ଦୋକାନଟି ମଧ୍ୟ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯୋଗକୁ ଦୋକାନୀ ଜଣଙ୍କ ଦୋକାନରେ ନଥିଲେ। ଯଦି ଦୋକାନରେ ଥାନ୍ତେ ତେବେ ତାଙ୍କ ଉପରେ ମଧ୍ୟ ଟ୍ରକ ଚଢି ଯାଇଥାନ୍ତା। ଦୁର୍ଘଟଣା ଖବର ପାଇ ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହ☐ ଟ୍ରକକୁ ଜବତ କରି ଥାନାକୁ ନେଇଯାଇଥିଲା। ଖବର ନେବାରୁ ଜଣାପଡିଛି ଯାତ୍ରା ପୃଥ୍ୱୀରାଜର ଏକ ଟ୍ରକ ଯାତ୍ରାପାର୍ଟି ସାମଗ୍ରୀ ବୋଝେଇ କରି ଜଗତସିଂହପୁର ଅଭିମୁଖେ ଯାଉଥିଲା। ଡ୍ରାଇଭରର ଅସାବଧାନତା କାରଣରୁ ଟ୍ରକଟି ପ୍ରଥମେ ରାସ୍ତା କଡ଼ରେ ଥିବା ଏକ ଷ୍ଟେସନାରୀ ଦୋକାନ ଉପରକୁ ମାଡି ଯାଇଥିଲା। ସେହି ଦୋକାନ ନିକଟରେ ବାଇକ ରଖି ଜଣେ ଯୁବକ ଏହା ଉପରେ ବସିଥିଲେ। ଟ୍ରକଟି ତାଙ୍କ ଆଡକୁ ମାଡି ଯାଇଥିଲା। ଫଳରେ ସେ ଘଟଣା ସ୍ଥଳରୁ ଦୌଡି ପଳାଇଥିଲେ। କିନ୍ତୁ ଟ୍ରକଟି ବାଇକ ଉପରେ ଚଢିଯାଇ ବାଇକ୍‌କୁ ୩୦ ମିଟର ଦୂର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ସେହିପରି ଦୋକାନ ନିକଟରେ ଥିବା ଏକ ସାଇକଲ ଉପରେ ଟ୍ରକ ଚଢି ଯାଇଥିଲା। ଜଣେ ବୃଦ୍ଧ ଚାଷୀ ସାଇକଲ ରଖି ନିକଟସ୍ଥ ଦୋକାନକୁ କିଛି ସାମଗ୍ରୀ କିଣିବାକୁ ଯାଇଥିଲେ। ସେ ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୋକାନର ସମସ୍ତ ସାମଗ୍ରୀ ନଷ୍ଟ ହୋଇଯାଇଛି। ଅପରପକ୍ଷରେ ଦିନବେଳା ସହରରେ ଭାରୀଯାନ ଚଳପ୍ରଚଳ ହୋଇ ପାରିବ ନାହିଁ ବୋଲି ଜିଲ୍ଲାପାଳ ଯେଉଁ ନିର୍ଦ୍ଦେଶ ଜାରି କରିଥିଲେ ତାହାକୁ କେହି ପାଳନ କରୁନାହାଁନ୍ତି। ଯାହାଫଳରେ ଏହିଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ କହିଥିଲେ। ଟ୍ରକକୁ ଆଣି ଆମେ ଥାନାରେ ରଖିଛୁ। କିନ୍ତୁ ଟ୍ରକ ଓ ଚାଳକଙ୍କ ବିରୋଧରେ ଏପର୍ଯ୍ୟନ୍ତ କେହି ଅଭିଯୋଗ କରି ନଥିବାରୁ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନୁ ବୋଲି କହିଛନ୍ତି କେନ୍ଦ୍ରାପଡା ସଦର ଥାନାର ତଦନ୍ତକାରୀ ଅଧିକାରୀ ପୋଲିସ ସବ୍‌ଇନ୍ସପେକ୍ଟର ବିଶ୍ୱଭୂଷଣ ସାହାଣୀ।

## ମହିଳାଙ୍କ ଗଳିତ ଶବ ଠାବ ମାମଲାରେ ଯୁବକ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ବ୍ଲକ ଅନ୍ତର୍ଗତ ଚାଲାଣଗୁଡା ପଞ୍ଚାୟତର ରେଙ୍ଗାବନ୍ଧ ନିକଟ ଜଙ୍ଗଲରୁ ଗତ ୧୨ଏପ୍ରିଲ ତାରିଖରେ ଜଣେ ମହିଳାଙ୍କ ଗଳିତ ମୃତଦେହ କିଛି ଗ୍ରାମବାସୀ ଦେଖି ମାଲକାନଗିରି ପୁଲିସକୁ ଖବର ଦେବା ପରେ ମାଲକାନଗିରି ପୁଲିସ ଘଟଣାସ୍ଥଳରେ ପହଂଚି କଙ୍କାଳ ଠାବ କରିବା ସହ ଏହି ମାମଲାରେ ତଦନ୍ତ ଚଳାଇଥିଲେ। ମହିଳାଙ୍କ ହତ୍ୟା ବହୁ ଦିନ ଆଗରୁ ହୋଇଯିବାରୁ କଙ୍କାଳ ଅବସ୍ଥାରେ ଶବ ପାଇବା ପରେ ଯୁବତୀଙ୍କ ପରିଚୟ ଜାଣିବା ଏବଂ ସମ୍ପର୍କୀୟଙ୍କ ବିଷୟରେ ଜାଣିବା କଷ୍ଟକର ହୋଇପଡିଥିଲା। କିନ୍ତୁ ମାଲକାନଗିରି ପୁଲିସ ଏହି ହତ୍ୟା କାଣ୍ଡର ସତ୍ୟତା ସନ୍ଧାନ କରିବା ଲାଗି ପଡିଥିଲେ। ସୂଚନା ଅନୁଯାଇ ଏପ୍ରିଲ ୧୨ତାରିଖରେ ଜଣେ ମହିଳାଙ୍କ ଗଳିତ ମୃତ ଦେହ ଚାଲାଣଗୁଡା ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାବନ୍ଧ ନିକଟବର୍ତ୍ତୀ ଜଙ୍ଗଲରୁ ଠାବ ହୋଇଥିଲା। ଏହି ହତ୍ୟାକାଣ୍ଡ ଘଟାଇଥିବା ଆସାମୀକୁ ଗିରଫ କରିବା ପାଇଁ ମାଲକାନଗିରି ପୁଲିସର ଏକ ଦଳ ହତ୍ୟା କାଣ୍ଡ ହୋଇଥିବା ସ୍ଥାନକୁ ପୁଣି ପହଞ୍ଚି ଛାନବିନ କରିବା ସମୟରେ ହତ୍ୟା କାଣ୍ଡ ହୋଇଥିବା ସ୍ଥାନରୁ ଏକ କିପାଡ ମୋବାଇଲ ପାଇଥିଲେ। ଏହି ମୋବାଇଲଟି ସେହି ଯୁବତୀ ଜଣଙ୍କର ଥିଲା। ମୋବାଇଲ ସାହାଯ୍ୟରେ ଜଣାପଡିଥିଲା ଯେ ମୃତ ମହିଳା ଜଣଙ୍କ ଛତିଶଗଡର ସୁକମା ଜିଲ୍ଲାର ମୂର୍ତ୍ତଣ୍ଡା ଅନ୍ତର୍ଗତ ପେରମାପରାର ଜଣାପଡିବା ପରେ ମାଲକାନଗିରି ପୁଲିସ ପରିବାର ଲୋକଙ୍କୁ ଭେଟି ମୃତ ମହିଳା ଜଣଙ୍କ ପିନ୍ଧିଥିବା ପୋଷାକ ଏବଂ ଅନ୍ୟାନ୍ୟ ଜିନିଷପତ୍ର ବିଷୟରେ ଜଣାଇବା ପରେ ପରିବାର ଲୋକେ ତାଙ୍କ ଝିଅ ହୋଇଥିବା ଚିହ୍ନଟ କରିଥିଲେ। ମୃତ ମହିଳାଙ୍କ ପରିବାର ଲୋକଙ୍କୁ ପଚାରାଉଚାରା କରିବା ପରେ ମାର୍ଚ୍ଚ ମାସରୁ ତାଙ୍କ ଝିଅ ନିଖୋଜ ଥିବା କହିବା ସହ ସେହି ଅଞ୍ଚଳର ଜଣେ ଯୁବକ ତାଙ୍କ ଝିଅକୁ ନେଇଥିବା ପୋଲିସ ଜାଣିବାକୁ ପାଇଥିଲା। ସମସ୍ତ ପ୍ରମାଣ ମିଳିବା ପରେ ମାଲକାନଗିରି ପୁଲିସ ମହିଳାଙ୍କ ହତ୍ୟାରେ ଜଡିତ ଥିବା ଯୁବକକୁ ମାଲକାନଗିରି ଥାନାକୁ ଆଣି ପଚାରାଉଚାରା କରି ହତ୍ୟାକାଣ୍ଡ ବିଷୟରେ ଜାଣିବାକୁ ପାଇଥିଲେ। ଏହି ସମ୍ବନ୍ଧରେ ମାଲକାନଗିରି ପୋଲିସ ତରଫରୁ ରବିବାର ଦିନ ମାଲକାନଗିରି ଏସପି କାର୍ଯ୍ୟାଳୟରେ ମାଲକାନଗିରି ଏସପି ବିନୋଦ ପାଟିଲ, ମାଲକାନଗିରି ଏସଡିପିଓ ସଚିନ ପଟେଲ, ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସହ ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ହତ୍ୟା କାଣ୍ଡ ସମ୍ପର୍କରେ ଜଣାଇଥିଲେ। ଏହି ହତ୍ୟାକାଣ୍ଡ ଘଟାଇଥିବା ଯୁବକ ଜଣଙ୍କ ହେଲେ ଉମେଶ ନାଗ (୨୦) ବର୍ଷ ପିତା ଆଇତା ନାଗ, ଗ୍ରାମ-ପାଣ୍ଡୁମ, ଥାନା ଚିନ୍ଦଗଡ଼, ସୁକମା ଜିଲ୍ଲାର ହୋଇଥିବା ବେଳେ ମୃତ ମହିଳାଙ୍କ ନାମ ମଙ୍ଗଳଦେଇ ନାଗ (୨୫)ବର୍ଷ। ମୃତ ମହିଳା ଏବଂ ହତ୍ୟାକାରି ଯୁବକଙ୍କ ମଧ୍ୟରେ ପ୍ରାୟ ଏକବର୍ଷ ହେବ ପ୍ରେମ ସମ୍ପର୍କ ରହିବା ସହ ଶାରୀରିକ ସମ୍ପର୍କ ମଧ୍ୟ ରହିଥିଲା। ଏହି ସମୟ ମଧ୍ୟରେ ମହିଳା ଜଣଙ୍କ ଗର୍ଭବତୀ ହୋଇଥିବା ଜାଣିବାକୁ ପାଇ ହତ୍ୟାକାରୀ ଯୁବକ ଉମେଶ ନାଗ ମହିଳା ଜଣକୁ ମାର୍ଚ୍ଚ ୨୦ତାରିଖରେ ମାଲକାନଗିରି ମେଡିକାଲକୁ ଆଣି ଅଲଟ୍ରାସାଉଣ୍ଡ କରିବା ପରେ ଉମେଶକୁ ଡାକ୍ତର ଗର୍ଭପାତ କରିବା ପାଇଁ ମାନା କରିଦେଇଥିଲେ। ପରେ ଅଭିଯୁକ୍ତ ଉମେଶ ନାଗ ସମସ୍ୟାରୁ ମୁକ୍ତ ପାଇବା ପାଇଁ ମହିଳା ଜଣକୁ ଘଟଣାସ୍ଥଳକୁ ନେଇ ହତ୍ୟା କରିଥିଲା। ପରେ ସମସ୍ତ ପ୍ରମାଣକୁ ମଧ୍ୟ ନଷ୍ଟ କରିବାକୁ ଚେଷ୍ଟା କରିଥିଲା।

## ସେବକ ସଂଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଗୋପ, (ଭାସ୍କର ନ୍ୟୁଜ): ଗୋପ ବ୍ଲକ ବୀରତୁଙ୍ଗ ପଂଚାୟତରେ ଥିବା ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଦି ସେବକ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଆଲୋକ କୁମାର ଜେନାଙ୍କ ନେତୃତ୍ୱରେ ସଂଗଠନର ୨୪୭ ସଦସ୍ୟ ଗୋପ ଥାନା ପରିସର ସଫେଇ କରିବା ସହିତ ନିକଟସ୍ଥ ଗୋପ-କୋଣାର୍କ ରାସ୍ତା ପାର୍ଶ୍ୱ ସଫେଇ କରିଥିଲେ। ବିଭିନ୍ନ ରାସ୍ତା ପାର୍ଶ୍ୱ ତଥା ଖୋଲା ସ୍ଥାନରେ ତାଳ, ନିମ୍ବ, କରଞ୍ଜ, ଜାମୁ ଆଦି ବିଭିନ୍ନ ଗଛ ଲଗାଇ ପରିବେଶ ସୁରକ୍ଷା ପାଇଁ ଅଣ୍ଟ ଭିଡିଥିବା ଏହି ସଂଗଠନ ଆଜି ଥାନା ପରିସରରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀଙ୍କ ସହ ମିଶି ନିମ୍ବ, ଜାମୁ ଆଦି ବିଭିନ୍ନ ଔଷଧୀୟ ବୃକ୍ଷ ଲଗାଇଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୋନାଲିସା ବେହେରା, ଉନ୍ନତି ବେହେରା, ଶୁଭଲକ୍ଷ୍ମୀ ମଲ୍ଲିକ, ବିଜୟାଲକ୍ଷ୍ମୀ ମଲ୍ଲିକ, ଜୀନା ମଲ୍ଲିକ, ବିଜୟ କୁମାର ପଣ୍ଡା, ସୁକାନ୍ତ ଭୋଇ, ରଂଜିତ ଦାସ, କିଶନ ମଲ୍ଲିକ, ମନୋଜ ଦାସଙ୍କ ସମେତ ୨୪୭ ସଦସ୍ୟ ଉପସ୍ଥିତ ଥିଲେ।

## ପୀଠ-ପରିଷଦ, ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ପୁରୀ (ଭାସ୍କର ନ୍ୟୁଜ): ପୁରୀ ଗୋବର୍ଦ୍ଧନ ପୀଠ ଅନନ୍ତ ଶ୍ରୀ ବିଭୂଷିତ ଶ୍ରୀମଦ୍ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଭଗବାନ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କ କରକମଳରେ ପ୍ରତିଷ୍ଠିତ ପୀଠ-ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଜି ଗୋବର୍ଦ୍ଧନ ପୀଠ ସତସଙ୍ଗ ଭବନରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ପଣ୍ଡିତ ମାତୃପ୍ରସାଦ ମିଶ୍ରଜୀଙ୍କ ଅଧକ୍ଷତାରେ ୧୨ ଥର ହନୁମାନ ଚାଳିଶା ପାଠ ସହିତ ଦୀପ ପ୍ରଜ୍ୱଳନ ପୂର୍ବକ ଗୁରୁଜୀ ମହାରାଜାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ଆଲୋଚନା ମୁଖ୍ୟ ବିନ୍ଦୁ ଗୁଡ଼ିକ ମଧ୍ୟରୁ ସମସ୍ତେ ବିଶେଷ ଭାବରେ ନିମ୍ନଲିଖିତ ବିନ୍ଦୁ ଉପରେ ମତ ପ୍ରକାଶ କରିଥିଲେ। ଆସନ୍ତା ଶଙ୍କର ଜୟନ୍ତୀ କାର୍ଯ୍ୟକ୍ରମ ସହ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ସେବା ଯୋଗାଇ ଦେବା, ସଦସ୍ୟତା ସଂଗ୍ରହ ଅଭିଯାନ ସହ ସଂଖ୍ୟା ବୃଦ୍ଧି, ରାଜ୍ୟରେ ସାଂଗଠନିକ ଶାଖା ବିସ୍ତାର ଆଲୋଚନା ସହ ଓ ପ୍ରବାସ କାର୍ଯ୍ୟକ୍ରମ ଉପରେ ପ୍ରମୁଖ ଆଲୋକପାତ ହୋଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମସ୍ତ ବିଭାଗର ଉପସଭାପତି ସଂଗଠନ ସଚିବ ଓ ସମସ୍ତ ସମ୍ପର୍କ ସଚିବ, ସମସ୍ତ କ୍ଷେତ୍ରୀୟ ସମ୍ପାଦକ ମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଶାନ୍ତି ପାଠ ସହିତ ଧନ୍ୟବାଦ ଅର୍ପଣ କରି ବୈଠକ ସାଙ୍ଗ କରାଯାଇଥିଲା।

## ବେସରକାରୀ ଜମିରେ ସରକାରୀ ନଳକୂପ: ଅଭିଯୋଗ ଆଣିଲେ ଗ୍ରାମବାସୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ): ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ସ୍ଥାନେ ସ୍ଥାନେ ଜଳ ସଙ୍କଟ ଦେଖା ଦେଇଛି। ବିଶୁଦ୍ଧ ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼ ମଣ୍ଡଳୀର ପିପିଲା ଗ୍ରାମଠାରେ ନିଜ ଯୋଜନାରେ ଏକ ସରକାରୀ ନଳକୂପ ଖୋଲିବା ପାଇଁ ଅନୁମୋଦନ କରିଥିଲେ। ଗତ କିଛି ଦିନ ତଳେ ଏକ ନଳକୂପ ଖୋଲା ଯାଇଛି। ହେଲେ ଖୋଲିଥିବା ସ୍ଥାନଟି ବେସରକାରୀ ଜମି ହୋଇଥିବା ବେଳେ ମାଲିକ ଜଣକ ନିଜ ଅକ୍ତିଆର ରଖିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବହୁଦିନ ଧରି ପିପିଲା ଗ୍ରାମ ଡମ୍ବପଡା ଠାରେ ଜଳ ସଙ୍କଟ ଲାଗି ରହିଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସ୍ଥାନୀୟ ଜିଲ୍ଲା ପରିଷଦଙ୍କ ନିକଟରେ ପଡ଼ାବାସୀ ଗୁହାରି କରିଥିଲେ। ଶେଷରେ ପଡ଼ାବାସୀଙ୍କ ପିଇବା ପାଣି ପାଇଁ ଜିଲ୍ଲା ପରିଷଦ ନିଜ ଅଧିନ ଯୋଜନାରୁ ଏକ ନଳକୂପ ଯୋଗାଇ ଦେଇଛନ୍ତି।



ନଳକୂପ ଖୋଲା ଯାଇଥିବା ବେଳେ ଗ୍ରାମର ଚକ୍ରଧର ସାଗର ନାମକ ବ୍ୟକ୍ତି ନିଜ ମାଲିକାଣି ଜମିରେ ଖୋଲାଯାଇଥିବା କହି ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କରିଥିବା ପଡ଼ାବାସୀ ପ୍ରକାଶ କରନ୍ତି। ଏପରିକି ନଳକୂପ ନିଜ ଅକ୍ତିଆରରେ ରଖି ଏକ ବାଡ଼ ଦେବାକୁ ପ୍ରୟାସ କରୁଥିବା ନେଇ ପଡ଼ାବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ଦିନ ଏ ନେଇ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଖୋଲା ଯାଇଥିବା ନଳକୂପ ସର୍ବ ସାଧାରଣଙ୍କ ବ୍ୟବହାର ପାଇଁ ଆସିଥିବା ବେଳେ ମାଲିକାଣି ଜମିରେ ହୋଇଥିବା ଯୋଗୁଁ ମାଲିକ ଜଣକ ନିଜ ଅକ୍ତିଆର କରି ରଖିବା ଉଦ୍ୟମ ବିଶୃଙ୍ଖଳାକୁ ଆମନ୍ତ୍ରଣ କରୁଛି। ଏଣୁ ନଳକୂପକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ଅଥବା ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବ୍ୟବସ୍ଥା ହାତକୁ ନେବାକୁ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବାଧ୍ୟ ହୋଇ ଆନ୍ଦୋଳନ କରାଯିବ ବୋଲି ଜଗଦୀଶ ଦୁର୍ଗା, ଶ୍ୟାମ ସୁନ୍ଦର ଜାଲ, ହିମାଂଶୁ ସେଠି, ଶିଶୁପାଳ ସୁନାନୀ, ମୁରଲୀ ସୁନାନୀ, ଯୁଗଳ ସୁନାନୀ, ଉମେଶ ସୁନାନୀ, ଚନ୍ଦ୍ରମଣି ସୁନାନୀ, ଦୀପକ ସୁନାନୀ, ଘନଶ୍ୟାମ ସୁନାନୀ ପ୍ରମୁଖ ପ୍ରକାଶ କରିଛନ୍ତି।ଏନେଇ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼ –ଏହା ଅନ୍ୟାୟ,ଏଭଳି ଉଦ୍ୟମକୁ ବରଖାସ୍ତ କରାଯିବ ନାହିଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଚମକିବେ ସାନଭି ପ୍ରଜ୍ଞା
# ମହିଳା କ୍ରିକେଟ ଟିମ୍‌ରେ ସାମିଲ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ବଣ ମଲ୍ଲୀ ଏବେ ଚହଟିବାକୁ ଆରମ୍ଭ କଲାଣି ଗାଁ ଗହଳି ପଲ୍ଲୀ ଅଞ୍ଚଳର ସାଧାରଣ ଘରେ। ଆଉ ସେ ଘର ଭିତରେ ନ ରହି ନିଜ ପ୍ରତିଭାକୁ ପ୍ରକଟ କରିଛି। ଦୁନିଆକୁ ଦେଖାଇ ଦେଇଛି ଆମେ ପଲ୍ଲୀର ହେଲେ ବି ଆମ ଭିତରେ ଅଛି ପ୍ରତିଭା। ବେଶ ନିଜକୁ ପ୍ରମାଣିତ କରି ଦେଖାଇ ଦେଇଛନ୍ତି ସାନଭି ପ୍ରଜ୍ଞା ରାଉତ। ଗୋଟେ ଗାଁର ଝିଅ ଏବେ ଚର୍ଚ୍ଚା ପରିସରକୁ ଆସିଛି। କଟକ ବାରବାଟୀ ଠାରେ ଓଡ଼ିଶା କ୍ରିକେଟ୍ ଆସୋସିଏସନର ଆୟୋଜନରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହିଳା କ୍ରିକେଟ ପ୍ରତିଯୋଗିତାରେ କଳାହାଣ୍ଡି ଟିମ୍‌ରେ ସାମିଲ



ହୋଇଛନ୍ତି। ଆସନ୍ତା ୨୨ରୁ ୨୯ ଏପ୍ରିଲ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବର୍ତ୍ତମାନ ସାନଭି କେନ୍ଦ୍ରୀୟ ବିଦ୍ୟାଳୟ ଧର୍ମଗଡରେ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ କ୍ରିକେଟ ଖେଳରେ ରୁଚି ରଖିଛନ୍ତି। ସେ କଳାହାଣ୍ଡି ଟିମରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହେବା ପରେ ଅଞ୍ଚଳରେ ଏକ ପ୍ରକାର ଖୁସି ଦେଖାଦେଇଛି। କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ଏକ ଛୋଟ ଗାଁ ଖପରାମାଲ ଗ୍ରାମର ଶିକ୍ଷକ ମୋହିତ କୁମାର ରାଉତ ଓ ରସ୍ମିରେଖା ରାଉତଙ୍କ ଝିଅ ଅଟନ୍ତି ସାନଭି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁଛି। ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ସଂଘ, ସଂଗଠନ ତଥା ବିଶିଷ୍ଟ ବ୍ୟକ୍ତି ତାଙ୍କର ଭବିଷ୍ୟତ କାମନା କରିଛନ୍ତି।

## ଚୈତ୍ର ମହୋତ୍ସବ ଝାମୁଯାତ୍ରା ସମ୍ପନ୍ନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ଚାଲିଥିବା ଚୈତ୍ର ମହୋତ୍ସବର ସପ୍ତମ ଦିବସରେ ଝାମୁଯାତ୍ରା ଶୁକ୍ରବାର ସମାପ୍ତ ହୋଇଯାଇଛି। ମାଁ ତାରିଣୀ ଅଷ୍ଟ ଚଣ୍ଡୀଙ୍କ ମନ୍ଦିର ସମ୍ମୁଖ ପଡ଼ିଆରେ ୯ ଫୁଟର ଦୁଇଟି ନିଆଁ ଖନ୍ଦା କରାଯାଇ ନିଆଁରେ ଭର୍ତ୍ତି କରାଯାଇ ଷୋଳସହସ୍ର ପୂଜାର୍ଚ୍ଚନା କରିବା ପରେ ଘଣ୍ଟ ଶଙ୍ଖ ନିଶାନ ଓ ଢୋଲ ବାଦ୍ୟରେ ପ୍ରକମ୍ପିତ ହୋଇଉଠିଥିଲା। ଏହି ଶକ୍ତି ପୀଠରେ ମାନସିକ ଧାରି ଭକ୍ତ ଏବଂ ବରୁଆ ଦେହରେ ଦେବୀ ସବାର ହୋଇ ପରେ ମ.ରାମପୁର ରାଜ ପରିବାର ନିଳ ମାଧବ ସିଂଦେଓଙ୍କ ପ୍ରେରିତ ପାଟ ସିନ୍ଦୂର ପ୍ରଥମେ ତାରିଣୀ ଅଷ୍ଟ ଚଣ୍ଡୀଙ୍କୁ ସମର୍ପଣ କରାଯାଇ ପରେ ଦେବୀ ନିଆଁରେ ଚାଲିଥିଲେ। ଦୀର୍ଘ ୧୪ ବର୍ଷ ହେଲା ଏହି ପୀଠରେ ପ୍ରସିଦ୍ଧ ଝାମୁଯାତ୍ରାରେ ପ୍ରାୟ ହଜାର ହଜାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଅନେକ ମାନସିକ ଧାରି ବ୍ରତ ରଖିଥିବା ବେଳେ ତାରିଣୀ ଅଷ୍ଟ ଚଣ୍ଡୀ ପୀଠସ୍ଥଳରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଗହଳି ଲାଗିରହିଥାଏ। ଏହି ପିଠରେ ସାତ ଦିନ ବ୍ୟାପୀ ଚୈତ୍ର ମହୋତ୍ସବ ଝାମୁଯାତ୍ରା, ଛତର ଯାତ୍ରା ପଣା ସଂକ୍ରାନ୍ତି ସହ ଷୋହଳ ପହର ନାମଯଜ୍ଞ ପାଇଁ କଳସ ଯାତ୍ରା ଲୋକଙ୍କ ଆକର୍ଷଣୀୟ ପାଇଁ ଛୋଟିଆ ମିନା ବଜାର ଆୟୋଜନ ହୋଇଥିଲା। ଶୁକ୍ରବାର ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠ ଖନ୍ଦା ଶାନ୍ତି କରାଯାଇ ପୂର୍ଣ୍ଣାହୁତି ହୋଇଛି। ଏହି ଝାମୁଯାତ୍ରାରେ ସ୍ଥାନିୟ ନର୍ଲା ବିଧାୟୀକା ମନୋରମା ମହାନ୍ତି ସାମିଲ ହୋଇ ନିଆଁରେ ଚାଲିଥିଲେ। ଚତୁର୍ଥ ଦିନରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମଧ୍ୟ ସାମିଲ ହୋଇ ଅଷ୍ଟ ଚଣ୍ଡୀଙ୍କୁ ଦର୍ଶନ କରି ପାଟବସ୍ତ୍ର ସିଙ୍ଗାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ, ତଥା ଦେହୁଁରି ସେବାୟତ ସୁମନ୍ତ ଭୋଇ, କପୁଳ ରଣା, ରାଧେଶ୍ୟାମ ପଟ୍ଟନାୟକ ତପନ ରଣା, ନିଲକମଳ ପୁଟେଲ, କୁଞ୍ଜ ରଣା, ରଂଜନ ରଣା ପ୍ରସନ୍ନ ରଣା ମହେନ୍ଦ୍ର ପ୍ରଧାନୀ ସେଷଦେବ ରଣା, ଲମ୍ବଧରରଣା, ବୃହସ୍ପତି ରଣା, ହୃଦାନନ୍ଦ ମଲ୍ଲିକ, ମହିମା ରଣା, ବିକାଶ ରଣା ବିଷ୍ଣୁ ରଣା,




ହରି ବାରିକ, ମାର୍କଣ୍ଡ ପ୍ରଧାନୀ, ମଥୁରାମ ରଣା, ଫୋଟୋ ରଣା, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣାଙ୍କ ସମେତ ବଲାଙ୍ଗୀର କଳାହାଣ୍ଡି ଜିଲ୍ଲା ବିଭିନ୍ନ ଅଂଚଳରୁ ବାର ଦେହେଲିଆ, ଭକ୍ତ ସେବାୟତ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଝାମୁଯାତ୍ରା ସମାପନ ପୂର୍ଣ୍ଣାହୁତି ହୋଇଛି।

## ବିଦ୍ୟୁତ ଆଘାତରେ ମହିଳା ମୃତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଗାଁ ନିକଟ ଚାଷ ଜମିରେ ଶାଗ ତୋଳିବାବେଳେ ୧୩୨ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଥାନା ବାତେଲିମା ପଞ୍ଚାୟତ ବେଲମ୍ବା ଗାଁର ଫୁଲ ମାଝୀ(୩୫)। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ସେ ଗାଁ ପାଖ ଚାଷ ଜମିରେ ଥିବା ବରଡ଼ା ଗଛରୁ ଶାଗ ତୋଳିବାକୁ ଯାଇଥିଲେ। ଉକ୍ତ ଗଛ ନିକଟ ଦେଇ ସିନ୍ଧିବହାଲିକୁ ୧୩୨ କେଭି ବିଦ୍ୟୁତ ତାର ଯାଇଥିବାବେଳେ ଗତକାଲି ଝଡ଼ ତୋଫାନ ଯୋଗୁଁ ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଝୁଲିପଡ଼ି ଗଛରେ ଲାଖି ରହିଥିଲା। ଫୁଲ ଶାଗ ତୋଳିବା ସମୟରେ ବିଦ୍ୟୁତ ତାରକୁ ଦେଖି ପାରି ନ ଥିଲେ। ବିଦ୍ୟୁତ ତାରରୁ ଗଛରେ ପ୍ରବାହିତ ବିଦ୍ୟୁତ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କ ଶରୀର ପୋଡ଼ିଯିବା ସହିତ ସେଠାରେ ମୃତ୍ୟୁ ଘଟିଥିଲା। ଖବର ପାଇ ବାତେଲିମା ସରପଞ୍ଚ କରୁଣା ମାଝୀଙ୍କ ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ।

## ନର୍ଲାରେ ବିଜେପି ଦଳର ସକ୍ରିୟ ସଦସ୍ୟତା ସମ୍ମିଳନୀ




ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ଥିବା ଜିତୁ କମ୍ପ୍ଲେକ୍ସ ଠାରେ ବିଜେପି ଦଳ ପକ୍ଷରୁ ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ ଓ ସଂଯୋଜକ ମନମଥ ଚାନ୍ଦଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ, ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାନ୍ତି, ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପଧାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯେଉଁ ସଦସ୍ୟ ମାନେ ବିଜେପିର ସଦସ୍ୟତା ଅଭିଯାନରେ ୧୦୦ ଜଣଙ୍କୁ ସଦସ୍ୟତା ଗ୍ରହଣରେ ସାମିଲ୍ କରାଇ ସାରିଥିବେ ସେଭଳି ସକ୍ରିୟ ସଦସ୍ୟ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ନର୍ଲା ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ପଚାରିବା ପାଇଁ ସାଂସଦ ନିଜେ ମଞ୍ଚରୁ ବାହାରି ସଭାରେ ବସିଥିବା କର୍ମୀ ମାନଙ୍କ ପାଖକୁ ଯାଇ ଅଭିଯୋଗ ପତ୍ର ଦେବାକୁ କହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମନମଥ ଚାନ୍ଦ୍ ଉକ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ବିଷୟରେ ଲୋକଙ୍କ ଅଭିଯୋଗ ଶୁଣି ସାଂସଦ ତୁରନ୍ତ ନର୍ଲା ଡାକ୍ତରଖାନାକୁ ପହଞ୍ଚି ଡାକ୍ତର ଗୋଚ୍ଛାୟତଙ୍କ ସହିତ ଆଲୋଚନା କରିବା ସହିତ ନର୍ଲାରେ ସମତା ଏକ୍ସପ୍ରେସର ରହଣି ଉପରେ ରେଳମନ୍ତ୍ରୀଙ୍କୁ ଅବଗତ କରାଯାଇଛି ବୋଲି ମତ ରଖିଥିଲେ।

## ଅସହ୍ୟ ଗରମ ସାଙ୍ଗକୁ ବିଦ୍ୟୁତକାଟ ଲୋକେ ହନ୍ତସନ୍ତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : ଅସହ୍ୟ ତାପପ୍ରବାହ ଏବଂ ଗୁଳୁଗୁଳି ସାଙ୍ଗକୁ ଘନ ଘନ ବିଦ୍ୟୁତକାଟ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦିନକୁ ଦିନ ତାପମାତ୍ରା ବଢ଼ି ଚାଲିଥିବା ବେଳେ ପାରଦ ପ୍ରାୟ ୪୦ ଡିଗ୍ରୀରେ ପହଞ୍ଚିଲାଣି। ଅପରପକ୍ଷେ ଗୋଲାମୁଣ୍ଡା ବ୍ଲକ ଭୌଗଳିକ ଅବସ୍ଥିତିରେ ପାହାଡ଼ ଥିବା କାରଣରୁ ପ୍ରବଳ ଗରମ ଅନୁଭୂତ ହେଉଛି। ତେବେ ଏହା ସହ ଘନ ଘନ ଅଘୋଷିତ ବିଦ୍ୟୁତକାଟ ଲୋକ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଦିନରେ ଘଣ୍ଟା ଘଣ୍ଟା ଯାଏଁ ବିଜୁଳିକାଟ ହେଉଛି। ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍ୱ ହୀନତା ଏବଂ ଉପଯୁକ୍ତ ବୈଷୟିକ ଜ୍ଞାନ କୌଶଳର ଅଭାବ ସହିତ ହୋଇଥିବା ବିଜୁଳି ସଂରଚନା କାରଣରୁ ବାରମ୍ବାର ବିଭିନ୍ନ ସମସ୍ୟା ଦେଖାଯାଉଛି। ତ୍ୱରିତ ଏହାର ସମାଧାନ ସହ ନିରବିଚ୍ଛିନ୍ନ ବିଦ୍ୟୁତ ସରବରାହ ଜାରୀ ରଖିବା ପାଇଁ ସାଧାରଣରେ ଦାବି ହେଉଛି। ନତୁବା ଭବିଷ୍ୟତରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି।

## ଜଳକଷ୍ଟ ଭୋଗୁଛନ୍ତି ଲେହେଡ଼ା ଗ୍ରାମବାସୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାନୀୟ ଜଳର ସମସ୍ୟା ଲୋକଙ୍କୁ ହନ୍ତସନ୍ତ କଲାଣି। କେଉଁଠି ନଇନାଳ ଶୁଖିଗଲାଣି ତ କେଉଁଠି ନଳକୂପ ତଥା ଅନ୍ୟ ଜଳର ଉତ୍ସ ସବୁ ଅଚଳ ଅବସ୍ଥାରେ ପଡ଼ିଛି। କଳାହାଣ୍ଡି ଜିଲ୍ଲାରେ ଦେଖିବାକୁ ମିଳିଛି ଏଭଳି ସ୍ଥିତି। ଲୋକେ ଭୋଗୁଛନ୍ତି ଜଳଯନ୍ତ୍ରଣା। ଲୋକଙ୍କୁ ଜଳକଷ୍ଟରୁ ମୁକ୍ତି ଦେବାକୁ ସରକାରଙ୍କ ଅନେକ ଯୋଜନା ଥାଇବି ନଥିଲା ଭଳି। କେଉଁଠି ବସୁଧା ଯୋଜନାରେ ବସିଥିବା ପାଣିଟାଙ୍କି ମାସ ମାସ ଧରି ଅଚଳ ପଡ଼ିଛି ତ ଆଉ କେଉଁଠି ପାଣି ପାଇଁ ଚୂଆ ଭରସା। ପାଣି ଟିକିଏ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ହେଲେ ଏଥିପ୍ରତି ନା ବିଭାଗ କି ପ୍ରଶାସନ, କାହାରି ନଜର ପଡୁନାହିଁ। କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ଓ ଥୁଆମୂଳ ରାମପୁର ବ୍ଲକର ଏକାଧିକ ଦୁର୍ଗମ ଗ୍ରାମବାସୀ ଦୂଷିତ ପାଣିକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଡ୍ୟାମରୁ ବିଶୁଦ୍ଧ ପାଣି ଯୋଗାଣ କରିବାକୁ ବାରମ୍ବାର ଦାବି କରୁଥିଲେ ହେଁ ପ୍ରଶାସନ ଆଦୌ କର୍ଣ୍ଣପାତ କରୁନଥିବା ଗାଁର କିଛି ଲୋକ ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବର୍ତ୍ତମାନ ଯେଉଁଠି ରେତ ଡ୍ୟାମ ହୋଇଛି ସେହି ସ୍ଥାନରେ ୨୦ଆଦିବାସୀ



ପରିବାର ରହୁଥିଲେ। ଲେହେଡ଼ା ଗ୍ରାମବାସୀ ଉପର ଚାବରି ଗାଁରେ ଲୋକେ ପାଣି ଲାଗି ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି ଘରେ ଘରେ ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ସରକାର ଅନେକ ଜଳଯୋଗାଣ ପ୍ରକଳ୍ପ କରିଛନ୍ତି । ହେଲେ ପାଣିର ନା ଗନ୍ଧ ନାହିଁ । ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡୁରି ପଞ୍ଚାୟତ ଲେହେଡା ଗାଁ ନିକଟରେ ରେତଡ୍ୟାମ ରହିଛି। ଗାଁରେ ୨୦ ପରିବାର ରହୁଥିବାବେଳେ ଗୋଟିଏ ମାତ୍ର ନଳକୂପ ରହିଛି, ତାହାବି ଅଚଳ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁକୁ ରାସ୍ତା ସଂଯୋଗ ସହ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ସମୟ କ୍ରମେ ଲେହେଡା ଗ୍ରାମବାସୀଙ୍କ ପ୍ରତି ଅବହେଳା ହୋଇଥିବା ବେଳେ ଡ୍ୟାମ ନିକଟରେ ରହୁଥିବା ସତ୍ତ୍ୱେ ବିଶୁଦ୍ଧ ପାଣି ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି। ସେହିପରି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣା ପଞ୍ଚାୟତ ଉପରଚାବରି ଗାଁରେ ଗ୍ରାମବାସୀ ଜଳଯନ୍ତ୍ରଣା ଭୋଗୁଛନ୍ତି। ଏଠାରେ ବସବାସ କରୁଥିବା ୬୮ ପରିବାରଙ୍କ ପାଇଁ ମାତ୍ର ଦୁଇଟି ନଳକୂପ ରହିଛି। ସେଥିରୁ ଗୋଟିଏ ଖରାପ ଥିବାବେଳେ ଅନ୍ୟଟରୁ କମ ପାଣି ବାହାରୁଛି। ସେହିଭଳି ଆଦିବାସୀ ସାହିରେ ୩୦ ପରିବାର ଥିବାବେଳେ ମାତ୍ର ଗୋଟିଏ ନଳକୂପ ଅଛି। ସେଥିରୁ ମଇଳା ପାଣି ବାହାରୁଛି। ଏସ୍ୱୋ ଯୋଗୁଁ ପାଣି ପାଇଁ ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ପାଣି ଅଭାବ ଯୋଗୁଁ ଲୋକେ ବାଧ୍ୟ ହୋଇ ଦୂଷିତ ପାଣି ପିଉଛନ୍ତି। ଅପରପକ୍ଷେ ବସୁଧା ଯୋଜନାରେ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦେବା ପାଇଁ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ଲୋକଙ୍କ ଘରକୁ ପାଣି ସଂଯୋଗ କରାଗଲା। ବସୁଧା ନିର୍ମାଣ ହୋଇକି ଦୁଇବର୍ଷ ବିତିଲାଣି ହେଲେ ଗ୍ରାମବାସୀଙ୍କୁ ପାଣି ଟୋପେ ମିଳୁନି। ଘରକୁ ଘର ସଂଯୋଗ ହୋଇଥିବା ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ଗଲାଣି। ସେହିଭଳି ଗାଆଁ ସ୍କୁଲରେ ମଧ୍ୟ ସମାନ ଅବସ୍ଥା। ନଳକୂପ ଖରାପ ଥିବା ଯୋଗୁଁ ଛାତ୍ରଛାତ୍ରୀ ପୋଖରୀ ପାଣି ପିଉଥିବା ଅଭିଯୋଗ ହୋଇଛି।

## ଆୟୁଷ୍ମାନ କାର୍ଡ ଇ-କେୱାଇସିରେ ଟଙ୍କା ଆଦାୟ ଅଭିଯୋଗ
# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହିତାଧିକାରୀ


ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ନୂଆ ସରକାର ଆସିବାପରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆଶା ଦିଦିମାନେ ଘର ଘର ବୁଲି ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି। ଆୟୁଷ୍ମାନ କାର୍ଡ ସହ ବାୟୋମେଟ୍ରିକ ଯୋଡିବା କିମ୍ବା ଇ-କେୱାଇସି ପାଇଁ ଗ୍ରାମସ୍ତରୀୟ ଉଦ୍ୟୋଗୀ–ସାଧାରଣ ସେବା କେନ୍ଦ୍ର ( ସିଏସସି ) ସେଣ୍ଟର ଗୁଡିକୁ ଦାୟିତ୍ୱ ଦିଆଯାଇଛି। ଯାହାକି ରାଜ୍ୟ ଓ କେନ୍ଦ୍ର ସରକାର ଘୋଷଣା ମୁତାବକ ହିତାଧିକାରୀଙ୍କୁ ଏହି ବାବଦକୁ କୌଣସି ଅର୍ଥ ପୈଠ କରିବାକୁ ପଡିବ ନାହିଁ। ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଭବାନୀପାଟଣାର କିଛି କମନ ସର୍ଭିସ ସେଣ୍ଟର ଗୁଡିକରେ ବାୟୋମେଟ୍ରିକ ବା ଇ-କେୱାଇସି ପାଇଁ ହିତାଧିକାରୀଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ତେବେ ଏହି ଇ-କେୱାଇସି ବା ଆଧାର ସଂଯୋଗ ପାଇଁ ୧୦୦ଟଙ୍କା ଲେଖାଏଁ ଦାବି କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଭବାନୀପାଟଣାର ଶତାଧିକ ହିତାଧିକାରୀ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିବ ବୋଲି ଅନଲାଇନ ବାବଦକୁ ୬୦୦ ଟଙ୍କା ଲେଖାଏଁ ନେଇଥିବା ମଧ୍ୟ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଉଭୟ ଯୋଜନାରେ ହିତାଧିକାରୀଙ୍କୁ ଯୋଡିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମାଗଣା ଘୋଷିତ କରିଥିବା ବେଳେ ଲାଭଖୋର ମନୋବୃତ୍ତି ରଖିଥିବା କମନ ସର୍ଭିସ ସେଣ୍ଟର ଗୁଡିକରେ ଗରୀବ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ଚିଠିରେ ଉଲ୍ଲେଖ ଅଛି କି ସିଧାସଳଖ କମନ ସର୍ଭିସ ସେଣ୍ଟର ଗୁଡିକୁ ଆୟୁଷ୍ମାନ ଯୋଜନାରେ କୌଣସି ପ୍ରକାରର ଅର୍ଥ ଆଦାୟ ନ କରିବା ଓ ହିତାଧିକାରୀଙ୍କଠୁ ଅନ୍ୟଥା ଟଙ୍କା ନ ନେବା ପାଇଁ ସିଧାସଳଖ ମନା କରାଯାଇଛି। ଯଦି ଏହାର ଅବମାନନା କରାଯାଏ ତାହେଲେ କମନ ସର୍ଭିସ ସେଣ୍ଟର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଆକାଉଣ୍ଟ ରଦ୍ଦ କରାଯିବା ନେଇ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ଏଠି ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶକୁ ମଧ୍ୟ କମନ ସର୍ଭିସ ସେଣ୍ଟର ଗୁଡିକରେ ଖୁଲମଖୁଲା ଅବମାନନା କରୁଥିବା ଦେଖାଦେଇଛି। ତେବେ ଏହାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବା ସହ ଏଭଳି କରୁଥିବା କମନ ସର୍ଭିସ ସେଣ୍ଟର ବିରୋଧରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି।

## ରାଶିଫଳ


**ସୋମବାର, ୨୧ ଏପ୍ରିଲ ୨୦୨୫**



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ସୁଖ-ଶାନ୍ତି ବୃଦ୍ଧି ହେବ। ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି।




**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ। ନିର୍ମାଣଧୀନ କାର୍ଯ୍ୟ ସମ୍ପନ୍ନ ହେବ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। ବ୍ୟବସାୟକ୍ଷେତ୍ରରେ କାରବାରର ଗତି ରୀତିରେ ପରିବର୍ତ୍ତନର ଆଶଙ୍କା ନାହିଁ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ।




**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ। ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ। ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ବ୍ୟବସାୟରେ ଆଶାତୀତ ଲାଭକରି ଖୁସିହେବେ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ। ଜାଗା, ଜମି, ଗୃହ ସମ୍ବନ୍ଧୀୟ ସମସ୍ୟା ସମାଧାନ ହୋଇପାରେ।




**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। କର୍ମକ୍ଷେତ୍ରଟି ସୁଦୃଢ ହେବ। ପ୍ରମୋଶନ ସୂଚନାପାଇ ଖୁସି ହେବେ। ପାରିବାରିକ ଏବଂ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଭାତୃ ବିବାଦ, ଜମି ବାଡି ଓ ଘର ଜାଗାନେଇ ଥିବା ଦ୍ୱନ୍ଦର ସମାଧାନ ହେବ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନକର୍ମପ୍ରାପ୍ତିର ସୂଚନା ପାଇବେ। ବ୍ୟବସାୟକ୍ଷେତ୍ରରେ ପୁଞ୍ଜିଲଗାଣ, ଉଦ୍ୟୋଗ, ଧନ ଆଦାନ ପ୍ରଦାନରେ ଲାଭବାନ୍ ହେବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ।



**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶିନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ ଓ ଅଧା-ଅଧୁରାଥିବା କାର୍ଯ୍ୟ ପୂରଣ ହୋଇଯିବ।




**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ବକେୟା ଅର୍ଥ କିଛି ମିଳିବ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ଓ ମାନ-ସମ୍ମାନ ବୃଦ୍ଧି ହେବ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କର୍ମ କ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି ହେବ। କୌଣସି ପୁରାତନ ରୋଗରୁ ମୁକ୍ତି ମିଳିବ। ପାରିବାରିକକ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସମ୍ପର୍କର ମଧୁରସ୍ୱାଦ ଆସ୍ୱାଦନ କରିବେ।



**ମୀନ:** ବିଦ୍ୟାରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। କୋର୍ଟ-କଚେରୀ ଧନ୍ଦା ମଧ୍ୟରେ ଆଶ୍ୱସ୍ତି ବଢିବ। ଭୋଗ ବିଳାସକୁ ତୁଚ୍ଛମଣି କର୍ତ୍ତବ୍ୟ ସାଧନକୁ ଭଗବତ୍ ସେବାଭଳି ମାନ୍ୟତା ଦେବେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କର୍ମ କରିବାକୁ ବାଧ୍ୟ ହେବେ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯